

'ହେଁ ଜବାନୀ ତୋ ଇସ୍କ ହୋନା ହେଁ'
ଗୋଆରେ ସୁଟିଂ ସାରିଲେ ବରୁଣ
▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-265 ◆BHUBANESWAR ◆MONDAY ◆24 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୬୫ ◆ଭୁବନେଶ୍ୱର ◆ସୋମବାର ◆୨୪ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


ରାତିରେ ଦୋକାନ କାହିଁକି ବନ୍ଦ ଥିଲା କହି ଗୁଳି

## ଗୁଜରାଟର ବାପା-ଝିଅଙ୍କୁ ଆମେରିକାରେ ହତ୍ୟା



■ **ୱାସିଂଟନ, ୨୩।୩ (ଏଜେନ୍ସି):** ଆମେରିକା ଭର୍ଜିନିଆର ଆକୋମାକ୍ କାଉଣ୍ଟିରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାରେ ଭାରତୀୟ ବଂଶୋଦ୍ଭବ ବାପା ଏବଂ ଝିଅଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗୁଜରାଟ ମେହସାନାର ମୃତକ ପ୍ରଦୀପ ପଟେଲ (୫୬) ଏବଂ ତାଙ୍କ ଝିଅ ଉର୍ମି (୨୪) ଭର୍ଜିନିଆର ଏହି ବିଭାଗୀୟଷ୍ଟୋରରେ କାମ କରୁଥିଲେ। ଗତ ଗୁରୁବାରର ଏହି ମାମଲାରେ ପୁଲିସ ଜର୍ଜ ଫ୍ରାଜିୟର ଡେଭନ ୱାର୍ଟନ (୪୪)କୁ ଗିରଫ କରିଛି। ଅଭିଯୁକ୍ତ ବୁଧବାର ରାତିରେ ମଦ ଆଣିବା ପାଇଁ ଏହି ଦୋକାନକୁ ଯାଇଥିଲା; ମାତ୍ର ଦୋକାନ ବନ୍ଦ ଥିବା ଦେଖି କ୍ଷୁବ୍ଧ ହୋଇଥିଲା। ଏହା ପରଦିନ ସକାଳୁ ଅଭିଯୁକ୍ତ ଦୋକାନରେ ପହଞ୍ଚି ରାତିରେ କାହିଁକି ଦୋକାନ ବନ୍ଦଥିଲା ବୋଲି ପଚାରି ବାପାଝିଅଙ୍କ ଉପରେ ଗୁଳିମାଡ଼ କରିଥିଲା। ଏଥିରେ ଘଟଣାସ୍ଥଳରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା। ଝିଅ ଉର୍ମି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ପ୍ରଦୀପଙ୍କ ପରିବାର ୬ବର୍ଷ ତଳେ ଗୁଜରାଟରୁ ଆମେରିକା ଯାଇଥିଲେ। ଏହି ଘଟଣା ଆମେରିକାରେ ରହୁଥିବା ଭାରତୀୟ ସମ୍ପ୍ରଦାୟକୁ ବିଚଳିତ କରିଦେଇଛି।

ଏଆଇର କରାମତି

## ଚଷମା ଲଗାଇ କମ୍ପ୍ୟୁଟର ଚଲାଉଛି ମାଙ୍କଡ଼

■ **ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି):** ସରକାରୀ କାର୍ଯ୍ୟାଳୟର ଅଧିକାରୀ ପରି ଚୌକରେ ବସିଛନ୍ତି। ଆଖିରେ ଚଷମା ନାଇଁଛନ୍ତି। ବେକରେ ହାର ପରି ଘଣ୍ଟା ଝୁଲୁଛି। ସାମ୍ନାରେ କମ୍ପ୍ୟୁଟର ଲାଗିଛି। ପାଖରେ ଖାଇବା ପାଇଁ ଫଳ ଥୁଆ ହୋଇଛି। ଆଉ ମନିଟରକୁ ଦେଖି କିବୋର୍ଡରେ ଦ୍ରୁତଗତିରେ ହାତ ଚଳାଇ କାମ କରୁଛନ୍ତି। ମଝିରେ ମଝିରେ ଫଳ ଟିକେ ଟିକେ ପାଟିରେ ପକାଉଛନ୍ତି। ଠିକ୍ ପ୍ରଶିକ୍ଷିତ କର୍ମଚାରୀଙ୍କ ପରି କାର୍ଯ୍ୟ କରୁଥିବା ମାଙ୍କଡ଼ ମହାରାଜଙ୍କ ଏହି ଭିଡିଓ ଖୁବ୍ ଭାଇରାଲ ହେଉଛି। ଯିଏ ବି ଏହାକୁ ଦେଖୁଚି ସେ ଆଶ୍ଚର୍ଯ୍ୟ ହୋଇଯାଉଛି। ନିଜ ଆଖିକୁ ସହଜରେ ବିଶ୍ୱାସ କରିପାରୁନି। ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଉଛନ୍ତି। ଏହି ଭିଡିଓ ଏତେ ସ୍ୱାଭାବିକ ଲାଗୁଛି ଲୋକେ ଏହାକୁ ସତ ଭାବି ନେଉଛନ୍ତି। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏହା କୌଣସି ସତ ଭିଡିଓ ନୁହେଁ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ଏହି ଭିଡିଓ ପ୍ରସ୍ତୁତ କରାଯାଇଛି। ଏହି ନିଆରା ଦୃଶ୍ୟ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ୨ କୋଟିରୁ ଅଧିକ ଥର ଏହାକୁ ଦେଖା ଗଲାଣି। ଏହା ▶ପୃଷ୍ଠା-୭



▶▶ ବିଚାରପତିଙ୍କ ଘରୁ ୧୫ କୋଟି ଟଙ୍କା ମିଳିବା ଘଟଣା

# କାଠଗଡ଼ାରେ ବିଚାର ବିଭାଗ

■ **ନୂଆଦିଲ୍ଲୀ, ୨୩।୩:** ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଘରୁ ୧୫ କୋଟି ଟଙ୍କା ଜବତ ହେବା ଘଟଣାକୁ ନେଇ ଦିନକୁ ଦିନ ଜଟିଳ ପରିସ୍ଥିତି ସୃଷ୍ଟି ହେବାକୁ ଲାଗିଛି। ଗଣମାଧ୍ୟମରେ ପ୍ରଥମେ ଏହି ଘଟଣା ପ୍ରଘଟ ହେବାପରେ ସାମନାକୁ ଆସିଛନ୍ତି ସୁପ୍ରିମ କୋର୍ଟ ଏବଂ ଦିଲ୍ଲୀ ହାଇକୋର୍ଟ। ଟଙ୍କା ଜବତ ସଂପର୍କରେ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ପ୍ରାଥମିକ ରିପୋର୍ଟ ଦାଖଲ କରିବା ପରେ ସୁପ୍ରିମ କୋର୍ଟ ଏହି ରିପୋର୍ଟ ସହିତ ପୋଡ଼ିଯାଉଥିବା ଟଙ୍କାର ଭିଡିଓ ଏହାର ୱେବସାଇଟରେ ଅପଲୋଡ୍ କରିଛନ୍ତି। ତେବେ ଏହି ଭିଡିଓ ଅସଲ ଘଟଣାକୁ ଉପରୁ ପରଦା ଉଠାଇବା ପରିବର୍ତ୍ତେ ଅନେକ ପ୍ରଶ୍ନ ଘେରକୁ ଟାଣି ହୋଇଛି।

୧୦ ଦିନରେ ଭିଡିଓ ଅପ୍‌ଲୋଡ୍ କଲେ ସୁପ୍ରିମ କୋର୍ଟ

ପ୍ରଶ୍ନ ଉଠାଇଲେ ଆଇନଜୀବୀ: କ'ଣ ଲୁଚାଇବାକୁ ଉଦ୍ୟମ କରାଯାଉଛି



୧୪ ତାରିଖରେ ଟଙ୍କା ଜବତ ହୋଇଥିବା ବେଳେ ଏହାକୁ ପ୍ରକାଶ କରିବାକୁ ୭ ଦିନ କାହିଁକି ଲାଗିଲା ? ଏହାର ଭିଡିଓ ଅପଲୋଡ୍ କରିବାକୁ ୧୦ ଦିନ କାହିଁକି ଲାଗିଲା ? ଜବତ ଟଙ୍କାର ମେମୋ କୁଆଡ଼େ ଗଲା ? ଜବତ ସଂପର୍କରେ ଆୟକର ବିଭାଗ ଏବଂ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)କୁ ସୂଚନା ଦିଆଯାଇ ନାହିଁ କାହିଁକି? ଏତେ ବଡ଼ ପରିମାଣର ଟଙ୍କା ଜବତ ହୋଇଥିବା ବେଳେ ଏହାର ଆପରାଧିକ ତଦନ୍ତ ପୁଲିସ ଦ୍ୱାରା କାହିଁକି ଆରମ୍ଭ ହୋଇନାହିଁ ? ବିଚାରପତି କ'ଣ ଆଇନରୁ ଉର୍ଦ୍ଧ୍ୱରେ ? ସୁପ୍ରିମ କୋର୍ଟ ଯେଉଁ ତଦନ୍ତ ରିପୋର୍ଟ ଅପଲୋଡ୍ କରିଛନ୍ତି ସେଥିରେ ଅନେକ ତଥ୍ୟ ଉପରେ କଳା ରଙ୍ଗ କାହିଁକି ବୋଳା ଯାଇଛି ? ଦିଲ୍ଲୀ ହାଇକୋର୍ଟଙ୍କ ତଦନ୍ତ ରିପୋର୍ଟକୁ ପୂରା ପ୍ରକାଶ ନକରି କ'ଣ ଲୁଚାଇବାକୁ ଚେଷ୍ଟା କରୁଛନ୍ତି ସୁପ୍ରିମ କୋର୍ଟ?

ବିଚାରବିଭାଗୀୟ ବ୍ୟବସ୍ଥାରେ ସ୍ୱଚ୍ଛତା ରହିଛି ବୋଲି ଦର୍ଶାଇବାକୁ ଯାଇ ସୁପ୍ରିମ କୋର୍ଟ ଏହିସବୁ ତଥ୍ୟ ଅପଲୋଡ୍ କରିଥିଲେ ମଧ୍ୟ ଅନେକ ଆଇନଜୀବୀ ଏଭଳି ମାଳ ମାଳ ପ୍ରଶ୍ନ ଉଠାଇ ନ୍ୟାୟାଳୟକୁ ଘେରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଭିଡିଓରେ ଅନେକ ଘଟଣାକୁ ଲୁଚାଇବାକୁ ଉଦ୍ୟମ କରାଯାଇଛି। ଏହା ବିଚାର ବିଭାଗର ବିଶ୍ୱସନୀୟତା ପ୍ରତି ପ୍ରଶ୍ନଚିହ୍ନ ଲଗାଇଛି। କେବଳ ଏତିକି ନୁହେଁ, ନ୍ୟାୟାଳୟ ▶ପୃଷ୍ଠା-୭

## ଛତୁଆ ନେଲା ଦୁଇ ଶିଶୁକନ୍ୟାଙ୍କ ଜୀବନ

■ **ପାରଳାଖେମୁଣ୍ଡି, ୨୩।୩(ସମିସ):** ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ୍ ରାମଗିରି ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ଛତୁଆ ଖାଇ ଦୁଇ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏବଂ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ଅନ୍ୟଜଣଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟାଦ୍ୱୟ ହେଲେ, ତୁଳସୀ ବଡ଼ମୁଣ୍ଡି ଏବଂ ଗୁଣବତୀ ବଡ଼ମୁଣ୍ଡି। ଏଥିସହ ଶିବଶଙ୍କର ବଡ଼ମୁଣ୍ଡିଙ୍କ ପରିବାରର ଅନ୍ୟ ତିନିଜଣ ଅସୁସ୍ଥ ଅଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ଅବସ୍ଥା ଗୁରୁତର ରହିଛି। ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଚିକିତ୍ସା କରାଯାଉଛି।



ସୂଚନାନୁସାରେ, ରାମଗିରି ଗ୍ରାମର ତୁଳସୀ ନଗରରେ ରହୁଥିବା ଶିବଶଙ୍କରଙ୍କ ପରିବାରର ସମସ୍ତେ ରନ୍ଧା ଛତୁଆ ଖାଇଥିଲେ। ଶୁକ୍ରବାର ଦିନ ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଛତୁଆ ବଣ୍ଟନ କରାଯାଇଥିଲା। ଆଜି ସକାଳୁ ଛତୁଆ ଖାଇବା ପରେ ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇ ପ୍ରଥମେ ରାମଗିରି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ଶିବ ଶଙ୍କରଙ୍କ ଝିଅ ତୁଳସୀଙ୍କ ମୃତ୍ୟୁ ହୋଇଥିବା ବେଳେ ଡାକ୍ତର ଗୁରୁତରଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଗୁରୁତରଙ୍କ ମଧ୍ୟରେ ଶିବ ଶଙ୍କରଙ୍କ ପିତା ଅର୍ଜୁନ ବଡ଼ମୁଣ୍ଡି ଓ ଅନ୍ୟ ଜଣେ ଛୋଟ ଶିଶୁ ଗୁଣବତୀଙ୍କୁ ଚିକିତ୍ସା କରାଯାଉଥିଲା। ତେବେ ଗୁରୁତର ଥିବା ଗୁଣବତୀଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ୧୩ ବର୍ଷ ବୟସର ଝିଅ ସୁମିତ୍ରା ଅସୁସ୍ଥ ଥିବାର ଜଣାପଡ଼ିଛି।

ଚାପରେ ଅର୍ଥନୀତି

## ରିୟଲ ଇଷ୍ଟେଟରେ ମାନ୍ଦାବସ୍ଥାର ଆଭାସ

■ **ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି):** ଦେଶର ଅର୍ଥନୀତି ଏବେ ଚାପଗ୍ରସ୍ତ। ସେୟାରବଜାର କ୍ଷେତ୍ରରେ କ୍ରମାଗତ ହ୍ରାସ ଦେଖିବାକୁ ମିଳିଥିବାବେଳେ ବିଦେଶୀ ନିବେଶକ ଭାରତୀୟ ପୁଞ୍ଜି ବଜାରରୁ ନିୟମିତ ଭାବରେ ଅର୍ଥ ଉଠାଇ ନେଇ ଚାଲିଛନ୍ତି। ନିବେଶର ବିକଳ୍ପ ମାଧ୍ୟମ ରୂପେ ବିବେଚିତ ସୁନା ମୂଲ୍ୟ ପ୍ରତିଦିନ ସର୍ବକାଳୀନ ରେକର୍ଡ ଭାଙ୍ଗିଚାଲିଛି। ଏହି ସ୍ଥିତିରେ ରିୟଲ ଇଷ୍ଟେଟ କ୍ଷେତ୍ର ମଧ୍ୟ ଗଭୀର ଭାବରେ ପ୍ରଭାବିତ ହେବା ସହ ମାନ୍ଦାବସ୍ଥାର ଆଭାସ ଦେଇଛି। କ୍ରମାଗତ ତୃତୀୟ ତ୍ରୟମାସିକରେ ବଡ଼ ସହରଗୁଡ଼ିକରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ମନ୍ଥରତା ଦେଖିବାକୁ ମିଳିବା ସହ ଗୃହ ବିକ୍ରି ପ୍ରାୟ ୨୩% ହ୍ରାସ ପାଇଛି। ଅର୍ଥନୀତିଜ୍ଞମାନେ ଯଦିଓ ଏହାକୁ 'ଚକ୍ରୀୟ ମାନ୍ଦାବସ୍ଥା' ବୋଲି ଅଭିହିତ କରିଛନ୍ତି, ତଥାପି ଦେଶର ଅର୍ଥନୀତିକୁ ଏହା ଗଭୀର ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି କରିଛି।



ଦେଶର ବଡ଼ ୯ ସହରରେ ଘର ବିକ୍ରି ହ୍ରାସ

ତୃତୀୟ ତ୍ରୟମାସିକରେ ବିକ୍ରି କମିଲା ୨୩%

କେନ୍ଦ୍ର ସରକାରଙ୍କ ଦ୍ୱାରା ମୁଦ୍ରା ଓ ଆର୍ଥିକ ନୀତିକୁ କଠୋର କରାଯିବା ଯୋଗୁ ଏହି ମାନ୍ଦାବସ୍ଥା ଦେଖା ଦେଇଥିବା କୁହାଯାଉଛି। ଏହା ବ୍ୟତୀତ୍ ଉପଭୋକ୍ତା ବ୍ୟୟ ସହ ଋଣ ଅଭିବୃଦ୍ଧି ନିମ୍ନଗାମୀ ହେବା ଓ ସରକାରଙ୍କ ଦ୍ୱାରା ପୁଞ୍ଜି ବ୍ୟୟ ହ୍ରାସ ନିମନ୍ତେ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅର୍ଥନୀତିଜ୍ଞମାନେ ମତପ୍ରକାଶ କରିଛନ୍ତି। ଗତ କିଛିମାସ ହେଲା ଦେଶର ରିୟଲ ଇଷ୍ଟେଟ କ୍ଷେତ୍ରରେ ଏକ ବଡ଼ଧରଣର ଅସ୍ଥିରତା ସୃଷ୍ଟି ହୋଇଛି। ତିନି ଶୟନକକ୍ଷ ବା ଏହାଠାରୁ ବଡ଼ ଘରବିକ୍ରିରେ ଦ୍ରୁତ ହ୍ରାସ ଦେଖା ଦେଇଛି। ଦୀର୍ଘଦିନ ହେବ ଦେଶର ସେୟାର ବଜାର ତଳମୁହାଁ ହେବାରେ ଲାଗିଥିବାବେଳେ ନିବେଶକମାନେ ଅତିଶୟ କ୍ଷତିଗ୍ରସ୍ତ ହୋଇଛନ୍ତି। ଏପରି କ୍ଷେତ୍ରରେ ବାସଗୃହରେ ନିବେଶ କରିବାକୁ ଲୋକମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି।

ଦେଶର ୯ ପ୍ରମୁଖ ସହରରେ ଘର ବିକ୍ରି ଚଳିତ କ୍ୟାଲେଣ୍ଡର ବର୍ଷର ପ୍ରଥମ ତ୍ରୟମାସିକ (ଜାନୁଆରୀ-ମାର୍ଚ୍ଚ)ରେ ୨୩ ପ୍ରତିଶତ ହ୍ରାସ ପାଇ ୧.୦୬ ଲକ୍ଷ ୟୁନିଟ୍‌ରେ ପହଞ୍ଚିଛି। ରିଅଲ୍ ଇଷ୍ଟେଟ୍ ଡାଟା ବିଶ୍ଳେଷଣ କମ୍ପାନୀ ପ୍ରପଇକ୍ୱିଟି ଦ୍ୱାରା ପ୍ରକାଶିତ ରିପୋର୍ଟ ▶ପୃଷ୍ଠା-୭

# ଆଖିରେ ମଲାଣି ମହାନଦୀ ଲୁହ

■ **ଭୁବନେଶ୍ୱର,୨୩।୩(ସମିସ):** ଆଉ ଲୁହ ବୋହୁନାହିଁ; ଖରଖର ଶୁଖିଲା ବାଲି ମୁହୂର୍ତ୍ତକରେ ଶୋଷି ନେଉଛି ମହାନଦୀ ଆଖିର ଲୁହ। ଉପରମୁଣ୍ଡରେ ବନ୍ଧ, ବ୍ୟାରେଜ, ଜଳଭଣ୍ଡାର କରି ଛତିଶଗଡ଼ ମହାନଦୀ ପାଣିକୁ ଅଟକାଇ ରଖିଛି। ଅଣମୌସୁମୀରେ ହୀରାକୁଦକୁ ଜଳସ୍ରୋତ ହ୍ରାସ ପାଇଛି। ଛତିଶଗଡ଼ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିଭିନ୍ନ ସମୟରେ ପରସ୍ପର ସହ ସୌଜନ୍ୟ ସାକ୍ଷାତ କରୁଛନ୍ତି। ମାତ୍ର ସମସ୍ୟାର ସମାଧାନ ହୋଇପାରି ନାହିଁ। ଗତକାଲି ଓଡ଼ିଶାଗସ୍ତରେ ଆସିଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଲୋକସେବା ଭବନରେ ସୌଜନ୍ୟ ସାକ୍ଷାତ କରିବା ପରେ ଗରମ ହୋଇଛି ମହାନଦୀ ରାଜନୀତି। ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିବା ସହ ତୁରନ୍ତ ଏଥିନେଇ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ସୌଜନ୍ୟ ସାକ୍ଷାତ କରି ଛୁରି ଭୁସି ଚାଲିଛି ଛତିଶଗଡ଼

କେବେ ହେବ ଟ୍ରିପଲ୍ ଇଞ୍ଜିନ ଔପଚାରିକ ବୈଠକ

ଚା' କପ୍‌ରେ ସୀମିତ ନ ରହୁ ଆଲୋଚନା: ବିଜେଡି

ତୁରନ୍ତ ପଦକ୍ଷେପ ନିଅନ୍ତୁ ଓଡ଼ିଶା ସରକାର: କଂଗ୍ରେସ



ବିରୋଧୀଦଳରେ ଥିବାବେଳେ ବିଜେପି ମହାନଦୀକୁ ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରୁଥିଲା। ସରକାରକୁ ଆସିଲେ ମହାନଦୀ ବିବାଦର ସମାଧାନ ନିଶ୍ଚିତ ହେବ ବୋଲି କହିଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାର ଗଢ଼ିବାର ୯ ମାସ ଭିତରେ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ସେ ପଟେ ଛତିଶଗଡ଼ ସରକାର ବ୍ୟାରେଜ ପରେ ବ୍ୟାରେଜ ନିର୍ମାଣ କରି ଚାଲିଛନ୍ତି। ମହାନଦୀ କଙ୍କାଳସାର ହେଉଛି, ଜଳଧାରା ହ୍ରାସ ପାଇଛି ଓ ହୀରାକୁଦ ଜଳଭଣ୍ଡାରରୁ ଆଗାମୀ ଦିନରେ ଶକ୍ତି ଉତ୍ପାଦନ ଓ ଜଳସେଚନ ନିମନ୍ତେ ଜଳ ନିଷ୍କାସନ ବି କମିବାରେ ଲାଗିଛି। ନଦୀ କୂଳିଆ ଗ୍ରାମରେ ଜଳର ଉତ୍କଟ ଅଭାବ ଧୀରେ ଧୀରେ ଉଗ୍ର ରୂପ ନେବାରେ ଲାଗିଛି। ମହାନଦୀରେ ଜଳଧାରା ହ୍ରାସର ପ୍ରଭାବ ନଦୀ ଅବବାହିକାରେ ପଡ଼ିବା ଯୋଗୁଁ ନଳକୂଅଗୁଡ଼ିକ ଶୁଖୁଥିବା ଖୋଦ ପଞ୍ଚାୟତିରାଜ ମନ୍ତ୍ରୀ ବିଧାନସଭାରେ ସ୍ୱୀକାର କରିଛନ୍ତି। ଗତ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମହାନଦୀ ବିବାଦକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଥର ଆଲୋଚନା କରିଥିବା ବଲାଙ୍ଗୀରରେ କହିଥିଲେ। ଏବେ ପୁଣି ଶନିବାର ଦିନ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକାଠି ହୋଇଥିଲେ। ମାତ୍ର ଏ ସଂପର୍କରେ କୌଣସି ଠୋସ ନିଷ୍କର୍ଷ ବାହାରି ପାରିନାହିଁ। ଟ୍ରିବ୍ୟୁନାଲ ଉପରେ ଓଡ଼ିଶା ▶ପୃଷ୍ଠା-୭

ଏମିତି ବି ଆସେ ମୃତ୍ୟୁ!

## ଚା' ଦୋକାନ ଉପରେ ମାଡ଼ିଗଲା ହାଇୱା; ୩ ମୃତ



■ **ରାଉରକେଲା/କୋଇଡ଼ା, ୨୩।୩ (ସମିସ):** ଏମିତି ବି ଆସେ ମୃତ୍ୟୁ। ଚା' ଦୋକାନରେ ଛିଡ଼ା ହୋଇଥିବା ବେଳେ ମାଡ଼ିଗଲା ହାଇୱା। ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଥିବା ରାଜାମୁଣ୍ଡା-ପାଣିକୋଇଲି ୫୨୦ ଜାତୀୟ ରାଜପଥର କେ. ବଲାଙ୍ଗ ଥାନା ଅଧୀନ ଜାମୁଡ଼ିହି ଟୋଲଗେଟ୍ ନିକଟରେ ଆଜି ସଂଧ୍ୟାରେ ଏପରି ଏକ ଅଘଟଣ ଘଟିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ୨ ଟ୍ରକ୍ ଚାଳକଙ୍କ ସହ ସମ୍ବାରୀ ମୁଣ୍ଡାରୀ (୩୦) ଥିବା ଜଣାଯାଇଛି। ସୂଚନାନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ କୋଇଡ଼ା ପଟୁ ରାଉରକେଲା ଆଡ଼କୁ ଦ୍ରୁତଗତିରେ ଏକ ଲୁହାପଥର ବୋଝେଇ ହାଇୱା ▶ପୃଷ୍ଠା-୭

# ଦୁଷ୍କର୍ମ ଅଭିଯୁକ୍ତ ଥାନାରୁ ଖଲାସ !

**ବ୍ରହ୍ମପୁର,୨୩।୩(ସମିସ):** ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଅଭିଯୁକ୍ତମାନଙ୍କୁ ଶାସକ ଦଳ ଚାପରେ ଗିରଫ କରାଯାଉ ନ ଥିବା ଅଭିଯୋଗ ବି ହୋଇଛି। ପୂର୍ବରୁ ବଲାଙ୍ଗୀର, ସମ୍ବଲପୁର, ବାଲେଶ୍ୱର ଆଦି ଜିଲ୍ଲାରେ ଅନୁରୂପ ଅଭିଯୋଗ ହୋଇଥିବାବେଳେ ଏବେ ଗଞ୍ଜାମ ଜିଲ୍ଲାରୁ ଆସିଛି ଆଉଏକ ସଙ୍ଗୀନ ଖବର। ବୁଗୁଡ଼ା ଥାନା ଅନ୍ତର୍ଗତ କରସିଂ ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଟକ ବ୍ୟକ୍ତିଙ୍କୁ ପୁଲିସ ଥାନାରୁ ଛାଡ଼ିଦେବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ କରସିଂ ଗ୍ରାମର ଜଣେ ମହିଳା ସେହି ଗ୍ରାମର ନିରଞ୍ଜନ ଗୌଡ଼ଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ କରିଛନ୍ତି। ଦେଢ଼ମାସ ତଳେ ତାଙ୍କ ଘରକୁ ଷ୍ଟାର ଲାଇନ ମରାମତି କରିବାକୁ ଆସିଥିବାବେଳେ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତି ସୁଯୋଗ ନେଇ ତାଙ୍କୁ ଧମକ ଦେଇ ଦୁଷ୍କର୍ମ କରିଥିଲା। ପରେ ତାଙ୍କୁ ବ୍ଲାକମେଲିଂ କରି ଅନେକବାର ତାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲା। ସେହିପରି ଗତ ୨୦ ତାରିଖ ରାତିରେ ମଧ୍ୟ ତାଙ୍କୁ ବଳାତ୍କାର ଉଦ୍ୟମ କରିବା ସମୟରେ ତାଙ୍କ ସ୍ୱାମୀ ପହଞ୍ଚି ଯିବାରୁ ସେ ରକ୍ଷା ପାଇ ଯାଇଥିଲେ। ଏହାପରେ ନିରଞ୍ଜନ ଓ ତାଙ୍କ ଦୁଇ ଭାଇ ସନ୍ତୋଷ ଓ ପଞ୍ଚାନନ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ଓ ଧମକ ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚିବା ଯୋଗୁଁ ସେମାନେ ପଳାଇ ଯାଇଥିଲେ ବୋଲି ସମ୍ପୃକ୍ତ ମହିଳା ଥାନାରେ ଏତଲା ଦେଇଥିଲେ।

କାହା ଚାପରେ ପୁଲିସ ?

ଅନ୍ୟପକ୍ଷରେ ଅନ୍ୟଜଣେ ମହିଳା ସେହି କରସିଂ ଗ୍ରାମର ଜଗନ୍ନାଥ ସାହୁ, ତ୍ରିନାଥ ସାହୁ ପ୍ରମୁଖ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ଓ ଧମକ ଦେବା ସହ ରାତିରେ ତାଙ୍କ ଘରେ ପଶି ଜଣକ ପରେ ଜଣେ ସମ୍ପୃକ୍ତ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଛନ୍ତି। ପୁଲିସ ଉଭୟ ଘଟଣାର ତଦନ୍ତ ଚଳାଇଥିବାବେଳେ ଗୋଟିଏ ପକ୍ଷର ଅଭିଯୋଗ ଆଧାରରେ ଜଣକୁ ଥାନାରେ ଅଟକ ରଖିଥିଲା। ମାତ୍ର ଉପରୁ ଚାପ ପଡ଼ିବା ପରେ ଅଟକ ବ୍ୟକ୍ତିଙ୍କୁ ଥାନାରୁ ଛାଡ଼ି ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପୁଲିସ ଉପରେ ଚାପ ପ୍ରୟୋଗ କରିଥିବା ବ୍ୟକ୍ତି କିଏ ତାହାକୁ ନେଇ ମଧ୍ୟ ଆଲୋଚନା ଜାରି ରହିଛି। ଏହା ପଛରେ ଶାସକ ଦଳର କିଛି ଲୋକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି।

ସତ ହେଲା ସନ୍ଦେହ; ପାହାଡ଼ ତଳୁ ଉଦ୍ଧାର ନରକଙ୍କାଳ ଯୁବତୀଙ୍କର

## ତ୍ରିକୋଣୀୟ ପ୍ରେମରୁ ହତ୍ୟା!

**ସୋରଡ଼ା, ୨୩।୩ (ସମିସ):** ସତ ହେଲା ସନ୍ଦେହ। ସୋରଡ଼ା ଥାନା ଅଧୀନ ଖଜୁରୀପଲ୍ଲୀ ଗାଁ ନିକଟ କେଟାମଣି ପାହାଡ଼ ତଳୁ ଗତକାଲି ଜବତ ହୋଇଥିବା ନରକଙ୍କାଳ ଜଣେ ଯୁବତୀଙ୍କର ବୋଲି ସ୍ପଷ୍ଟ ହୋଇଛି। ଆଜି ପୁଲିସ୍ ତାଙ୍କ ପରିଚୟ ପାଇଛି। ସେ ହେଲେ, କନ୍ଧମାଳ ଜିଲ୍ଲା ଟିକାବାଲିର ୧୬ ବର୍ଷୀୟ ଯୁବତୀ ଖୁସି ମହାପାତ୍ର ଓରଫ୍ ରିନୁ। କଙ୍କାଳ ନିକଟରୁ ଠାବ ହୋଇଥିବା ଦରପୋଡ଼ା ମୋବାଇଲ୍ ଆଧାରରେ ପୁଲିସ୍ ଯୁବତୀଙ୍କ ପରିଚୟ ପାଇଛି। ତେବେ ରିନୁଙ୍କ ମୃତ୍ୟୁ କେମିତି ହେଲା ଏବଂ କିଏ ଓ କାହିଁକି ତାଙ୍କ ଶବ ଏଠାକୁ ଆଣି ପୋଡ଼ିଲା; ତାହା ଏବେ ବି ରହସ୍ୟଘେରରେ ରହିଛି। ଏଥିରୁ ରିନୁଙ୍କୁ ହତ୍ୟା କରାଯାଇଛି ବୋଲି କରାଯାଉଥିବା ସନ୍ଦେହ ଆହୁରି ଦୃଢ଼ୀଭୂତ ହୋଇଛି। କେହି ଦୁର୍ବୃତ୍ତ ତାଙ୍କୁ ଏଠାରେ ହତ୍ୟା କରିବା ପରେ ନିଆଁ ଲଗାଇ ଜାଳିଦେଇଛି ବୋଲି କୁହାଯାଉଛି। ଘଟଣାର ଆହୁରି ତଦନ୍ତ ▶ପୃଷ୍ଠା-୭

ମିଳିଲା ଯୁବତୀଙ୍କ ପରିଚୟ

ଗତ ମାସ ୨୭ ତାରିଖରୁ ନିଖୋଜ ଥିଲେ

# ଶାହାରୁଖ-ସଲ୍‌ମାନଙ୍କୁ ପଛରେ ପକାଇଲେ ଅଲ୍ଲୁ ଅର୍ଜୁନ

## ଏଟ୍‌ଲିଙ୍କ ଚଳଚ୍ଚିତ୍ର ପାଇଁ ନେବେ ୧୭୫ କୋଟି

## ପୁଷ୍ପା-୨ ପାଇଁ ନେଇଥିଲେ ୩୦୦ କୋଟି



ମୁମ୍ବାଇ, ୨୩।୩ (ଏଜେନ୍ସି): ପୁଷ୍ପା-୨ ଚଳଚ୍ଚିତ୍ର ବକ୍ସ ଅଫିସର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଏହି ଫିଲ୍ମ ପାଇଁ ପୁଷ୍ପା ତଥା ଅଲ୍ଲୁ ଅର୍ଜୁନ ଭାରତର ସର୍ବାଧିକ ପ୍ରାପ୍ୟ (ଦେୟ) ପାଉଥିବା ଅଭିନେତା ହୋଇ ଯାଇଛନ୍ତି। ସେ ଦେୟ ମାମଲାରେ ଶାହରୁଖ ଖାନ, ସଲମାନ ଖାନଙ୍କ ଭଳି ଅଭିନେତାଙ୍କୁ ପଛରେ ପକାଇ ଦେଇଛନ୍ତି। ଅଲ୍ଲୁ ନିଜର ଆଗାମୀ ଚଳଚ୍ଚିତ୍ର ପାଇଁ ୧୭୫ କୋଟି ଟଙ୍କାରେ ଚୁକ୍ତି କରିଛନ୍ତି। ଏହି ଦେୟ ବ୍ୟତୀତ ଲାଭର ୧୫ ପ୍ରତିଶତ ନେବାକୁ ମଧ୍ୟ ଅଲ୍ଲୁ ସର୍ତ୍ତ ରଖିଛନ୍ତି। ଯବାନ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଏଟ୍‌ଲି ଏହାର ନିର୍ଦ୍ଦେଶନା ଦେବେ ବୋଲି ଜଣାପଡ଼ିଛି। ଏତେ ବଡ଼ ଚୁକ୍ତି ସ୍ୱାକ୍ଷର କରିବା ପରେ ଅଲ୍ଲୁ ଅର୍ଜୁନ ସବୁଠୁ ବଡ଼ ଅଭିନେତା ପାଲଟି ଯାଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ଏହି ଚଳଚ୍ଚିତ୍ର ନାମ ସ୍ଥିର ହୋଇନାହିଁ। ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ଏହାର ସୁଟିଂ ଆରମ୍ଭ ହେବ ବୋଲି କୁହାଯାଉଛି।

ରିପୋର୍ଟ ଅନୁଯାୟୀ ଏହା ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ହେବାକୁ ଯାଉଛି। ଏଥିରେ ଭିଜୁଆଲ, ସ୍କ୍ରିନ୍‌ପ୍ଲେ ଏବଂ ଇଣ୍ଟ୍ରୋଡକ୍ସନରେ ନିଆରାତ୍ୱ ଦେଖିବାକୁ ମିଳିବ। ଏହା ଏଟଲି ଏବଂ ଅଲ୍ଲୁଙ୍କ ପାଇଁ ବଡ଼ ଫିଲ୍ମ ହେବ। ପୁଷ୍ପା ପରେ ସଠିକ ଫିଲ୍ମ ଚୟନ କରିବା ଅଲ୍ଲୁଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ଏହା ତାଙ୍କ ସ୍ଥାନ ବଜାୟ ରଖିବାରେ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଅଲ୍ଲୁଙ୍କ ପୁଷ୍ପା-୨ ବକ୍ସ ଅଫିସରେ ୧୮୦୦ କୋଟି ଟଙ୍କା ଆୟ କରିଥିଲା। ସେ ଏହି ଫିଲ୍ମରୁ ୩୦୦ କୋଟି ଟଙ୍କା ନେଇଥିଲେ।

# ଜେଲ୍‌ରେ ଖାଦ୍ୟ ଖାଉନାହାନ୍ତି; ମାଗୁଛନ୍ତି ଡ୍ରଗ୍ସ ଓ ଗଞ୍ଜେଇ



ମିରଟ, ୨୩।୩ (ଏଜେନ୍ସି): ମର୍ଚ୍ଚାଣ୍ଟ ନେଭି ଅଧିକାରୀ ସୌରଭ ରାଜପୁତଙ୍କୁ ଅତି ନୃଶଂସ ଭାବେ ହତ୍ୟା କରି ମୃତଦେହ ଠିକଣାରେ ଲଗାଇବା ମାମଲାରେ ପତ୍ନୀ ମୁସ୍କାନ ଏବଂ ତାଙ୍କ ପ୍ରେମିକ ସାହିଲ ଶୁକ୍ଲା ଗତ ୪ ଦିନ ହେଲା ହେଲା ମିରଟ ଜେଲ୍‌ରେ ଅଛନ୍ତି। ଉଭୟେ ଜେଲ୍‌ରେ ଏକାଠି ରହିବାକୁ ଚାହୁଁଥିବାବେଳେ ଏହା ସମ୍ଭବ ନୁହେଁ ବୋଲି ଅଧିକାରୀ କହିଛନ୍ତି। ମୁସ୍କାନ ଏବଂ ସାହିଲଙ୍କୁ ଅଲଗା ଅଲଗା ପ୍ରକୋଷ୍ଠରେ ରଖାଯାଇଛି। ତେବେ ଉଭୟେ ଜେଲ୍ ଖାଦ୍ୟ ଖାଉ ନ ଥିବା ଜଣାପଡ଼ିଛି। ଦୁଇ ଜଣ ଯାକ ଡ୍ରଗ୍ସ ଏବଂ ଗଞ୍ଜେଇ ମାଗୁଛନ୍ତି। ନିଶା ନ ମିଳିବାରୁ ଚିନ୍ତିତ ଅଛନ୍ତି ଏବଂ ବାଉଳିଚାଉଳି ହେଉଛନ୍ତି। ଉଭୟେ ନିଶାସକ୍ତ ବୋଲି ମେଡିକାଲ ରିପୋର୍ଟରୁ ଜଣାପଡ଼ିଛି। ନିଶା ନ ମିଳିବାରୁ ସାହିଲର ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି। ଜେଲ୍ ହସ୍ପିଟାଲରେ ତା'ର ଚିକିତ୍ସା ଚାଲିଛି। ମୁସ୍କାନର ମଧ୍ୟ ମେଡିକାଲ ଯାଞ୍ଚ କରାଯାଇଛି। ସେ ଗର୍ଭବତୀ ଥିବା ଆଶଙ୍କା କରାଯାଉଛି। ଖୁବଶୀଘ୍ର ତାର ଗର୍ଭ ପରୀକ୍ଷା ହେବ ବୋଲି ଜେଲ୍ ଅଧିକ୍ଷକ କହିଛନ୍ତି। ଏ ପର୍ଯ୍ୟନ୍ତ ସାହିଲ ଓ ମୁସ୍କାନକୁ ଭେଟିବା ପାଇଁ କେହି ଜେଲ୍‌କୁ ଆସିନାହାନ୍ତି। ମୁସ୍କାନ ଜେଲ୍‌ରେ ମୁହଁ ଲୁଚାଇ ବସି ରହୁଛି। କେବଳ ଖାଇବାପିଇବା ସମୟରେ ମୁହଁରୁ କପଡ଼ା ହଟାଉଛି। ପରିବାର ସଦସ୍ୟ ଓକିଲ ନିଯୁକ୍ତ କରି ନ ଥିବାରୁ ମାମଲା ଲଢ଼ିବା ପାଇଁ ସରକାରୀ ଓକିଲ ଲଢ଼ିବାକୁ ସେ ନିବେଦନ କରିଛି।

# ହସ୍ପିଟାଲରୁ ବାହାରିଲେ ପୋପ୍

ଭାଟିକାନ ସିଟି, ୨୩।୩ (ଏଜେନ୍ସି): ଖ୍ରୀଷ୍ଟିଆନ (କ୍ୟାଥୋଲିକ) ଧର୍ମଗୁରୁ ପୋପ୍ ଫ୍ରାନସିସ୍ (୮୮) ୫ ସପ୍ତାହ ପରେ ରବିବାର ହସ୍ପିଟାଲରୁ ଛାଡ଼ ପାଇଛନ୍ତି। ଏହା ପରେ ସେ ହସ୍ପିଟାଲ୍ ବାଲ୍‌କୋନୀରୁ ସମର୍ଥକଙ୍କୁ ଧନ୍ୟବାଦ ଦେଇଛନ୍ତି। ଫୁସ୍‌ଫୁସ୍ ସଂକ୍ରମଣ ଯୋଗୁଁ



ଫେବୃଆରୀ ୧୪ ତାରିଖରେ ପୋପ୍‌ଙ୍କୁ ରୋମ୍‌ରେ ଜେମେଲି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେହିଦିନଠାରୁ ତାଙ୍କର ଚିକିତ୍ସା ଚାଲିଥିଲା। ସେ ନିମୋନିଆ ଏବଂ ଏନିମିଆରେ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ସେ ଚିକିତ୍ସାଧୀନ ଥିବା ସମୟରେ କ୍ୟାଥୋଲିକ୍ ଚର୍ଚ୍ଚ ପକ୍ଷରୁ କୁହାଯାଇଥିଲା ଯେ ରକ୍ତ ପରୀକ୍ଷା ରିପୋର୍ଟରୁ ପୋପ୍‌ଙ୍କ କିଡ୍‌ନୀ (ବୃକକ) ଫେଲ୍ ହୋଇଯାଇଥିବାର ଲକ୍ଷଣ ଥିବା ଜଣାପଡୁଛି। ତାଙ୍କ ପ୍ଲେଟଲେଟ୍ ସଂଖ୍ୟା ମଧ୍ୟ ହ୍ରାସ ପାଉଛି। ମଝିରେ ପୋପ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ହୋଇଯାଇଥିଲା। ଏଥିପାଇଁ ତାଙ୍କ ଅନ୍ତିମ ସଂସ୍କାରର ଅଭ୍ୟାସ ମଧ୍ୟ କରାଯାଇଥିଲା।

# ବାରାଣସୀରେ ଟୋଲ୍ ପ୍ଲାଜାକୁ କବ୍‌ଜା କଲେ ଚାଷୀ

ବାରାଣସୀ, ୨୩।୩ (ଏଜେନ୍ସି): ବାରାଣସୀ-ଆଜମଗଡ଼ ରାଜ୍ୟ ରାଜପଥରେ ରବିବାର ଦ୍ୱିପହରେ ହଙ୍ଗାମା ହୋଇଛି। ଏହି ମାର୍ଗରେ ଥିବା ଚୋଲାପୁର ଟୋଲ୍ ପ୍ଲାଜାକୁ ଚାଷୀ କବ୍‌ଜା କରି ନେଇଥିଲେ। ସଡ଼କ ନିର୍ମାଣକୁ ଅଧାରେ ଛାଡ଼ିଦେବାକୁ ବିରୋଧ ଏବଂ କ୍ଷତିପୂରଣ ଦାବିରେ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଷୀ ସବୁ ଟୋଲ୍ ଗେଟ୍‌କୁ ବନ୍ଦ କରିଦେଇଥିଲେ। ଏଥିଯୋଗୁଁ ୨ କିମି ପର୍ଯ୍ୟନ୍ତ ଜାମ୍ ଲାଗି ରହିଥିଲା। ଏହାର ସୂଚନା ପାଇବା ପରେ ଏସିପି ସମେତ ଅନେକ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଚାଷୀ ସେମାନଙ୍କ ସାମ୍ନାରେ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ପୁଲିସ ଏବଂ ଚାଷୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଉପରବେଳା ପୁଲିସ ଚାଷୀଙ୍କୁ ବୁଝାଇସୁଝାଇ ଘରକୁ ପଠାଇବାରୁ ଜାମ୍ ଖୋଲିଥିଲା।

ସୂଚନା ଅନୁଯାୟୀ ୨୦୧୨ର ନିୟମ ଅନୁଯାୟୀ ଏନ୍‌ଏଚ୍ ୨୩୩ର ନିର୍ମାଣ ହେବାର ଥିଲା। ତେବେ ଏହା ମଧ୍ୟରେ ପଡୁଥିବା ଜୌନପୁରର ୧୬ କିମି ରାସ୍ତା ନିର୍ମାଣ କରାଯାଇ ନ ଥିଲା। ଏହାକୁ ନେଇ ଚାଷୀ ଦୀର୍ଘ ଦିନ ହେଲା ଦାବି କରିଆସୁଛନ୍ତି। ଟୋଲ୍ ପ୍ଲାଜାକୁ ନିର୍ଦ୍ଧାରିତ ସ୍ଥାନରେ ନ କରି ଅନ୍ୟତ୍ର ସ୍ଥାନାନ୍ତର କରିଥିବା ଅଭିଯୋଗ କରିଥିଲେ। ଅଧିକାରୀମାନେ ଚାଷୀଙ୍କୁ କ୍ଷତିପୂରଣ ନ ଦେଇ ଟୋଲ୍ ଆଦାୟ କରିବାରେ ଲାଗିଛନ୍ତି ବୋଲି କହିଥିଲେ।

## ସୁଶାନ୍ତ ସିଂ ମୃତ୍ୟୁ ମାମଲା

# କ୍ଲୋଜର୍ ରିପୋର୍ଟକୁ ନେଇ ରାଜନୀତି

ମୁମ୍ବାଇ,୨୩।୩(ଏଜେନ୍ସି)



- ସିବିଆଇକୁ ତୁରନ୍ତ ଦାୟିତ୍ୱ ମିଳିଥିଲେ ପରିବାରକୁ ନ୍ୟାୟ ମିଳିପାରିଥା'ନ୍ତା: ବିଜେପି
- ବିଜେପି ରାଜନୈତିକ ଫାଇଦା ନେବାକୁ ଉଦ୍ୟମ କରିଛି: ଶିବସେନା (ୟୁବିଟି)

ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ଘଟଣାରେ ଯାଞ୍ଚ କରୁଥିବା ସିବିଆଇ ଗତକାଲି ଏହି ମାମଲା ବନ୍ଦ (କ୍ଲୋଜର ରିପୋର୍ଟ )କରିଛି। ସୁଶାନ୍ତଙ୍କ ମୃତ୍ୟୁ ଆତ୍ମହତ୍ୟାଜନିତ ଥିଲା ଏବଂ ଏଥିପାଇଁ କୌଣସି ଷଡ଼ଯନ୍ତ୍ର ହୋଇ ନଥିବା ସିବିଆଇ ନିଜ କ୍ଲୋଜର ରିପୋର୍ଟରେ ଦର୍ଶାଇଛି।

ସେହିପରି ସୁଶାନ୍ତଙ୍କ ମୃତ୍ୟୁ ଘଟଣାରେ ବଲିଉଡ୍ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ହାତ ଥିବା ଅଭିଯୋଗ କରାଯାଇଥିଲେ ହେଁ ସିବିଆଇ ରିଆ ଏବଂ ତାଙ୍କ ପରିବାରକୁ କ୍ଲିନଚିଟ୍ ଦେଇଛି। କିନ୍ତୁ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ବିଜେପି ଏବଂ ଉଦ୍ଧବ ଠାକରେଙ୍କ ଶିବସେନା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ବିଜେପି ବିଧାୟକ ରାମ କଦମ କ୍ଲୋଜର ରିପୋର୍ଟ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ,ଯଦି ଉଦ୍ଧବ ଠାକରେ ଠିକଣା ସମୟରେ ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେଇଥାନ୍ତେ, ତେବେ ଆଜି ପୀଡ଼ିତଙ୍କ ପରିବାରକୁ ନ୍ୟାୟ ମିଳିଥାନ୍ତା। ଏହି ଘଟଣାର ଯାଞ୍ଚ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଉ ବୋଲି ଦେଶବାସୀ ସେତେବେଳେ ଏକମାତ୍ର ଦାବି କରିଥିଲେ। କିନ୍ତୁ ମହାରାଷ୍ଟ୍ର ସରକାର ସେତେବେଳେ ଜାଣିଶୁଣି ଅବହେଳା କରିଥିଲେ। ବିହାର ପୁଲିସ ଏହି ଘଟଣାର ତଦନ୍ତ ପାଇଁ ମୁମ୍ବାଇ ଆସିଥିଲେ ହେଁ ସେମାନଙ୍କୁ ମଧ୍ୟ ଅଟକାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ତାଙ୍କ ଲୋକଙ୍କୁ ବଞ୍ଚାଇବା ପାଇଁ ସମସ୍ତ ପ୍ରମାଣ ନଷ୍ଟ କରିଦେଇଥିଲେ ବୋଲି ରାମ କଦମ କହିଛନ୍ତି। କିନ୍ତୁ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ରାମକଦମଙ୍କୁ ଭର୍ତ୍ସନା କରିବା ସହିତ ବିଜେପିକୁ ଏକ କପଟି ଦଳ ବୋଲି କହିଛନ୍ତି। ଏହି ଦଳ ସବୁ କଥାରେ ମିଥ୍ୟା ଆରୋପ ଆଣି ରାଜନୈତିକ ଫାଇଦା ଉଠାଇବାକୁ ଚାହେଁ ବୋଲି ସଞ୍ଜୟ କହିଛନ୍ତି।

ସେହିପରି ମହାରାଷ୍ଟ୍ର କଂଗ୍ରେସ ପ୍ରବକ୍ତା ସଚିନ ସାୱନ୍ତ ମଧ୍ୟ ବିଜେପିକୁ ନିଶାଣ କରି ବର୍ଷିଛନ୍ତି। ସିବିଆଇ ସୁଶାନ୍ତ ସିଂ ମାମଲା ବନ୍ଦ ଘୋଷଣା କରିବା ପରେ ସଚିନ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଘଟଣାକୁ ବିଜେପି କଦର୍ଥ କରିବା ସହିତ ମହାବିକାଶ ଅଘାଡି (ଏମଭିଏ) ସରକାରକୁ ନିନ୍ଦିତ କରିବାକୁ ଉଦ୍ୟମ କରିଥିଲା। ବିଶେଷକରି ଅବିଭାଜିତ ଶିବସେନା ଏବଂ ଏନସିପିକୁ ଟାର୍ଗେଟ କରି ବିଜେପି ଏଭଳି କରିଥିଲା ବେଳେ ବିହାର ନିର୍ବାଚନରେ ଫାଇଦା ଉଠାଇବାକୁ ଯୋଜନା କରିଥିଲା। ସୁଶାନ୍ତଙ୍କ ମୃତ୍ୟୁକୁ ନେଇ ବିହାରରେ ଜିରୋ ଏଫଆଇଆର୍ ରୁଜୁ କରାଯାଇ ଏହି ମାମଲାକୁ ସିବିଆଇ ହାତରେ ଦିଆଯାଇଥିଲା। ଯାହାକି ବେଆଇନ ବୋଲି ସଚିନ କହିଛନ୍ତି। ଅନ୍ୟପକ୍ଷରେ ସୁଶାନ୍ତଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ସେଲିବ୍ରିଟି ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଦିଶା ସାଲିଆନଙ୍କ ମୃତ୍ୟୁକୁ ନେଇ ତାଙ୍କ ବାପା ସତୀଶ ସାଲିଆନ ବମ୍ବେ ହାଇକୋର୍ଟରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ବିରୋଧରେ ଏକ ପିଟିସନ ଦାଏର କରିଥିଲା ବେଳେ ଆସନ୍ତା ଏପ୍ରିଲ ୨ ତାରିଖରେ ଏହାର ଶୁଣାଣି କରିବାକୁ ହାଇକୋର୍ଟ କହିଛନ୍ତି। ତେବେ ଦିଶାଙ୍କ ଆତ୍ମହତ୍ୟା ଘଟଣାକୁ ସୁଶାନ୍ତ ସିଂଙ୍କ ଆତ୍ମହତ୍ୟା ଘଟଣା ସହିତ ଜଡ଼ିତ ନ କରି ପୃଥକ ଭାବେ ତଦନ୍ତ କରିବାକୁ ଶିବସେନା ନେତା ସଞ୍ଜୟ ନିରୂପମ ରବିବାର ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୦ ଜୁନ୍ ୧୪ରେ ସୁଶାନ୍ତଙ୍କୁ ସେ ରହୁଥିବା ବାନ୍ଦ୍ରାସ୍ଥିତ ଫ୍ଲାଟ୍‌ରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କର ମୃତ୍ୟୁ ହେବା ଘଟଣା ସାମ୍ନାକୁ ଆସିବା ମାତ୍ରେ ହଜାର ହଜାର ପ୍ରଶଂସକ ଏବଂ ସମର୍ଥକଙ୍କ ମଧ୍ୟରେ ଘୋର ନୈରାଶ୍ୟ ସୃଷ୍ଟି କରିଥିଲା। କିନ୍ତୁ ସୁଶାନ୍ତ ଆତ୍ମହତ୍ୟା କରିନାହାନ୍ତି, ବରଂ ତାଙ୍କ ବାନ୍ଧବୀ ତଥା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପା ଅଭିଯୋଗ କରିବା ପରେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି ହେବା ସହିତ ଜାତୀୟ ଗଣମାଧ୍ୟମରେ ବେଶ କିଛି ଦିନ ଚର୍ଚ୍ଚା ହୋଇଥିଲା। ସୁଶାନ୍ତଙ୍କ ବାପାଙ୍କ ଅଭିଯୋଗ କ୍ରମେ ପ୍ରଥମେ ବିହାର ପୁଲିସ ଘଟଣାର ତଦନ୍ତ କରିଥିଲେ ହେଁ ପରବର୍ତ୍ତୀ ସମୟରେ ସିବିଆଇ ତଦନ୍ତ କରିଥିଲା।

# ଇସ୍ରାଏଲ ଆକ୍ରମଣରେ ହମାସ୍ ନେତା ଓ ପତ୍ନୀ ମୃତ

ତେଲ ଆଭିଭ, ୨୩।୩ (ଏଜେନ୍ସି): ଦକ୍ଷିଣ ଗାଜାର ଖାନ୍ ୟୁନିସ ସହରରେ ଇସ୍ରାଏଲ ସେନା ଏୟାର ଷ୍ଟ୍ରାଇକ କରିଛି। ଏହି ଆକ୍ରମଣରେ ଆତଙ୍କବାଦୀ ସଂଗଠନ ହମାସ୍‌ର ପ୍ରମୁଖ ରାଜନୈତିକ ନେତା ସଲାହ ଅଲ-ବର୍ଦାୱିଲ ଏବଂ ତା ପତ୍ନୀଙ୍କ ମୃତ୍ୟୁ ହୋଇଛି। ଏହା ସହିତ ୨୪ ଘଣ୍ଟା ମଧ୍ୟରେ ହୋଇଥିବା ଆକ୍ରମଣରେ ୪୧ ଜଣ ପ୍ରାଣ ହରାଇଛନ୍ତି। ୬୧ ଜଣ ଆହତ ହୋଇଛନ୍ତି। ହମାସ୍



- ୨୪ ଘଣ୍ଟାରେ ୪୧ ମୃତ; ୬୧ ଆହତ
- ୧୭ ମାସରେ ଗାଜାରେ ଗଲାଣି ୫୦ ହଜାର ଜୀବନ

ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଏହାକୁ ମିଶାଇ ଗତ ୧୭ ମାସ ହେଲା ଜାରି ଯୁଦ୍ଧରେ ୫୦ ହଜାରରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହେଲାଣି। ୧, ୧୩, ୨୭୪ ଜଣ ଆହତ ହେଲେଣି। ସୂଚନା ଅନୁଯାୟୀ ଇସ୍ରାଏଲ ଶନିବାର ରାତିରେ ଲେବାନନ୍‌ର ଅନେକ ଠିକଣାକୁ ନିଶାଣ କରି ରକେଟ ମାଡ଼ କରିଥିଲା। ଏଥିରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ଏହା ପୂର୍ବରୁ ଲେବାନନ ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଗତ ଚାରି ମାସ ମଧ୍ୟରେ ଇସ୍ରାଏଲ ଉପରେ ସବୁଠୁ ବଡ଼ ରକେଟ୍ ମାଡ଼ କରିଥିଲା। ଏହାର ଜବାବ ଦେବାକୁ ଯାଇ ଆକ୍ରମଣ କରିଥିବା କୁହାଯାଇଥିଲା। ମାତ୍ର ଇସ୍ରାଏଲ ଅଭିଯୋଗକୁ ହିଜବୁଲ୍ଲା ପକ୍ଷରୁ ଖଣ୍ଡନ କରାଯାଇଥିଲା। ଅସ୍ତ୍ରବିରତି ପାଳନ କରୁଛୁ ବୋଲି କୁହାଯାଇଥିଲା। ଏହା ପୂର୍ବରୁ ଗତ ସପ୍ତାହରେ ଇସ୍ରାଏଲ ହମାସ ସହ ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଗାଜାରେ ପୁଣି ଆକ୍ରମଣ କରିଥିଲା। ସେହିଦିନଠାରୁ ଏ ପର୍ଯ୍ୟନ୍ତ ହୋଇଥିବା ଆକ୍ରମଣରେ ପ୍ରାୟ ୬୦୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହେଲାଣି।

# ଜୟଶଙ୍କରଙ୍କୁ ପ୍ରଶଂସା କରି ପୁଣି ଚର୍ଚ୍ଚାରେ ଶଶୀ ଥରୁର

ନୂଆଦିଲ୍ଲୀ,୨୩।୩(ଏଜେନ୍ସି)

କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ନେଇ ବିଗତ କିଛି ଦିନ ହେଲା ରାଜନୈତିକ ଚର୍ଚ୍ଚା ବଢ଼ିଥିଲା ବେଳେ ଏବେ ଏହି ବିଷୟ ଆହୁରି ଚର୍ଚ୍ଚିତ ହୋଇପଡ଼ିଛି। ଶଶୀ ଗତ କିଛି ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦୁଇ ଦୁଇଥର ପ୍ରଶଂସା କରିବା ଏବଂ ତାଙ୍କ ବିଦେଶୀ ନୀତିକୁ ନେଇ ସକାରାତ୍ମକ ମନ୍ତବ୍ୟ ଜାରି କରିବା କଂଗ୍ରେସ ପାଇଁ ଚିନ୍ତାର ବିଷୟ ହୋଇଥିଲା ବେଳେ ଏବେ ବହୁ ବିଜେପି ନେତାଙ୍କ ସହ ତାଙ୍କର ଫଟୋ ଏବଂ ଭିଡିଓ ମଧ୍ୟ ରାଜନୈତିକ ଉଷ୍ମତା ଆଣିଛି। ଶଶୀ ଥରୁର କେଉଁ ମୁହୂର୍ତ୍ତରେ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇପାରନ୍ତି ବୋଲି ଆକଳନ ବଢିଛି। ନିକଟରେ ଶଶୀ ଥରୁର କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲଙ୍କ ସହ ସେଲ୍ଫି ପୋଷ୍ଟ କରିଥିଲା ବେଳେ ବିଜେପିର ବରିଷ୍ଠ ନେତା ବୈଜୟନ୍ତ ପଣ୍ଡାଙ୍କ ସହ ବିମାନ ଯାତ୍ରା କରୁଥିବା ଦେଖାଯାଇଥିଲା। ଏହାପରେ ଏବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଥରୁରଙ୍କୁ ପ୍ରଶଂସା କରିବା ପରେ ବିଜେପି ସହିତ ଥରୁରଙ୍କ ଘନିଷ୍ଠତାକୁ ନେଇ କଳ୍ପନାଜଳ୍ପନା ଜୋର ଧରିଛି। ଉଲ୍ଲେଖଯୋଗ୍ୟ ଯେ, ଆନ୍ତର୍ଜାତିକ ସ୍ତରରେ ଥରୁରଙ୍କ ଯଥେଷ୍ଟ ଖ୍ୟାତି ରହିଥିଲା ବେଳେ ବୈଦେଶିକ ବ୍ୟାପାରକୁ ନେଇ ମଧ୍ୟ ତାଙ୍କର ଅନୁଭୂତି ଓ ଅଭିଜ୍ଞତା ଯଥେଷ୍ଟ ରହିଛି। ଯେଉଁଥିପାଇଁ କଂଗ୍ରେସ ଥରୁରଙ୍କୁ କେନ୍ଦ୍ରରେ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ଦାୟିତ୍ୱ ଦେଇସାରିଛି। ସଂପ୍ରତିକ ସ୍ଥିତିରେ ସେ ହିଁ କଂଗ୍ରେସ ଦଳର ପ୍ରମୁଖ ନେତାମାନଙ୍କ ମଧ୍ୟରେ ଜଣେ , ଯିଏକି ଏହି କ୍ଷେତ୍ରରେ ସର୍ବାଧିକ ସଫଳତା ହାସଲ କରିଛନ୍ତି। ହେଲେ ତାଙ୍କ ମୁହଁରେ ମୋଦୀଙ୍କ ବୈଦେଶିକ ନୀତିକୁ ନେଇ ପ୍ରଶଂସା କରାଯିବା ବିଷୟକୁ କଂଗ୍ରେସର ବହୁ ବରିଷ୍ଠ ନେତା ଆଦୌ ସହ୍ୟ କରିପାରୁ ନଥିବା କୁହାଯାଉଛି।

# ପାଦ୍ରୀଙ୍କ ଯୌନ ଉତ୍ପୀଡ଼ନ ଭିଡିଓ ଭାଇରାଲ

ଚଣ୍ଡିଗଡ଼, ୨୩।୩ (ଏଜେନ୍ସି)



ଚମତ୍କାର ବଳରେ ରୋଗ ଭଲ କରିବା ଦାବି କରୁଥିବା ଜଳନ୍ଧର ଆତ୍ମଘୋଷିତ ପାଦ୍ରୀ ବଜିନ୍ଦର ସିଂହଙ୍କ ଏକ ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ସେ ଚଣ୍ଡିଗଡ଼ ସ୍ଥିତ ଅଫିସରେ ଜଣେ ମହିଳା ଏବଂ ପୁରୁଷଙ୍କୁ ଚାପୁଡ଼ା ମାରୁଥିବା ଦେଖାଯାଉଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୁଲିସ ପାଦ୍ରୀଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବଜିନ୍ଦର ' ଦ ଚର୍ଚ୍ଚ ଅଫ ଗ୍ଲୋରି ଆଣ୍ଡ ୱିଜଡମ୍'ର ନେତୃତ୍ୱ ନେଉଛି। ଏହି ଭିଡିଓ ଫେବୃଆରୀ ୧୪ ତାରିଖର। ଏହି ଯେସୁ ଯେସୁ ପାଦ୍ରୀ ପୂର୍ବରୁ ଚମତ୍କାର ଦ୍ୱାରା କର୍କଟ ଭଳି ରୋଗକୁ ଠିକ୍ କରୁଥିବା ଏବଂ ମୃତ ବ୍ୟକ୍ତିଙ୍କୁ ଜୀବିତ କରି ଦେଉଥିବା ଦାବି କରିଥିଲା। ତା'ର ପ୍ରଚାରରେ ବଲିଉଡ ସେଲିବ୍ରିଟିଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ଜଣେ ମହିଳା ପାଦ୍ରୀ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ସେ ୨୦୧୭ରୁ ଯେସୁ ଯେସୁଙ୍କ ସହ କାର୍ଯ୍ୟ କରିଆସୁଥିଲେ।

## ● ନୀତୀଶଙ୍କୁ ପ୍ରଶାନ୍ତ କିଶୋରଙ୍କ କଟାକ୍ଷ

# ନିଜ ମନ୍ତ୍ରୀମାନଙ୍କ ନାଁ ପଚାରିଲେ ବି କହିପାରିବେନି



ପାଟନା,୨୩।୩(ଏଜେନ୍ସି): ଜେଡିୟୁ ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଜନସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର(ପିକେ) କଟାକ୍ଷ କରିବା ସହିତ ନୀତିଶ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି। ନୀତୀଶ ଏବେ ଶାରୀରିକ ଦିଗରୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡ଼ିଥିଲା ବେଳେ ମାନସିକ ଦିଗରୁ ମଧ୍ୟ ସୁସ୍ଥ ନାହାନ୍ତି। ସ୍ଥିତି ଏଭଳି ହୋଇଛି ଯେ, ଯଦି ନୀତୀଶଙ୍କୁ ତାଙ୍କ ମନ୍ତ୍ରୀମାନଙ୍କ ନାଁ ପଚାରାଯାଏ ସେ କହିପାରିବେନି ବୋଲି ପ୍ରଶାନ୍ତ କିଶୋର କହିଛନ୍ତି। ରବିବାର ସମସ୍ତିପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ନୀତୀଶ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ମତାମତ ଦେଇଥିବା ପ୍ରଥମ ବ୍ୟକ୍ତି ଥିଲେ ତାଙ୍କ ସହଯୋଗୀ ସୁଶୀଲ କୁମାର ମୋଦୀ। ସେବେଠାରୁ ବିହାରର ଅନେକ ମନ୍ତ୍ରୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ମତାମତ ଦେଇସାରିଛନ୍ତି। ହେଲେ ବିପିଏସସି ପ୍ରତିବାଦ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ଯେଉଁଭଳି ରହିଥିଲା ତଦ୍ୱାରା ନୀତୀଶ କୁମାରଙ୍କ ମାନସିକ ଅବସ୍ଥା ଖରାପ ହୋଇଯାଇଛି ବୋଲି ସେ ଅନୁଭବ କରିଥିବା କହିଛନ୍ତି। ଏବେ ରାଜ୍ୟରେ କ'ଣ ଘଟୁଛି ତାହା ନୀତୀଶ କୁମାର ଜାଣି ପାରୁନାହାନ୍ତି। ଏହା ତାଙ୍କର ଶାରୀରିକ କ୍ଲାନ୍ତି ଏବଂ ମାନସିକ ଅସୁସ୍ଥତାକୁ ପ୍ରମାଣିତ କରୁଛି ବୋଲି ପ୍ରଶାନ୍ତ କିଶୋର କହିଛନ୍ତି। ତେବେ ଆଗାମୀ ବିହାର ନିର୍ବାଚନ ପୂର୍ବରୁ ପ୍ରଶାନ୍ତ କିଶୋରଙ୍କ ଏଭଳି ଟିପ୍ପଣୀ ରାଜନୈତିକ ସ୍ତରରେ ହଟଚମଟ ସୃଷ୍ଟି କରିଛି।

## ବାଂଲାଦେଶରେ ପୁଣି ବଢୁଛି ରାଜନୈତିକ ଅସ୍ଥିରତା

# ସେନା ହାତକୁ ଚାଲିଯିବ କି କ୍ଷମତା !

ଢାକା,୨୩।୩(ଏଜେନ୍ସି)



୨୦୨୪ରେ ଶେଖ ହସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରୁ ବିଦା ହେବା ପରେ ଅନ୍ତରୀଣ ସରକାର ମୁଖ୍ୟ ଭାବେ ନୋବେଲ ବିଜେତା ମହମ୍ମଦ ୟୁନୁସ୍ ଦାୟିତ୍ୱ ନେଇଥିଲେ। ହସିନା ପଦ ଛାଡିବା ପୂର୍ବରୁ ପ୍ରାୟ ୪ ମାସ ଧରି ବାଂଲାଦେଶରେ ଲାଗି ରହିଥିବା ହିଂସା ଏବଂ ଅସ୍ଥିରତା ବନ୍ଦ ହେବା ସହିତ ସାନି ନିର୍ବାଚନ କରାଯାଇ ରାଜନୈତିକ ସ୍ଥିରତା ଅଣାଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଇତିମଧ୍ୟରେ ୮ ମାସ ବିତିଥିଲେ ମଧ୍ୟ ବାଂଲାଦେଶ ସ୍ଥିତିରେ ସେଭଳି କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ନାହିଁ। ବରଂ ବେଳକୁ ବେଳ ସ୍ଥିତି ଆହୁରି ସଙ୍ଗିନ ହେବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ, କୌଣସି ମୁହୂର୍ତ୍ତରେ ସେନା ହାତକୁ କ୍ଷମତା ଚାଲିଯିବାର ଆଶଙ୍କାକୁ ବି ଏଡାଇ ଦିଆଯାଇ ପାରୁନାହିଁ। ବର୍ତ୍ତମାନ ଢାକାରେ ବିଭିନ୍ନ କଠୋରବାଦୀ ଇସ୍‌ଲାମିକ ସଙ୍ଗଠନ ପକ୍ଷରୁ ଭାରତ ବିରୋଧୀ ବିକ୍ଷୋଭ ଓ ଶୋଭାଯାତ୍ରାକୁ ନେଇ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା ବେଳେ ସେନା ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଗୋଟିଏ ପକ୍ଷରେ ସେନା ବିରୋଧରେ ଛାତ୍ର ନେତା ନାହିଦ ଇସଲାମଙ୍କ ନବଗଠିତ ନ୍ୟାସନାଲ ସିଟିଜେନ ପାର୍ଟି (ଏନସିପି) ଗମ୍ଭୀର ଅଭିଯୋଗ ଆଣିଛି। ଶେଖ ହାସିନାଙ୍କ ଦଳ ଆୱାମୀ ଲିଗ୍ ନୂଆ ନାମକରଣ କରାଯାଇ ଏହି ଦଳକୁ ପୁଣି ବାଂଲାଦେଶ ରାଜନୀତିରେ ସକ୍ରିୟ କରିବାକୁ ସେନା ପ୍ରସ୍ତାବ ଦେଇଥିବା ଦଳୀୟ ନେତା ଅଭିଯୋଗ କରିଛନ୍ତି। ଆୱାମୀ ଲିଗ୍‌କୁ ପୁଣି କ୍ଷମତାକୁ ଫେରାଇ ଆଣିବା ପାଇଁ ପ୍ରୟାସ କରାଯାଉଛି ବୋଲି ନାହିଦ କହିଛନ୍ତି। କେବଳ ସେତିକି ନୁହେଁ , ଭାରତ ସହାୟତାରେ ସେନା ବାଂଲାଦେଶରେ ଭିନ୍ନ କାର୍ଯ୍ୟକ୍ରମ ଚଳାଇଛି ବୋଲି ଦଳ କହିଛି। ଏହା ବ୍ୟତୀତ ପାଲେଷ୍ଟାଇନରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଭାରତରେ ମୁସଲମାନଙ୍କ ଉପରେ ଆକ୍ରମଣକୁ ନିନ୍ଦା କରି କେତେକ ଗୋଷ୍ଠୀ ହିଂସା ଭିଆଇବା ପାଇଁ ମସୁଧା କରୁଥିବା ଜଣାପଡ଼ିବା ପରେ ଢାକା ସମେତ ଅନ୍ୟ କେତେକ ପ୍ରମୁଖ ସହରରେ ସେନା ହାଇଆଲର୍ଟରେ ରହିଛି। କେବଳ ସେତିକି ନୁହେଁ, ସେନା ବିରୋଧରେ ମଧ୍ୟ ଖୋଲାଖୋଲି ଭାବେ ଆନ୍ଦୋଳନ କରିବାକୁ କିଛି ଗୋଷ୍ଠୀ ପ୍ରସ୍ତୁତ ହେଉଥିବା ସୂଚନା ମିଳିବା ପରେ ସଭରସ୍ଥିତ ବାଂଲାଦେଶ ସେନାର ସବୁଠୁ ଶକ୍ତିଶାଳୀ ଡିଭିଜନକୁ ଢାକାରେ ମୁତୟନ କରାଯାଇଛି। ସେନା ପକ୍ଷରୁ ଢାକାର ବିଭିନ୍ନ ରାସ୍ତା ଓ ଗଳିକନ୍ଦିରେ ପାଟ୍ରୋଲିଂ ବୃଦ୍ଧି କରାଯାଇଥିଲା ବେଳେ ବିଭିନ୍ନ ସଂଗଠନର କାର୍ଯ୍ୟକଳାପ ଉପରେ ନଜର ରଖାଯାଇଥିବା କୁହାଯାଇଛି। ଅନ୍ୟପକ୍ଷରେ ମେଡିକାଲ ସେବା ଏବଂ ବିଦ୍ୟୁତ୍ ଶକ୍ତି ପାଇଁ ବାଂଲାଦେଶ ସର୍ବାଧିକ ଭାବେ ଭାରତ ଉପରେ ନିର୍ଭର କରୁଥିବାରୁ ବାଂଲାଦେଶ ସେନା ମୁଖ୍ୟ ମାପିଚୁପି ଭାରତ ବିରୋଧୀ କାର୍ଯ୍ୟକଳାପକୁ ନେଇ ପଦକ୍ଷେପ ଗ୍ରହଣ କରୁଥିବା କୁହାଯାଉଛି। ଏଭଳି ସ୍ଥିତିରେ ବାଂଲାଦେଶ ପୁଣି ରାଜନୈତିକ ଅସ୍ଥିରତା ଭିତରକୁ ଟାଣି ହୋଇଯିବାର ଆଶଙ୍କା ବଢାଇଛି।

# ଏପ୍ରିଲ୍ ୨ ରୁ +୨ ଖାତାଦେଖା

ଭୁବନେଶ୍ୱର, ୨୩।୩(ସମିସ): ଆସନ୍ତା ଏପ୍ରିଲ୍ ୨ ରୁ ଆରମ୍ଭ ହେବ ଯୁକ୍ତ ୨ ଖାତାଦେଖା। ପ୍ରଥମ ପର୍ଯ୍ୟାୟରେ ୧୩ ତାରିଖ ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୫ରୁ ୨୬ ତାରିଖ ମଧ୍ୟରେ ଖାତାଦେଖା ଚାଲିବ। ମୂଲ୍ୟାଙ୍କନର ୧୦ଦିନ ପୂର୍ବରୁ ପରୀକ୍ଷା ଖାତାକୁ କୋଡିଂ କରାଯିବ।

ଆସନ୍ତା ୨୭ ତାରିଖରେ ବିଜ୍ଞାନ ଓ ୨୭ ତାରିଖରେ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ସରିବ। ଏହାପରେ ଉଭୟ ଅନ୍‌ଲାଇନ୍ ଓ ଅଫଲାଇନ୍‌ରେ ଖାତାଦେଖା ହେବ। କଳା ବିଭାଗର ଓଡ଼ିଆ ଓ ଇଂରାଜୀ ବିଷୟର ଖାତା ଦେଖା ବହୁ ବିଳମ୍ବ ହେଉଥିବାରୁ ଚଳିତ ଥର ଏହାକୁ ଅନ୍‌ଲାଇନ୍ ମୂଲ୍ୟାଙ୍କନ କରିବାକୁ ପଦକ୍ଷେପ ନିଆଯାଇଛି। ଚଳିତ ଥର ୬୩ଟି ଅନ୍‌ଲାଇନ୍ ମୂଲ୍ୟାଙ୍କନ କେନ୍ଦ୍ର କରାଇଥିବାବେଳେ ୭୭ଟି ଅଫ୍‌ଲାଇନ୍ ଓ ୫୭ଟି କୋଡିଂ ସେଣ୍ଟର କରାଯାଇଛି। ମୂଲ୍ୟଙ୍କନ କେନ୍ଦ୍ରକୁ ହେଉଥିବା ଦୂରତାକୁ ଦୃଷ୍ଟିରେ ରଖି ପ୍ରତି ଜିଲ୍ଲାରେ ମୂଲ୍ୟାଙ୍କନ କେନ୍ଦ୍ର ଖୋଲାଯାଇଛି। ଦେବଗଡ଼ ପରି ଜିଲ୍ଲାରେ ପ୍ରଥମ ଥର ପାଇଁ ମୂଲ୍ୟାଙ୍କନ କେନ୍ଦ୍ର ଖୋଲିବ। ସେହିପରି ପୂର୍ବରୁ କଲେଜଗୁଡ଼ିକ ପ୍ରାକ୍ଟିକାଲ୍ ମାର୍କ ମାନୁଆଲ୍ ଭାବେ ଦେଉଥିଲେ। ମାତ୍ର ଚଳିତ ବର୍ଷ କଲେଜମାନେ ଏହାକୁ ଅନ୍‌ଲାଇନ୍‌ରେ ଦାଖଲ କରିଥିବାରୁ ଅତିରିକ୍ତ ସମୟ ଅପଚୟ ହେବ ନାହିଁ। ପରୀକ୍ଷା ସରିବାର ୪୫ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଚଳିତ ଥର ମୋଟ୍ ୧୨୭୬ ଟି ପରୀକ୍ଷା କେନ୍ଦ୍ରରେ ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ବର୍ଗର ପ୍ରାୟ ୩ଲକ୍ଷ ୯୩ ହଜାର ପିଲା ପରୀକ୍ଷା ଦେଇଛନ୍ତି।

# ସୀମା ପୁନଃନିର୍ଦ୍ଧାରଣ ହାତରେ ନ ମାରି ଭାତରେ ମାରିବେ

## ଅର୍ଥ କମିଶନରେ କମିବ ଓଡ଼ିଶାକୁ ମିଳୁଥିବା ଅନୁଦାନ ଭାଗ

■ କେନ୍ଦ୍ରର ନିୟମ ଆପଣାଇବା ନିମନ୍ତେ ଶାସ୍ତି ମିଳିବ:ଅମର
■ ବିରୋଧୀଙ୍କୁ ନିଶାଣ ଆଶଙ୍କାକୁ ଏଡ଼ାଯାଇ ନ ପାରେ: ଭକ୍ତ

ଭୁବନେଶ୍ୱର,୨୩।୩(ସମିସ): ଡିଲିମିଟେସନ ପ୍ରସଙ୍ଗକୁ ନେଇ ଏବେ ସାରା ଦେଶ ଦ୍ୱନ୍ଦ୍ୱ। ଏହା ମଧ୍ୟରେ ତାମିଲନାଡ୍ରୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ବିଭିନ୍ନ ରାଜନୈତିକ ଦଳ ସହ ଆଲୋଚନା କରି 'ଫେୟାର ଡିଲିମିଟେସନ' ବୈଠକରେ କ୍ଷତିଗ୍ରସ୍ତ ହେବାକୁ ରାଜ୍ୟଗୁଡ଼ିକ ଏକ ହୋଇ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି। ତେବେ ଜାତୀୟ ଗଣମାଧ୍ୟମ 'ଇଣ୍ଡିଆ ଟୁଡ଼େ' ରିପୋର୍ଟ ଅନୁସାରେ ସମୁଦାୟ ପ୍ରଜନନ ହାର(ଟିଏଫ୍‌ଆର୍)କୁ ନେଇ ଯଦି ଡିଲିମିଟେସନ୍ କରାଯାଏ ତେବେ ଓଡ଼ିଶା ୩ ଟି ଲୋକସଭା ଆସନ ହରାଇବ ଓ ରାଜ୍ୟର ମୋଟ୍ ଲୋକସଭା ଆସନ ସଂଖ୍ୟା ୧୮କୁ ଖସି ଆସିବ। ଇଣ୍ଡିଆ ଟୁଡ଼େରେ ପ୍ରକାଶିତ ରିପୋର୍ଟ ପୂର୍ବରୁ କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ ମଧ୍ୟ ଏ ପ୍ରକାର ଆଶଙ୍କା ବ୍ୟକ୍ତ କରିଥିଲେ। ତେଣୁ ଯଦି ବାସ୍ତବରେ ଏହି ଆଶଙ୍କା ସତ୍ୟ ହୁଏ, ତେବେ ଜାତୀୟ ରାଜନୀତିରେ ଓଡ଼ିଶାର ପ୍ରଭାବ କେବଳ କମିବ ନାହିଁ, ଅନେକ କ୍ଷେତ୍ରରେ ରାଜ୍ୟ ପ୍ରଭାବିତ ହେବା ନିଶ୍ଚିତ ବୋଲି କୁହାଯାଉଛି।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତାମିଲ୍‌ନାଡ୍ରୁ ବୈଠକରେ ଯୋଗ ଦେଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଡଃ ଅମର ପଟ୍ଟନାୟକ କହିଛନ୍ତି ଯେ ଜନସଂଖ୍ୟା ଆଧାରରେ ଡିଲିମିଟେସନ ହେଲେ ଅର୍ଥ କମିଶନରେ ଅର୍ଥ ଓଡ଼ିଶାକୁ କମ ମିଳିବ। ରାଜନୈତିକ ପ୍ରତିନିଧିତ୍ୱ ହ୍ରାସ ପାଇବ। ସମ୍ବିଧାନ ଅନୁସାରେ ପ୍ରତି ୧୦ ବର୍ଷରେ ଥରେ ଡିଲିମିଟେସନ ହେବା କଥା; କିନ୍ତୁ ୧୯୭୧ ପରେ ଆଉ ହୋଇନାହିଁ। ଏବେ ଯଦି ଜନସଂଖ୍ୟା ହିସାବରେ ଡିଲିମିଟେସନ ହୁଏ, ତେବେ ଦକ୍ଷିଣ ଭାରତୀୟ ରାଜ୍ୟ ସହ ଓଡ଼ିଶା ଓ ପଞ୍ଜାବରେ ଲୋକସଭା ଓ ବିଧାନସଭା ଆସନ କମିବାର ଆଶଙ୍କା ରହିଛି। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ନୀତିକୁ ଆପଣେଇ ନିଷ୍ଠାର ସହ କାର୍ଯ୍ୟ କରିଥିବା ଓଡ଼ିଶା ପରି ରାଜ୍ୟଗୁଡ଼ିକୁ ଦଣ୍ଡିତ କରିବା କେଉଁ ନୀତି ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରିବୈଠକରେ ଯୋଗ ଦେଇଥିବା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଯେଉଁମାନେ ଜନସଂଖ୍ୟା ବୃଦ୍ଧିକୁ ଠିକ୍ ଭାବରେ ପରିଚାଳନା କରିଛନ୍ତି, ସେମାନଙ୍କ ପାଇଁ ଡିଲିମିଟେସନ ଦଣ୍ଡ ହେବ। ଡିଲିମିଟେସନ୍ ସଂପୂର୍ଣ୍ଣ ଭାବରେ ଓଡ଼ିଶା ସହିତ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଭୟ ସୃଷ୍ଟି କରିଛି। ଏହାଦ୍ୱାରା ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ କ୍ଷତି ଆଶଙ୍କା ରହିଛି। ଏହି ଉପାୟରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିରୋଧୀ ଦଳମାନଙ୍କୁ ଟାର୍ଗେଟ କରାଯାଉଛି। ସଂଘୀୟ ବ୍ୟବସ୍ଥାରେ ଯେଉଁ ଅର୍ଥ ରାଜ୍ୟ ପାଉଛି ତାହା ମଧ୍ୟ ପ୍ରଭାବିତ ହେବ। ଖଣି ଖାଦାନରୁ ଯେତିକି ରାଜସ୍ୱ କେନ୍ଦ୍ର ପାଉଛି ତାହା ତୁଳନାରେ ଓଡ଼ିଶା କିଛି ପାଉନାହିଁ। ଜମ୍ମୁ କାଶ୍ମୀର ଓ ଆସାମ ପରି ଅନ୍ୟରାଜ୍ୟରେ ସେହିଭଳି ସ୍ଥିତି ସୃଷ୍ଟି କରିବାକୁ କେନ୍ଦ୍ର ଯୋଜନା କରୁଛି ବୋଲି ସେ କହିଛନ୍ତି । ପାଇଁ ଯୋଜନା କରୁଛି ବୋଲି ସେ କହିଛନ୍ତି।

ସୂଚନା ଥାଉ କି ଯେଉଁ ରାଜ୍ୟମାନେ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରି ରୋଜଗାର ଓ ଖର୍ଚ୍ଚର ସନ୍ତୁଳନ ରକ୍ଷା କଲେ ଏବଂ ସର୍ବୋପରି ଦେଶ ଗଠନ ଦିଗରେ ସହଭାଗିତା ହେଲେ ସେମାନଙ୍କ ପାଇଁ ଡିଲିମିଟେସନ ଏବେ ଚିନ୍ତା ବଢ଼ାଇଛି। କେନ୍ଦ୍ରସରକାର ଏହାକୁ ନେଇକି ଯୁକ୍ତି ସଙ୍ଗତ ମତ ରଖିବାର ଆବଶ୍ୟକତା ରହିଛି ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରୁଥିଲେ ମଧ୍ୟ କେନ୍ଦ୍ର ସରକାର ଏବାବଦରେ ବର୍ତ୍ତମାନ ସୁଦ୍ଧା ଚୁପ୍ ରହିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ରାଜନୀତି ଯୋର ଧରିବା ପରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ କେନ୍ଦ୍ର ସରକାର ଗଣତନ୍ତ୍ର ପରିସର ଭିତରେ ଚାଲିଥାନ୍ତି। ଅଧିକ ପ୍ରତିନିଧି କିପରି ସଂସଦକୁ ଯିବେ ତାକୁ ଆଧାର କରି ଡିଲିମିଟେସନ ପାଇଁ ସରକାର ଯୋଜନା କରୁଛନ୍ତି। ଏହାର ବିଜ୍ଞପ୍ତି ଆସିବା ପରେ ଏହାର ଆଧାର ଜଣାପଡ଼ିବ ଓ ଆଗକୁ ଆଲୋଚନା ହେବ ବୋଲି ସେ କହିଛନ୍ତି।

# ଦିଲ୍ଲୀରୁ ସେକ୍ସଟର୍ସନ୍ ସର୍ଦ୍ଦାର ଗିରଫ

## ନାଇଜେରୀୟ ଅଭିଯୁକ୍ତ ଟାର୍ଗେଟରେ ୩ ହଜାର ଭାରତୀୟ ଯୁବତୀ

କଟକ,୨୨।୩(ସମିସ): ସେକ୍ସଟର୍ସନ ମାମଲାରେ କମିଶନରେଟ୍ ପୁଲିସକୁ ଏକ ବଡ଼ଧରଣର ସଫଳତା ମିଳିଛି। ଦରଘାବଜାର ଥାନା ଓ ସାଇବର ଥାନା ପୁଲିସ ଦ୍ୱାରା ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଦିଲ୍ଲୀର ଉତ୍ତମନଗର ଓ ପାଲମେରିଆ ଅଞ୍ଚଳରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ ଜନ୍ ଓକୋୟେ ଓରଫ୍ ଡିଜି ରେମଣ୍ଡ (୩୧)କୁ ଗିରଫ କରିଛି। ତା' ଘର ନାଇଜେରିଆରେ ହୋଇଥିବା ବେଳେ ଦିଲ୍ଲୀର ପାଲାମ ଅଞ୍ଚଳରେ ରହୁଥିଲା। ତା' ନିକଟରୁ ପୁଲିସ୍ ପାସ୍‌ପୋର୍ଟ, ଲ୍ୟାପ୍‌ଟପ୍, ୮ ଟି ସିମ୍‌କାର୍ଡ ଓ ଅଶ୍ଳୀଳ ଫଟୋ/ଭିଡିଓ ଜବତ କରିଛି। ଦରଘାବଜାର ପୁଲିସ୍ ତାକୁ ଅଧିକ ପଚରାଉରା କରୁଥିବା ଜଣାପଡ଼ିଛି। ସେ ଏକାଧିକ ସାଇବର ଅପରାଧରେ ଜଡ଼ିତ ରହିଥିବା ବେଳେ ଯୁବତୀ ଓ ମହିଳାଙ୍କୁ ବ୍ଲାକ୍‌ମେଲ୍ କରି ଲକ୍ଷାଧିକ ଟଙ୍କା ହଡ଼ପ କରୁଥିଲା।

ତା' ନିକଟରୁ ଜବତ ହୋଇଥିବା ଏକ ହାର୍ଡ-ଡ୍ରାଇଭ୍‌ରୁ ପୁଲିସ୍ ସାଂଘାତିକ ତଥ୍ୟ ପାଇଛି। ୩ ହଜାର ଭାରତୀୟ ମହିଳା ଓ ଯୁବତୀ ତା'ର ସେକ୍ସଟର୍ସନ ତାଲିକାରେ ରହିଥିଲେ। ସେ ଭିଡିଓ କଲ୍ ଓ ଚାଟ୍ ମାଧ୍ୟମରେ ଯୁବତୀ ଓ ମହିଳାଙ୍କ ଅନ୍ତରଙ୍ଗ ଭିଡିଓ ଉତ୍ତୋଳନ କରି ସେମାନଙ୍କୁ ବ୍ଲାକ୍‌ମେଲ୍ କରୁଥିଲା। ଆଜି ନାଇଜେରିଆ ଅଭିଯୁକ୍ତ ଜନ୍ ଓକୋୟେର କଳାକାରନାମାକୁ କମିଶନରେଟ୍ ପୁଲିସ ସାର୍ବଜନୀନ କରିଛି। ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ପୁଲିସ୍ ସୂତ୍ରରୁ ପ୍ରକାଶ ଯେ ଦରଘାବଜାର ଥାନା ଅଞ୍ଚଳରେ ଜଣେ ମହିଳା ଡାକ୍ତର

● ପାସ୍‌ପୋର୍ଟ, ଲ୍ୟାପ୍‌ଟପ୍, ୮ ଟି ସିମ୍‌କାର୍ଡ ଓ ଅଶ୍ଳୀଳ ଫଟୋ/ଭିଡିଓ ଜବତ
● ଆତ୍ମହତ୍ୟା କରିଥିବା ଡାକ୍ତରଙ୍କ ସୁଇସାଇଡ୍ ନୋଟ୍‌ରୁ ମିଳିଲା ସୁରାକ୍

ସେକ୍ସଟର୍ସନର ଶିକାର ହୋଇ ଆତ୍ମହତ୍ୟା କରିଥିଲେ। ଗତ ୨ ତାରିଖରେ ପୁଲିସ୍ ଶବ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରିବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଘର ଭିତରୁ ପୁଲିସ ଏକ ଡାଏରୀ ଜବତ କରିଥିଲା। ଏହି ଡାଏରୀରେ ମୃତା ଡାକ୍ତରଜଣକ ୮ଟି ଇଣ୍ଟର୍‌ନ୍ୟାସନାଲ୍ ଫୋନ୍ ନମ୍ବର ଏବଂ ଅଭିଯୁକ୍ତ ଜନ୍ ଓକୋୟେ ନାଁରେ ନିଜର ସମସ୍ତ ଅଭିଯୋଗ ଲେଖିଥିଲେ। ତାଙ୍କ ମୃତ୍ୟୁର କାରଣ ମଧ୍ୟ ଉକ୍ତ ଡାଏରୀରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ। ଏହାକୁ ପୁଲିସ ତଦନ୍ତ ସମୟରେ ଗୁରୁତ୍ୱର ସହ ଗ୍ରହଣ କରି ଅଭିଯୁକ୍ତ ନିକଟରେ ପହଞ୍ଚିଥିଲା। ସାଇବର ଥାନା ପୁଲିସ ଦ୍ୱାରା ସାଇଣ୍ଟିଫିକ୍



ଆନାଲିସିସ୍ କରାଯିବା ପରେ ଅଭିଯୁକ୍ତ ଜନ୍ ଓକୋୟେ ପାଖରେ କମିଶନରେଟ୍ ପୁଲିସ ପହଞ୍ଚିବା ସହଜ ହୋଇଥିଲା। ଏହି ଘଟଣା ନେଇ ପ୍ରଥମେ ଥାନାରେ ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ପରେ ପୁଲିସ ମୃତା ଯୁବତୀଙ୍କ ପରିବାରବର୍ଗଙ୍କ ଅଭିଯୋଗ ପାଇବା ପରେ ବିଏନ୍‌ଏସ୍‌ର ଧାରା ୧୦୮ ଓ ୩(୫) ରେ କେସ୍ ନମ୍ବର ୩୯/୨୫ ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତକୁ ଗିରଫ କରିଥିଲା।

ଅଭିଯୁକ୍ତ ଜନ୍ ଓକୋୟେ ୨୦୨୦ ମସିହାରୁ ନାଇଜେରିଆରୁ ଆସି ଦିଲ୍ଲୀରେ ରହୁଥିଲା। ସେ ଏକ ଘର ଭଡ଼ା ନେଇ ସେଠାରେ ସାଇବର ଅପରାଧ ଘଟାଉଥିଲା। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସଆପ୍ ଭଳି ସୋସିଆଲ ମିଡିଆରେ ଏକାଧିକ ଫେକ୍-ଆକାଉଣ୍ଟ ଖୋଲି ଯୁବତୀ/ମହିଳାମାନଙ୍କୁ ଜାଲ୍‌ରେ ଫସାଉଥିଲା। ଫେସ୍‌ବୁକ୍ ନକଲି ଆକାଉଣ୍ଟ୍‌ରେ ଚାଟ୍ କରି କୌଶଳକ୍ରମେ ସେମାନଙ୍କ ହ୍ୱାଟସଆପ୍ ନମ୍ବର ନେଇ ଆସୁଥିଲା। ସେଥିରେ ଘଣ୍ଟା ଘଣ୍ଟା ଚାଟ୍ କରି ଯୁବତୀଙ୍କଠାରୁ ବ୍ୟକ୍ତିଗତ ତଥ୍ୟ, ସୂଚନା, ଫଟୋ, ଭିଡିଓ ଇତ୍ୟାଦି ସଂଗ୍ରହ କରିନେଉଥିଲା। ପରେ ସେମାନଙ୍କୁ ଜାଲ୍‌ରେ ଫସାଇ ନ୍ୟୁଡ୍-କଲ୍ କରିବା ସହ ତାହାକୁ ରେକର୍ଡିଂ କରି ବ୍ଲାକ୍‌ମେଲ୍ କରିବା ଆରମ୍ଭ କରୁଥିଲା। ସେ ଦାବି କରୁଥିବା ଅର୍ଥରାଶି ପଇଠ ନକଲେ, ଭିଡିଓକୁ ସାର୍ବଜନୀନ କରିବ ବୋଲି ଧମକାଉଥିଲା। ଅପବାଦକୁ ଡରି ସାଇବର ଅପରାଧର ଶିକାର ହେଉଥିବା ଯୁବତୀ/ମହିଳାମାନେ ତାକୁ ଟଙ୍କା ଦେଉଥିଲେ। ଅଭିଯୁକ୍ତର ସେକ୍ସଟର୍ସନ୍ ତାଲିକାରେ ୩ହଜାର ଭାରତୀୟ ଯୁବତୀ/ମହିଳାଙ୍କ ନାଁ ରହିଛି। ପୁଲିସ୍ ୩ ହଜାର ସ୍କ୍ରିନ୍-ସଟ୍ ଜବତ କରିଛି।

# ୨୭ରେ ଶକ୍ତି ଦେଖାଇବ କଂଗ୍ରେସ

## ବିଧାନସଭା ଘେରାଉ ସଫଳ ପାଇଁ ଜୋରଦାର ଉଦ୍ୟମ

ଭୁବନେଶ୍ୱର,୨୩।୩(ସମିସ): ରାଜ୍ୟରେ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବିରେ ଆସନ୍ତା ୨୭ ତାରିଖରେ ରାଜ୍ୟ ବିଧାନସଭା ଘେରଉ କରିବ କଂଗ୍ରେସ। ପିସିସି ସଭାପତି ଭାବେ ଦାୟିତ୍ୱ ନେବା ପରେ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏହା ହେବ ପ୍ରଥମ କାର୍ଯ୍ୟକ୍ରମ। ତେଣୁ ଏହି ଘେରଉ ବେଳେ କଂଗ୍ରେସ ନିଜର ଶକ୍ତି ପ୍ରଦର୍ଶନ କରିବା ସହ କିପରି ଏହା ସଫଳ ହେବ ତାକୁ ନେଇ ଜୋରଦାର ଉଦ୍ୟମ କରୁଛି। ଏଥିପାଇଁ ପ୍ରତି ଜିଲ୍ଲାସ୍ତରରେ କମିଟି ଗଠନ ସହ ବିଭିନ୍ନ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଦିନ ସାରା ରାଜ୍ୟରୁ କିପରି କଂଗ୍ରେସ କର୍ମୀ ଭୁବନେଶ୍ୱର ଆସିବେ ଓ ଏହି ଆନ୍ଦୋଳନକୁ ପ୍ରଭାବୀ କରିବେ ସେନେଇ ରାଜ୍ୟସ୍ତରୀୟ ନେତାମାନେ ଜିଲ୍ଲାସ୍ତରକୁ ଯାଇ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି।

କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ଗତ ୧୦ ତାରିଖ ଦିନ ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ବିଧାନସଭାରେ ଏହାକୁ ଉପସ୍ଥାପନ କରିବା ସହ ଏକ କମିଟି ଗଠନ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ କଂଗ୍ରେସ ବିଧାୟକ ମାନେ ଦାବି କରିଥିଲେ। ଏହାକୁ ବିରୋଧ କରି ବିଜେପି ବିଧାୟକମାନେ ବିଧାନସଭାରେ ଅଶାଳୀନ ଭାଷା ପ୍ରୟୋଗ କଲେ, କଂଗ୍ରେସ ବିଧାୟକଙ୍କ କଲର ଧରି ଧକ୍କା ମାରିଲେ। ମାତ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ବାଚସ୍ପତି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନିପତିଙ୍କୁ ନିଲମ୍ବନ କରିଛନ୍ତି। ଯାହାକୁ ନେଇ କଂଗ୍ରେସ ସାରା ରାଜ୍ୟରେ ଆନ୍ଦୋଳନକୁ ତୀବ୍ର କରିବ ଏବଂ ୨୭ ତାରିଖରେ ବିଧାନସଭା ଘେରାଉରୁ ଏହା ଆରମ୍ଭ ହେବ।

ସେହିପରି ପୂର୍ବତନ ବିଧାୟକ ଡ ଦେବାଶିଷ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟରେ ପାଖାପାଖି ୪୫ ହଜାରରୁ ଅଧିକ ମହିଳା ଓ ଶିଶୁ ନିଖୋଜ ଅଛନ୍ତି। ବିଜେପି ସରକାରର ୯ ମାସ ମଧ୍ୟରେ ୧୨.୯ ପ୍ରତିଶତ ମହିଳା ବିଭିନ୍ନ ଅତ୍ୟାଚାରର ଶିକାର ହୋଇଛନ୍ତି। ବିଭିନ୍ନ ଥାନାରେ ୧୬୦୦ କେସ ପଞ୍ଜିକୃତ ହୋଇଛି। ନାରୀ ନିର୍ଯ୍ୟାତନାରେ ରାଷ୍ଟ୍ରପତିଙ୍କ ଗାଁ ମଧ୍ୟ ବାଦ୍ ପଡିନି। ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା କଥା କହୁଛନ୍ତି; କିନ୍ତୁ ସ୍କୁଲ ପିଲା ଗର୍ଭବତୀ ହେବା କଣ ନାରୀ ସୁରକ୍ଷା ବୋଲି ପ୍ରଶ୍ନ କରିଛନ୍ତି ଡ଼ ପଟ୍ଟନାୟକ। ସବୁବେଳେ କଂଗ୍ରେସ ନାରୀଙ୍କୁ ସମ୍ମାନ ଦେବା ସହ ସୁରକ୍ଷା ନେଇ କାର୍ଯ୍ୟ କରିଆସୁଛି। ତେଣୁ ନାରୀଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ସରକାର ବିରୋଧରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଏବଂ ନେତୃତ୍ୱରେ ଆସନ୍ତା ୨୭ ତାରିଖ ଦିନ ବିଧାନସଭା ଘେରାଉ କରାଯିବ। ରାଜ୍ୟର ସମସ୍ତ ଜିଲ୍ଲାରୁ ବହୁ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ସେ କହିଛନ୍ତି।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୨୩।୩(ସମିସ): ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ନୟାଗଡରେ କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ବେଳେ ରାଜଭବନରେ ରାତ୍ରିରହଣୀ ବ୍ୟବସ୍ଥା ଥିବାରୁ ସୁରକ୍ଷାକୁ କଡାକଡି କରିଛି କମିସନରେଟ ପୁଲିସ। ଏୟାରପୋର୍ଟ, ରାଜଭବନରେ ସୁରକ୍ଷା କଡାକଡି କରିବା ସହ ରୁଟ୍ ଲାଇନିଂ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ୩ଜଣ ଡିସିପି, ୩ଜଣ ଅତିରିକ୍ତ ଡିସିପି, ୧୪ଜଣ ଏସିପି, ୨୮ଜଣ ଇନ୍ସପେକ୍ଟର, ୧୧୦ଜଣ ଏସ୍‌ଆଇ/ ଏଏସ୍‌ଆଇଙ୍କ ସମେତ ୧୨ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ କମିସନରେଟ ପୁଲିସ ପକ୍ଷରୁ କାରକେଡ୍ ରହରର୍ସାଲ୍ କରାଯାଇଛି। ରାଷ୍ଟ୍ରପତି ଆସନ୍ତାକାଲି ଅପରାହ୍ନ ସାଢ଼େ ୧ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ସେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ମନ୍ଦିର ଦର୍ଶନ କରି ପୂଜାର୍ଚ୍ଚନା କରିବେ। ସେଠାରୁ ଅପରାହ୍ଣ ୩.୩୫ ମିନିଟ୍ ସମୟରେ ନୟାଗଡ଼ର କାଳିଆପଲ୍ଲୀ ଠାରେ ଭାରତୀୟ ବିଶ୍ୱାବସୁ ସମାଜ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେବେ। ପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ରାଜଭବନରେ ରାତ୍ରୀଯାପନ କରିବେ। ପରଦିନ ସକାଳେ ବାୟୁସେବା ବିମାନ ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

**ସୁରକ୍ଷା ଦାୟିତ୍ୱରେ ୧୨ ପ୍ଲାଟୁନ ଫୋର୍ସ**

# ନକଲି କାରଖାନାରେ ଚଢ଼ଉ ୩୦ ଲକ୍ଷର ମୋବିଲ୍ ଜବତ; ଦୁଇ ଭାଇ ଗିରଫ

ରାଉରକେଲା/ବିଶ୍ରା,୨୩।୩(ସମିସ): ପୋଡ଼ା ମୋବିଲରୁ ତିଆରି ହେଉଥିଲା ନାମୀଦାମୀ ବ୍ରାଣ୍ଡର ନକଲି ମୋବିଲ୍। ମାତ୍ର ୭୦ ଟଙ୍କାରେ ପୋଡ଼ା ମୋବିଲ୍ କିଣି ପ୍ରତି ଲିଟର ୪୫୦ଟଙ୍କାରେ ବିକୁଥିଲେ। ବିଶ୍ରା ଥାନାଠାରୁ ମାତ୍ର ୫୦୦ମିଟର ଦୂରରେ ଥିବା ଜିନତ୍ କଲୋନୀରୁ ଆଜି ପୁଲିସ୍ ଏପରି ଏକ ନକଲି ମୋବିଲ୍ କାରଖାନା ଠାବ କରିବା ସହ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ, ଅବଦୁଲ୍ ମନାନ(୬୩) ଓ ଏମ ଡି ମୀରାଜ୍(୫୧)। ଘଟଣାସ୍ଥଳରୁ ପୁଲିସ୍ ବିପୁଳ ପରିମାଣର ମୋବିଲ୍ ସହ ହିରୋ, କ୍ରାଷ୍ଟୋଲ, ସର୍ଭୋ ଇତ୍ୟାଦି ନାମୀଦାମୀ ବ୍ରାଣ୍ଡ କମ୍ପାନୀର ପ୍ରାୟ ୫ ହଜାର ମୋବିଲ୍ ପ୍ୟାକିଂ ଜାର୍, କମ୍ପାନୀ ଷ୍ଟିକର୍, ଖାଲି ବଟଲ ଜବତ କରିଛି। ଜବତ ନକଲି ମୋବିଲ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯାହାର ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ ବୋଲି ଜୋନାଲ ଡିଏସ୍‌ପି ଅମ୍ରିତ ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ପୁଲିସ୍ ଗିରଫ ଦୁଇ ଭାଇଙ୍କଠାରୁ ଗୋଟିଏ କାର୍ ଓ ସ୍କୁଟି ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

ପୁଲିସ୍ ସୂଚନାନୁଯାୟୀ, ଅଭିଯୁକ୍ତମାନେ ରାଉରକେଲା ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ବାଇକ୍ ଓ କାର୍ ଗ୍ୟାରେଜଗୁଡ଼ିକରୁ ପୋଡ଼ା ମୋବିଲ୍ ସଂଗ୍ରହ କରୁଥିଲେ। ଲିଟର ପ୍ରତି ୬୦ରୁ ୭୦ ଟଙ୍କା ମୂଲ୍ୟରେ କିଣିବା ସହ ଖାଲି ମୋବିଲ୍ ବୋତଲ ମଧ୍ୟ ସଂଗ୍ରହ କରୁଥିଲେ। ଏହାସହ କୋଲକୋତାରୁ ଷ୍ଟିକର୍ ଓ ବୋତଲ ମଧ୍ୟ ଆଣୁଥିଲେ। ପରେ ପୋଡ଼ା ମୋବିଲ୍‌ରେ ସେମାନେ ଏକ ରାସାୟନିକ ତରଳ ପଦାର୍ଥ ମିଶ୍ରଣ କରିବାପରେ ପ୍ରୋସେସିଂ କରି ମୋବିଲ୍ ତିଆରି କରୁଥିଲେ ବୋଲି ବିଶ୍ରା ଥାନା ଅଧିକାରୀ



ଜ୍ୟୋତିରଞ୍ଜନ ପତି ସୂଚନା ଦେଇଛନ୍ତି। ପରେ ତାକୁ ବୋତଲରେ ପ୍ୟାକିଂ କରି ନାମୀଦାମୀ ମୋବିଲ୍ ପ୍ରସ୍ତୁତକାରୀ କମ୍ପାନୀର ଷ୍ଟିକର ଲଗାଇ ମାର୍କେଟ୍‌କୁ ଛାଡ଼ି ଦେଉଥିଲେ। ଏହି ନକଲି ମୋବିଲ୍‌ଗୁଡ଼ିକୁ ସମୋନେ ଏମ୍‌ଆରପିଠାରୁ ୬ ଗୁଣ ଅଧିକ ମୂଲ୍ୟରେ ପୁନର୍ବାର ସମ୍ପୃକ୍ତ ଗ୍ୟାରେଜ୍‌ଗୁଡ଼ିକରେ ବିକୁଥିଲେ। ପୁରା ମୋବିଲ୍ ପ୍ରସ୍ତୁତ ପାଇଁ ମାତ୍ର ୭୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସେମାନେ ଏହାକୁ ପ୍ରକି ଲିଟର ପିଛା ୪୦୦ରୁ ୪୫୦ ଟଙ୍କରେ ବିକ୍ରି କରୁଥିଲେ। ଏପରିକି ସହର ତଥା ସହର ଉପକଣ୍ଠରେ ଥିବା ଅନେକ ଅଟୋ ସ୍ପେୟାର ପାର୍ଟସ ଦୋକାନଗୁଡ଼ିକୁ ମଧ୍ୟ ସେମାନେ ଏହି ନକଲି ମୋବିଲ୍ ସପ୍ଲାଏ କରୁଥିଲେ ବୋଲି ସୂଚନା ମିଳିଛି। ତେବେ ଏହି ଦୋ-ନମ୍ବରୀ କାରବାର ସଂପର୍କରେ ଏକ ବିଶେଷ ସୂତ୍ରରୁ ସୂଚନା ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ବିଶ୍ରା ପୁଲିସ୍ ଆଜି ଏଠାରେ ଚଢ଼ଉ କରିଥିଲା।

## ମହାରାଷ୍ଟ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ସାନଖେମୁଣ୍ଡି, ୨୩।୨(ସମିସ): ଘରକୁ ଫେରୁଥିବା ବେଳେ ଟ୍ରେନ୍‌ରୁ ଖସି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସାନଖେମୁଣ୍ଡି ବ୍ଲକ୍ ଗୌତମୀ ଗ୍ରାମର ଅଗାଡ଼ି ଯୋଗେନ୍ଦ୍ର। ଯୋଗେନ୍ଦ୍ର ମହାରାଷ୍ଟ୍ର ଲାତୁର ଜିଲ୍ଲାରେ ଏକ କୁକୁଡ଼ା ଫାର୍ମରେ ଶ୍ରମିକ ଭାବେ କାର୍ଯ୍ୟ କରି ନିଜ ପରିବାର ଭରଣପୋଷଣ କରୁଥିଲେ। ସେ ଘରକୁ ଟ୍ରେନ୍‌ରେ ଫେରୁଥିବା ବେଳେ ଶୁକ୍ରବାର ଉଦଗିରି ଷ୍ଟେସନ୍‌ରେ ଟ୍ରେନ୍‌ରୁ ଖସି ପଡ଼ି ପ୍ରାଣ ହରାଇଛନ୍ତି। ଯୋଗେନ୍ଦ୍ରଙ୍କ ମୃତ୍ୟୁ ଖବର ପାଇ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହାୟତାରେ ଯୋଗେନ୍ଦ୍ରଙ୍କ ମୃତଶରୀର ଗ୍ରାମକୁ ଅଣାଯାଇଥିଲା। ସରକାରୀ ସହାୟତା ନିମନ୍ତେ ପରିବାର ଓ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ଓ ସରକାରକୁ ନିବେଦନ କରିଛନ୍ତି।

# ବରମୁଣ୍ଡା-ଚଣ୍ଡିଖୋଲ୍ ରାଜପଥରେ ମହାଲୁଟ୍

■ ବାର୍ଷିକ ଟୋଲ୍ ଆଦାୟ ୨୧୦ କୋଟି ଟଙ୍କା
■ ୨୬ ବର୍ଷ ପାଇଁ ଠିକାସଂସ୍ଥା ଆଦାୟ କରିବ ଟୋଲ୍

ଭୁବନେଶ୍ୱର, ୨୩।୩(ସମିସ): ବରମୁଣ୍ଡାରୁ ଚଣ୍ଡିଖୋଲ ୬୭ କିଲୋମିଟର ରାସ୍ତା ପାଇଁ ବ୍ୟୟ ଅଟକଳ କେତେ ହୋଇଥିଲା ତାହା ସମ୍ଭବତଃ ଅନେକ ଭୁଲିଯିବେଣି, ମାତ୍ର ଏହି ରାସ୍ତାରୁ ଟୋଲ ଆଦାୟ ସେହି ଦିନଠାରୁ ଚାଲିଛି । ଏହି ରାସ୍ତା ନିର୍ମାଣ ଖର୍ଚ୍ଚର କେଇ ଶହଗୁଣ ଆଦାୟ ସତ୍ତ୍ୱେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ମଙ୍ଗୁଳି ନିକଟସ୍ଥ ଟୋଲ ଗେଟ୍ ହଟାଉ ନାହିଁ। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ।

ନିର୍ମାଣ-ପରିଚାଳନା-ହସ୍ତାନ୍ତର (ବିଓଟି) ପ୍ରକ୍ରିୟାରେ କେନ୍ଦ୍ର ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଏଚଏଆଇ ଜରିଆରେ ବିଭିନ୍ନ ରାସ୍ତା ନିର୍ମାଣ କାର୍ଯ୍ୟ ଠିକାସଂସ୍ଥାକୁ ପ୍ରଦାନ କରୁଛି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ନିର୍ଦ୍ଦିଷ୍ଟ ପରିମାଣର ପୈଠ କରାଯାଉଥିବାବେଳେ ଅବଶିଷ୍ଟ ଅର୍ଥ ଟୋଲ୍(ଟିକସ) ଆଦାୟ ଅର୍ଥରୁ ଭରଣା କରାଯିବାକୁ ସର୍ତ୍ତ ରହିଛି। ଆଦାୟ ହେଉଥିବା ଟୋଲରୁ ରାସ୍ତା ମରାମତି, ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟ କରାଯିବାର ମଧ୍ୟ ସର୍ତ୍ତ ରହିଛି। ମାତ୍ର ଠିକା ସଂସ୍ଥାଗୁଡ଼ିକ ଟୋଲ୍ ଆଦାୟ କରିବା ପାଇଁ ଯେତିକି ତତ୍ପରତା ପ୍ରକାଶ କରୁଛନ୍ତି, ରାସ୍ତାର ରକ୍ଷଣାବେକ୍ଷଣା କରିବାକୁ ସେତିକି ଆଗ୍ରହ ଦେଖାଉ ନାହାନ୍ତି । ବିଡ଼ମ୍ବନା ହେଉଛି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ସବୁଜାଣି ଚୁପ୍ ବସି ଯାଉଛନ୍ତି। ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ ବରମୁଣ୍ଡା ପ୍ରାୟ ୬୭ କିଲୋମିଟର ରାସ୍ତାରୁ ଏସ୍‌ଜେପିଏଲ୍ ନାମକ ସଂସ୍ଥା ଟୋଲ ଟିକସ ବାବଦରେ ଦୈନିକ ପ୍ରାୟ ୬୦ ଲକ୍ଷ ଟଙ୍କା ଆଦାୟ କରୁଛି । ମୋଟାମୋଟି ହିସାବ କଲେ ବର୍ଷକୁ ଟୋଲ ବାବଦରେ ପ୍ରାୟ ୨୨୦ କୋଟି ଟଙ୍କା ଆଦାୟ ହେଉଛି । ଏହି ରାସ୍ତା ନିର୍ମାଣ ପାଇଁ ବ୍ୟୟ ହୋଇଥିବା ହଜାରେ କୋଟି କେବେଠାରୁ ଆଦାୟ ସରିଥିଲେ ହେଁ ଟୋଲ ଟିକସ ଆଦାୟ ଏଯାଏ ଶେଷ ହେଉନାହିଁ ।

ରାସ୍ତାର ରକ୍ଷଣାବେକ୍ଷଣା ନାଁରେ ଠିକାସଂସ୍ଥା କେବଳ ରାଜପଥରେ ତାଳି ପକା କାମ କରରି ଆସିଛି। ମାତ୍ର ଏହି ରାସ୍ତାରେ ଆସୁଥିବା ୧୨ଟି ଫ୍ଲାଏଓଭରର ଭିତର ପାଶ୍ୱର୍ ମରାମତି ହେଉନାହିଁ କିମ୍ବା ୧୮ଟି ଭେଇକେଲ୍ ଅଣ୍ଡର ପାସ୍(ଭିୟୁପି) ଓ ୨୫ଟି ପଶୁ ଚଳାଚଳ ରାସ୍ତା(ପିୟୁପି)ର କୌଣସି ମରାମତି କରାଯାଇଥିବାର ନଜିର ନାହିଁ। ଏମିତିକି ଫ୍ଲାଏଓଭର୍ ତଳେ ଥିବା ସର୍ଭିସ୍ ରୋଡ୍ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ବି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାପ୍ରତି ଧ୍ୟାନ ଦେଉନାହାନ୍ତି। ଫ୍ଲାଏଓଭର୍ ଉଭୟପାଶ୍ୱର୍ରେ ଥିବା ସୁରକ୍ଷା ବାଡ ଅନେକ ସ୍ଥାନରେ ଭାଙ୍ଗିଯାଇଥିବା ଦେଖାଯାଇଛି। ରାସ୍ତା ସମ୍ପର୍କରେ ପଥଚାରୀଙ୍କୁ ସୂଚନା ଦେବା ପାଇଁ ୨୩୭ଟି ସାଇନ ବୋର୍ଡ ଲଗାଇବା ନିୟମକୁ ବି ଏନ୍‌ଏଚ୍‌ଆଇ ଓ ଠିକାସଂସ୍ଥା ପାଶୋରି ଦେଲେଣି।

ଏହି ରାସ୍ତା ପାଇଁ ଜେଏସ୍‌ପିଏଲ୍ ଜାତୀୟ ରାଜପଥ ପ୍ରାଧିକରଣରୁ ୧୦୦୦ କୋଟି ଟଙ୍କା ପାଇଥିଲା । ଅବଶିଷ୍ଟ ଅର୍ଥ ଭରଣା ପାଇଁ ଠିକାସଂସ୍ଥା ଏନ୍‌ଏଚଏଆଇଠାରୁ ୨୬ ବର୍ଷ ଟୋଲ ଆଦାୟ ନିମନ୍ତେ କ୍ଷମତା ପାଇଛି । ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ଏହି ରାସ୍ତାର ଟାଙ୍ଗିସ୍ଥିତ ବନ୍ଧାଲୋଠାରେ ଥିବା ଟୋଲ ଗେଟ୍‌ରୁ ଦୈନିକ ହାରାହାରି ୫୭.୭୭ ଲକ୍ଷ ଟଙ୍କା ଆଦାୟ ହେଉଛି । ମୋଟାମୋଟି ହିସାବ କଲେ ବର୍ଷକୁ ଏହି ପରିମାଣ ୨୧୦ କୋଟି ଟଙ୍କାରୁ ଅଧିକ । ଆଗକୁ ଗାଡ଼ିମୋଟର ସଂଖ୍ୟା ବୃଦ୍ଧି ସହ ଟୋଲ ଟିକସ ଆଦାୟ ପରିମାଣ ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ମାତ୍ର ରାସ୍ତା ନିର୍ମାଣ ଖର୍ଚ୍ଚ ସହ ସୁଧ ଆଦି ଭରଣା ପରେ ବି ଏହି ରାସ୍ତାରେ ଯାତାୟତ କରୁଥିବା ଗାଡ଼ିମୋଟରକୁ ୨୬ ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଗଣିବାକୁ ପଡ଼ିବା ଆପାତତଃ ସ୍ପଷ୍ଟ। ଯାହାକୁ ନେଇ ସାଧାରଣ ଲୋକ ଓ ସଚେତନ ନାଗରିକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ରାସ୍ତାର ଆବଶ୍ୟକ ରକ୍ଷଣାବେକ୍ଷଣା କରିବାରେ ଅବହେଳାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏସମ୍ପର୍କରେ ଏନ୍‌ଏଚ୍‌ଏଆଇର ଓଡ଼ିଶା ମୁଖ୍ୟ ବୀରେନ୍ଦ୍ର ସିଂହଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇନାହିଁ।

# ନିଆଳିରେ ପୁଣି ଅଜଣା ଜନ୍ତୁ ଆତଙ୍କ

## ଗୋଟିଏ ରାତିରେ ୧୧ ମେଣ୍ଢାଙ୍କ ମୃତ୍ୟୁ

ନିଆଳି, ୨୩।୩ (ସମିସ): ଦୀର୍ଘ ଦିନର ବ୍ୟବଧାନ ପରେ ନିଆଳିରେ ପୁଣି ଅଜଣା ଜନ୍ତୁ ଆତଙ୍କ ଦେଖାଦେଇଛି। ଅଜଣା ଜନ୍ତୁ ଆକ୍ରମଣରେ ପୁଣି ଯାଇଛି ମେଣ୍ଢାଙ୍କ ଜୀବନ। ଏହି ବ୍ଲକ୍ ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ ରାଣିଓଳା ପଞ୍ଚାୟତ ଅଲତଲଙ୍ଗ ଗ୍ରାମରେ ବିଷ୍ଣୁଦାସଙ୍କ ଗୁହାଳରେ ଘଟିଛି ଏହି ଘଟଣା। ମେଣ୍ଢା ଗୁହାଳ କାମ ସାରି ବିଷ୍ଣୁ ଘରେ ଶୋଇଥିବା ସମୟରେ ରାତି ଅଧରେ ଅଜଣା ଜନ୍ତୁ ଗୁହାଳରେ ପଶି ଗୋଟି ଗୋଟି କରି ୧୧ଟା ମେଣ୍ଢାଙ୍କୁ ପେଟ ଚିରି ମାରିଦେଇଛି। ସକାଳ ହେବା ପରେ ଏହି ଘଟଣା ପ୍ରଚାରିତ ହେବା ମାତ୍ରେ ମେଣ୍ଢା ମଡ଼କ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ବିଷ୍ଣୁ ଜଣେ ମେଷପାଳକ। ତାଙ୍କର ଆର୍ଥିକ ଅବସ୍ଥା ଖରାପ ଥିବାରୁ ଏଭଳି ପରିସ୍ଥିତିରେ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



ସୂଚନାଯୋଗ୍ୟ ଯେ ଗତ ୨୦୧୭ ମସିହାରେ ନିଆଳି ଅଞ୍ଚଳରେ ଅଜଣା ଜନ୍ତୁ ଆକ୍ରମଣରେ ଶତାଧିକ ମେଣ୍ଢାଙ୍କର ଜୀବନ ଯାଇଥିଲା। ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଅଜଣା ଜନ୍ତୁଙ୍କୁ ଧରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅଜଣା ଜନ୍ତୁକୁ ଧରିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ଏଥିରେ ପ୍ରଶାସନ ସଫଳ ହୋଇପାରି ନ ଥିଲା। ସାରା ଓଡିଶାରେ ନିଆଳି ଅଞ୍ଚଳ ଅଜଣା ଜନ୍ତୁ ଆକ୍ରମଣରେ ମେଣ୍ଢା ମୃତ୍ୟୁକୁ ନେଇ ଆଲୋଚନା ହେଉଥିବା ବେଳେ ସେବେଠାରୁ ପ୍ରତ୍ୟେକ ବର୍ଷ କିଛି ମେଣ୍ଢା ଅଜଣା ଜନ୍ତୁ ଆକ୍ରମଣରେ ମୃତ୍ୟୁବରଣ କରୁଥିବା ନଜିର ରହିଛି।

ସକାଳ
THE SAKALA



# ଶ୍ମଶାନ ନିର୍ମାଣକୁ ନେଇ ମହିଳାଙ୍କ ବିରୋଧ

## ସ୍ଥାନ ଛାଡ଼ି ପଳାଇଲେ ଠିକାଦାର

କେନ୍ଦ୍ରାପଡ଼ା,୨୩ା୩(ସମିସ):



କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗୁଲନଗର ପଞ୍ଚାୟତର ଜନଗହଳିପୂର୍ଣ୍ଣ ସ୍ଥାନରେ ଏକ ଶ୍ମଶାନ ନିର୍ମାଣକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଶ୍ମଶାନ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିବା ଠିକାଦାରଙ୍କୁ ମହିଳାମାନେ ବିରୋଧ କରିଥିଲେ। ଫଳରେ ଠିକାଦାର ଓ ତାଙ୍କ ସହଯୋଗୀମାନେ ସ୍ଥାନ ଛାଡ଼ି ପଳାଇଥିଲେ। ଏ ନେଇ ସଦର ଥାନାରେ ଉଭୟ ଗୋଷ୍ଠୀ ଅଭିଯୋଗ କରିଛନ୍ତି। ମହିଳାମାନେ କହିଛନ୍ତି, ଯେଉଁ ସ୍ଥାନରେ ଶ୍ମଶାନ ନିର୍ମାଣ ହେବା ପାଇଁ ଠିକାଦାର କାମ ଆରମ୍ଭ କରିଛନ୍ତି ସେ ସ୍ଥାନ ନିକଟରେ ମନ୍ଦିର ରହିଛି। ପିଲାମାନେ ଓ ସ୍ଥାନୀୟ ବାସିନ୍ଦାମାନେ ଏହି ରାସ୍ତା ଦେଇ ପ୍ରତିଦିନ ମନ୍ଦିର ଓ ନଦୀକୁ ଯିବା ଆସିବା କରିଥାନ୍ତି। ସେଠାରେ ଥିବା ପଡ଼ିଆରେ ପିଲାମାନେ ସବୁଦିନ ଖେଳାଖେଳି କରନ୍ତି। ତେଣୁ ଏହି ରାସ୍ତାରେ ଶ୍ମଶାନ ନିର୍ମାଣ ହେଲେ ପିଲାମାନେ ଭୟଭୀତ ହେବେ। ସେହିପରି ଜନବସତିରେ ଏହି ଶ୍ମଶାନ ନିର୍ମାଣ କରାଯାଉଥିବାରୁ ମୃତଦେହ ପୋଡା ହେଲେ ତାହାର ଗନ୍ଧ ଲୋକଙ୍କୁ ଅସ୍ତବ୍ୟସ୍ତ କରିବ। ଏହି ଗ୍ରାମ ନିକଟରେ ସହରର ଏକ ବଡ଼ ଶ୍ମଶାନ କଜଳାରେ ରହିଛି। ସେହି ସ୍ଥାନଟି ଗ୍ରାମଠାରୁ ଦୂରରେ ରହିଛି। ପୂର୍ବ ପୁରୁଷରୁ କଜଳାରେ ଶବଦାହ କରାଯାଉଛି। ଏହି ସ୍ଥାନଟି ଜନବସତି ଅଳ୍ପ ନିକଟରେ। ତେଣୁ ସେଠାରେ ଶବ ପୋଡାଯିବାରେ କୌଣସି ସମସ୍ୟା ନାହିଁ। ହେଲେ ଠିକାଦାରଙ୍କୁ ପୋଷିବା ପାଇଁ କେତେକ କୁଜିନେତା ଏଠାରେ ଶ୍ମଶାନ ନିର୍ମାଣକୁ ପ୍ରୋତ୍ସାହନ ଯୋଗାଉଛନ୍ତି। ଏହାଦ୍ୱାରା ଲୋକେ ବହୁ ସମସ୍ୟାରେ ପଡିବେ ବୋଲି ମହିଳାମାନେ କହିଛନ୍ତି। ଏହି ମହିଳାମାନେ ଥାନା ସମ୍ମୁଖରେ ପ୍ରତିବାଦ କରିଥିଲେ। ସେହି ମହିଳାମାନେ ଦୁଇଦିନ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଶ୍ମଶାନ ନ ହେବାପାଇଁ ଅଭିଯୋଗ ଦେଇଥିଲେ। ଉପଜିଲ୍ଲାପାଳ ଏହାକୁ ତଦନ୍ତ କରି ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ ଠିକାଦାର ଏହାକୁ ନ ମାନି ଜବରଦସ୍ତି କାମ ଆରମ୍ଭ କରୁଥିଲେ। ତେଣୁ ମହିଳାମାନେ ଏହି କାର୍ଯ୍ୟକୁ ବିରୋଧ କଲେ। ଅପରପକ୍ଷରେ ଶ୍ମଶାନ ନିର୍ମାଣକୁ ସମର୍ଥନ କରୁଥିବା ଅଞ୍ଚଳର ସରପଞ୍ଚଙ୍କ ସ୍ୱାମୀ କରୁଣାକର ସାହୁ କହିଛନ୍ତି ଏହି ଗ୍ରାମରେ ଶ୍ମଶାନ ନିର୍ମାଣର ଯଥାର୍ଥତା ରହିଛି। କାରଣ ୧୯୮୪ ମସିହାରୁ ଏହି ପଞ୍ଚାୟତରେ ୧୫ ଡିସିମିଲ ଶ୍ମଶାନ ଜମି ରହିଛି। ତେଣୁ ପଞ୍ଚାୟତ ତରଫରୁ ଶ୍ମଶାନ ନିର୍ମାଣ ହେବା ପାଇଁ ଯୋଜନା ହୋଇଥିଲା। ଯୋଜନା ଅନୁଯାୟୀ କାର୍ଯ୍ୟ ଆରମ୍ଭ ହେବା ବେଳେ ଗୋଚର ଜମିରେ ଅବୈଧ ଭାବେ ବାସ କରୁଥିବା କିଛି ଲୋକ ଓ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା କିଛି ଲୋକ ମିଶିକି ଶ୍ମଶାନ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି। ସେ କହିଛନ୍ତି କଜଳା ଶ୍ମଶାନ ଏଠାରୁ ୩ କିଲୋମିଟର ଦୂର। ଲୋକମାନେ କାହିଁକି ଖରା ବର୍ଷାରେ ୩ କିଲୋମିଟର ଶବ ବୋହି ନେଇ କି ଯିବେ ଓ ସମସ୍ୟାରେ ପଡ଼ିବେ। ତେଣୁ ଗ୍ରାମରେ ଶ୍ମଶାନ ହେଲେ ଗୁଲନଗର ଓ ସୁଜାନଗର ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି ଉଭୟ ଅଭିଯୋଗକୁ ଆମେ ଗ୍ରହଣ କରି ଘଟଣାର ତଦନ୍ତ କରୁଛୁ।

## କନିକା ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ରାଜକନିକା, ୨୩ା୩(ସମିସ): ଦୀର୍ଘ ୩୬ ବର୍ଷ ପରେ ସେ ସମୟର ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀ ଆୟତନର କନିକା ଉଚ୍ଚବିଦ୍ୟାଳୟ ପରିସରରେ ବୈଠକରେ ଏକାଠି ହୋଇଥିଲେ। ଶ୍ରେଣୀ ଗୃହର ଶିକ୍ଷାଦାନ ସହ ସମସାମୟିକ ଶ୍ରେଣୀ ଗୃହର ଶିକ୍ଷାରେ ଆସୁଥିବା ପରିବର୍ତ୍ତନକୁ ମନେ ପକାଇ ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀ ଶିକ୍ଷକ ରଘୁନାଥ ରାଉତ, ପତିତପାବନ ସାହୁ, ଭଜକିଶୋର ସାହୁ, ଅକ୍ଷୟ ଦାଶ, ଲିପିକ ରମେଶ ଚନ୍ଦ୍ର ପରିଜା, ଶିକ୍ଷା କର୍ମଚାରୀ ଉଦୟ ନାଥ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବହୁ ବର୍ଷ ପରେ ବ୍ୟାଚର ଛାତ୍ରଛାତ୍ରୀ ଏକାଠି ହୋଇ ଭାବବିହ୍ୱଳ ହୋଇଥିଲେ।

## ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା, ୨୩ା୩(ସମିସ): ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ପୂର୍ବତନ ପବ୍ଲିକ ପ୍ରସିକ୍ୟୁଟର ତଥା ପ୍ରାକ୍ତନ ଜିଲ୍ଲା ଓକିଲ ସଙ୍ଘ ସଭାପତି ଭୀମସେନ ଭୂୟାଁ। ଶ୍ରୀ ଭୂୟାଁ କହିଛନ୍ତି ଯେ ପୂର୍ବତନ ବିଧାୟକ ସ୍ୱର୍ଗତ ଶର୍ମା କେବଳ ଜଣେ ରାଜନେତା ନଥିଲେ, ସେ ବହୁ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ବିୟୋଗ କେବଳ ଆଳି ନିର୍ବାଚନ ମଣ୍ଡଳୀ ପାଇଁ ନୁହେଁ, ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଏକ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି।

## ୧୦ ଅପହୃତା ନାବାଳିକା ଉଦ୍ଧାର

### ଏବେ ବି ୧୮ ନାବାଳିକା ନିଖୋଜ

ରାଜନଗର, ୨୩ା୩(ସମିସ): ରାଜନଗର ଥାନା ଅଞ୍ଚଳରେ ଗତ ୩ ବର୍ଷରେ ୩୨ ନାବାଳିକା ଅପହୃତ ହୋଇଥିଲେ। ରାଜନଗର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୦ ଜଣ ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ୪ ଜଣ ନାବାଳିକା ଉଦ୍ଧାର ହୋଇଥିବା ବେଳେ ଏବେ ବି ୧୮ ଜଣ ନାବାଳିକାଙ୍କୁ ଉଦ୍ଧାର କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ ସଫଳତାର ସହିତ ନାବାଳିକା ମାନଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛି। ୯ ଜଣ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଜଣେ ନାବାଳିକାଙ୍କୁ କେନ୍ଦ୍ରପଡ଼ା ସର୍ଟ ଷ୍ଟେ ହୋମକୁ ପଠାଯାଇଛି। ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ଯୋଗଦେବା ପରେ ଅପହୃତ ନାବାଳିକା ମାନଙ୍କୁ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଆଇଆଇସି ଶ୍ରୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସବ୍ ଇନ୍‌ସପେକ୍ଟର ସୌମ୍ୟରଂଜନ ଜାଲି, ଏଏସଆଇ ସୁଜାତା ନାୟକ ଓ ଶିଶିର କୁମାର ସାହୁ, କନେଷ୍ଟବଳ ପିଣ୍ଟୁ ନାୟକ ଓ ବିନୋଦିନୀ ବେହେରା ବିଭିନ୍ନ ସ୍ଥାନରେ ଚଢଉ କରି ୧୦ଜଣ ନାବାଳିକାଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ଜଣେ ନାବାଳିକାଙ୍କୁ ହାଇଦ୍ରାବାଦରୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୯ ଜଣ ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳରୁ ଉଦ୍ଧାର କରାଯାଇଛି । ରାଜନଗର ଥାନାର କେସ ନମ୍ବର ୪୬/୨୦୨୨, ୩୩୫/୨୦୨୩ , ୨୦୦/୨୦୨୪ , ୨୭୭ /୨୦୨୪ , ୪୧୩ /୨୦୨୪ , ୮୦/୨୦୨୪ , ୩୦୨ /୨୦୨୪ , ୯୬/୨୦୨୫ , ୬/୨୦୨୫ , ୮୪ /୨୦୨୫ ଅନୁଯାୟୀ, ଅପହୃତ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିବା ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଉଦ୍ଧାର ଅପହୃତ ନାବାଳିକାଙ୍କୁ କୋର୍ଟରେ ହଜାର କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ରକ୍ତଦାନ ଶିବିର; ୬୨ ୟୁନିଟ୍ ସଂଗୃହୀତ



ମହାକାଳପଡ଼ା,୨୩ା୩ (ସମିସ): ରକ୍ତଦାନ ମହତ ଦାନ। ଯାହାଙ୍କୁ ଠିକ୍ ଭାବେ ବୁଝିଛନ୍ତି ୱାର୍ଲ୍ଡ ଭିଜନ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟ। ମହାକାଳପଡ଼ା ବ୍ଲକ୍ ବଡ଼କୂଳ ପଞ୍ଚାୟତ କରମକୂଳ ଗ୍ରାମର ଯୁବକଙ୍କୁ ନେଇ ୱାର୍ଲ୍ଡ ଭିଜନ ଚାରିଟେବୁଲ ଟ୍ରଷ୍ଟ ଗଠନ ହୋଇଛି। ଶୀତଦିନେ ଅସହାୟଙ୍କୁ କମ୍ବଳ ପ୍ରଦାନ କରିବା, ବର୍ଷାଦିନେ ବୃକ୍ଷରୋପଣ ଓ ଖରାଦିନେ ପଥଚାରୀଙ୍କୁ ଦହି ପାଣି ବଣ୍ଟନ କରିଥା'ନ୍ତି ଏହି ଟ୍ରଷ୍ଟର ସଦସ୍ୟ। ବ୍ଲଡ୍ ବ୍ୟାଙ୍କରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ୱାର୍ଲ୍ଡ ଭିଜନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। କରମକୂଳ ବଟ ମହାପୁରୁଷ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କଟକ ରେଡକ୍ରସର ଏକ ସ୍ୱତନ୍ତ୍ର ଟିମ୍ ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରରୁ ୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ୱାର୍ଲ୍ଡ ଭିଜନ ଚାରିଟେବୁଲ ଟ୍ରଷ୍ଟର ତୁଷାରକାନ୍ତ ମହାପାତ୍ର, ଅସିତ କୁମାର ସାହୁ, ସଂଗ୍ରାମ ସେନାପତି, ନନ୍ଦ ସେନାପତି, ଗିରିଜାଶମ୍ଭୁ ଚୌଧୁରୀ, ମନୋଜ କୁମାର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ବିଶ୍ୱଜିତ ଚୌଧୁରୀ ଓ ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ ଶିବିରରେ ସହଯୋଗ କରିଥିଲେ।

## ରାସ୍ତାରେ ଖସିପଡୁଛି ବାଲି, ଲୋକେ ହୀନସ୍ତା

ପଞ୍ଚୁପାଣ୍ଡବ,୨୩ା୩(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ବଜାରରେ ଥିବା ରାସ୍ତାରେ ରାସ୍ତା ସାରା ବାଲି ପଡ଼ିଥିବା ଦେଖିବାକୁ ମିଳୁଛି। ବେଣୀପୁର ବିରୂପା ନଦୀ ଘାଟରୁ ଏବଂ ବରି ବ୍ଲକ ଅନ୍ତର୍ଗତ କମ୍ପଗଡ଼ ନଦୀ ଘାଟରୁ ବାଲି ଚାଲାଣ ହେଉଥିବା ବେଳେ ବାଲି ଗାଡ଼ିରୁ ରାସ୍ତା ସାରା ପଡ଼ିଥିବା ଦେଖିବାକୁ ମିଳୁଛି। ଦୁଇ ଘାଟରୁ ବିଭିନ୍ନ ଜାଗାକୁ ବାଲିଚାଲାଣ ହେଉଥିବା ବେଳେ ରାସ୍ତାର ଅବସ୍ଥା ବି ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଶତାଧିକ ଟ୍ରାକ୍ଟର ଏବଂ ହାଇୱା



ଗାଡ଼ିରେ ବାଲି ଚାଲାଣ ହୋଇ ବିଭିନ୍ନ ଜାଗାକୁ ଯାଉଛି। ଏହି ରାସ୍ତା ଉପରେ ବାଲି ପଡ଼ିଥିବାରୁ ଲୋକେ ବରି ବ୍ଲକର ରତ୍ନଗିରି, କମ୍ପଗଡ଼ ଏବଂ ଆରପଟକୁ ବାଲିଚନ୍ଦ୍ରପୁର ଯିବା ଆସିବା କରିବା ପାଇଁ ବିଭିନ୍ନ ଗାଡ଼ି ମଟର ଚଳାଚଳ ଏବଂ ଲୋକମାନେ ବିଭିନ୍ନ ସମସ୍ୟା ଭୋଗିବାକୁ ପଡୁଛି ବୋଲି ଅଞ୍ଚଳବାସି କହିଛନ୍ତି। ଏହାର ତଦନ୍ତ କରାଯାଇ ବାଲି ଚାଲାଣ ରୋକିବାକୁ ଅଞ୍ଚଳବାସୀଙ୍କ ସହ ବଜାରର ବ୍ୟବସାୟୀ ମାନେ ଦାବି କରିଛନ୍ତି।

## ନନ୍ଦ ଆନନ୍ଦ ମେଳଣ ଅବସରରେ ସମ୍ବର୍ଦ୍ଧନା ଉତ୍ସବ



ଡେରାବିଶ,୨୩ା୩(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଭାରିଗୋଳ ଠାରେ ଅନୁଷ୍ଠିତ ନନ୍ଦ ଆନନ୍ଦ ମେଳଣ ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରମେଶ ଚନ୍ଦ୍ର ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ଦିଲିପ କୁମାର ନାୟକ ମୁଖ୍ୟ ଅତିଥି, କବି ବିଜନ ରାୟ ମୁଖ୍ୟ ବକ୍ତା ଓ ସମାଜସେବୀ କିଶୋର ଚନ୍ଦ୍ର ମହାପାତ୍ର, ଗୌରୀ ମଲିକ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ନନ୍ଦ ଆନନ୍ଦ ମେଳଣ କମିଟି ତରଫରୁ ବର୍ଷର ବିଭିନ୍ନ ସମୟରେ ବହୁ ସାମାଜିକ କାର୍ଯ୍ୟରେ ଲିପ୍ତ ଥିବା କମିଟିର ସଭାପତି ରବିନ୍ଦ୍ର ମଲିକ, ସମ୍ପାଦକ ପିତାମ୍ବର ମଲିକ, ତ୍ରିଲୋଚନ ମଲିକ, ବାବାଜୀ ମଲିକ, ଯଦୁନାଥ ମଲିକ, ପୁରୁଷୋତମ ମଲିକ, ନାରଣ ମଲିକଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁଧିର ମଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାୟାଧର ମଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସୁନିଲ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାଳନ୍ଦି ମଲିକ ନିରଞ୍ଜନ ମଲିକ, ଦଶାନନ ମଲିକ, ଅର୍ଜୁନି ମଲିକ, ଦିବାକର ମଲିକ, ପ୍ରଫୁଲ ମଲିକ, ସନ୍ତୋଷ ମଲିକ, କାର୍ତ୍ତିକ ମଲିକ, ରଞ୍ଜନ ମଲିକ, ଚନ୍ଦ୍ର ଶେଖର ମଲିକ, ରଶ୍ମିରଞ୍ଜନ ମଲିକ, ବିଳାଶ ମଲିକ, ବିକାଶ ମଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ସହିଦ ଭଗତ ସିଂଙ୍କ ତ୍ୟାଗ ଅତୁଳନୀୟ'

ରାଜକନିକା, ୨୩ା୩ (ସମିସ): ପୂର୍ଣ୍ଣ ସ୍ୱାଧୀନତା, ଗଣତନ୍ତ୍ରର ରକ୍ଷା, ଧର୍ମ ନିରପେକ୍ଷତାର ନଗ୍ନ ଆକ୍ରମଣର ଶିକାର, ଦାରିଦ୍ର୍ୟ, ଅସମାନତା ଦୂର ପାଇଁ ଆଜକୁ ୯୪ ବର୍ଷ ପୂର୍ବରୁ ସହିଦ ହୋଇଥିବା ଭଗତ ସିଂ, ସୁଖରାମ ଓ ରାଜଗୁରୁଙ୍କ ଜୀବନ ତ୍ୟାଗ ଆଜି ବି




ଅପୂରଣୀୟ ଥିବାରୁ ଆଜିର ଯୁବପିଢି ସହିଦଙ୍କ ପ୍ରତିବଦ୍ଧତାକୁ ଆପଣେଇବାକୁ ଆହ୍ୱାନ ଦିଆଯାଇଛି। ଭାରତର ଛାତ୍ର ଫେଡେରେସନ ଏସ୍‌ଏଫ୍‌ଆଇ ଓ ଯୁବ ଫେଡେରେସନ ଡିୱାଇଏଫଆଇ ରାଜକନିକା ବ୍ଲକ କମିଟିର ମିଳିତ ଆୟୋଜନରେ ରାଜକନିକା ସଦର କନିକା ରାଜବାଟୀ ପରିସରରେ ଆଜି ଭଗତ ସିଂଙ୍କ ଫାଶୀ ଦିବସ ପାଳନ କରାଯାଇଛି। ଯୁବସାଥି ମୃତ୍ୟୁଞ୍ଜୟ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସହିଦ ଦିବସରେ ମୁଖ୍ୟବକ୍ତା ଭାବେ ଏସଏଫଆଇର ପୂର୍ବତନ ରାଜ୍ୟ ସଭାପତି ଓ ସମ୍ପାଦକ ସନ୍ତୋଷ ଦାସ, ପୂର୍ବତନ ପ୍ରାଧ୍ୟାପକ ଡଃ ପ୍ରହଲ୍ଲାଦ ପତି, ଅନ୍ୟତମ ବକ୍ତା ଓଷ୍ଟାର ପୂର୍ବତନ ସମ୍ପାଦକ କାଳୀପ୍ରସାଦ ନାୟକ, ଡିୱାଇଏଫଆଇର କିଶୋର ଚନ୍ଦ୍ର ସାହୁ, ଏସଏଫଆଇର ବ୍ଲକ ସଭାପତି ସୁକାନ୍ତ ମଲ୍ଲିକ ପ୍ରମୁଖ ସାମ୍ପ୍ରତିକ ସମାଜର ଯୁବ ଛାତ୍ରଙ୍କ ମଧ୍ୟରେ ଦେଶପ୍ରେମ ଅନୁପାଳନ ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସଚେତନତାର ବାର୍ତ୍ତାବହ ସାଜି ରାଜକନିକାର ଯୁବ ଛାତ୍ରଙ୍କ ମଧ୍ୟରେ ସହିଦ ଭଗତ ସିଂଙ୍କ ପ୍ରେରଣାରେ ଉଦବୁଦ୍ଧ ହେବାରେ ଯୁବ ଛାତ୍ରଙ୍କ ଉତ୍ସାହଜନକ ଯୋଗଦାନ କାର୍ଯ୍ୟକ୍ରମକୁ ବଳିଷ୍ଠ କରିଥିଲା। ସୁକାନ୍ତ ଦାଶଙ୍କ ସଂଯୋଜନାରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ରମାକାନ୍ତ ବେହେରା, ଦିଲ୍ଲୀପ ରାଉତ, କଳ୍ପତରୁ ତରାଇ, ତରୁଣ ଜେନା, ସମ୍ବିତା ମାଣିକ, ଗୌତମ ବାରିକ, ପ୍ରୀତି କୁଣ୍ଡ, ବାପି ରଣା, ଅଶୋକ ରଣା, ବିଶ୍ୱଜିତ ନାୟକ, ନିର୍ମଳ ଦାଶ, ଶତ୍ରୁଘ୍ନ ଦାସ ପ୍ରମୁଖ ସାମିଲ ହେବା ସହ ବହୁ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଶକ୍ତିକାନ୍ତ ବାସନ୍ତପୁର ସାଇ ମନ୍ଦିର ସଭାପତି

ଗରଦପୁର,୨୩ା୩(ସମିସ): ତେଣ୍ତାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବାସନ୍ତପୁରଠାରେ ଥିବା ଶିରିଡ଼ି ସାଇ ଚାରିଟେବଲ ଟ୍ରଷ୍ଟର ନୂତନ ସଭାପତି ଭାବେ ଶକ୍ତିକାନ୍ତ ମହାନ୍ତି ନିର୍ବାଚିତ ହୋଇଛନ୍ତି। ପୂର୍ବତନ ସଭାପତି ନିଖିଳ ମହାନ୍ତିଙ୍କ ଦେହାନ୍ତ ପରେ ସର୍ବସମ୍ମତି



କ୍ରମେ ଶକ୍ତିକାନ୍ତ ମହାନ୍ତିଙ୍କୁ ସଭାପତି ରୂପେ ମନୋନୀତ କରାଯାଇଛି। ସମ୍ପାଦକ ଭାବେ ସୁନୀଲ ମହାନ୍ତି ଓ ପରିଚାଳନା କମିଟି ଟ୍ରଷ୍ଟି ଭାବେ ଡକ୍ଟର ରୁଦ୍ରିସୁନ୍ଦର ମହାନ୍ତି, କୋଷାଧ୍ୟକ୍ଷ ଭାବେ ସୋମେନ ମହାନ୍ତିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି।

## ହତ୍ୟା ଉଦ୍ୟମ ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ

ରାଜନଗର,୨୩ା୩(ସମିସ): ରାଜନଗର ପୁଲିସ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କାକୁଡିପଲ୍ଲୀ ଗାଁର ନିରଞ୍ଜନ ସେଠୀ ରାଜନଗରରେ ରହି ମାଛ ବ୍ୟବସାୟ କରେ। ୪ ଡିସେମ୍ବର ୨୦୨୪ରେ ବଗଡା ଗାଁର ପ୍ରଫୁଲ କୁମାର ସ୍ୱାଇଁ ମାଛ ବ୍ୟବସାୟ ସମ୍ପର୍କରେ ରାଜନଗର ଆସିଥିବା ବେଳେ ନିରଞ୍ଜନ ତାକୁ ବିଅର ବୋତଲରେ ମୁଣ୍ଡକୁ ବାଡେଇ ଥିଲା। ମୁଣ୍ଡରେ ୫ଟି ଷ୍ଟିଚ ପଡିଥିଲା। ସେହି ଘଟଣାରେ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ନିରଞ୍ଜନ ନାଁରେ ରାଜନଗର ଥାନାରେ ୧୩୧/୨୦୧୭ , ୧୯/୨୦୨୦ , ୧୯୧/୨୦୨୦ , ୪୭୩ /୨୦୨୨ , ୪୩୫ /୨୦୨୪ , ୬୧/୨୦୨୫ ଓ ୬୪/୨୦୨୫ ରେ ମାମଲା ଥିବା ବେଳେ ପଟ୍ଟାମୁଣ୍ଡାଇ ଥାନାରେ ୨୨୭ /୨୦୨୦ ରେ ମାମଲା ରହିଛି ବୋଲି ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ହରିଅଙ୍କରେ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ



ଡେରାବିଶ , ୨୩ା୩(ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ମେଳଣ ପଡ଼ିଆ ସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ମନ୍ଦିର ପ୍ରାଙ୍ଗଣରେ ୨୧ତମ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ହରିଅଙ୍କର ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ରାମଚରିତ ମାନସ ଗତ ୨୦ ତାରିଖ ଗୁରୁବାର ଦିନ ଆରମ୍ଭ ହୋଇଥିଲା । ଆସନ୍ତା ୨୮ ତାରିଖ ଶୁକ୍ରବାର ଦିନ ଏହି ଯଜ୍ଞର ପୂର୍ଣ୍ଣାହୁତୀ ହେବ। ଶ୍ରୀରାମଚରିତ ମାନସରେ ବ୍ୟାସ ଭାବରେ ପଣ୍ଡିତ ହୃଷିକେଶ ଶତପଥି କାର୍ଯ୍ୟ ନିର୍ବାହ କରୁଥିବା ବେଳେ ପ୍ରତ୍ୟେହ ପୂର୍ବାହ୍ନରେ ଭାଗବତ ଗୀତା ପାଠ ଓ ଶ୍ରୀରାମ ଚରିତ ମାନସ ପାରାୟଣ ଏବଂ ସନ୍ଧ୍ୟା ୬ ଘଟିକାରେ ହନୁମାନ ଚାଳିଶା ପାଠ, ପରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସୋନାଲି ଦାଶ, ଅଧ୍ୟାପିକା ଚିନ୍ମୟୀ ସ୍ୱାଇଁ, ଅଧ୍ୟାପକ ସାରଦା ପ୍ରସନ୍ନ କର ଓ ପୁରୁଷୋତମ ମହାରାଜଜୀ ପ୍ରମୁଖ ପ୍ରବଚକ ଭାବେ ସମ୍ପୂର୍ଣ୍ଣ ରାମାୟଣ ଗାଥା ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀରାମ କୃପା ପରିଷଦର କର୍ମକର୍ତ୍ତା ଓ ହରିଅଙ୍କ ଗ୍ରାମବାସୀମାନେ ପରିଚାଳନା କରୁଛନ୍ତି।

## ୨୭ରେ ବିଧାନସଭା ଘେରଉ

## ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକ; ସାମିଲ ହେବେ ୨ ହଜାର କର୍ମୀ

କେନ୍ଦ୍ରାପଡ଼ା,୨୩ା୩(ସମିସ):




ଓଡ଼ିଶାରେ ନାରୀ ନିର୍ଯାତନା, ସ୍କୁଲ ଓ କଲେଜ ଛାତ୍ରୀଙ୍କୁ ଯୌନଶୋଷଣ ଓ ନାରୀ ସୁରକ୍ଷା ଦିଗରେ ବିଜେପି ସରକାରଙ୍କ ଲଗାମହୀନ ଅବନତି ବିରୋଧରେ ଠୋସ ପଦକ୍ଷେପ ଗ୍ରହଣ ଦାବିରେ ଆସନ୍ତା ୨୭ ତାରିଖରେ କଂଗ୍ରେସ ଦଳ ପକ୍ଷରୁ ବିଧାନସଭା ଘେରଉ କରାଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଅନ୍ୟୁନ ଦୁଇ ହଜାର କଂଗ୍ରେସ କର୍ମୀ ଯୋଗଦେବେ। ଏଥିନିମନ୍ତେ କଜଳାସ୍ଥ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଦଳର ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଯୋଗଦେଇ ରାଜ୍ୟରେ ବିଜେପି ନେତୃତ୍ୱାଧୀନ ସରକାର ଶାସନ କରୁଥିବାବେଳେ କିଭଳି ନାରୀ ନିର୍ଯାତନା ବୃଦ୍ଧି ପାଇଛି, ସେ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଆଗାମୀ ୨୭ ତାରିଖରେ ଦଳ ପକ୍ଷରୁ ହେଉଥିବା ବିଧାନସଭା ଘେରଉରେ ଜିଲ୍ଲାରୁ ଅଧିକରୁ ଅଧିକ କଂଗ୍ରେସ କର୍ମୀ ଯୋଗଦେବାକୁ ଆହ୍ୱାନ ଦେଇଥିଲେ।

ଏହି ବୈଠକରେ ପିସିସି ସଭ୍ୟ ମନୋଜ ବିଶ୍ୱାଳ, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ଅଶୋକ ପ୍ରତିହାରୀ, ପ୍ରଦୀପ କୁମାର ମହାନ୍ତି, ବିଭ୍ରାଂଶୁ ଲେଙ୍କା, ଭାଗୀରଥି ଜେନା, ବାବୁରାମ ଜେନା, ରବିନାରାୟଣ ବେହେରା, ଯୁବ କଂଗ୍ରେସ ନେତା ସତ୍ୟପ୍ରିୟ ସାମଲ, ଫକୀରଚରଣ ଖଟୁଆ, ମଳୟ ଦାସ, ଚିନ୍ମୟ ପ୍ରସାଦ ବେହୁରା, ମହମ୍ମଦ ଆକବର ଅଲ୍ଲୀ, ବସନ୍ତ କୁମାର ସେଠୀ, ସିଖାଂଶୁ ଲେଙ୍କା, କବିନ୍ଦ୍ର ସାମଲ, ପୂର୍ବତନ ମାର୍ଶାଘାଇ ବ୍ଲକ କଂଗ୍ରେସ ସଭାପତି ଉପେନ୍ଦ୍ର ବେହେରା, ନଳିନୀ ମହାନ୍ତି, ରମାକାନ୍ତ ଦାଶ, ରାଜକିଶୋର ମିଶ୍ର, ନିରଞ୍ଜନ ରାଉତ, ସୁବାସ ସାମଲ, ଉମେଶ ତ୍ରିପାଠୀ, ଜ୍ୟୋତିରଞ୍ଜନ ପରିଡା, ରତିକାନ୍ତ ବେହୁରା, କ୍ଷୀରୋଦ ବେହୁରା, ଅରବିନ୍ଦ ମହାନ୍ତି, ରଜନୀକାନ୍ତ ସାହୁ, କୁମର ପାଣି, ସେଖ ମୁନିସ, ସୁରେଶ ଚନ୍ଦ୍ର ବେହେରା, ରମାକାନ୍ତ ସ୍ୱାଇଁ, ରାଜକିଶୋର ପ୍ରଧାନ, ବିଜୟ ପଣ୍ଡା, ଯୁବନେତା ରାଜେଶ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉମେଶ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ନେତା ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ଅକାଳ ବିୟୋଗରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୨ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କର କାର୍ଯ୍ୟଧାରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।

THIS IS A PUBLIC ANNOUNCEMENT FOR INFORMATION PURPOSES ONLY AND IS NOT A PROSPECTUS ANNOUNCEMENT. THIS DOES NOT CONSTITUTE AN INVITATION OR OFFER TO ACQUIRE, PURCHASE OR SUBSCRIBE TO SECURITIES. THIS PUBLIC ANNOUNCEMENT IS NOT INTENDED FOR PUBLICATION OR DISTRIBUTION, DIRECTLY OR INDIRECTLY OUTSIDE INDIA

# PARADEEP PARIVAHAN LIMITED

*(Please scan this QR code to view the Red Herring Prospectus)*

**(Formerly known as Paradeep Parivahan Private Limited)**
**Corporate Identification Number: U63090OR2000PLC006379**

Our Company was incorporated as Paradeep Parivahan Private Limited under the provisions of the Companies Act, 1956 vide certificate of incorporation dated November 17, 2000 issued by Registrar of Companies, Odisha. Subsequently, our Company was converted into a Public Limited Company pursuant to shareholder's resolution passed at the Extra Ordinary General Meeting of the Company held on March 06, 2024 and the name of our Company was changed from "Paradeep Parivahan Private Limited" to "Paradeep Parivahan Limited" vide a fresh Certificate of Incorporation dated June 03, 2024 having CIN U63090OR2000PLC006379 issued by the Registrar of Companies, Central Processing Centre. For details of change in name and registered office of our Company, please refer to chapter titled "Our History and Certain Other Corporate Matters" beginning on page 150 of the Prospectus.

**Registered Office:** Room No 204 Above OBC bank Street Port Town Paradeep, Jagatsinghpur -754142, Odisha, India. **Corporate office:** Plot No-29, Pallaspalli, BDA Colony. Near-Airport, Bhubaneswar -751020 Khorda, Odisha, India.
**Website:** www.paradeepparivahan.com; **E-Mail:** info@paradeepparivahan.com; **Telephone No:** 06742590169; **Managing Director:** Mr. Khalid Khan.

## OUR PROMOTERS: MR. KHALID KHAN, MS. FOUZIA KHAN, MR. PRAVAT KUMAR NANDI AND MS. PARBATI PRIYA NANDI

**The Issue is being made in accordance with Chapter IX of the SEBI (ICDR) Regulations,2018 (IPO of Small and Medium Enterprises) and the equity shares are proposed to be listed on BSE SME (SME platform of BSE Ltd.)**

## BASIS OF ALLOTMENT

**INITIAL PUBLIC ISSUE OF 45,78,000 EQUITY SHARES OF FACE VALUE OF ₹ 10.00 EACH OF PARADEEP PARIVAHAN LIMITED ("PPL" OR THE "COMPANY" OR THE "ISSUER") FOR CASH AT A PRICE OF ₹ 98.00 PER EQUITY SHARE INCLUDING A SHARE PREMIUM OF₹ 88.00 PER EQUITY SHARE (THE "ISSUE PRICE") AGGREGATING TO ₹ 4,486.44 LAKHS ("THE ISSUE"), OF WHICH 5,97,600 EQUITY SHARES OF FACE VALUE OF₹ 10.00 EACH FOR CASH AT A PRICE OF ₹ 98.00 PER EQUITY SHARE INCLUDING A SHARE PREMIUM OF ₹ 88.00 PER EQUITY SHARE AGGREGATING TO ₹ 585.65 LAKHS WILL BE RESERVED FOR SUBSCRIPTION BY MARKET MAKER TO THE ISSUE (THE "MARKET MAKER RESERVATION PORTION"). THE ISSUE LESS THE MARKET MAKER RESERVATION PORTION i.e. NET ISSUE OF 39,80,400 EQUITY SHARES OF FACE VALUE OF ₹ 10.00 EACH AT A PRICE OF ₹ 98.00 PER EQUITY SHARE INCLUDING A SHARE PREMIUM OF ₹ 88.00 PER EQUITY SHARE AGGREGATING TO ₹ 3,900.79 LAKHS IS HEREIN AFTER REFERRED TO AS THE "NET ISSUE". THE ISSUE AND THE NET ISSUE WILL CONSTITUTE 28.76 % and 25.01 %, RESPECTIVELY, OF THE POST ISSUE PAID UP EQUITY SHARE CAPITAL OF OUR COMPANY. THE FACE VALUE OF THE EQUITY SHARES IS ₹ 10.00 EACH.**

## PRICE BAND: ₹ 93 TO ₹ 98 PER EQUITY SHARE OF FACE VALUE ₹ 10/- EACH.
## ISSUE PRICE: Rs. 98.00 PER EQUITY SHARE OF FACE VALUE RS. 10/- EACH. ANCHOR INVESTOR ISSUE PRICE: RS. 98.00 PER EQUITY SHARE.
## THE ISSUE PRICE IS 9.80 TIMES OF THE FACE VALUE

## ANCHOR INVESTOR BIDDING DATE WAS: Thursday, March 13, 2025

| BID/ ISSUE PERIOD | OPENED ON: March 17, 2025 (Monday) |
|---|---|
| | CLOSED ON : March 19, 2025 (Wednesday) |

**RISK TO INVESTORS:**

- The BRLM associated with the Issue (Share India Capital Services Private Limited) has handled 14 public issues in last three years (All of them being SME Issues) & None of them were listed at Discount. For further details of "Risk Factors" refer page 30 of Prospectus.
- The Issue Price at the upper end of the Price Band is ₹98 - per Equity Share.
- The average cost of acquisition of Equity Shares by our Promoters is:

| Name of the Promoters | No. of Shares held | Average Cost of Acquisition per Share (In Rs.) |
|---|---|---|
| MR. KHALID KHAN | 52,50,000 | 5.00 |
| MS. FOUZIA KHAN | 38,50,000 | 5.00 |
| MR. PRAVAT KUMAR NANDI | 6,99,980 | 5.00 |
| MS. PARBATI PRIYA NANDI | 6,99,980 | 5.00 |

- The Return on Net worth for the 6-month period ended on September 30, 2024, is 8.64% which is not annualized, and weighted average return on Net worth for Fiscals 2024, 2023 and 2022 is 21.72%

The Issue is being made through the Book Building Process, in terms of Rule 19(2)(b)(i) of the Securities Contracts (Regulation) Rules, 1957, as amended (the **"SCRR"**) read with Regulation 253 of the SEBI ICDR Regulations, as amended, wherein not more than 50% of the Net Issue shall be allocated on a proportionate basis to Qualified Institutional Buyers (the **"QIBs"**, the **"QIB Portion"**), provided that our Company may, in consultation with the Book Running Lead Manager, allocate up to 60% of the QIB Portion to Anchor Investors on a discretionary basis in accordance with the SEBI ICDR Regulations (the **"Anchor Investor Portion"**), of which one-third shall be reserved for domestic Mutual Funds, subject to valid Bids being received from domestic Mutual Funds at or above the Anchor Investor Allocation Price. In the event of under-subscription, or non-allocation in the Anchor Investor Portion, the balance Equity Shares shall be added to the Net QIB Portion. Further, 5% of the Net QIB Portion shall be available for allocation on a proportionate basis only to Mutual Funds, and the remainder of the Net QIB Portion shall be available for allocation on a proportionate basis to all QIBs, including Mutual Funds, subject to valid Bids being received at or above the Issue Price. However, if the aggregate demand from Mutual Funds is less than 5% of the Net QIB Portion, the balance Equity Shares available for allocation in the Mutual Fund Portion will be added to the remaining Net QIB Portion for proportionate allocation to QIBs. Further, not less than 15% of the Net Issue shall be available for allocation on a proportionate basis to Non-Institutional Bidders and not less than 35% of the Net Issue shall be available for allocation to Retail Individual Bidders in accordance with the SEBI ICDR Regulations, subject to valid Bids being received at or above the Issue Price. All potential Bidders (except Anchor Investors) are required to mandatorily utilize the Application Supported by Blocked Amount (the **"ASBA"**) process providing details of their respective ASBA accounts, and UPI ID in case of RIBs using the UPI Mechanism, if applicable, in which the corresponding Bid Amounts will be blocked by the SCSBs or by the Sponsor Bank under the UPI Mechanism, as the case may be, to the extent of respective Bid Amounts. Anchor Investors are not permitted to participate in the Issue through the ASBA process. For details, see ***"Issue Procedure"*** on page 245.

The Company received 09 Anchor Investor Application Forms from 09 Anchor Investors (including NIL mutual funds through NIL Mutual Fund schemes) for 11,92,800 Equity Shares. Such 09 Anchor Investors through 09 Anchor Investor Application Forms were allocated 11,92,800 Equity Shares at a price of Rs.98/- per Equity Share under the Anchor Investor Portion, aggregating to Rs. 11,68,94,400.00.

The issuer was subscribed to the extent of 1.62 times (including the Anchor Investor Portion) as per the bid books of BSE (the **"Bid Files"**) after removing multiple and duplicate bids & Bid not bank cases. The Details of the Applications received from various categories (before technical rejection) are as under:

**Detail of the Applications Received:**

| CATEGORY | NUMBER OF APPLICATIONS | NO OF SHARES | RESERVED | NO OF TIMES SUBSCRIPTIONS | AMOUNT |
|---|---|---|---|---|---|
| ANCHOR | 9 | 1846800 | 1192800 | 1.55 | 18,09,86,400 |
| MARKET MAKER | 1 | 5,97,600 | 5,97,600 | 1.00 | 5,85,64,800 |
| QIB | 9 | 10,63,200 | 796800 | 1.33 | 10,41,93,600 |
| HNI | 188 | 16,10,400 | 5,97,600 | 2.63 | 15,77,73,600 |
| RETAIL | 1903 | 22,83,600 | 13,93,200 | 1.58 | 22,35,62,400 |
| **TOTAL** | **2110** | **74,01,600** | **45,78,000** | **1.62** | **72,50,80,800** |

**Final Demand**

**A summary of the final demand as per BSE as on the Bid/Issue Closing Date at different Bid Prices is as under:**

| S.No. | Bid Price | Bids Quantity | % of Total | Cumulative Total | % Cumulative Total |
|---|---|---|---|---|---|
| 1 | 93.00 | 99600 | 1.08 | 99600 | 1.08 |
| 2 | 94.00 | 20400 | 0.22 | 120000 | 1.30 |
| 3 | 95.00 | 13200 | 0.14 | 133200 | 1.44 |
| 4 | 96.00 | 4800 | 0.05 | 138000 | 1.50 |
| 5 | 97.00 | 8400 | 0.09 | 146400 | 1.59 |
| 6 | 98.00 | 6042000 | 65.50 | 618840 | 67.08 |
| 7 | CUT OFF | 3037200 | 32.92 | 9225600 | 100.00 |
| | **TOTAL** | 9225600 | **100** | | |

The Basis of Allotment was finalized in consultation with the Designated Stock Exchange – BSE on March 20, 2025

1) **Allocation to Retail Individual Investors (After Technical Rejections):** The Basis of Allotment to the Retail Individual Investors, who have bid at cut-off Price or at or above the Issue Price of ₹98.00 per equity shares, was finalized in consultation with BSE. The category was subscribed by **[1.58]** times i.e. for **[22,03,200]** Equity Shares. Total number of shares allotted in this category is 13,93,200 Equity Shares to **[1161]** successful applicants. The category wise details of the Basis of Allotment are as under:

| No. of Shares Applied for (Category wise) | No. Of Applications received | % of Total | Total No. of Equity Shares applied in this Category | % of Total | No. of Equity Shares allocated/ allotted per Applicant | Ratio | Total Number of shares allotted |
|---|---|---|---|---|---|---|---|
| 1200 | 1836 | 100.00 | 2203200 | 100.00 | 1200 | 43:68 | 13,93,200 |
| **TOTAL** | | **100.00** | | **100.00** | | | **13,93,200** |

2) **Allocation to Non-Institutional Investors (After Technical Rejections):** The Basis of Allotment to the Retail Individual Investors, who have bid at cut-off Price or at or above the Issue Price of ₹98.00 per equity shares, was finalized in consultation with BSE. The category was subscribed by **[2.63]** times i.e. for **[1569600]** Equity Shares. Total number of shares allotted in this category is 5,97,600 Equity Shares to **[162]** successful applicants. The category wise details of the Basis of Allotment are as under:

| SR NO | No. of Shares applied for (Category wise) | No. of Applications Received | % of Total | Total No. of Equity Shares Applied | % of Total | No. of Equity Shares Allotted per Bidder | Ratio | Total No. of Equity Shares Allotted |
|---|---|---|---|---|---|---|---|---|
| 1 | 2400 | 85 | 46.70 | 204000 | 13.00 | 1200 | 65:85 | 78000 |
| 2 | 3600 | 16 | 8.79 | 57600 | 3.67 | 1200 | 1:1 | 19200 |
| | 3600 | | 0.00 | | 0.00 | 1200 | 2:16 | 2400 |
| 3 | 4800 | 16 | 8.79 | 76800 | 4.89 | 1200 | 1:1 | 19200 |
| | 4800 | | 0.00 | | 0.00 | 1200 | 8:16 | 9600 |
| 4 | 6000 | 13 | 7.14 | 78000 | 4.97 | 1200 | 1:1 | 15600 |
| | 6000 | | 0.00 | | 0.00 | 1200 | 12:13 | 14400 |
| 5 | 7200 | 3 | 1.65 | 21600 | 1.38 | 2400 | 1:1 | 7200 |
| | 7200 | | 0.00 | | 0.00 | 1200 | 1:3 | 1200 |
| 6 | 8400 | 2 | 1.10 | 16800 | 1.07 | 2400 | 1:1 | 4800 |
| | 8400 | | 0.00 | | 0.00 | 1200 | 1:2 | 1200 |
| 7 | 9600 | 4 | 2.20 | 38400 | 2.45 | 3600 | 1:1 | 14400 |
| 8 | 10800 | 6 | 3.30 | 64800 | 4.13 | 3600 | 1:1 | 21600 |
| | 10800 | | 0.00 | | 0.00 | 1200 | 3:6 | 3600 |
| 9 | 12000 | 9 | 4.95 | 108000 | 6.88 | 3600 | 1:1 | 32400 |
| | 12000 | | 0.00 | | 0.00 | 1200 | 7:9 | 8400 |
| 10 | 13200 | 1 | 0.55 | 13200 | 0.84 | 4800 | 1:1 | 4800 |
| 11 | 14400 | 3 | 1.65 | 43200 | 2.75 | 4800 | 1:1 | 14400 |
| | 14400 | | 0.00 | | 0.00 | 1200 | 2:3 | 2400 |
| 12 | 15600 | 1 | 0.55 | 15600 | 0.99 | 6000 | 1:1 | 6000 |
| 13 | 16800 | 1 | 0.55 | 16800 | 1.07 | 6000 | 1:1 | 6000 |
| 14 | 18000 | 2 | 1.10 | 36000 | 2.29 | 6000 | 1:1 | 12000 |
| | 18000 | | 0.00 | | 0.00 | 1200 | 1:2 | 1200 |
| 15 | 20400 | 1 | 0.55 | 20400 | 1.30 | 8400 | 1:1 | 8400 |
| 16 | 22800 | 1 | 0.55 | 22800 | 1.45 | 8400 | 1:1 | 8400 |
| 17 | 24000 | 2 | 1.10 | 48000 | 3.06 | 8400 | 1:1 | 16800 |
| | 24000 | | 0.00 | | 0.00 | 1200 | 1:2 | 1200 |
| 18 | 25200 | 1 | 0.55 | 25200 | 1.61 | 9600 | 1:1 | 9600 |
| 19 | 26400 | 3 | 1.65 | 79200 | 5.05 | 9600 | 1:1 | 28800 |
| | 26400 | | 0.00 | | 0.00 | 1200 | 1:3 | 1200 |
| 20 | 30000 | 1 | 0.55 | 30000 | 1.91 | 12000 | 1:1 | 12000 |
| 21 | 32400 | 1 | 0.55 | 32400 | 2.06 | 12000 | 1:1 | 12000 |
| 22 | 33600 | 1 | 0.55 | 33600 | 2.14 | 13200 | 1:1 | 13200 |
| 23 | 36000 | 2 | 1.10 | 72000 | 4.59 | 13200 | 1:1 | 26400 |
| | 36000 | | 0.00 | | 0.00 | 1200 | 1:2 | 1200 |
| 24 | 38400 | 1 | 0.55 | 38400 | 2.45 | 14400 | 1:1 | 14400 |
| 25 | 50400 | 1 | 0.55 | 50400 | 3.21 | 19200 | 1:1 | 19200 |
| 26 | 51600 | 2 | 1.10 | 103200 | 6.57 | 19200 | 1:1 | 38400 |
| | 51600 | | 0.00 | | 0.00 | 1200 | 1:2 | 1200 |
| 27 | 60000 | 2 | 1.10 | 120000 | 7.65 | 22800 | 1:1 | 45600 |
| 28 | 103200 | 1 | 0.55 | 103200 | 6.57 | 39600 | 1:1 | 39600 |
| | **TOTAL** | | **100.00** | **1569600** | **100.00** | | | **597600** |

3) **Allocation to QIBs excluding Anchor Investors (After Technical Rejections):** The Basis of Allotment to the Retail Individual Investors, who have bid at cut-off Price or at or above the Issue Price of ₹98.00 per equity shares, was finalized in consultation with BSE. The category was subscribed by **[1.33]** times i.e. for **10,63,200** Equity Shares. Total number of shares allotted in this category is -7,96,800 Equity Shares to **9** successful applicants. The category wise details of the Basis of Allotment are as under:

| Category | FIS/BANKS | MF'S | IC'S | NBFC'S | AIF | FPC | VC'S | TOTAL |
|---|---|---|---|---|---|---|---|---|
| QIB | - | - | - | 1,02,000 | 694800 | - | - | **7,96,800** |

4) **Allocation to Anchor Investors (After Technical Rejections & Withdrawal):** The Company in consultation with the BRLM has allotted 11,92,800 Equity Shares to 9 Anchor Investors at Anchor Investor Issue Price of ₹98 per equity shares in accordance with the SEBI ICDR Regulations. The category wise details of the Basis of Allotment are as under:

| Category | FIS/BANKS | MF'S | IC'S | NBFC'S | AIF | FPC | VC'S | TOTAL |
|---|---|---|---|---|---|---|---|---|
| ANCHOR | - | - | - | 1,03,200 | 5,01,600 | 5,88,000 | - | **11,92,800** |

5) **Allocation to Market Maker (After Technical Rejections):**
The Basis of Allotment to Market Maker, who have bid at Issue Price of ₹98.00 per equity shares or above, was finalized in consultation with BSE. The category was subscribed by 1.00 times i.e. for 5,97,600 shares the total number of shares allotted in this category is 5,97,600 Equity Shares. The category wise details of the Basis of Allotment are as under:

| No. of Shares Applied for (Category wise) | No. Of Applications received | % of Total | Total No. of Equity Shares applied in this Category | % of Total | No. of Equity Shares allocated/ allotted per Applicant | Ratio | Total Number of shares allotted |
|---|---|---|---|---|---|---|---|
| 5,97,600 | 1 | 100.00 | 5,97,600 | 100.00 | 5,97,600 | 1:1 | 5,97,600 |
| **TOTAL** | **1** | **100.00** | **5,97,600** | **100.00** | **5,97,600** | | **5,97,600** |

The Board of Directors of the Company at its meeting held on March -20, 2025, has approved the Basis of Allocation of Equity Shares as approved by the Designated Stock Exchange viz. BSE and has authorized the corporate action for the issue of the Equity Shares to various successful applicants. The CAN-cum-allotment advices and/or notices will forward to the email id's and address of the Applicants as registered with the depositories / as filled in the application form on or before March 21, 2025. Further, the instructions to Self Certified Syndicate Banks for unblocking the amount will process on or prior to March 21, 2025. In case the same is not received within ten days, investors may contact at the address given below. The Equity Shares allocated to successful applicants are being credited to their beneficiary accounts subject to validation of the account details with the depositories concerned. The Company is taking steps to get the Equity Shares admitted for trading on the SME platform of BSE within three working days from the date of the closure of the issue.

Note: All capitalized terms used and not defined herein shall have the respective meanings assigned to them in the Prospectus dated March 20, 2025 (the "Prospectus") filed with Registrar of Companies, Cuttack.

**INVESTORS, PLEASE NOTE**

The details of the allotment made would also be hosted on the website of the Registrar to the Issue, Bigshare Services Private Limited at www.bigshareonline.com. All future correspondence in this regard may kindly be addressed to the Registrar to the Issue quoting full name of the First/ Sole applicants, serial number of the Bid cum Application Form, number of shares applied for and Bank Branch where the application had been lodged and payment details at the address of the Registrar given below:

**SHARE INDIA CAPITAL SERVICES PRIVATE LIMITED**
**Address:** A-15, Basement Sector-64, Noida – 201301, Uttar Pradesh, India Telephone Number: 0120-4910000
**Email Id:** kunal.bansal@shareindia.co.in **Investors Grievance Id:** mb@shareindia.com **Website:** www.shareindia.com
**Contact Person:** Mr. Kunal Bansal **SEBI Registration Number:** INM000012537 **CIN:** U65923UP2016PTC075987

**BIGSHARE SERVICES PRIVATE LIMITED**
**Address:** S6-2, 6th Floor, Pinnacle Business Park, Mahakali Caves Road, next to Ahura Centre, Andheri East Mumbai – 400093, Maharashtra, India
**Tel. No.:** +91 22 6263 8300 **Email:** jibu@bigshareonline.com **Investor Grievance Email:** investor@bigshareonline.com
**Website:** www.bigshareonline.com **Contact Person:** Mr. Jibu John **SEBI Registration No.:** INR000001385 **CIN:** U99999MH1994PTC076534

**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN: 06432054**

**Date: March 21, 2025**
**Place: Paradip**

THE LEVEL OF SUBSCRIPTION SHOULD NOT BE TAKEN TO BE INDICATIVE OF EITHER THE MARKET PRICE OF THE EQUITY SHARES ON LISTING OR THE BUSINESS PROSPECTS OF PARADEEP PARIVAHAN LIMITED.

**Disclaimer:** Paradeep Parivahan Limited has filed a Prospectus dated March 20, 2025, with the ROC. The Prospectus shall be made available on the website of the SEBI at www.sebi.gov.in as well as on the website of the BRLM i.e., Share India Capital Services Private Limited at www.shareindia.com, the website of the BSE at www.bsesme.com. Any potential investor should note that investment in equity shares involves a high degree of risk and for details relating to such risks, see ***"Risk Factors"*** on page 30 of the Prospectus. The Equity Shares issued in the Issue have not been and will not be registered under the U.S. Securities Act of 1933, as amended (the **"Securities Act"**) or any state securities laws in the United States and may not be offered or sold within the United States or to, or for the account or benefit of U.S. persons" (as defined in Regulation of the Securities Act), except pursuant to an exemption from, or in a transaction not subject to, the registration requirements of the Securities Act. Accordingly, the Equity Shares will be offered and sold (i) within the United States only to persons reasonably believed to be "Qualified Institutional Buyers" (as defined in Rule 144A of the Securities Act) under Section 4(a) of the Securities Act and (ii) outside the United States in an offshore transaction in reliance on Regulation S under the Securities Act and the applicable laws of the jurisdiction where those offer and sales occur. The Equity Shares have not been and will not be registered, listed, or otherwise qualified in any other jurisdiction outside India and may not be offered or sold, and Applications may not be made by persons in any such jurisdiction, except in compliance with the applicable laws of such jurisdiction.

### ଭୁବନ ଏନଏସିର ୧୦ମ ବୈଠକ

# ‘ବିଧାୟକଙ୍କ ପରାମର୍ଶ କ୍ରମେ ବିକାଶ ତ୍ୱରାନ୍ୱିତ କରାଯିବ’

ଭୁବନ, ୨୩।୩(ସମିସ)

ଭୁବନ ଏନ୍ଏସିର ୧୦ମ ସାଧାରଣ ବୈଠକ ଦୀର୍ଘ ୮ ମାସ ପରେ ଅନୁଷ୍ଠିତ ହୋଇଛି। ନଗରପାଳ ଶୁଭେନ୍ଦୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଜେନା ଓ ସଂସାଦଙ୍କ ପ୍ରତିନିଧି ଭବାନୀ ଶଙ୍କର ବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏନ୍ଏସିରେ ହେଉଥିବା ଜନହିତକର କାଯସ୍କୁରେ ବିଧାୟକ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଏନ୍ଏସି ପକ୍ଷରୁ ଗ୍ରହଣ କରାଯାଇଥିବା ଥଣ୍ଡା ପାନୀୟ ଜଳ କେନ୍ଦ୍ରର ମରାମତି, ଜଳଛତ୍ର ଭଳି ପଦକ୍ଷେପକୁ ପ୍ରଶଂସା କରାଯାଇଥିଲା। ହାଇସ୍କୁଲ ରାସ୍ତାରେ ପରିବା ମାର୍କେଟ ଯୋଗୁଁ ହେଉଥିବା ଟ୍ରାଫିକ ସମସ୍ୟା ସୁଧାରିବା ନିମନ୍ତେ ପଦକ୍ଷେପ ନିଆଯିବାକୁ ଆଲୋଚନା ହୋଇଥିଲା।



ଭୁବନ ଏନ୍ଏସିର ଲୋଗୋ ସହ ଷ୍ଟିକର ଲଗାଇବାକୁ ନେଇ ହୋଇଥିବା ସମାଲୋଚନାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଅଙ୍ଗନବାଡ଼ି କେନ୍ଦ୍ରରେ ହେଉଥିବା ଅନିୟମିତତା ନେଇ ସିଡିପିଓ ଭାଗବତୀ ଗୁରୁଙ୍କୁ ତାଗିଦ କରାଯାଇଥିଲା। ବିକାଶକୁ ଗୁରୁତ୍ୱ ଦେଇ କାଯସ୍କୁ ଆଗେଇ ଚାଲିବ ବୋଲି ବିଧାୟକ ଜେନା କହିଛନ୍ତି। ରାସନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାକୁ ୱାର୍ଡ ନଂ-୧ କାଉନସିଲର ଗିରିଧାରୀ ସାହୁ ଗୁରୁତ୍ୱ ଦେଇଥିଲେ। କାଉନ୍ସିଲ ବୈଠକ ୮ ମାସ ପରେ ହୋଇଛି, ନିର୍ଦ୍ଧାରିତ ସମୟରେ ବଜେଟ ଉପସ୍ଥାପନ କରିବା ସହିତ ଅନୁମୋଦନ କରାଯିବ ବୋଲି ନିର୍ବାହୀ ଅଧିକାରୀ ଲୋକନାଥ ବେଜ କହିଛନ୍ତି। ନିର୍ବାଚନ ପରେ ସରକାର ବଦଳିଛି, ଅନାସ୍ଥା ଭୋଟ ବି ହୋଇଛି, ଫଳ ଯାହା ବି ହେଉ ବିକାଶରେ ଜନତାଙ୍କ ସାଥୀରେ ରହିଛି ରହିବି, ବିକାଶରେ ବାଧା ହେବନି। ଯେଉଁ ଟେଣ୍ଡର ପ୍ରକ୍ରିୟା ବନ୍ଦ ଥିଲା ବିଧାୟକଙ୍କ ପରାମର୍ଶ କ୍ରମେ ତାହା ତ୍ୱରାନ୍ୱିତ କରାଯିବ। ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ହେଉଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଶ୍ମଶାନ, ପୂର୍ତ୍ତ ବିଭାଗ ରାସ୍ତା କାଯସ୍କୁ ପାଇଁ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଆଗେଇ ନେବାକୁ ଗୁରୁତ୍ୱ ଦିଆଯିବ ବୋଲି ନଗରପାଳ ଶୁଭେନ୍ଦୁ କୁମାର ସାହୁ ପ୍ରକାଶ କରିଛନ୍ତି।

## ବିଶ୍ୱ ଜଳ ଦିବସ ପାଳିତ



ଢେଙ୍କାନାଳ, ୨୩।୩(ସମିସ): ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ତରଫରୁ ଗୁଣ୍ଡିଚାପଡ଼ା ପଞ୍ଚାୟତ କାଯସ୍କାଳୟରେ ବିଶ୍ୱ ଜଳ ଦିବସ ପାଳନ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ କନଷ୍ଠ ଯନ୍ତ୍ରୀ ସିପୁନ୍ କୁମାର ଦାସ, ସମାଜସେବୀ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତର ମହିଳା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଜଳ ସଂରକ୍ଷଣ ଏବଂ ଜଳକୁ କିପରି ସଦୁପଯୋଗ କରାଯାଇପାରିବ ଏବଂ ମେଗା ଉଠା ଜଳସେଚନ ତରଫରୁ ଜଳକୁ କିଭଳି ସଂରକ୍ଷଣ କରି ଉନ୍ନତମାନର ପନିପରିବା ଚାଷ କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଗ୍ରାମବାସୀଙ୍କ ତରଫରୁ ଜୟକୃଷ୍ଣ ଦାସ, ମାନସ ଦାସ ପ୍ରମୁଖ ଯୋଗଦେଇଥିଲେ।

**ଗଁଦିଆ:** ଜଳାଭାବ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି, ଜଳ ସମସ୍ୟା ସମାଧାନ ଏବଂ ଜଳ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ୧୯ ୯୩ରୁ ମାର୍ଚ୍ଚ ୨୨ ତାରିଖ ‘ବିଶ୍ୱ ଜଳ ଦିବସ’ ପାଳନ କରାଯାଉଛି। ଜଳ ହିଁ ଜୀବନ, ଏଣୁ ଜଳର ସୁବ୍ୟବହାର କଲେ ସମସ୍ତ ପ୍ରାଣୀଜଗତ ବଞ୍ଚିପାରିବେ। ଜଳକୁ ଅଯଥା ନଷ୍ଟକଲେ ସମସ୍ତେ ଜଳ ବିନା ଅସୁବିଧାର ସମ୍ମୁଖୀନ ହେବେ। ବୋହି ଯାଉଥିବା ଜଳକୁ ଆଡ଼ିବନ୍ଧ ମାଧ୍ୟମରେ ସଂରକ୍ଷିତ ରଖିଲେ କୃଷିକାଯସ୍କୁ ସଠିକ୍ ଭାବେ ହୋଇପାରିବ। ଜଳର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ବିଶିଷ୍ଟ ପରିବେଶବିତ୍ ଓ ଶିକ୍ଷାବିତ୍ ପ୍ରକୃତିବନ୍ଧୁ ହରିହର ସାହୁ ଏହି ଅବସରରେ ମତ ପ୍ରକାଶ କରିଥିଲେ। ଜଳର ଅପବ୍ୟବହାର ନ କରିବା ପାଇଁ ସାହୁ ସମସ୍ତଙ୍କୁ ନିବେଦନ କରିଥିଲେ।

## ଅନ୍ଧାରରାତିରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ହିନ୍ଦୋଳ, ୨୩।୩(ସମିସ): ରବିବାର ରାତି ୧୦ଟାରେ ଖଜୁରିଆକଟା ଦଶହରା ପଡ଼ିଆ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ୨୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ରାସ୍ତାର ୨ ପାର୍ଶ୍ୱରେ ଜଗିରହି ବିଭିନ୍ନ ମରଣାସ୍ତ୍ର ଦେଖାଇ ନିର୍ଘୁମ ମାଡ଼ ମାରିଥିଲେ। ଫଳରେ ସେଠାକାର ଦୋକାନୀମାନେ ଭୟରେ ଦୋକାନ ବନ୍ଦ କରି ପଳାଇଥିଲେ। ଏହି କାଣ୍ଡ ଘଟାଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ବେଳେ କିଛି ଦୋକାନୀ ଗୁରୁତର ଯୁବକଙ୍କୁ ଉଦ୍ଧାର କରି ଖଜୁରିଆକଟା ଡାକ୍ତରଖାନା ନେଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଏସ୍ସିବି ସ୍ଥାନାନ୍ତର କରାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଗୁରୁତର ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଦଶହରା ପଡ଼ିଆ ଅଞ୍ଚଳରେ ବହୁ ଦୋକାନରେ ସିସିଟିଭି ଲାଗିଥିବା ବେଳେ ସେଗୁଡ଼ିକୁ ଯାଞ୍ଚ କରି ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ■ ବାସିଖାଦ୍ୟ ପାଇଁ ରାଗିଲେ ପର୍ଯ୍ୟଟକ

## ଅଭିଯୋଗ ସତ୍ତ୍ୱେ ଶୁଣିଲାନି ଖାଦ୍ୟ ନିରାପତ୍ତା ବିଭାଗ

ଅନୁଗୋଳ, ୨୩।୩(ସମିସ): ଅନୁଗୋଳ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କୁ ଏକ ରେସ୍ତୋରାଁ ବାସିଖାଦ୍ୟ ଦେବା ଘଟଣା ରବିବାର ଚର୍ଚ୍ଚାରେ ରହିଛି। ପର୍ଯ୍ୟଟକମାନେ ଏ ନେଇ ଖାଦ୍ୟ ନିରାପତ୍ତା ବିଭାଗକୁ ଫୋନ ମାଧ୍ୟମରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଅନୁଗୋଳ ଉପଜିଲ୍ଲାପାଳଙ୍କୁ ଏନେଇ ଅଭିଯୋଗ କରିଥିବା କହିଛନ୍ତି।

ସୂଚନା ମୁତାବକ, କଟକ ଅଲିସା ବଜାର ଅଞ୍ଚଳର ପାର୍ଥସାରଥି ନାୟକ ତାଙ୍କ ପରିବାର ସହ ରବିବାର ସାତକୋଶିଆର ଟିକରପଡ଼ା ବୁଲିବାକୁ ଆସିଥିଲେ। ଫେରିବା ବେଳେ ସେ ପୁରୁଣାଗଡ଼ ଚନ୍ଦନପୁର ଅଞ୍ଚଳରେ ଏକ ରେସ୍ତୋରାଁକୁ ଖାଇବା ପାଇଁ ଯାଇଥିଲେ। ସାଙ୍ଗରେ ତାଙ୍କର ଦୁଇ ଛୋଟ ଛୁଆ ଥିବାବେଳେ ଖାଦ୍ୟ ଅର୍ଡର ନେବାର ଦୁଇଘଣ୍ଟା ପରେ ଖାଦ୍ୟ ଦିଆଯାଇଥିଲା। ଆଉ ପରସା ଯାଇଥିବା ଖାଦ୍ୟ ବାସି ବୋଲି ସେ ଅଭିଯୋଗ କରିଥିଲେ। କିନ୍ତୁ ରେସ୍ତୋରାଁ କର୍ତ୍ତୃପକ୍ଷ କୌଣସି କଥା ଶୁଣି ନ ଥିଲେ। ପାର୍ଥସାରଥି ସେହିଠାରୁ ହିଁ ଅନୁଗୋଳ ଖାଦ୍ୟ ନିରାପତ୍ତା ବିଭାଗ ଦାୟିତ୍ୱରେ ଥିବା ହରପ୍ରିୟା ବେହେରାଙ୍କୁ ଫୋନ୍ କରିଥିଲେ। ହେଲେ ତୁମେ ଆସି ସିଡିଏମଓଙ୍କ ପାଖରେ ଲିଖିତ ଅଭିଯୋଗ କର, ପରେ ଆମେ ଦେଖିବୁ ବୋଲି ଖାଦ୍ୟ ନିରାପତ୍ତା ଅଧିକାରୀ କହିଥିଲେ। ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ନ ପାଇବାରୁ ପାର୍ଥସାରଥି ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କୁ ଏନେଇ ଅଭିଯୋଗ କରିଛନ୍ତି।

**ଉପଜିଲ୍ଲାପାଳଙ୍କୁ ଫେରାଦ**

### ■ ଟାଟା ସ୍ୱେଚ୍ଛାକୃତ ସପ୍ତାହ ପାଳିତ

## ମହିଳାଙ୍କୁ ସାକ୍ଷରତା ପ୍ରମାଣପତ୍ର ବଣ୍ଟନ

ଅନୁଗୋଳ, ୨୩।୩(ସମିସ): ଅନୁଗୋଳ ଟିପିସିଓଡିଏଲରେ ସ୍ୱେଚ୍ଛାକୃତ ସପ୍ତାହ ଓ ମହିଳା ସାକ୍ଷରତା ପ୍ରମାଣପତ୍ର ବଣ୍ଟନ ସମାରୋହ ପାଳିତ ହୋଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଟିପିସିଓଡିଏଲ ସିଏସଆର ବିଭାଗ ମୁଖ୍ୟ ପ୍ରଦୀପ କୁମାର ଘୋଷାଲ, ସମ୍ମାନିତ ଅତିଥି ରୂପେ ଡିଭିଜନାଲ



ମ୍ୟାନେଜର ମାନସ ରଞ୍ଜନ କର, ସିଏସଆର ବିଭାଗର ଅନ୍ୟତମ ବରିଷ୍ଠ ଅଧିକାରୀ ରଶ୍ମି ପଟ୍ଟନାୟକ, ସୌରଭ ଦେବଦର୍ଶୀ, ମହିଳା ସାକ୍ଷରତା କେନ୍ଦ୍ର କାର୍ଯ୍ୟକାରୀ ସହଭାଗୀ ଲିଓରା ଫାଉଣ୍ଡେସନ ଅଧ୍ୟକ୍ଷ ଡା. ପ୍ରଦ୍ୟୁମ୍ନ କେଶରୀ ମହାରାଜ, ଉପାଧ୍ୟକ୍ଷା ବିଦ୍ୟା ରାୟ, ସଂଯୋଜିକା ସୋନାଲି ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଶତାଧିକ ମହିଳା ଭାଗନେଇଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ, ଟେରାକୋଟା, ପନିପରିବା, ପିଠାପଣା ଆଦି ପ୍ରଦର୍ଶିତ ହୋଇଥିଲା। ଶେଷରେ କୃତୀ ମହିଳା ସଦସ୍ୟ ଓ ଟ୍ରେନରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ଢେଙ୍କାନାଳ ବିକାଶରେ ରାଜନୈତିକ ଦଳ ବାଧକ

## ଜିଲ୍ଲାର ବିକାଶ ପାଇଁ ଏକତ୍ରିତ ହେବାକୁ ଆହ୍ୱାନ

ଢେଙ୍କାନାଳ, ୨୩।୩(ସମିସ): ଢେଙ୍କାନାଳ ଜିଲ୍ଲାର ସାମଗ୍ରୀକ ବିକାଶରେ ଓଡ଼ିଶାର ରାଜନୈତିକ ଦଳଗୁଡ଼ିକ ଦାୟୀ ବୋଲି ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ଶରଣ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡ଼ିୟର କାମାକ୍ଷା ପ୍ରସାଦ ସିଂହଦେଓଙ୍କ ସମୟରେ ଜିଲ୍ଲାରେ ଯଥେଷ୍ଟ ବିକାଶ ହୋଇଥିବା ବେଳେ ପ୍ରତିଷ୍ଠିତ କଳକାରଖାନାଗୁଡ଼ିକ ବନ୍ଦ ହୋଇଯାଇଛି। ଜିଲ୍ଲାରେ ୧୪ରୁ ୧୫ ଲକ୍ଷ ଜନସାଧାରଣ ବସ ବାକରୁଥିବା ବେଳେ ଢେଙ୍କାନାଳରେ ମେଡିକାଲ କଲେଜ ସ୍ଥାପନ ନେଇ ଉପେକ୍ଷା, ଆକାଂକ୍ଷା ଜିଲ୍ଲା ହିସାବରେ ଘୋଷଣା ପରେ ବି ଜିଲ୍ଲାବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବା ସହିତ ଖର୍ଚ୍ଚାନ୍ତ ହୋଇ କଟକ କିମ୍ବା ଅନ୍ୟ ରାଜ୍ୟକୁ ଚିକିତ୍ସା ପାଇଁ ଯିବା, ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଜଟିଳ ରୋଗ ନିରୁପଣ ପାଇଁ ଉପଯୁକ୍ତ ଅତ୍ୟାଧୁନିକ ଯନ୍ତ୍ରାଂଶ ଏବଂ ସାଧାରଣ ଡାକ୍ତରଙ୍କ ସହିତ ବହୁ ଜଟିଳ ରୋଗର ବିଶେଷଜ୍ଞ ଡାକ୍ତର ଅଭାବ ସମସ୍ୟା ଲାଗି ରହିଛି। ସ୍ୱାସ୍ଥ୍ୟ କର୍ମଚାରୀ, ନର୍ସ, ଅଭିଜ୍ଞ ଟେକ୍ନିସିଆନ୍ଙ୍କ ଅଭାବ ରହିଛି। ଡାକ୍ତରଖାନାର ଅପରିଷ୍କାର ଜଳ ନିଷ୍କାସନ ସମସ୍ୟା ସହିତ ଢେଙ୍କାନାଳରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କପିଳାସ ଶ୍ରୀଶ୍ରୀ ଚନ୍ଦ୍ରଶେଖର ପୀଠରେ ତୀର୍ଥଯାତ୍ରୀଙ୍କ ରହଣି ପାଇଁ ଧର୍ମଶାଳା ବ୍ୟବସ୍ଥା, ରୋପ୍-ୱେ ବ୍ୟବସ୍ଥା, ଢେଙ୍କାନାଳ ପୌରପରିଷଦ ୱାର୍ଡ ସଂଖ୍ୟା ୨୩ରୁ ୩୩କୁ ବୃଦ୍ଧି, ଢେଙ୍କାନାଳ ସହରକୁ ମୋ ବସ୍ ଚଳାଚଳ ଆଦି ଦାବି କରାଯାଇଛି। ଢେଙ୍କାନାଳବାସୀଙ୍କ ସହ ସମସ୍ତ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନ ଏକାଠି ହୋଇ ସରକାରଙ୍କ ଉପରେ ଚାପ ପକାଇଲେ ଦାବିଗୁଡ଼ିକ ପୂରଣ ହୋଇପାରିବ ବୋଲି ଶରଣ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

### ■ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ମାମଲା

## ନିଯୁକ୍ତିରେ କୌଣସି ଅନିୟମିତା ହୋଇନାହିଁ: କୋର୍ଟ

ଢେଙ୍କାନାଳ, ୨୩।୩(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବୁଢ଼ାପଙ୍କ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା ନେଇ ହୋଇଥିବା ମାମଲାର ବିଚାର କରି ଢେଙ୍କାନାଳ ସିଭିଲ ଜଜ୍ ରେଶମା ଧଳ ବିଶୋଇ କର୍ମୀ ନିଯୁକ୍ତିରେ କୌଣସି ଅନିୟମିତା ହୋଇ ନ ଥିବା ରାୟ ପ୍ରକାଶ କରିଛନ୍ତି। ଏଥିସହ ଆବେଦନକାରିଣୀ ଅଙ୍ଗନବାଡ଼ି କର୍ମୀ ପାଇଁ ଯୋଗ୍ୟ ନୁହନ୍ତି ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

ବୁଢ଼ାପଙ୍କ ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀ ଭାବେ କାର୍ଯ୍ୟ କରିବା ପାଇଁ ଗ୍ରାମର ସତ୍ୟବାଦୀ ବଳିଆରସିଂଙ୍କ ଝିଅ କୋକିଳା ନାୟକ ଆବେଦନ କରିଥିଲେ। ତେବେ ବେଆଇନ ଭାବେ ଲାଞ୍ଚ କାରବାର କରି ଗ୍ରାମର ସାରଙ୍ଗଧର ପ୍ରଧାନଙ୍କ ସ୍ତ୍ରୀ ସନ୍ତୋଷିନୀ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଥିବା କୋକିଳା ଅଭିଯୋଗ କରିଥିଲେ। ଏ ନେଇ ସେ କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ସନ୍ତୋଷିନୀଙ୍କ ନିଯୁକ୍ତିକୁ ରଦ୍ଦ କରି ତାଙ୍କୁ ନିଯୁକ୍ତି ଦେବାକୁ କୋକିଳା ଡବ୍ଲ୍ୟୁପିସି ୨୨୭୩୬/୨୦୧୧ରେ ହାଇକୋର୍ଟରେ ଆବେଦନ କରିଥିଲେ। ତେବେ ହାଇକୋର୍ଟ ଏ ନେଇ ଜିଲ୍ଲା ସିଭିଲ କୋର୍ଟରେ ଆବେଦନ କରିବାକୁ ଦେଇଥିଲେ। ଏହି ଘଟଣାକୁ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଏବଂ ଓଡ଼ାପଡ଼ା ସିଡିପିଓ ଅଦାଲତରେ ହାଜର ହେବା ସହ ଲିଖିତ ଉତ୍ତର ରଖିଥିଲେ। ଏହି ମାମଲାର ବିଚାର କରି ଢେଙ୍କାନାଳ ସିଭିଲ୍ ଜଜ୍ ରାୟ ପ୍ରକାଶ କରିଛନ୍ତି। ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ କୌଣସି ଅନିୟମିତତା ହୋଇନାହିଁ, ଆବେଦନକାରୀ ଅଙ୍ଗନବାଡ଼ି କର୍ମୀ ପାଇଁ ଯୋଗ୍ୟ ନୁହନ୍ତି ବୋଲି କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦୀପ୍ତୀଶ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

### ଆଜି ବିଶ୍ୱ ଯକ୍ଷ୍ମା ଦିବସ

## ଅନୁଗୋଳରେ କମୁନି ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା

ଅନୁଗୋଳ, ୨୩।୩(ସମିସ): ସୋମବାର ପାଳନ ହେବାକୁ ଯାଉଛି ବିଶ୍ୱ ଯକ୍ଷ୍ମା ଦିବସ। ଅନୁଗୋଳ ଜିଲ୍ଲାରେ ଶିଳ୍ପ ବିପ୍ଳବ ପରେ କ୍ୟାନ୍ସର, ଏଚଆଇଭି, ହୃଦରୋଗ ପରେ ଯକ୍ଷ୍ମା ଅନ୍ୟତମ ମାରାତ୍ମକ ରୋଗ ଭାବେ ଉଭା ହୋଇଛି। ଧୂମପାନ, କଳକାରଖାନା ଓ ପାୱାର ପ୍ଲାଣ୍ଟରୁ ନିର୍ଗତ ଧୂଆଁ, ପାଉଁଶ, କୋଇଲା ଖଣି ଆଦି ଯୋଗୁଁ ଜିଲ୍ଲାରେ ଯକ୍ଷ୍ମାରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ଅନେକ ରୋଗୀ ଯକ୍ଷ୍ମାରେ ଆକ୍ରାନ୍ତ ହେଲେ ମଧ୍ୟ ସରକାରୀ ଡାକ୍ତରଖାନାକୁ ଆସୁନାହାନ୍ତି। ଗ୍ରାମାଞ୍ଚଳର ରୋଗୀମାନେ କ୍ୱାକମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅଧିକ ଗୁରୁତର ହେଉଛନ୍ତି। ମିଳିଥିବା ରିପୋର୍ଟ ଅନୁସାରେ ୨୦୨୧ ବର୍ଷରେ ଅନୁଗୋଳରେ ୧୨୭୪ ଯକ୍ଷ୍ମାରେ ଆକ୍ରାନ୍ତ ହୋଇଥିବା ବେଳେ ୨୦୨୨ରେ ୧୫୫୮ ଏବଂ ୨୦୨୩ ରେ ୧୫୯୭ ଜଣ ଆକ୍ରାନ୍ତ ହୋଇଥିଲେ। ୨୦୨୪ରେ ୧୫୭୦ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୫ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ୨୮୮ ଜଣ ଆକ୍ରାନ୍ତ ହୋଇଛନ୍ତି। ବାରମ୍ବାର କାଶ ହେବା, କଫ ପଡ଼ିବା, କଫରେ ରକ୍ତ ପଡ଼ିବା ଆଦି ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବା ଉଚିତ। ଏହି ଔଷଧ ପ୍ରାୟ ୬ ମାସ ପର୍ଯ୍ୟନ୍ତ ଖାଇବାକୁ ବିଧାନ ଥିବାବେଳେ ଅନେକେ ଅଧାରୁ ବନ୍ଦ କରିଦେଉଛନ୍ତି। ଏହାଦ୍ୱାରା ରୋଗୀ ଅଧିକ ଗୁରୁତର ହୋଇପଡୁଛନ୍ତି। ଫଳରେ ସେମାନଙ୍କୁ ସୁସ୍ଥ କରିବା କଷ୍ଟକର ହୋଇପଡୁଛି। ଯକ୍ଷ୍ମା ରୋଗୀଙ୍କ ସହ ମିଶିବା ବେଳେ ଅଧିକ ସତର୍କ ରହିବାକୁ ପଡ଼େ। ରୋଗୀ କଥା କହିଲା ବେଳେ, ନିଃଶ୍ୱାସ ଛାଡ଼ିବା ବେଳେ ପାଖ ଲୋକକୁ ରୋଗ ବ୍ୟାପିପାରେ। ଏଣୁ ମାସ୍କ ବ୍ୟବହାର, ରୋଗୀ ସହ ମିଶୁଥିଲେ ହାତ ପରିଷ୍କାର ରଖିବା ଜରୁରୀ। ଏବେ ସରକାର ଯକ୍ଷ୍ମା ପାଇଁ ମାଗଣା ଔଷଧ ବଣ୍ଟନ କରୁଛନ୍ତି। ଯକ୍ଷ୍ମା ହେଲେ ରୋଗୀ ଦୁର୍ବଳ ହୋଇପଡ଼େ। ତେଣୁ ଜିନ୍ଦଲ ଫାଉଣ୍ଡେସନ ଭଳି ପ୍ରତିଷ୍ଠାନ ପକ୍ଷରୁ ନିକ୍ଷୟ ଯୋଜନାରେ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଶୁଖିଲା ଖାଦ୍ୟ ନିଃଶୁଳ୍କ ଦିଆଯାଉଛି। ଅନ୍ୟପଟେ ଏବେ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ଆନ୍ଦୋଳନରେ ଥିବାରୁ ଯକ୍ଷ୍ମାମୁକ୍ତ କାର୍ଯ୍ୟକ୍ରମ ପ୍ରଭାବିତ ହେବା ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



ଗଁଦିଆ, ୨୩।୩(ସମିସ): ଗଁଦିଆ ବ୍ଲକ କପିଳାସ ମହାବିଦ୍ୟାଳୟରେ ଗଁଦିଆ ଆଞ୍ଚଳିକ ବିକାଶ ମଞ୍ଚ ଆବାହକ ତଥା ପୂର୍ବତନ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଳୟ କୁମାର ସିଂହଙ୍କ ଆବାହକତ୍ୱ ଓ ସଂଯୋଜନାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ନବୀନ ନନ୍ଦ, ସୁଧୀର କୁମାର ସାମଲ, ଢେଙ୍କାନାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୂର୍ବତନ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା, ସୋରିଶିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ପୂର୍ବତନ ଗଁଦିଆ ସରପଞ୍ଚ ମଙ୍ଗରାଜ ବାରିକ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମାଜସେବୀ ଖଗେଶ୍ୱର ମହାନ୍ତି, ବେଣୁଧର ପାତ୍ର, ଡମ୍ବରୁଧର ସେଠୀ, ପ୍ରାକ୍ତନ ସମିତି ସଭ୍ୟ ଦିଲୀପ କୁମାର ନାୟକ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ସମାଜସେବୀ ତାପସ କୁମାର ରାଉତ, ଗଁଦିଆ ପ୍ରେସ କ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁ, ଷଡ଼ଙ୍ଗୀ ସେବା ସମବାୟ ସମିତି ସଭାପତି ଗୋବର୍ଦ୍ଧନ ନାୟକ, ପୋରୁହଖୋଜ ସମିତି ସଭ୍ୟ ବଳରାମ ପରିଡ଼ା, ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ପତି, ବିଧାରପୁର ସେବା ସମବାୟ ସମିତି ସଭାପତି ସଞ୍ଜୀୟ କୁମାର ବାରିକ, ଅଧ୍ୟାପକ ବିକାଶ କୁମାର ମିଶ୍ର, ଗଁଦିଆ ସ୍ମୃତି ସଂସଦ ସଂଯୋଜକ ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ଗଁଦିଆ ବ୍ଲକ ଅଧ୍ୟକ୍ଷ ନାରାୟଣ ସାହୁଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା।

**ଅନୁଗୋଳ:** ନାଲକୋ ବିଦ୍ୟୁତ ମଜଦୁର ସଂଘ କାର୍ଯ୍ୟାଳୟରେ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଡା. ପ୍ରଧାନ ଶ୍ରମିକମାନଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ ବୋଲି ସଂଘ ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।



ଏଥିରେ ସଂଘ ଉପଦେଷ୍ଟା ବିନୟ ତ୍ରିପାଠୀ, ସଭାପତି ପ୍ରକାଶ ସିଂ, ସାଧାରଣ ସମ୍ପାଦକ ସୁଜିତ ସେଠ, ଉପ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ, ଗୁଣନିଧି ଆରୁଖ, ବସନ୍ତ ଗଡ଼ନାୟକ, ଅକ୍ଷୟ ନାୟକ, ଦେବାନନ୍ଦ ବେହେରା, କିଶୋର ରାଉତ, ସୁବାସ କାଳିଆ, ସୁବାସ ସାହୁ, ସମୀର ସିଂ, ସୁନୀଲ ସାହୁ, ନରେନ ସ୍ୱାଇଁ, ହିମାଂଶୁ ଧୀର, ମୁନ୍ନୁ ତାଣ୍ଡିଆ, ମାଧବ ସେଠୀ ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ।

**ପାଲଲହଡ଼ା:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ବିଧାନସଭା କ୍ଷେତ୍ରସ୍ତରୀୟ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ରବିବାର ସ୍ଥାନୀୟ ଶରତ ଚନ୍ଦ୍ର କ୍ଲବରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜେପି ଉପସଭାପତି ଲିଙ୍ଗରାଜ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପାଲଲହଡ଼ର ବିଭିନ୍ନ ଅଞ୍ଚଳରୁ ଦଳମତ ନିର୍ବିଶେଷରେ ବହୁ ବ୍ୟକ୍ତିବିଶେଷ, ନେତା, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଅତିଥି ଭାବେ ବିଧାୟକ ଅଶୋକ ମହାନ୍ତି, ପୂର୍ବତନ ବିଧାୟକ ମୁକେଶ ପାଲ, ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ପୂର୍ବତନ ଅଧ୍ୟକ୍ଷ ନବକିଶୋର ନାଏକ, ବରିଷ୍ଠ କଂଗ୍ରେସ ନେତା ଚିତ୍ତରଞ୍ଜନ ପ୍ରଧାନ, ଦୋଳଗୋବିନ୍ଦ ସାହୁ, ମିହିର ପାଲ, ବାର ଆସୋସିଏସନ ସଭାପତି ମନୋରଞ୍ଜନ ପାଲଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗଦେଇ ଡା. ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ।



## ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା



କିଶୋରନଗର, ୨୩।୩(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ପଞ୍ଚାୟତ ପାଣ୍ଡୁରୀପଥର ଅଭିରାମ ପରମହଂସଙ୍କ ମଠରେ ସୋମବାର ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରବିବାର ଅପରାହ୍ନରେ କଳସଯାତ୍ରା ଅନୁଷ୍ଠିତ ହୋଇଛି। ଶତାଧିକ ମହିଳା କିଶୋରନଗର ବ୍ଲକ କାର୍ଯ୍ୟାଳୟ ପଛପାଖ ନଈରୁ କଳସରେ ଜଳ ଧାରଣ କରି ସଂକୀର୍ତ୍ତନ ଶୋଭାଯାତ୍ରାରେ ସହର ପରିକ୍ରମା କରି ମଠ ପରିସର ପୂଜାମଣ୍ଡପରେ ସ୍ଥାପନ କରିଥିଲେ।

## ଦେବେନ୍ଦ୍ର ପ୍ରଧାନଙ୍କ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଢେଙ୍କାନାଳ, ୨୩।୩(ସମିସ)

ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ କକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଜିଲ୍ଲାସ୍ତରୀୟ ନାଗରିକ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଢେଙ୍କାନାଳ ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳ ତଥା ଢେଙ୍କାନାଳ ନଗରର ବିଭିନ୍ନ ଅନୁଷ୍ଠାନରୁ ୮୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ପ୍ରଧାନ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ସଡ଼କ ପରିବହନ ମନ୍ତ୍ରୀ ଭାବେ ଦାୟିତ୍ୱ ନେବା ମାତ୍ରେ ଓଡ଼ିଶାରେ ୧୬୦୦ କିମି ନୂତନ ଜାତୀୟ ରାଜପଥ ମଞ୍ଜୁର କରି ଏକ ସଡ଼କ କ୍ରାନ୍ତି ସୃଷ୍ଟି କରିଥିଲେ। ଭୁବନ-ତାଳଚେର ୨୦୦ନଂ ଜାତୀୟ ରାଜପଥ ତାଙ୍କ ଅବଦାନ। ଏଥିପାଇଁ ସେ ଢେଙ୍କାନାଳ ଜିଲ୍ଲାବାସୀଙ୍କ



ପାଇଁ ଅବିସ୍ମରଣୀୟ ହୋଇ ରହିବେ। ସ୍ୱର୍ଗତ ପ୍ରଧାନ କେନ୍ଦ୍ର କୃଷିମନ୍ତ୍ରୀ ହେବା ପରେ ରାଜ୍ୟରେ ପ୍ରତ୍ୟେକ ଜିଲ୍ଲାରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବା ସହ କୃଷକଙ୍କ ସାମଗ୍ରୀକ ବିକାଶ ପାଇଁ ବହୁ ପଦକ୍ଷେପ ନେଇଥିଲେ ବୋଲି କାଯସ୍କୁକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଶ୍ରଦ୍ଧାଞ୍ଜଳି ସଭାରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଆର୍ଏସ୍ଏସ୍ର ଶରତ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ କୃଷ୍ଣକୁମାର ମିଶ୍ର, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ଜେନା, ବିଶ୍ୱହିନ୍ଦୁ ପରିଷଦର ପ୍ରେମାନନ୍ଦ ଦାସ, ଜିଲ୍ଲା ଲେଖକ ସଂସଦର ବସନ୍ତ ପଟ୍ଟନାୟକ, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ପ୍ରମୋଦ ନନ୍ଦ, ସୁନୀଲ ସାହୁ, ନବକିଶୋର ଗୁରୁ, ଯଶସ୍ୱିନୀ ରାଉତ, ପୂର୍ବତନ ସୈନିକ ସଂଘର ଭ୍ରମରବର ଦଳେଇ, ନାଗରିକ ପରିଷଦର ଯୋଗୀନାଥ ମହାନ୍ତି, ସମାଜସେବୀ ହର୍ଷବର୍ଦ୍ଧନ ସିଂହଦେଓ, ସୁରେଶ ପାଣିଗ୍ରାହୀ, କୋଦଣ୍ଡଧର ସାହୁ, ବିଷ୍ଣୁପ୍ରସାଦ ଲେଙ୍କା, ମମତା ସ୍ୱାଇଁ, ଦେବରାଜ ସାହୁ, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ସାମ୍ବାଦିକ ଶିଶିର ଶତପଥୀ, ରତିକାନ୍ତ ସାହୁ, ଲଳିତ ସାହୁ, ବସନ୍ତ ସାହୁ, ଆର୍ଏସ୍ଏସ୍ର ପ୍ରଶାନ୍ତ ମିଶ୍ର, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ମାତୃପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଆର୍‌ଏସ୍ ବାବୁଙ୍କ ପ୍ରେମ-ପ୍ରତାରଣା ମାମଲା

# ଭାଣିଜୀକୁ ବୋହୂ କରିବେ ମାମୁଁ !

**ଜଗତସିଂହପୁର, ୨୩।୩(ସମିସ):** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମର ଓଆରଏସ୍ ବାବୁଙ୍କ ପ୍ରେମବିବାହ ଓ ପ୍ରତାରଣା ମାମଲା ଏବେ ନୂଆ ମୋଡ଼ ନେଇଛି। ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏବଂ ପୁଲିସ୍ ଉପସ୍ଥିତିରେ ମାମଲାର ସମାଧାନ ପାଇଁ ହୋଇଥିବା ଉଦ୍ୟମ ଏକପ୍ରକାର ଫଳପ୍ରଦ ହୋଇଛି।

ସୂଚନାନୁସାରେ, ମାର୍କଣ୍ଡପୁର ଗ୍ରାମର ଗଣେଶ ହାଁସଦାଙ୍କ ଘରେ ତାଙ୍କ ସମ୍ପର୍କୀୟ ଭାଣିଜୀ କିଛି ବର୍ଷ ତଳେ ରହି ପାଠ ପଢୁଥିଲେ। ଏହି ସମୟରେ ଗଣେଶଙ୍କ ପୁଅ ଆଲବର୍ଟ ହାଁସଦାଙ୍କ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସମ୍ପର୍କରେ ଭଉଣୀ ହେଲେ ମଧ୍ୟ ଉଭୟ ବିବାହ କରିବା ସହିତ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। ତେବେ ଓଆରଏସ୍ ପାଇବା ପରେ ଆଲବର୍ଟ ତାଙ୍କୁ ପ୍ରତାରଣା କରିଥିବା ନେଇ ସମ୍ପୃକ୍ତ ଯୁବତୀ ଗତ ଜାନୁୟାରୀରେ ଜଗତସିଂହପୁର ସଦର ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ।

ଅଭିଯୋଗ ପାଇବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ଓଆରଏସ୍ ବାବୁଙ୍କୁ ନୋଟିସ୍ କରିଥିଲା। ଟ୍ରେନିଂରେ ଥିବାରୁ ଆଲବର୍ଟ ହାଜର

**ପୁଅର ପ୍ରେମିକାକୁ ଘରକୁ ନେଲେ**

ହୋଇନଥିଲେ କିମ୍ବା ନୋଟିସର ଜବାବ ମଧ୍ୟ ଦେଇନଥିବା ଥାନା ସୂତ୍ରରୁ ସୂଚନା ମିଳିଛି। ୨ ମାସ ଅପେକ୍ଷା କରିବା ପରେ ସଂପୃକ୍ତ ଯୁବତୀ ଏସ୍‌ପି ଅଫିସ ଆସି ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ କରିବା ସହିତ ଗଣମାଧ୍ୟମକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ।

ଗତ ଶନିବାର ଦିନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ପୁଲିସ ଉପସ୍ଥିତିରେ ମାମଲାର ସମାଧାନ ପାଇଁ ଉଦ୍ୟମ ହୋଇଥିଲା। ଶେଷରେ ସମ୍ପର୍କୀୟ ଭାଣିଜୀକୁ ବୋହୂ କରିବେ ବୋଲି ଓଆରଏସ୍ ବାବୁଙ୍କ ପିତାମାତା ରାଜି ହୋଇଥିଲେ ଏବଂ ତାକୁ ସାଙ୍ଗରେ ଘରକୁ ନେଇଥିଲେ।

ତେବେ ଆଲବର୍ଟଙ୍କ ପିତା ଗଣେଶ କହିଛନ୍ତି ଯେ ତାଙ୍କ ପୁଅ ଏହି ସମ୍ପର୍କ ବିଷୟରେ ତାଙ୍କୁ କେବେ କିଛି କହିନାହିଁ। ସେ ଏବେ ଟ୍ରେନିଂରେ ଥିବାରୁ ଘରକୁ ଆସିବା ସମ୍ଭବ ନୁହେଁ। ଯେହେତୁ ଅଭିଯୋଗକାରିଣୀ ଜଣେ ଝିଅ ଏବଂ ତାଙ୍କର ମଧ୍ୟ ସମ୍ପର୍କୀୟ ତେଣୁ ସେ ତାକୁ ଘରକୁ ନେଉଛନ୍ତି। ପରମ୍ପରା ଅନୁସାରେ, ଉଭୟ ପରିବାର, ଭଦ୍ରଲୋକଙ୍କ ଉପସ୍ଥିତିରେ ଏ ସମ୍ପର୍କରେ ବିଚାର ଆଲୋଚନା କରାଯିବ ଏବଂ ଝିଅକୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ପୀଡ଼ିତା ଯୁବତୀ ଖୁସିବ୍ୟକ୍ତ କରିବା ସହ ଆଲବର୍ଟ ଟ୍ରେନିଂରୁ ଫେରିଲେ ପ୍ରଥମେ କୋର୍ଟ ମ୍ୟାରେଜ୍ କରିବେ ଏବଂ ପରେ ଯାହା ପରମ୍ପରା ରହିଛି ସେହି ଭାବରେ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିବା ଗଣମାଧ୍ୟମକୁ କହିଛନ୍ତି।

### ଓଏସ୍‌ଏସ୍‌ସି ପରୀକ୍ଷା ପରିଚାଳନାରେ ଅନିୟମିତତା!

# ପରୀକ୍ଷାର୍ଥୀଙ୍କୁ ବଣ୍ଟାଗଲା ସିଲ୍ ନଥିବା ପ୍ରଶ୍ନପତ୍ର

**ବ୍ରହ୍ମପୁର, ୨୩।୩ (ସମିସ):** ରବିବାର ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ୍ (ଓଏସ୍‌ଏସ୍‌ସି) ପକ୍ଷରୁ ଅନୁଷ୍ଠିତ ଲିଭ୍ ଟ୍ରେନିଂ ରିଜର୍ଭ ଟିଚର୍ ବା (ଏଲଟିଆର) ପରୀକ୍ଷାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ସ୍ଥାନୀୟ ସିଟି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨ଜଣ ପରୀକ୍ଷାର୍ଥୀଙ୍କୁ ସିଲ ନଥିବା ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ କେନ୍ଦ୍ରର ପରୀକ୍ଷାର୍ଥୀମାନେ ସେଣ୍ଟର ସୁପରିନ୍‌ଟେଣ୍ଡେଣ୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଉଭୟ ପରୀକ୍ଷାର୍ଥୀଙ୍କୁ ସମାନ ସେଟର ଦୁଇଟି ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରୁ ବାହାରକୁ ଆସିବା ପରେ ଘଟଣା ପ୍ରଘଟ ହୋଇଥିଲା। ପ୍ରଶ୍ନପତ୍ର ଦାୟିତ୍ୱରେ ଥିବା ସଂସ୍ଥାର ଅପାରଗତା କାରଣରୁ ପରୀକ୍ଷାର୍ଥୀ ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି।

- ■ **ଅଭିଯୋଗ ପରେ ଦୁଇ ପରୀକ୍ଷାର୍ଥୀଙ୍କୁ ମିଳିଲା ସମାନ ସେଟ୍‌ର ପ୍ରଶ୍ନପତ୍ର**
- ■ **ପରୀକ୍ଷା କେନ୍ଦ୍ର ସମ୍ମୁଖରେ ଉତ୍ତେଜନା, ସ୍ଥିତି ନିୟନ୍ତ୍ରଣ କଲା ପୁଲିସ**

ଏହାସହ ପରୀକ୍ଷା ପରିଚାଳନାର ବିଶ୍ୱସନୀୟତାକୁ ନେଇ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରିଛନ୍ତି।

ଏହି ଅଭିଯୋଗ ନେଇ ସିଟି ହାଇସ୍କୁଲ ସେଣ୍ଟର ସୁପରିଟେଣ୍ଡେଣ୍ଟ ଗୋପାଳ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି କେନ୍ଦ୍ର ପକ୍ଷରୁ ସରକାରୀ ନିୟମ ଅନୁସାରେ ସମସ୍ତ କାମ କରାଯାଇଛି। ପ୍ରଶ୍ନପତ୍ର ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିଥିଲା। ସଂସ୍ଥା ପକ୍ଷରୁ ଆସିବା ସମୟରେ ସିଲ୍ ରହିଥିବା ବେଳେ କେନ୍ଦ୍ରରେ ପହଞ୍ଚିବା ପରେ ଶ୍ରେଣୀଗୃହରେ ପରୀକ୍ଷାର୍ଥୀଙ୍କ ସମ୍ମୁଖରେ ପ୍ୟାକେଟରେ ଥିବା ପ୍ରଶ୍ନପତ୍ରକୁ ସିଲ୍ ଖୋଲି ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ତେବେ ସେଥିରୁ ଦୁଇଟି ପ୍ରଶ୍ନ ପତ୍ରରେ ଆଦୌ ସିଲ୍ ନଥିଲା। ପରୀକ୍ଷାର୍ଥୀଙ୍କ ଅଭିଯୋଗ ପରେ କେନ୍ଦ୍ର ଉପନିରୀକ୍ଷକଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ପରିବର୍ତ୍ତନ କରାଯାଇଥିବା ଶ୍ରୀ ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ପରୀକ୍ଷା ଶେଷ ହେବାପରେ କେନ୍ଦ୍ର ସମ୍ମୁଖରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାକୁ ନେଇ କିଛି ପରୀକ୍ଷାର୍ଥୀ ଫୋନ୍ ଯୋଗେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ପରୀକ୍ଷାର୍ଥୀଙ୍କୁ ବୁଝାସୁଝା କରିଥିଲା।

### ଚିନ୍ତା ବଢ଼ାଇଲା କୁଆପଥର

# ଉତ୍ତର ଓଡ଼ିଶାରେ ବ୍ୟାପକ କ୍ଷତି, ଅନେକ ଆହତ

**ଭୁବନେଶ୍ୱର,୨୩।୩(ସମିସ):** କୁଆପଥର ବର୍ଷାକୁ ନେଇ ରାଜ୍ୟରେ ଚିନ୍ତା ବଢ଼ିଛି। ଗତ ଦୁଇ ଦିନ ତଳେ ହୋଇଥିବା କାଳବୈଶାଖୀ ଜନିତ ବର୍ଷା ସମୟରେ କୁଆପଥର ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ମୟୂରଭଞ୍ଜରେ କୁଆପଥର ବର୍ଷା ଲୋକଙ୍କ ଘରଦ୍ୱାର ଭାଙ୍ଗିଥିବା ବେଳେ ଫସଲହାନି ହୋଇଛି। ମୟୂରଭଞ୍ଜର ଅନେକ ସ୍ଥାନରେ ପଡ଼ିଥିବା କୁଆପଥରର ଓଜନ ୫୦୦ ଗ୍ରାମରୁ ଅଧିକ ରହିଥିବା ବେଳେ କିଛି କିଛି ସ୍ଥାନରେ ଏହାର ଓଜନ ୭୦୦-୮୦୦ ରହିଛି। ଯାହାଫଳରେ କୁଆପଥର ବର୍ଷା ମାଡରେ ଅନେକ ଲୋକ ଆହତ ହୋଇ ଡାକ୍ତରଖାନାରେଭର୍ତ୍ତି ହୋଇଛନ୍ତି। ଏହାପରେ କୁଆପଥର ଜନିତ ବର୍ଷା ପାଇଁ ଲୋକଙ୍କୁ ଭୟ ଘାରିଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ବାୟୁମଣ୍ଡଳର ଉପରକୁ ଗଲେ ତାପମାତ୍ରା କମି କମି ଯାଇଥାଏ। ନିର୍ଦ୍ଦିଷ୍ଟ ସ୍ଥାନରେପହଞ୍ଚିବାପରେଏଠାରେ୦ଡିଗ୍ରୀରେକର୍ଡହୋଇଥାଏ। ଭୂପୃଷ୍ଠରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଉପରକୁ ଉଠି ଶୂନ ଡିଗ୍ରୀ ସ୍ତରରେ ପହଞ୍ଚିବା ପରେ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ପାଇଁ ପାଗ ଅନୁକୂଳ ହୋଇଥାଏ। ଯେହେତୁ ଦୁଇ ଦିନ ତଳେ ଶୂନ ଡିଗ୍ରୀ ସ୍ତର ପୃଥିବୀଠାରୁ ମାତ୍ର ୪ କିମି ଉଚ୍ଚରେ ରହିଥିଲା, ତେଣୁ ରାଜ୍ୟରେ ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଜାରି ରହିଥିବା କାଳବୈଶାଖୀ ଜନିତ ବର୍ଷା ସ୍ଥିତିରେ ରବିବାରଠାରୁ ସୁଧାର ଆସିଛି। ରବିବାର କିଛି କିଛି ସ୍ଥାନକୁ

**ଆଜିଠୁ ଖରା, ୫ ଦିନରେ ୬ ଡିଗ୍ରୀ ବଢ଼ିବ ତାତି**

ଛାଡ଼ି ଦେଲେ ବାକି ସବୁ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ସୋମବାରଠାରୁ ଅନ୍ୟ ଜିଲ୍ଲାରେ ତାପମାତ୍ରାରେ ପୁଣି ବୃଦ୍ଧି ଘଟିବାର ସମ୍ଭାବନା ରହିଛି। ଏମିତି କି ଆସନ୍ତା ୫ ଦିନ ମଧ୍ୟରେ ରାଜ୍ୟରେ ଦିନର ତାପପାତ୍ରା ୬ ଡିଗ୍ରୀ ବଢ଼ିବ ବୋଲି କୁହାଯାଇଛି। ରବିବାର ରାଜ୍ୟର ସମସ୍ତ ସ୍ଥାନରେ ତାପମାତ୍ରା ୩୮ ଡିଗ୍ରୀ ତଳେ ରହିଥିବା ବେଳେ ୩୭.୩ ଡିଗ୍ରୀ ସହ ମାଲକାନଗିରିଠାରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି।

## ମାଇନିଙ୍ଗ ଅଫିସର ରାଜେନ୍ଦ୍ର ପ୍ରସାଦ ଖୁଣ୍ଟିଆ ନିଲମ୍ବିତ

**ଭୁବନେଶ୍ୱର,୨୩।୩(ସମିସ):** କଟକସ୍ଥିତ ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଖଣି ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଖୁଣ୍ଟିଆଙ୍କୁ ନିଲମ୍ବନ କରିଛି ଖଣି ବିଭାଗ। ତାଙ୍କ କାର୍ଯ୍ୟଶୈଳୀରେ କୌଣସି ଉନ୍ନତି ପରିଲେକ୍ଷିତ ନ ହେବା ଯୋଗୁଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ସହ ଅନ୍ୟାନ୍ୟ ମାଇନିଙ୍ଗ ଅଫିସରମାନଙ୍କ କାର୍ଯ୍ୟଧାରା ଉପରେ ସରକାର ତୀକ୍ଷଣ ଦୃଷ୍ଟି ରଖିଛନ୍ତି ଓ କାର୍ଯ୍ୟରେ କୌଣସି ଖିଲାପ ଦୃଷ୍ଟି ଗୋଚର ହେଲେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

### କାଳବୈଶାଖୀ ପୀଡ଼ିତଙ୍କ ରୋଷ

# ମନ୍ତ୍ରୀଙ୍କ କାର୍‌କେଡ୍‌କୁ ପଥର ମାଡ଼




- **କାର୍‌ରୁ ଘୋଷାଡ଼ି ଆଣି ପୁଲିସ୍‌କୁ ଠେଲାପେଲା**
- **ଉପଜିଲ୍ଲାପାଳଙ୍କ ଗାଡ଼ି ଅଧାବାଟରେ ଅଟକ**
- **ପଲିଥିନ୍ ଦାବିରେ ୨ ଘଣ୍ଟା ରାସ୍ତାରୋକ**

**ବାରିପଦା, ୨୩।୩ (ସମିସ):** କାଳବୈଶାଖୀ କ୍ଷତିଗ୍ରସ୍ତଙ୍କ ପୁଞ୍ଜିଭୂତ ଅସନ୍ତୋଷ ଆଜି ବାଙ୍ଗିରିପୋଷିରେ ବିସ୍ଫୋରକ ରୂପ ନେଇଛି। ବିପର୍ଯ୍ୟୟକୁ ୩ ଦିନ ବିତିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଜିଲ୍ଲା ଗସ୍ତରେ ଆସିଥିଲେ। କିନ୍ତୁ ବାଙ୍ଗିରିପୋଷିର ମାତ୍ର ଅଳ୍ପ କିଛି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବିଶୋଇ ବ୍ଲକ୍‌କୁ ପଳାଇବାରୁ ଏହାକୁ କେନ୍ଦ୍ର କରି ପୃଥକ୍ ପୃଥକ୍ ସ୍ଥାନରେ ସ୍ଥାନରେ ବିପନ୍ନ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏପରିକି, କିଛି ଉତ୍ତ୍ୟକ୍ତ ଲୋକ ଏହାର ପ୍ରତିବାଦରେ ଆଇନକୁ ହାତକୁ ନେଇଛନ୍ତି। ମନ୍ତ୍ରୀଙ୍କ ଫେରନ୍ତା କାରକେଡ୍ ଉପରକୁ ଟେକାମାଡ଼ କରି ଗୋଟିଏ କାର୍ କାଚ ଭାଙ୍ଗିବା ସହ ଗାଡ଼ି ଭିତରୁ ପୁଲିସ୍‌କୁ ଟାଣି ଆଣି ଠେଲାପେଲା କରିଛନ୍ତି। ସେହିପରି ଆଉ କିଛି ଉତ୍ତ୍ୟକ୍ତ ଲୋକ ବାଙ୍ଗିରିପୋଷି ବ୍ଲକ୍ କାର୍ଯ୍ୟାଳୟ ସାମ୍ନା ରାଜ୍ୟ ରାଜପଥକୁ ୨ ଘଣ୍ଟା ଧରି ଅବରୋଧ କରିଥିଲେ। କେବଳ ସେତିକି ନୁହେଁ; ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ମଧ୍ୟ ଉତ୍ତ୍ୟକ୍ତ ଲୋକଙ୍କ ରୋଷର ଶିକାର ହୋଇଛନ୍ତି। କ୍ଷତିଗ୍ରସ୍ତ ଲୋକେ ଅଧାବାଟରେ ତାଙ୍କ କାର୍‌କୁ ଅଟକ ରଖିବା ସହ ପାଟିତୁଣ୍ଡ, ହୋ-ହଲ୍ଲା କରିଛନ୍ତି।

ସୂଚନାନୁଯାୟୀ, କାଳବୈଶାଖୀ ଜନିତ କୁଆପଥର ବର୍ଷାରେ ମୟୂରଭଞ୍ଜ ଜିଲ୍ଲାର ବିଶୋଇ ଓ ବାଙ୍ଗିରିପୋଷି ବ୍ଲକ୍‌ରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏପରି ଏକ ଆକସ୍ମିକ ବିପର୍ଯ୍ୟୟ ପାଇଁ ଆଦୌ ପ୍ରସ୍ତୁତ ନଥିବା ସ୍ଥାନୀୟ ଶହଶହ ଲୋକ କୁଆପଥର ମାଡ଼ରେ ଆହତ ହୋଇଥିବା ବେଳେ ହଜାର ହଜାର ଲୋକ ବାସହରା ହୋଇଯାଇଛନ୍ତି। କାହାର ଘର ଛପର ଉଡ଼ି ଯାଇଛି ତ କାହାର ଆଜବେଷ୍ଟସ୍ କଣା ହୋଇଯାଇଛି। ସେହିପରି ଏକର ଏକର ଚାଷ ଜମିରେ ହୋଇଥିବା ପରିବା ଚାଷ ନଷ୍ଟ ହୋଇଯାଇଛି। କିନ୍ତୁ ଗୁରୁବାର ସଂଧ୍ୟାରେ ଏହି ଘଟଣା ଘଟିଥିଲେ ହେଁ ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇବା ତ ଦୂରର କଥା, କେହି ପ୍ରଶାସନିକ ଅଧିକାରୀ ସେମାନଙ୍କ ପାଖ ମାଡ଼ିନଥିଲେ। ଏହାକୁ ନେଇ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ବିଭିନ୍ନ ସ୍ଥାନରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକ ରାଜପଥ ଅବରୋଧ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଆସିଥିବା ପ୍ରଶାସନିକ ଅଧିକାରୀଙ୍କୁ ମୁଡ଼ି ଖୁଆଇ ପ୍ରତିବାଦ କରିଥିଲେ। ତେବେ ଆଜି ତୃତୀୟ ଦିନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷୟକ୍ଷତି ଦେଖିବା ପାଇଁ ଜିଲ୍ଲା ଗସ୍ତରେ ଆସିଥିଲେ। ଆଜି ପୂର୍ବାହ୍ନରେ ହେଲିକପ୍ଟର ଯୋଗେ ସେ ପ୍ରଥମେ ବାଙ୍ଗିରିପୋଷି ଓ ପରେ ବିଶୋଇ ବ୍ଲକର ପ୍ରଭାବିତ ଅଞ୍ଚଳଗୁଡ଼ିକ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ମନ୍ତ୍ରୀ ଶ୍ରୀ ପୂଜାରୀ ବାଙ୍ଗିରିପୋଷିର ଅଳ୍ପ କିଛି ଅଞ୍ଚଳ ବୁଲି ବିଶୋଇ ବ୍ଲକ୍‌କୁ ପଳାଇବାରୁ ଏହାକୁ ନେଇ ପୃଥକ୍ ପୃଥକ୍ ସ୍ଥାନରେ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

ବାଙ୍ଗିରିପୋଷି ରେଳଫାଟକ ପାଖରେ ୭ନଂ ୱାର୍ଡ ହାଣଦାରଠାରେ ମନ୍ତ୍ରୀଙ୍କୁ ହେଲିପ୍ୟାଡ୍‌ରେ ଛାଡ଼ି ଫେରୁଥିବା କାର୍‌କେଡ୍ ଉପରକୁ ଉତ୍ତ୍ୟକ୍ତ ଲୋକେ ପଥରମାଡ଼ କରିଥିଲେ। ଏଥିରେ ଗୋଟିଏ କାର୍ କାଚ ଭାଙ୍ଗିବା ସହ ଗାଡ଼ିରେ ଥିବା କନେଷ୍ଟବଳ ରୁଦ୍ରଚରଣ ସାହୁଙ୍କ ଆହତ ହୋଇଥିଲେ। ପରେ ଲୋକେ ତାଙ୍କୁ ଗାଡ଼ିରୁ ଟାଣି ଠେଲାପେଲା କରିଥିଲେ। ୩ଦିନ ହେବ ସମ୍ପୃକ୍ତ ଜନସାଧାରଣଙ୍କ ଘର ପରିଦର୍ଶନରେ କେହି ନଯିବା, ରିଲିଫ ନଦେବା, ଏପରିକି ମନ୍ତ୍ରୀ ମଧ୍ୟ ନ ଆସିବାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା। ସେହିପରି ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ହେଲିପ୍ୟାଡରୁ ଅନ୍ୟ ରାସ୍ତାରେ ଫେରୁଥିବା ବେଳେ ସେ ମଧ୍ୟ ଲୋକଙ୍କ ରୋଷର ଶିକାର ହୋଇଥିଲେ। ତୁଆପାଣିର ଅସନ୍ତୋଷ ଲୋକ ତାଙ୍କୁ ଅଟକାଇ ପଲିଥିନ୍ ପାଇ ନଥିବା କହିଥିଲେ। ତେବେ ପଲିଥିନ୍ ଦେବାକୁ ସେ ନିର୍ଦ୍ଦେଶ ଦେବା ପରେ ମୁକୁଳିଥିଲେ।

ଅପରପକ୍ଷରେ ବାଙ୍ଗିରିପୋଷି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ୫୦ନଂ ରାଜ୍ୟ ରାଜପଥକୁ ପଲିଥିନ୍ ଓ ରିଲିଫରୁ ବଞ୍ଚିତ ଉତ୍ତେଜିତ ଜନସାଧାରଣ ୨ ଘଣ୍ଟା ଧରି ଅବରୋଧ କରିଥିଲେ। ପରେ ପ୍ରଶାସନ ଓ ପୁଲିସ୍ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## କୋଲାବ ମୁଖ୍ୟ କେନାଲରୁ ନାବାଳକର ମୃତଦେହ ଉଦ୍ଧାର

**ଜୟପୁର, ୨୩।୩ (ସମିସ):** ୩ଦିନ ଧରି ନିଖୋଜ ଥିବା କୋରାପୁଟ ଜିଲ୍ଲା ଜୟପୁର ସହର ମହାରାଣି ପେଟା ରାମଦାସ ଲାଇନର ପି. ଗୌରୀଶଙ୍କ ସାନପୁଅ ପି. ନିଖିଲେଶ (୧୭)ଙ୍କ ମୃତଦେହ କୋଲାବ ମୁଖ୍ୟ କେନାଲରୁ ରବିବାର ଉଦ୍ଧାର ହୋଇଛି। କୋଲାବ ଇରିଗେସନ୍ ବିଭାଗର ଗଡ଼ପଦର ରାସ୍ତାର ମୁଖ୍ୟ କେନାଲ ଫାଟକ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଗତ ୨୦ତାରିଖରେ ନିଖିଲେଶ ନିଖୋଜ ହୋଇଯାଇଥିବା ବେଳେ ତାଙ୍କ ମୋବାଇଲ ଓ ବାଇକ ସତୀଗୁଡ଼ା ଡ୍ୟାମ୍ ନିକଟରେ ଥିବା ଦେଖିବାକୁ ମିଳିଥିଲା। ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଗତ ୨୦ ଏବଂ ୨୧ ତାରିଖ ଦୁଇଦିନ ଧରି ଡ୍ୟାମରେ ଖୋଜାଖୋଜି କରି ବିଫଳ ହୋଇଥିଲେ। ରବିବାର ସ୍ଥାନୀୟ ଲୋକେ ମୃତଦେହ ଭାସୁଥିବା ଦେଖି ଖବର ଦେବା ପରେ ପୁଲିସ ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।


**CHANGE OF DATE OF BIRTH**
I, KAMINI SAHOO is legally Mother of 15193603F NK (RST) JITENDRA SAHOO presently residing at VILL - SADANGI, PO- SADANGI, DIST- DHENKANAL (ODISHA), PIN 759016 have changed my date of birth from **01/01/1964** to **25/07/1962** vide Affidavit dated 11-03-2025 before District Cort of DHENKANAL.

**AFFIDAVIT**
By virtue of an affidavit Sl. No. 16, dtd. 20.3.2025 in the court of the Additional Tahasildar-cum-Executive Magistrate, Phiringia, Dist-Kandhamal, I, Kunti Kanhar have changed my minor daughter's name from Nandini Kanhar to Ankita Kanhar. Henceforth, she will be known as Ankita Kanhar for all purposes.
Sd/- Kunti Kanhar

**AFFIDAVIT**
By virtue of this affidavit sworn before Executive Magistrate, Bhubaneswar on dt. 20/03/2025, I, **P. PRATIK KUMAR**, S/o- Prasanta Kumar Panda residing at Plot No.- 262/ 2088, Mahadev Vihar, Aiginia, Bhubaneswar-751019, Dist- Khordha, declare that, I, have changed my name from **P. PRATIK KUMAR** to **PRATIK KUMAR PANDA**. Henceforth, I shall be known as **PRATIK KUMAR PANDA** for all purposes.

**AFFIDAVIT**
I, Gayatri Pattanaik, W/o- Parthasarathi Pattnaik, resident Plot No- 2937, Chintamani Nagar, Po/Ps- Jatni, Dist- Khordha, Pin: 752050, Odisha declare by this affidavit No. 03, Dtd: 07.03.2025 that now onwards I shall be known as **GAYATRI PATTNAIK** for all future purposes.

**AFFIDAVIT**
I, Parthasarathi Pattanaik, S/o- Ramesh Chandra Pattnaik, resident Plot No- 2937, Chintamani Nagar, Po/Ps- Jatni, Dist- Khordha, Pin: 752050, Odisha declare by this affidavit No. 04/2025, Dtd: 20.03.2025 that now onwards I shall be known as **PARTHASARATHI PATTNAIK** for all future purposes.

**CHANGE OF DATE OF BIRTH**
I, PARIKSHITA SAHOO is legally Father of 15193603F NK (RST) JITENDRA SAHOO presently residing at VILL - SADANGI, PO SADANGI, DIST- DHENKANAL (ODISHA), PIN 759016 have changed my date of birth from **01/01/1954** to **09/10/1951** vide Affidavit dated 11-03-25 before District Cort of DHENKANAL.


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚଷମା ଲଗାଇ...

ପ୍ରଯୁକ୍ତିବିଦ୍ୟା ଏବଂ ଜ୍ଞାନକୌଶଳର କରାମତିକୁ ଦର୍ଶାଉଛି। ଲୋକେ ଏହା ଉପରେ ମଜାକିଆ ମନ୍ତବ୍ୟ ଦେଇଛନ୍ତି। ଜଣେ କହିଛନ୍ତି ଯେ ମାଙ୍କଡକୁ ସରକାରୀ ଚାକିରି ମିଳିଯାଇଛି। ତା'ର ଟାଇପିଂ ସ୍ପିଡ ଆମଠାରୁ ବହୁତ ଭଲ ରହିଛି। ଆଉ ଜଣେ ବ୍ୟବହାରକାରୀ ମାଙ୍କଡ଼ ଲୋକଙ୍କ ଚାକିରି ଖାଇଯିବ ବୋଲି ମତ ଦେଇଛନ୍ତି। ଅନ୍ୟ ଜଣେ ବ୍ୟକ୍ତି ଏଆଇ କମାଲ କରିଦେଲା ବୋଲି ମତ ଦେଇଛନ୍ତି।

## କାଠଗଡ଼ାରେ ବିଚାର...

ପ୍ରତି ଲୋକମାନଙ୍କର ଆସ୍ଥାକୁ ମଧ୍ୟ ଦୋହଲାଇ ଦେଇଛି। ଦିଲ୍ଲୀ, କର୍ଣ୍ଣାଟକ, ଆହ୍ଲାବାଦ, କେରଳ,ବେଙ୍ଗାଲୁରୁ ସମେତ ଅନେକ ହାଇକୋର୍ଟ ବାର ଆସୋସିଏସନ୍ ସମଗ୍ର ଘଟଣାକୁ ଗୁରୁତ୍ୱର ସହ ନେଇ ଉପରୋକ୍ତ ପ୍ରଶ୍ନ ଉଠାଇଛନ୍ତି। ଦିଲ୍ଲୀ ହାଇକୋର୍ଟ ବାର ଆସୋସିଏସନର କେକେ ମନନ୍ ଏବଂ ଆହ୍ଲାବାଦ ହାଇକୋର୍ଟ ବାର ଆସୋସିଏସନର ସଭାପତି ଅନିଲ ତିୱାରୀ ପ୍ରଶ୍ନ କରିଛନ୍ତି ଯେ ଯେଉଁ ଘଟଣାର ତଦନ୍ତ ୨୪ ଘଣ୍ଟା ଭିତରେ ହେବା କଥା ତାହା ୭ ଦିନ ଲାଗିଲା କାହିଁକି? ତାହା ପୁଣି ଗଣମାଧ୍ୟମରେ ପ୍ରକାଶ ପାଇବା ପରେ। ଘଟଣାର ତଦନ୍ତ ପାଇଁ ସୁପ୍ରିମ କୋର୍ଟ ଯେଉଁ ଆଭ୍ୟନ୍ତରୀଣ କମିଟି ଗଠନ କରିଛନ୍ତି, ତାହା ଜଷ୍ଟିସ ବର୍ମାଙ୍କୁ କ୍ଲିନଚିଟ୍ ଦେବାର ସମ୍ଭାବନା ରହିଛି ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଏହି ଆଇନଜୀବୀ। ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆନଯାଇ ଆଭ୍ୟନ୍ତରୀଣ କମିଟିକୁ ଦିଆଯିବାର ଉଦ୍ଦେଶ୍ୟକୁ ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୫ ତାରିଖରେ ଜଷ୍ଟିସ ବର୍ମାଙ୍କ ଘରେ ନିଆଁ ଲାଗିଥିଲା ଏବଂ ଏହାକୁ ଲିଭାଇବା ସମୟରେ ଦମକଳ ବାହିନୀ ନଜରରେ ପଡ଼ିଥିଲା ପୋଡ଼ିଯାଉଥିବା ବିଡ଼ା ବିଡ଼ା ଟଙ୍କା। ଏହାର ପରିମାଣ ୧୫ କୋଟି ବୋଲି କୁହାଯାଉଛି। କିନ୍ତୁ ଏହାକୁ ସାଧାରଣରେ ପ୍ରକାଶ କରାଯାଇନଥିଲା। ଦମକଳ ବିଭାଗ ଏବଂ ଦିଲ୍ଲୀ ପୁଲିସ ଏହି ଖବର ହାଇକୋର୍ଟକୁ ଜଣାଇଥିଲେ ଏବଂ ହାଇକୋର୍ଟ ସର୍ବୋଚ୍ଚ ଅଦାଲତକୁ ଜଣାଇଥିଲେ। ତଥାପି ମାମଲାକୁ ଚାପି ରଖାଯାଇଥିଲା। ୨୧ ତାରିଖରେ କିଛି ଗଣମାଧ୍ୟମ ଏହି ଖବରକୁ ପ୍ରଘଟ କରିବା ପରେ ସୁପ୍ରିମ କୋର୍ଟ ତରଫରୁ ଏହାକୁ ସ୍ୱୀକାର କରାଯାଇଥିଲା। କୋର୍ଟ ପକ୍ଷରୁ କୁହାଯାଇଥିଲା ଯେ ଜଷ୍ଟିସ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟ ବଦଳି କରାଯାଇଛି ଏବଂ ମାମଲାର ତଦନ୍ତ ରିପୋର୍ଟ ଦେବାପାଇଁ କୁହାଯାଇଛି। ଏହାକୁ ନେଇ ଚାରିଆଡ଼େ ହଙ୍ଗାମା ହେବାରୁ ଗତକାଲି ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ତାଙ୍କର ରିପୋର୍ଟ ଦାଖଲ କରିଥିଲେ ଏବଂ ଏହି ରିପୋର୍ଟକୁ ସୁପ୍ରିମ କୋର୍ଟ ତାଙ୍କର ୱେବସାଇଟରେ ଭିଡିଓ ସହିତ ଅପଲୋଡ୍ କରିଛନ୍ତି। ଏହାସହିତ ଜଷ୍ଟିସ ବର୍ମାଙ୍କ ସ୍ପଷ୍ଟୀକରଣକୁ ମଧ୍ୟ ଅପଲୋଡ୍ କରାଯାଇଛି। ଜଷ୍ଟିସ ବର୍ମା ଯେଉଁ ସ୍ପଷ୍ଟୀକରଣ ଦେଇଛନ୍ତି, ତାହାକୁ ନେଇ ମଧ୍ୟ ଆଇନଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଜଷ୍ଟିସ ବର୍ମା ସଫେଇ ଦେଇ କହିଛନ୍ତି ଯେ ନିଆଁ ଲାଗିଲା ବେଳେ ସେ ଘରେ ନଥିଲେ ଏବଂ ଏ ଟଙ୍କା ତାଙ୍କର ନୁହେଁ। ତାଙ୍କୁ ବଦନାମ କରିବା ଲାଗି ଏଭଳି ଚକ୍ରାନ୍ତ କରାଯାଇଛି। ଏବେ ପ୍ରଶନ ଉଠୁଛି ଯେ ନିଆଁ ଲାଗିଲା ବେଳେ ଯଦି ସେ ଘରେ ନଥିଲେ, ତାହେଲେ କେଉଁଠି ଥିଲେ। ନିଆଁ ସମୟରେ ଘରେ କିଏ କିଏ ଥିଲେ? ଏହା ସ୍ପଷ୍ଟ କରାଯାଉ। ଆଇନଜୀବୀ ତିୱାରୀ କହିଛନ୍ତି, ତାଙ୍କ ଘରେ କ'ଣ ଚାଲିଛି ଯଦି ବିଚାରପତି ଜାଣି ନାହାନ୍ତି ତାହାହେଲେ ଏତେ ବଡ଼ ପଦବୀ ପାଇଁ ସେ ଯୋଗ୍ୟ ନୁହନ୍ତି। ସେ ତୁରନ୍ତ ଇସ୍ତଫା ଦିଅନ୍ତୁ, ନହେଲେ ତାଙ୍କୁ ବହିଷ୍କାର କରାଯାଉ।

## ଚା' ଦୋକାନ...

ଯାଉଥିଲା। ତେବେ ଟ୍ରକ୍‌ଟି ରାଜାମୁଣ୍ଡା -ଜାମୁଡ଼ିହି ଟୋଲପ୍ଲାଜା ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଚା' ଦୋକାନକୁ ମାଡ଼ି ଯାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଚାପି ହୋଇ ଚା' ଦୋକାନୀ ସମ୍ବାରୀ ମୁଣ୍ଡାରୀ (୩୦)ଙ୍କ ସହ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଦୋକାନରେ ଥିବା ମୃତା ସୋମ୍ବାରୀଙ୍କ ସ୍ୱାମୀ ଓ ତାଙ୍କ ୧୪ବର୍ଷର ଝିଅ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ଓ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଛି। ଲୁହାପଥର ତଳେ ଆଉ କେହି ଅଛନ୍ତି କି ନାହିଁ ସନ୍ଦେହ ଥିବା ଦୃଷ୍ଟିରୁ ଚାଲିଥିବା ଉଦ୍ଧାର କାର୍ଯ୍ୟ ସମାପ୍ତ ହୋଇଛି। ଘଟଣାରେ ତିନିଜଣଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଛି। କେ. ବଲାଙ୍ଗ ପୁଲିସ୍ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟ ମୃତକଦ୍ୱୟ ଟ୍ରକ୍ ଚାଳକ ହୋଇଥିବା ବେଳେ ସେମାନେ ସେଠାରେ ବସି ଚା' ପିଉଥିବା ସୂଚନା ମିଳିଛି। ସୋମବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

## ରିୟଲ ଇଷ୍ଟେଟରେ...

ଅନୁସାରେ ଗତବର୍ଷ କ୍ୟାଲେଣ୍ଡର ବର୍ଷର ପ୍ରଥମ ତ୍ରୟମାସିକରେ ୧,୩୬,୭୦୨ ଘର ବିକ୍ରି ହୋଇଥିବାବେଳେ ଚଳିତ ବର୍ଷ ଏହା ୧,୦୫,୭୯୧କୁ ହ୍ରାସ ପାଇବ। ଗୃହ ନିର୍ମାଣ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ଘରର ମୂଲ୍ୟ ବୃଦ୍ଧି ପାଇଛି। ଏହା ସହ ଗୃହ ପ୍ରକଳ୍ପଗୁଡ଼ିକର ଅନୁମୋଦନରେ ବିଳମ୍ବ, ବ୍ୟାଙ୍କର ଅସହଯୋଗ ଓ ଅନ୍ୟାନ୍ୟ କାରଣରୁ ରିୟଲଇଷ୍ଟେଟ କ୍ଷେତ୍ର ପ୍ରଭାବିତ ହୋଇଛି। ରିୟଲ ଇଷ୍ଟେଟ କମ୍ପାନୀଗୁଡ଼ିକ ପାର୍ବଣ ସମୟରେ ଦେଉଥିବା ଅଫର ଏବେ ଅସମୟରେ ଦେଲେ ମଧ୍ୟ ତାହା ଗ୍ରାହକଙ୍କୁ ଆକୃଷ୍ଟ କରିପାରୁ ନାହିଁ।

ଏ ସମ୍ପର୍କରେ ପ୍ରପ୍‌ଇକ୍ୱିଟିର ପ୍ରତିଷ୍ଠାତା ଏବଂ ସିଇଓ ସମୀର ଜାସୁଜା କହିଛନ୍ତି ଯେ ଘରର ମୂଲ୍ୟ ବୃଦ୍ଧି, ଭୂ-ରାଜନୈତିକ ଉତ୍ତେଜନା, ଭାରତୀୟ ଅର୍ଥନୀତିରେ ଦୁର୍ବଳତାକୁ ନେଇ ନିବେଶକମାନେ ସତର୍କ ହୋଇ ଯାଇଛନ୍ତି। ଯାହା ଫଳରେ ଘର ବିକ୍ରି ହ୍ରାସ ପାଇଛି। ମୁମ୍ବଇ, ଚେନ୍ନଇ, ଦିଲ୍ଲୀ-ଏନ୍‌ସିଆର, କଲକାତା, ପୁନେ ଥାନେ ପରି ସହର ସହ ଦ୍ୱିତୀୟ ବର୍ଗ ସହରଗୁଡ଼ିକରେ ମଧ୍ୟ ଗୃହ ବିକ୍ରିରେ ତୀବ୍ର ହ୍ରାସ ଘଟିଛି ।

## ଆଖିରେ ମଲାଣି...

ଅସ୍ମିତାକୁ ଛାଡ଼ି ସରକାର ହାତ ଟେକି ଦେଇଛନ୍ତି ବୋଲି ଏବେ ବିରୋଧୀ ଅଭିଯୋଗ କରିଛନ୍ତି। ମହାନଦୀ ସଂକ୍ରାନ୍ତରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା କେବଳ ଚାହା କପ୍‌ରେ ସୀମିତ ନ ରହୁ ବୋଲି ବିଜେଡି ଚେତାଇ ଦେଇଥିବା ବେଳେ କଂଗ୍ରେସ୍ ବି କଟାକ୍ଷ କରିଛି। ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଆମେ ସମସ୍ତେ ମହାନଦୀ ବିବାଦର ସମାଧାନ ଚାହୁଁଛୁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଅନେକ ଥର ଏ ନେଇ ଉଦ୍ୟମ ହୋଇଛି। ବାରମ୍ବାର କେନ୍ଦ୍ର ଓ ଛତିଶଗଡ଼ ସହ ଆଲୋଚନା ହୋଇଛି। ଏକାଧିକ ଥର ତ୍ରିପାକ୍ଷିକ ଆଲୋଚନା ହୋଇଛି। ହେଲେ ଛତିଶଗଡ଼ର ଜିଦଖୋର ମନୋଭାବ ପାଇଁ ସମାଧାନ ହୋଇପାରିନି। ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ଯଦି ଉଭୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ହେଲେ କେବଳ ଚା କପ ଉପରେ ଆଲୋଚନା ନ କରି ଯଦି ସମାଧାନର ଇଚ୍ଛା ଅଛି ଛତିଶଗଡ଼ ନିର୍ମାଣ କରୁଥିବା ବ୍ୟାରେଜ କାମ ବନ୍ଦ କରୁ ବୋଲି କହିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଛନ୍ତି ଯେ ଟ୍ରିପଲ ଇଞ୍ଜିନ ସରକାର କାମ ବନ୍ଦ କରି ସମାଧାନର ରାସ୍ତା ବାହାର କରନ୍ତୁ। କେବଳ ଟେବୁଲରେ ଆଲୋଚନା କରି କାମ ଚାଲୁ ରହିଲେ କୌଣସି ଲାଭ ନାହିଁ। ଯଦି ଉଭୟ ସରକାର ଫଳପ୍ରଦ ଆଲୋଚନା ସହ ଆପୋଷ ସମାଧାନ ଚାହୁଁଛନ୍ତି ତାହାଲେ କାମ ପ୍ରଥମେ ବନ୍ଦ କରି ଆଲୋଚନା କରନ୍ତୁ। ମାମଲା ଟ୍ରିବ୍ୟୁନାଲରେ ଥିବାରୁ ଉଭୟ ସରକାର ଆପୋଷ ସମାଧାନ କରିପାରିବେ କି ନାହିଁ ତାହା ସମୟ କହିବ। ତେଣୁ ତୁରନ୍ତ ସମାଧାନର ରାସ୍ତା ବାହାର କରିବାକୁ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛି ବିଜେଡି। ଅନୁରୂପ ଭାବରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଅଛି। ତେଣୁ ରାଜ୍ୟ ସରକାର ଯଦି ଆନ୍ତରିକତା ପ୍ରକାଶ କରିବେ ତା ହେଲେ ବିବାଦ ସମାଧାନ ପାଇଁ ବାଟ ବାହାରି ପାରିବ। ତେଣୁ ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଇ କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କ ସହ ସକାରାତ୍ମକ ଆଲୋଚନା କରି ମହାନଦୀକୁ ବିବାଦ ମୁକ୍ତ କରନ୍ତୁ ବୋଲି ଶ୍ରୀ ଦାସ କହିଛନ୍ତି। ଏ ପ୍ରସଙ୍ଗରେ ରାଜ୍ୟ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାନଦୀ ପାଇଁ ଆମ ସରକାର ଚିନ୍ତିତ ଅଛନ୍ତି। ଏହାର ସମାଧାନ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ଓଡ଼ିଶାର ସ୍ୱାର୍ଥ ସହିତ ସାଲିସ କରାଯିବ ନାହିଁ ବୋଲି ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଧାନସଭାରୁ ନେଇ ସଂସଦ ପର୍ଯ୍ୟନ୍ତ ମହାନଦୀ ପାଇଁ ସ୍ୱର ଉଠାଇଛି ବିଜୁ ଜନତା ଦଳ। ମାତ୍ର ରାଜ୍ୟର ୨୦ ବିଜେପି ସାଂସଦଙ୍କ ପାଟି ଫିଟୁ ନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ବିଧାନସଭାରେ ମଧ୍ୟ ବିଜେଡି ବିଧାୟକ ଡ଼. ଅରୁଣ ସାହୁ ଏହି ପ୍ରସଙ୍ଗ ଉଠାଇ 'ମହାନଦୀର ଚିଠି' ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଅଦାଲତଙ୍କ ନିର୍ଦ୍ଦେଶରେ ୨୦୧୮ ରେ ଟ୍ରିବୁନାଲ ଗଠନ ହେଲା। ୫ ବର୍ଷ ଧରି ବିଚାର ହୋଇପାରିଲା ନାହିଁ ଏବେ ପୁଣି ୨୦୨୬ ଏପ୍ରିଲ ଯାଏଁ ସମୟ ବଢ଼ାଇଛନ୍ତି। ଦେଶରେ ୯ଟି ଟ୍ରିବୁନାଲ ଅଛି, କିନ୍ତୁ କିଛି କାମକୁ ନୁହେଁ। କାବେରୀ ଏହାର ସବୁଠାରୁ ବଡ଼ ଉଦାହରଣ। ଏହାକୁ ନେଇ ଟ୍ରିବୁନାଲ ଦେଇଥିବା ରାୟକୁ କେହି ମାନିଲେନି। ତେଣୁ ସ୍ୱର୍ଶକାତର ମହାନଦୀ ପ୍ରସଙ୍ଗ କେବେ ସମାଧାନ ହେବ ତାହାକୁ ରାଜ୍ୟବାସୀ ଚାହିଁ ବସିଛନ୍ତି ।

## ତ୍ରିକୋଣୀୟ ପ୍ରେମରୁ...

ଜାରି ରହିଥିଲା ବେଳେ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ଏଭଳି କାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଅଭିଯୁକ୍ତଙ୍କୁ ଶୀଘ୍ର କାବୁ କରାଯିବା ସହ ସମ୍ପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ୍ କରାଯିବ ବୋଲି ପୁଲିସ୍ କହିଛି। ପୁଲିସ୍ ସୂଚନାନୁସାରେ, ରିନୁ ଗତ ମାସ ୨୭ ତାରିଖରେ ଟିଉସନ୍ ଯିବାକୁ କହି ଘରୁ ଯାଇଥିଲେ। କିନ୍ତୁ ଆଉ ଫେରିନଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ପତ୍ତା ପାଇନଥିଲେ। ତେଣୁ ଏନେଇ ଟିକାବାଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିଲା। ତେବେ ଶନିବାର ସୋରଡ଼ା ଥାନା ଖଜୁରୀପଲ୍ଲୀ ଗାଁ ନିକଟରୁ କଙ୍କାଳ ଠାବ ହୋଇଥିଲା। ଏଥିସହ ଘଟଣାସ୍ଥଳରୁ ଦୁଇଟି ଦରପୋଡା ମୋବାଇଲ, ପ୍ୟାଣ୍ଟ, ସାର୍ଟ, ଛୁରି ଜବତ ହୋଇଥିଲା।

# ସମ୍ପାଦକୀୟ



କ୍ଷମତା ଦୁଇପ୍ରକାରେ ହାସଲ କରାଯାଇପାରେ; ଦଣ୍ଡ ଭୟ ଜରିଆରେ କିମ୍ବା ଶ୍ରଦ୍ଧାରେ। ଦ୍ୱିତୀୟଟି ପ୍ରଥମ ଅପେକ୍ଷା ହଜାରେ ଗୁଣ ଶ୍ରେୟସ୍କର।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଅବାଧ ଅପରାଧ

ଗାନ୍ଧିଜୀ ଯେଉଁ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିଲେ ସେଠାରେ ମହିଳାଜଣେ ଏକୁଟିଆ ରାତିରେ ରାଜରାସ୍ତାରେ ସୁରକ୍ଷିତ ଭାବେ ଯାଇ ପୁଣି ଘରକୁ ଫେରିପାରୁଥିବ। ସ୍ୱାଧୀନତାର ୭୮ ବର୍ଷ ପରେ ଜାତିରପିତାଙ୍କ ସେହି ସ୍ୱପ୍ନ କେତେ ଫଳବତୀ ହୋଇଛି ତାହା ଖବରକାଗଜମାନଙ୍କରେ ପ୍ରତିଦିନ ପ୍ରକାଶ ପାଉଥିବା ଅପରାଧ ପୃଷ୍ଠାରୁ ପ୍ରମାଣିତ ହୋଇପାରିବ। ମହିଳାଙ୍କ କଥା ଦୂରେ ଥାଉ ହୃଷ୍ଟପୁଷ୍ଟ ଯୁବକଟିଏ ମଧ୍ୟ ଘରୁ ପାଦ କାଢ଼ି ପୁଣି ଘରକୁ ଫେରିବା ଆଜିର ଦିନରେ ନିଶ୍ଚିତ କରିହେଉନାହିଁ। ଅପରାଧର କାୟା ଏତେ ବିସ୍ତାରିତ ଓ ରୂପ ଏତେ ବିକଟାଳ ହୋଇସାରିଛି ଯେ ପୁତ୍ର ପିତାଙ୍କୁ, ଛାତ୍ର ଶିକ୍ଷକଙ୍କୁ, ସ୍ତ୍ରୀ ସ୍ୱାମୀଙ୍କୁ ହତ୍ୟା କରିବା ଆଜିକାଲିର ଏକ ସାଧାରଣ ଘଟଣା ଭାବେ ଧରାଯାଉଛି। ଅପରାଧ ଆଗରେ ପାରିବାରିକ କିମ୍ବା ଭାବଗତ ସମ୍ପର୍କ ତୁଚ୍ଛ ହୋଇସାରିଛି। ସେହିପରି ହତ୍ୟାର ମାଧ୍ୟମ ଆଉ ଠେଙ୍ଗା, ଛୁରି, ଖଣ୍ଡାରେ ସୀମିତ ରହିନାହିଁ। କଥାକଥାକେ ଗୁଳି ଫୁଟୁଛି, ବୋମାର ଗର୍ଜନ ଶୁଣିବାକୁ ମିଳୁଛି। ଅପରାଧ ମଧ୍ୟ ବୟସର ସୀମା ମଧ୍ୟରେ ସୀମିତ ହୋଇ ରହିନାହିଁ। ଛଅ ବର୍ଷର କୋମଳମତି ଶିଶୁଟିଏ କେତେବେଳେ ଅପରାଧୀ ସାଜୁଛି ତ ଅଶୀତପରେ ହତ୍ୟାକାରୀ ଭାବେ କୋର୍ଟଚାଲାଣ ଭଳି ଘଟଣା ଦେଖିବାକୁ ଓ ଶୁଣିବାକୁ ମିଳୁଛି। ପରିସ୍ଥିତି ଏପରି ମଧ୍ୟ ହୋଇଛି ଯେ କେଉଁଠି ବାଲ୍‌ଟିଏ ପାଣି ପାଇଁ କିଏ କାହାକୁ ହତ୍ୟା କରୁଛି ତ ସ୍କୁଲ୍ ଛାତ୍ରଟିଏ ସହପାଠୀକୁ ହତ୍ୟା କରିବାର ଷଡ଼ଯନ୍ତ୍ର କରୁଛି। ଏପରିକି ଜାମିନ ମଞ୍ଜୁର କରିଥିବା ବିଚାରପତି ମଧ୍ୟ ସମ୍ପୃକ୍ତ ଜେଲ୍‌ଫେରନ୍ତା ବିଚାରାଧୀନ ଅଭିଯୁକ୍ତଟିର ଅପରାଧର ଶିକାର ହେଉଛନ୍ତି।

ସମାଜରେ ଅପରାଧ, ହିଂସା, ରକ୍ତପାତ, ହତ୍ୟା ଆଦି ପ୍ରବଣତା ବଢ଼ିବା ପଛରେ ମନସ୍ତତ୍ତ୍ୱବିତ୍‌ମାନେ ଯେଉଁସବୁ କାରଣ ଦର୍ଶାଉଛନ୍ତି, ତାହା ଯେତିକି ଗମ୍ଭୀର ତା'ର ନିରାକରଣ ସମ୍ଭାବନା ତା'ଠାରୁ ଅଧିକ ଉଦ୍‌ବେଗଜନକ। ଅପରାଧ ବା ହିଂସା ମୂଳରେ ରହିଛି ନିଶା। ନିଶାସକ୍ତର ହିତାହିତ ଜ୍ଞାନ ରହୁ ନଥିବାରୁ ତା' ଆଗରେ ପର-ନିଜର, ଧର୍ମ-ଅଧର୍ମ, ନ୍ୟାୟ-ଅନ୍ୟାୟ, ଉଚିତ-ଅନୁଚିତ ଆଦି ଗୌଣ ହୋଇପଡୁଛି। ସରକାରଙ୍କ ରାଜସ୍ୱ ସଂଗ୍ରହ ଆତୁରତା ବଢ଼ିବା ସହିତ ମନ୍ଦିର, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଆଦି ନିଷିଦ୍ଧାଞ୍ଚଳ ନିକଟରେ ମଧ୍ୟ ମଦ ଦୋକାନର ପ୍ରାବଲ୍ୟ ବଢ଼ିବାରେ ଲାଗିଛି। ଯେଉଁଠି ସରକାରଙ୍କୁ ରାଜସ୍ୱ ସଂଗ୍ରହ ନିଶା ଘାରିଛି ସେଠାରେ ମଦ ଦୋକାନକୁ ବନ୍ଦ କରିବ କିଏ? ତେଣୁ ପ୍ରାୟ ସବୁ ଅପରାଧର ସହିତ ଜଡ଼ିତ ଅଭିଯୁକ୍ତ ନିଶାସକ୍ତ ହୋଇଥିବାର ପ୍ରମାଣ ମିଳୁଛି। ଆଉ ଦୁଇପାଦ ଯାଇ ଡ୍ରଗ୍ସ, କୋକେନ୍, ଚରସ୍, ବ୍ରାଉନସୁଗରର ମଧ୍ୟ ଅବାଧ ବିକ୍ରି ଚାଲିଛି, ଯାହା ଅପରାଧପ୍ରବଣତାକୁ ଆହୁରି ସଙ୍ଗିନ କରୁଛି।

ସମାଜରେ ବଢ଼ିଚାଲିଥିବା ଅପରାଧପ୍ରବଣତା ପଛର ଆଉ ଏକ କାରଣ ହେଉଛି ସାମାଜିକ ଗଣମାଧ୍ୟମର ଉଚ୍ଚାଟ ଓ ଅତିଶୟୋକ୍ତି ଖବର ପ୍ରସାରଣ। ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସପୂର୍ଣ୍ଣ, ଚାକଚକ୍ୟ ଭରା ଯେଉଁ ଦୁନିଆର ଅବତାରଣା ଗଣମାଧ୍ୟମରେ ହେଉଛି ସେଥିରୁ ସମାଜରେ ଏକ ହୀନମନ୍ୟତା ଭାବ ଜନ୍ମ ନେଉଛି। ଅବହେଳିତ ଓ ବଞ୍ଚିତ ବର୍ଗ ନିଜକୁ ତଥାକଥିତ ଆଭିଜାତ୍ୟ ବର୍ଗ ସହିତ ତୁଳନା କରି ହତୋତ୍ସାହିତ ଓ ଅବସାଦଗ୍ରସ୍ତ ହେଉଛି। ଯେନତେନ ପ୍ରକାରେଣ, ରାତାରାତି ସେହି ମାୟାଦୁନିଆକୁ ଛୁଇଁବାର ଉଚ୍ଚାକାଂକ୍ଷା ଛୋଟ ଅଥଚ ଜଟିଳ ରାସ୍ତାଟିଏ ଆବିଷ୍କାର କରୁଛି, ଯେଉଁଠାରେ ଅପରାଧ ହିଁ ସିଡ଼ି ବା ମାଧ୍ୟମ ହେଉଛି। ବସ୍ତିରେ ରହୁଥିବା ଅବହେଳିତ ବର୍ଗରୁ ଉଚ୍ଚଶିକ୍ଷିତ ଯୁବବର୍ଗ ଏହି ପଥର ଯାତ୍ରୀ ହୋଇସାରିଛନ୍ତି।

ଏହାଛଡ଼ା ପରିବେଶ କିଭଳି ଅପରାଧ ଓ ଅପରାଧୀ ସୃଷ୍ଟି କରୁଛି ତାହା ଉଲ୍ଲେଖ କଲା ବେଳେ ସେହି ପରିଚିତ ଗଳ୍ପର ସାମାନ୍ୟ ଉଦ୍ଧୃତି ପ୍ରାସଙ୍ଗିକ ହେବ, ଯେଉଁଠାରେ - ରାଜାଙ୍କ ଆଦେଶରେ ରାଜ୍ୟର ସର୍ବଶ୍ରେଷ୍ଠ ଚିତ୍ରକର ଏକ ନିଷ୍ପାପ ସରଳ ମୁଖର ଚିତ୍ର ଆଙ୍କିବା ପାଇଁ ବହୁ ଅନୁସନ୍ଧାନ ପରେ ଜଣେ ଦେବସୁଲଭ ଶିଶୁଙ୍କୁ ଆବିଷ୍କାର କଲେ ଏବଂ ସେହି ଶିଶୁଙ୍କୁ ଆଗରେ ରଖି ଯେଉଁ ଚିତ୍ରଟି ଆଙ୍କିଲେ ତାହା ଥିଲା ସେ ସମୟର ସର୍ବଶ୍ରେଷ୍ଠ କୃତି। କିଛିବର୍ଷ ପରେ ରାଜାଦେଶରେ ସେହି ଚିତ୍ରକର ଜଣକ ସବୁଠାରୁ ଭୟଙ୍କର ମୁଖର ଚିତ୍ରଟିଏ ଆଙ୍କିବାକୁ ବିଭିନ୍ନ ଜେଲ୍ ଖାନା ବୁଲିବା ପରେ ଶେଷରେ ସେ ଚାହୁଁଥିବା ଭଳି ଜଣେ କଏଦୀଙ୍କୁ ପାଇଲେ। ତାଙ୍କୁ ଆଗରେ ରଖି ଭୟାନକ ଚେହେରାର ଚିତ୍ର ଆଙ୍କୁଥିବା ବେଳେ କଏଦୀ ଜଣକ କାନ୍ଦୁଥିବାର ଦେଖି ଚିତ୍ରକର ତାହାର କାରଣ ପଚାରି ଜାଣିପାରିଲେ ଯେ ନିଷ୍ପାପ କୋମଳ ମୁଖର ଚିତ୍ର ପାଇଁ ସେଦିନ ମଡେଲ୍ ସାଜିଥିବା ସେହି ଶିଶୁ ଜଣକ ହିଁ ଏବେ ତାଙ୍କ ସାମ୍ନାରେ ଭୟାନକ ମୁଖ ଓ ଚକ୍ଷୁଧାରୀ ମଡେଲ୍ ଭାବେ ବସିଛନ୍ତି।' ତେଣୁ ଜନ୍ମରୁ କେହି ଅପରାଧୀ ହୋଇ ନଥା'ନ୍ତି। ପରିସ୍ଥିତି ଓ ପରିବେଶ ଜଣକୁ ସାଧୁ କିମ୍ବା ଅପରାଧୀ କରିବା ପାଇଁ ଦାୟୀ। ଅନେକ ସମୟରେ ପାରିବାରିକ ସମ୍ପର୍କ, ଆର୍ଥିକ ସ୍ଥିତି, ସାମାଜିକ ପ୍ରତିଷ୍ଠା ମଧ୍ୟ ଅପରାଧର ପୃଷ୍ଠଭୂମି ହେଉଥିବାର ଉଦାହରଣ ବହୁଳ।

ଏବେ ଏଠାରେ ପ୍ରଶ୍ନ ଉଠୁଛି ପରିବେଶ ସୁଧୁରିବ କେମିତି ଓ ସୁଧାରିବ କିଏ? ଅପରାଧ ପଛର କାରଣ ଯେହେତୁ ବହୁମୁଖୀ ଏହାର ନିରାକରଣ ମଧ୍ୟ ସମାବେଶୀ ହେବା ଆବଶ୍ୟକ। କଠୋର ଦଣ୍ଡବିଧାନ, ସୁଧାର ଗୃହ, ଆଇନ କାନୁନ୍ କେବଳ ଏହାର ସମାଧାନ ନୁହେଁ। ବରଂ ଆଜିକାଲିର ବ୍ୟବସ୍ଥା ଯାହା, ସେଥିରେ ବସ୍ତିରେ ରହୁଥିବା ବା ରାସ୍ତାଘାଟରେ ଖରା, ବର୍ଷା, ଶୀତରେ ରାତି କାଟୁଥିବା ନିରାଶ୍ରୟ ବ୍ୟକ୍ତିଟିଏ ଅପରାଧଟିଏ ଭିଆଇ ଦେଇ କାରାଗାରର ଚାରିକାନ୍ଥ ଓ ଛାତ ତଳେ କିଛିମାସ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ଖାଇପିଇ ଜୀବନ କାଟିବାକୁ ଶ୍ରେୟ ମଣୁଛି। ଏପରିକି ହାଜତ ମୃତ୍ୟୁ ଭଳି ବିବାଦ ଓ ମାମଲାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖିବା ମାନସିକତାରେ ବିଚାରାଧୀନ ନିଶାସକ୍ତ କଏଦୀମାନଙ୍କୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାକ୍ତରୀ ପରାମର୍ଶକ୍ରମେ ପ୍ରତିଦିନ ଅନୁମୋଦିତ ପରିମାଣରେ ମଦ ଓ ଡ୍ରଗ୍ସ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହେଉଛି। ଏଭଳି ପରିସ୍ଥିତିରେ ଅପରାଧ ହ୍ରାସ ପାଇବା ବଦଳରେ ବଢ଼ିବା ବିଚିତ୍ର କିମ୍ବା ଅସ୍ୱାଭାବିକ ନୁହେଁ। ଏହାଛଡ଼ା ଆମ ଲୋକସଂଖ୍ୟା ତୁଳନାରେ ଆରକ୍ଷୀ ବଳ ଅନୁପାତ ନୈରାଶ୍ୟଜନକ। ଏହାସତ୍ତ୍ୱେ ଯେଉଁଠାରେ ପ୍ରତିଦିନ ବିଭିନ୍ନ ସ୍ଥାନରେ ଏକାଧିକ ନେତା, ମନ୍ତ୍ରୀ, ଭିଆଇପିଙ୍କ ଗସ୍ତ ଓ ସଭାସମିତି ପାଇଁ ମାଳମାଳ ଆରକ୍ଷୀ ବଳ ନିୟୋଜିତ, ସେଠାରେ ଅପରାଧ ଓ ଅପରାଧୀଙ୍କ ମନରେ ଭୟ ସଞ୍ଚାର କରିବ କିଏ?

ଆମ ମତରେ ସମାଜରୁ ଅପରାଧର ମୂଳୋତ୍ପାଟନ ରାତାରାତି ସମ୍ଭବ ନୁହେଁ। ଏହାର ପ୍ରାବଲ୍ୟକୁ ନିରନ୍ତର ପ୍ରଚେଷ୍ଟା ଯୋଗେ ହ୍ରାସ କରାଯାଇପାରିବ। ଏଥିପାଇଁ ସରକାରୀ, ବେସରକାରୀ, ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଆଦି ସବୁସ୍ତରରୁ ସମ୍ମିଳିତ ଓ ସମନ୍ୱିତ ଉଦ୍ୟମ ହେବା ଆବଶ୍ୟକ। ବିଶେଷକରି ରାଜନୈତିକ ଦଳମାନେ ମାଗଣା ଯୋଜନାରେ ଜନସମୁଦାୟକୁ ମୋହାଚ୍ଛନ୍ନ ନ କରି କର୍ମସଂସ୍ଥାନ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବା ସହିତ ନିଶା କାରବାରକୁ ଦୃଢ଼ ହସ୍ତରେ ନିୟନ୍ତ୍ରଣ କଲେ ଯାଇ ସମାଜ ଅପରାଧମୁକ୍ତ ହୋଇପାରିବ।

## ଉପେକ୍ଷିତ ଶିଶୁ ଓ ଗୁଣାତ୍ମକ ଶିକ୍ଷା

**ଅମାତ୍ୟ କୁମାର ପ୍ରଧାନ**

ଆମ ଦେଶରେ ସାର୍ବଜନୀନ ଗୁଣାତ୍ମକ ପ୍ରାଥମିକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସ୍ୱାଧୀନତା ପ୍ରାପ୍ତିର ଆଦ୍ୟ ଭାଗରୁ ଅଦ୍ୟାବଧି ଅନେକ କାର୍ଯ୍ୟକ୍ରମ ଓ ନୀତି କାର୍ଯ୍ୟକାରୀ କରାଯାଇଛି। ତନ୍ମଧ୍ୟରୁ କଳାପଟା ଅଭିଯାନ, ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ, ଜିଲ୍ଲା ମାଧ୍ୟମିକ ଶିକ୍ଷା କାର୍ଯ୍ୟକ୍ରମ, ସର୍ବଶିକ୍ଷା ଅଭିଯାନ, ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ, ଶିକ୍ଷା ଅଧିକାର ଆଇନ-୨୦୦୯, ଜାତୀୟ ଶିକ୍ଷା ନୀତି ୧୯୮୬, ଜାତୀୟ ଶିକ୍ଷା ନୀତି ୨୦୨୦ ଅନ୍ୟତମ। ଏତଦ୍‌ବ୍ୟତୀତ ବିଭିନ୍ନ ଆୟୋଗର ସୁପାରିସ ମଧ୍ୟ କାର୍ଯ୍ୟକାରୀ ହୋଇଛି। ତଥାପି ଅଦ୍ୟାବଧି ଦଳିତ, ଭିନ୍ନକ୍ଷମ, ସହରୀ ଦରିଦ୍ର, ଆଦିବାସୀ ଓ ଦୂରବର୍ତ୍ତୀ ପ୍ରାନ୍ତୀୟ ଛାତ୍ରଛାତ୍ରୀ ଶିକ୍ଷାର ମୁଖ୍ୟସ୍ରୋତରେ ଯଥୋଚିତ ସାମିଲ ହୋଇ ପାରୁ ନ ଥିବା ଏବଂ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହୋଇ ରହିଯାଇଥିବା ଅଭିଯୋଗ ହେଉଛି। ଜାତୀୟ ଶିକ୍ଷାନୀତି ୨୦୨୦ ରେ ଅଧ୍ୟାୟ ୬ ଓ ୧୪ ରେ ଏହିଭଳି ଅବହେଳିତ ବର୍ଗଙ୍କ ପାଇଁ ସମାବେଶୀ ଓ ନ୍ୟାୟସଙ୍ଗତ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଅନେକ ପ୍ରାବଧାନ କରାଯାଇଛି।

ସମାବେଶୀ ଶିକ୍ଷା ଏଭଳି ଏକ ଶିକ୍ଷଣ ବ୍ୟବସ୍ଥା, ଯେଉଁଥିରେ କି କ୍ଷମତା, ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି, ଲିଙ୍ଗଭେଦ, ଭୌଗୋଳିକ ଅବସ୍ଥିତି ନିର୍ବିଶେଷରେ ସମସ୍ତ ବର୍ଗର ବିଦ୍ୟାର୍ଥୀ ଶିକ୍ଷା ବ୍ୟବସ୍ଥାର ମୁଖ୍ୟସ୍ରୋତରେ ସାମିଲ ହୋଇ ଦକ୍ଷତାର ପୂର୍ଣ୍ଣାଙ୍ଗ ବିକାଶ କରିପାରିବେ। ନ୍ୟାୟସଙ୍ଗତ ଶିକ୍ଷା ବିଦ୍ୟାର୍ଥୀର ବିଶେଷତା ଓ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଆବଶ୍ୟକତା କରୁଥିବା ସମସ୍ତ ସୁବିଧା ଯୋଗାଇଦେବା ଦିଗରେ ଅଭିପ୍ରେତ। ସର୍ବଭାରତୀୟ ତଥ୍ୟାନୁଯାୟୀ, ଆମ ରାଜ୍ୟରେ ତୃତୀୟ ଶ୍ରେଣୀ ସମାପ୍ତି ବେଳକୁ 'ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ' ହାସଲ କରିବା ଲକ୍ଷ୍ୟ ନେଇ ସରକାରଙ୍କ ତରଫରୁ 'ନିପୁଣ ଭାରତ ମିଶନ' ଓ 'ନିପୁଣ ଓଡ଼ିଶା ମିଶନ' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ର ଏହା ଏକ ପ୍ରମୁଖ ଅଂଶ। ୩ ରୁ ୮ ବର୍ଷ ମଧ୍ୟରେ ପଢୁଥିବା ପିଲାମାନେ ତୃତୀୟ ଶ୍ରେଣୀ ସମାପ୍ତି ସୁଦ୍ଧା ଯେପରି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିପାରିବେ, ଅର୍ଥାତ ବୟସ ଅନୁସାରେ ସହଜରେ ପଢ଼ିପାରିବେ, ବୁଝିପାରିବେ, ଲେଖିପାରିବେ, ଗଣିତ କଷିପାରିବେ ଓ ଦୈନନ୍ଦିନ ଜୀବନର ସମସ୍ୟା ସମାଧାନ କରିପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି।

ତେବେ ଅବହେଳିତ ବର୍ଗର ଶିକ୍ଷାକଥା ଚିନ୍ତନ ବେଳେ ବ୍ରାଜିଲରେ ଜନ୍ମିତ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିକ୍ଷାବିତ୍ 'ପାଓଲୋ ଫିଏରେ'ଙ୍କ ବହୁଚର୍ଚ୍ଚିତ ପୁସ୍ତକ 'ପେଡ଼ାଗୋଜି ଅଫ ଦି ଅପ୍ରେସଡ'(ନିଷ୍ପେସିତର ଶିକ୍ଷାଶାସ୍ତ୍ର) ରେ ଆଲୋଚନା କରାଯାଇଥିବା ଅନେକଦିଗ ପ୍ରାସଙ୍ଗିକ ମନେ ହୁଏ। ୧୯୬୮ ମସିହାରେ ମୂଳତଃ ପର୍ତ୍ତୁଗୀଜ ଭାଷାରେ ଲିଖିତ ଏହି ପୁସ୍ତକଟି ବିଭିନ୍ନ ଦେଶର ୧୮ ଟି ଭାଷାରେ ଅନୂଦିତ ହୋଇସାରିଛି। ପୁସ୍ତକରେ ସାମାଜିକ ସଂରଚନାରେ ଉପେକ୍ଷିତ ବର୍ଗ ଓ ସୁବିଧାବାଦୀ ବର୍ଗ ଭିତରେ ରହିଥିବା ତାରତମ୍ୟ ଓ ଜଟିଳ ସମ୍ପର୍କକୁ ଗଭୀର ଅନୁଶୀଳନ କରାଯାଇ କେତେକ ସମାଧାନର ସୂତ୍ର ଉଲ୍ଲେଖ କରାଯାଇଛି। ଏହି ପରିପ୍ରେକ୍ଷୀରେ ସେଥିରେ ବର୍ଣ୍ଣିତ 'ବ୍ୟାଙ୍କିଂ ମଡେଲ'ର ଶିକ୍ଷା ଅବଧାରଣା ଏବେ ମଧ୍ୟ ଅନେକ ସ୍ଥାନରେ ବଳବତ୍ତର ରହିଛି।

ଆମର ଏକ ରୂଢ଼ିବାଦୀ ଧାରଣା ରହିଛି ଯେ ବିଦ୍ୟାଳୟକୁ ପ୍ରବେଶ କରୁଥିବା ପିଲା କଞ୍ଚା ମାଟି ଅଟନ୍ତି। ସେମାନଙ୍କୁ ଯେମିତି ଇଚ୍ଛା ଗଢ଼ିପାରିବା। କିନ୍ତୁ ଆମେ ଯଦି ଶିଶୁମାନଙ୍କୁ ଚେତନାବିହୀନ ଉପାଦାନ ଭାବିବା, ଯେଉଁଠି ଆମ ଇଚ୍ଛା ଅନୁସାରେ ସୂଚନା ତଥା ସିଦ୍ଧାନ୍ତ ସେମାନଙ୍କ ମନରେ ଭର୍ତ୍ତି କରି ଦିଆଯିବ ତାହା କେବଳ ଏକ ଭୁଲ ଧାରଣା ନୁହେଁ, ବିପଜ୍ଜନକ ମଧ୍ୟ। ପିଲାଟିଏ ପାଖରେ ଅନୁଭୂତି ସହ ସାମାଜିକତା, ମାତୃଭାଷାରେ କଥାବାର୍ତ୍ତା କରିବା କୌଶଳ, ଆଧାରଭୂତ ଗଣନର ଅନୁଭୂତି ବିଦ୍ୟାଳୟକୁ ଆସିବା ପୂର୍ବରୁ ରହିଥାଏ। ଏ କ୍ଷେତ୍ରରେ ସ୍ୱଚ୍ଛଳ ବିଦ୍ୟାର୍ଥୀ ଅପେକ୍ଷା ଅବହେଳିତ ଶିଶୁଟି ଆହୁରି ଜୀବନ୍ତ ଅନୁଭୂତି, ଉତ୍ପୀଡ଼ନ, ଟାହିଟାପରା, ମାନସିକ ସଂଘାତ, ସାମାଜିକ ଅସ୍ପୃଶ୍ୟତା ଭଳି ସ୍ଥିତି ଦେଇ ଅତିକ୍ରମ କରିଥାଏ। ପିଲା ଗୋଟିଏ ବ୍ୟାଙ୍କ ନୁହେଁ ଯେ ଆମେ ଜ୍ଞାନ ଜମା କରି ଭବିଷ୍ୟତରେ ସୁଧ ସହ ଅମଳ କରି ହେବ। ତା'ମୁଣ୍ଡରେ କେବଳ ସୂଚନା ପୂରେଇ ଦେଇ ଯନ୍ତ୍ର ଭଳି ପ୍ରକ୍ରିୟାକରଣ କରି ଆମ ଇଚ୍ଛା ଅନୁସାରେ ଉତ୍ପାଦ ବାହାର କରିପାରିବା ନାହିଁ। ଏହି ମନୋବୃତ୍ତିର ଫଳ ହେଉଛି ରାଜସ୍ଥାନ୍‌ର କୋଟା ବା ଅନ୍ୟାନ୍ୟ ସହରରେ ଦୈନିକ ଛାତ୍ରଛାତ୍ରୀ ଆତ୍ମହତ୍ୟା ସମ୍ପର୍କିତ ଖବର।

ଜାତୀୟ ଶିକ୍ଷା ନୀତିରେ ଯେଉଁ ଉପେକ୍ଷିତ ବର୍ଗର ଶିକ୍ଷା କଥା କୁହାଯାଇଛି, ସେମାନେ ଅଧିକାଂଶ କ୍ଷେତ୍ରରେ ପ୍ରଥମ ପିଢ଼ିଭାବେ ବିଦ୍ୟାଳୟକୁ ପ୍ରବେଶ କରିଥା'ନ୍ତି। ଘରୋଇ ପରିବେଶରେ ଯେହେତୁ ପିତାମାତା ଆନୁଷ୍ଠାନିକ ଶିକ୍ଷଣରୁ ବଞ୍ଚିତ ଥା'ନ୍ତି ଉକ୍ତ ପରିବାର ଓ ତାଙ୍କ ସନ୍ତାନମାନଙ୍କ ମନରେ ବିଦ୍ୟାଳୟ ପ୍ରତି ଏକ ଆକର୍ଷଣ ଓ ଆଶଙ୍କା ଉଭୟ ଦବି ରହିଥାଏ। ପିଲାକୁ ଯଦି ଆମେ କୌଣସି ବିଷୟକୁ ଜାଣିବାକୁ ନ ଦେଇ ଶିକ୍ଷକ ପଢ଼ାଉଥିବା ପାଠକୁ କେବଳ ଆହରଣ କରିବାକୁ ପ୍ରବର୍ତ୍ତାଇବା ତାହା ମଣିଷ ବଦଳରେ ଯନ୍ତ୍ର ହେବାରେ ସାହାଯ୍ୟ କରିବ। ଉକ୍ତ ସିଦ୍ଧାନ୍ତ ଉପରେ ଶିକ୍ଷା ନୀତିରେ ଗୁରୁତ୍ୱ ଦିଆଯାଇଛି। ଦ୍ୱିତୀୟତଃ, ପ୍ରତ୍ୟେକ ବିଦ୍ୟାର୍ଥୀ ଯେଉଁ ବିଷୟରେ ଜାଣିବାକୁ ଚାହୁଁଥିବେ ସେବିଷୟରେ ଏକ ସଂଗଠିତ, ନିୟମବଦ୍ଧ ଓ ବିକାଶମୂଳକ ପ୍ରତିନିଧି ହିସାବରେ ତା' ପାଖରେ ପହଞ୍ଚାଇବା ଦରକାର। ତୃତୀୟତଃ, ଶିକ୍ଷା ଅନ୍ୟ କୌଣସି ଭୌତିକ ଜିନିଷ ଭଳି ବିତରଣ ଉପାଦାନ ନୁହେଁ, ବରଂ ଏହା ପିଲାମାନଙ୍କ ସୁହାଇଲା ଭଳି ବା ପିଲାମାନଙ୍କ ପୃଷ୍ଠଭୂମି, ମାତୃଭାଷା, ସଂସ୍କୃତି ଓ ସାମର୍ଥ୍ୟ ଅନୁଯାୟୀ ହେବା ଆବଶ୍ୟକ। ଶିକ୍ଷା ସମ୍ପର୍କରେ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ ମତ ହେଲା 'ଯାହା ଯୋଡ଼େ ତାହା ହିଁ ଶିକ୍ଷା।' ଚତୁର୍ଥତଃ, ମାନବ ଓ ଅନ୍ୟାନ୍ୟ ଇତର ପ୍ରାଣୀ (ପଶୁପକ୍ଷୀ ଇତ୍ୟାଦି)ଙ୍କ ଶିକ୍ଷଣ ପ୍ରକ୍ରିୟାରେ ଫରକ ଅଛି। ମାନବ ଶିଶୁ ସବୁ ବସ୍ତୁ ଓ ବିଷୟ ତଥା ଭାବନାର ସାଙ୍କେତିକ ବ୍ୟବହାର କରିପାରେ, ଯାହାକି ଇତର ପ୍ରାଣୀକ୍ଷେତ୍ରରେ ସମ୍ଭବ ନୁହେଁ ବା ଅତ୍ୟନ୍ତ ନଗଣ୍ୟ।

ମାନବ ଶିଶୁ ଯେତେ ଅବହେଳିତ ବା ନିଷ୍ପେସିତ ବର୍ଗକୁ ପ୍ରତିନିଧିତ୍ୱ କରୁ ନା କାହିଁକି, ଏକ ପାରିବାରିକ ତଥା ଅନୁବଂଶିକ ସଭ୍ୟତା ଓ ସଂସ୍କୃତିର ଦାୟାଦ। ତା'ର ଏକ ଅତୀତ, ଭବିଷ୍ୟତ ଓ ବର୍ତ୍ତମାନ ଥାଏ। ଆଦ୍ୟ ଶୈଶବରେ ମଧ୍ୟ ଅବହେଳିତ 'ଶିଶୁ' ଟି ଗୋଷ୍ଠୀ ବା ସମାଜ ଦ୍ୱାରା ନିର୍ମିତ ବନ୍ଧନରେ ଛନ୍ଦି ହୋଇଯାଏ। ତା' ଭିତରେ ସହଜାତ ଭାବେ ବିଦ୍ୟମାନ ଥିବା 'ମୁକ୍ତି କାମନା' ତା'କୁ ଶିକ୍ଷା ପାଇଁ ଆକର୍ଷିତ କରେ। 'ସା ବିଦ୍ୟା ଯା ବିମୁକ୍ତୟେ' -ବିଦ୍ୟା ତାହା ଯାହା ମୁକ୍ତି ପ୍ରଦାନ କରେ। ଅବହେଳିତ, ନିଷ୍ପେସିତ ବିଦ୍ୟାର୍ଥୀମାନଙ୍କୁ ନିକଟ ପରିବେଶର ଅନୁବନ୍ଧନରୁ ଓ ବିଭିନ୍ନ ରୂଢ଼ିବାଦୀ ଚିନ୍ତାଧାରାରୁ ମୁକ୍ତ କରିବା ପ୍ରୟାସ ଲୋଡ଼ା। ଏହି ଶିଶୁ ଯଦି ବର୍ତ୍ତମାନ ଅବସ୍ଥାରୁ ନ୍ୟୂନକୁ ଗତି ନ କରି ଉତ୍ତମ ମଣିଷ ହେବାର ସମ୍ଭାବନାକୁ ଠଉରେଇ ପାରିବ, ତେବେ ତା'ର ଶିକ୍ଷଣ ଚରମ ସୋପାନରେ ପହଞ୍ଚିବ।

ବିଡ଼ମ୍ବନା ହେଉଛି ନିଷ୍ପେସିତ ଶିଶୁଟି ଆର୍ଥିକ, ସାମାଜିକ, ମନସ୍ତାତ୍ତ୍ୱିକ ଚାପ ଓ ସଚେତନତା ଅଭାବରୁ ଶିକ୍ଷଣର ଗୁରୁତ୍ୱପୂର୍ଣ୍ଣ ଆଦ୍ୟ ବର୍ଷଗୁଡ଼ିକ ଅତିବାହିତ କରିଦିଏ। ଏହିଭଳି ଶିଶୁମାନଙ୍କ ଶିକ୍ଷଣ କ୍ଷେତ୍ରରେ ଅନୁଭୂତିସମ୍ପନ୍ନ ଅଭିକର୍ତ୍ତାଙ୍କୁ ସାମିଲ କରାଗଲେ ଫଳପ୍ରଦ ହେବ। ନିଷ୍ପେସିତ ବା ଉପେକ୍ଷିତ ବର୍ଗର ଶୈକ୍ଷିକ ଉନ୍ନତି କେବଳ ଆମ ଅବଧାରଣା ଅନୁସାରେ ନ ହୋଇ ସେମାନଙ୍କ ପୃଷ୍ଠଭୂମିର ଅନୁଶୀଳନ, ଅବଧାରଣା ଇତ୍ୟାଦିକୁ କେନ୍ଦ୍ର କଲେ ହିଁ ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରାଯାଇପାରିବ।

ମୋ: ୯୪୩୭୨୧୯୬୧୩

## ସର୍ବବନ୍ଦନୀୟାଙ୍କ ମହନୀୟତା

**ସଲିଳା ତ୍ରିପାଠୀ**

ନାରୀ ସର୍ବଗୁଣ ସମ୍ପନ୍ନା, ସର୍ବଂସହା, ବୀର ପ୍ରସବିନୀ ଏମିତି ଅନେକ ଉପାଧି ନେଇ କାହିଁ କେଉଁ ଆଦିମ କାଳରୁ ସୃଷ୍ଟିକାରିଣୀ ହୋଇ ଧରାପୃଷ୍ଠରେ ବିଦ୍ୟମାନା। ବୈଦିକ, ଉପନିଷଦ, ପୌରାଣିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ନାରୀର ସମକକ୍ଷ ହେବା ପାଇଁ ଚେଷ୍ଟା କରି ବା ପ୍ରକାରାନ୍ତରେ କହିବାକୁ ଗଲେ ନାରୀକୁ ହରାଇବା ପାଇଁ ହେଉଥିବା ଚକ୍ରାନ୍ତ ସହଜେ ଫଳବତୀ ହୁଏନା।

ପାଶ୍ଚାତ୍ୟ ଦେଶରେ ନାରୀକୁ ଅତ୍ୟାଧୁନିକ ଅବସ୍ଥାରେ ଦେଖି ଦେଇ ଆମେ ହତୋତ୍ସାହିତ ହୋଇପଡୁ। ମାତ୍ର କେତୋଟି ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଛାଡ଼ିଦେଲେ ସେମାନେ ହୁଏତ ପୃଥିବୀର ସମସ୍ତ ନାରୀଙ୍କର ସ୍ୱତନ୍ତ୍ରତା ବହନ କରନ୍ତି ବୋଲି ଜଣାଯାଏ। ନାରୀ ଭିତରେ ଥିବା ସବୁଠାରୁ ବଡ଼ ସ୍ୱାତନ୍ତ୍ର୍ୟ ହେଉଛି ତା'ର କୋମଳତା। ସେଇ ନାରୀ ମଧ୍ୟ ଆବଶ୍ୟକ ପଡ଼ିଲେ ଅତ୍ୟନ୍ତ କଠୋର ହୋଇପାରେ। ନାରୀକୁ କେହି ଭୁଲିବାକୁ ଇଚ୍ଛା କଲେ ସେ ଶକୁନ୍ତଳା ସାଜି ତା'ର ସ୍ମୃତିକୁ ଫେରାଇ ଆଣିପାରେ। ପୁଣି ଅହଲ୍ୟା ସାଜି ମିଥ୍ୟା ଭିଶାପରେ ପଥର ପାଲଟି ନିଜର ସତୀତ୍ୱର ପରୀକ୍ଷା ଦେଇପାରେ। ସୀତା ଆଉ ସାବିତ୍ରୀଙ୍କ କଥା କିଏ ବା ନ ଜାଣିଛି! ପୁଣି ରକ୍ଷଣଶୀଳ ସମାଜରେ ଥାଇ ମଧ୍ୟ ଗାର୍ଗୀ, ସଂଘମିତ୍ରା, ଲୋପାମୁଦ୍ରାଙ୍କ ପରି ବିଦୁଷୀ ସାଜିପାରେ। ଦେଶମାତୃକାର ପୂଜା କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇପାରେ। ପୁଣି ସେଇ ସ୍ୱାଧୀନ ଦେଶର ସର୍ବମୁଖ୍ୟ ସାଜି ଆବାଳ ବୃଦ୍ଧବନିତାଙ୍କୁ ନୂତନ ଆଶାର କିରଣ ଯୋଗାଇପାରେ। ଯୁଗଯୁଗ ଧରି ନାରୀ କରି ଆସୁଥିବା କାର୍ଯ୍ୟର ପ୍ରମାଣ ସମସ୍ତେ ପାଇଥିଲେ ହେଁ ନାରୀକୁ ନିକିତିରେ ତଉଲିଲା ଭଳି ବିକାକିଣାର ଦ୍ରବ୍ୟ ଭାବି ତା'ର ଅପମାନ କରିବା ପାଇଁ ସୁବିଧା ପାଇଲେ କେହି ପଛଘୁଞ୍ଚା ଦିଅନ୍ତି ନାହିଁ।

ରୋଷେଇଘରେ ଶାସନ ହେଉଥିବା ନାରୀ ଯେବେ ଦେଶର ସର୍ବୋଚ୍ଚ ଆସନରେ ଅଧିଷ୍ଠିତା, ସେତିକିବେଳେ ଏ ସମାଜର ଚକ୍ଷୁ ଖୋଲିବାକୁ ଆଉ କେତେଦିନ ଅପେକ୍ଷା କରିବ? ଏ ପ୍ରଶ୍ନ ମନ ମଧ୍ୟରେ ଉଙ୍କି ମାରିବା ସ୍ୱାଭାବିକ। ଏଇ ସେଇ ନାରୀ, ଯିଏ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକଟି ସମ୍ପର୍କରେ ସେବାକାରିଣୀ ଭାବେ ଅବତୀର୍ଣ୍ଣା ହୋଇ ନିଜକୁ ନିୟନ୍ତ୍ରଣର ଚାବିକାଠିରେ ବନ୍ଦ କୋଠରିରେ ଲୁଚାଇ ଦେଇଥାଏ, ତଥାପି କାହାକୁ ସନ୍ତୁଷ୍ଟ କରିପାରେନା। କୋଟିକରେ ଗୋଟିଏ ନାରୀ ଜନ୍ମ ହେବା ପାଇଁ ମା' ବାପା ସ୍ୱପ୍ନ ଦେଖନ୍ତି। ନଚେତ୍ ଅଧାରୁ ଅଧିକ ନାରୀ ଅବାଞ୍ଛିତା ଅପାଂକ୍ତେୟା ହୋଇ ଜନ୍ମ ନେଇଥା'ନ୍ତି। ଏଥିପାଇଁ ବେଳେବେଳେ ଅତ୍ୟଧିକ କନ୍ୟାସନ୍ତାନ ମଧ୍ୟ ଜନ୍ମ ନେଇଥା'ନ୍ତି। ପୁତ୍ର ଅପେକ୍ଷାରେ ପିତାମାତା, ପରିବାରଙ୍କର କନ୍ୟାଙ୍କ ପ୍ରତି ଶ୍ରଦ୍ଧା ଦେଖିଲେ ନ ହସି ରହିହୁଏନି। ବାସ୍ତବରେ ଏଇ ପ୍ରଭେଦ ଯଦି ଈଶ୍ୱରକୃତ ହୋଇଥାଏ ତେବେ ମନୁଷ୍ୟ ବା କ'ଣ କରିବ! କିନ୍ତୁ ସ୍ୱାଭାବିକ ଜୀବନଯାପନ ପାଇଁ ନାରୀମାନଙ୍କର ଅତ୍ୟାବଶ୍ୟକତାକୁ କେହି କ'ଣ ଗ୍ରହଣ ନକରି ରହିପାରିବ? ଜନ୍ମ ହେଲା ସମୟରେ ମାଆର ମାନସିକ କଷ୍ଟର ପ୍ରଭାବରେ ନାରୀର ସମଗ୍ର ଜୀବନ ବିଧ୍ୱସ୍ତ ହୋଇଯାଏ। ଜୀବନର ପ୍ରତ୍ୟେକଟି ପାହାଚରେ ସେ ତ୍ୟାଗର ପରାକାଷ୍ଠା ଦେଖେଇବା ପାଇଁ ବାଧ୍ୟ ହୁଏ। ନାରୀ ପାଇଁ ଅନେକ ଲକ୍ଷ୍ମଣରେଖା, ଯାହାକୁ ଡେଇଁଲେ ସିଏ ଅତି ସହଜରେ କଳଙ୍କିନୀ ହୋଇଯାଏ। ଯାହା ସମସ୍ତଙ୍କ ପାଇଁ ସହଜ ତା' ପାଇଁ କଠିନ ହୋଇପଡ଼େ। ପ୍ରତ୍ୟେକଟି ଅସହଜ ପରିସ୍ଥିତିକୁ ସାମ୍ନା କରି ନିଜକୁ ସୁଖୀ କରିବା ପାଇଁ ଚେଷ୍ଟା କରିବା ପରିବର୍ତ୍ତେ ସେ ଅନ୍ୟମାନଙ୍କ ମୁହଁରେ ହସ ଫୁଟାଏ। ସମସ୍ତ ନିରର୍ଥକ କାର୍ଯ୍ୟକୁ ଦିନଦିନ ଧରି ବାଧ୍ୟବାଧକତାରେ ଅର୍ଥପୂର୍ଣ୍ଣ କରିବା ତା'ର ସର୍ବକର୍ତ୍ତବ୍ୟ ବୋଲି ଧରିନେବାକୁ ହୁଏ।

କେବେ ସିଏ କନ୍ୟା ହୋଇ ବାପ ଆଖିର ଲୁହକୁ ପୋଛିଦିଏ ତ ପୁଣି ମା'ର ନିତିଦିନିଆ କାର୍ଯ୍ୟରେ ସହଭାଗୀ ହୁଏ। ଭଉଣୀ ହୋଇ ଭଉଣୀର ସବୁଠାରୁ ଭଲ ସାଙ୍ଗ ବୋଲି ପ୍ରମାଣିତ କରିବାକୁ ଜୀବନସାରା ପରୀକ୍ଷା ଦେଇଥାଏ। ପୁଣି ଭାଇର ହାତରେ ରାକ୍ଷୀ ବାନ୍ଧି ସମ୍ପର୍କର ସୂତାଖିଅକୁ ଯୋଡ଼ି ରଖିବା ପାଇଁ ଦୁନିଆର କୋଣ ଅନୁକୋଣରେ ଥାଇ ମଧ୍ୟ ଅଭିମାନର ସାଗରରେ ପରସ୍ପରକୁ ବୁଡ଼ାଇ ଦେଇଥାଏ।

ଯେଉଁ କନ୍ୟାକୁ ଜନ୍ମ ଦେଇ ମାଆ ଅପୁତ୍ରିକର ଆଖ୍ୟା ପାଇଥାଏ ତା'କୁ ପ୍ରକାରାନ୍ତରେ ଜଣେ କନ୍ୟା ହିଁ ସେବା କରେ ସିଏ ନିଜର ବା ପର ହୋଇଥାଉ। ଯୁଗ ଥିଲା କନ୍ୟା ନଥିଲେ ଅନ୍ୟ କାହାର କନ୍ୟାକୁ ବରଣ କରି କନ୍ୟାଦାନ ପରି ମହାପୁଣ୍ୟ କରିବା ପାଇଁ ଇଚ୍ଛା କରାଯାଉଥିଲା। କନ୍ୟାକୁ ବୋଝ ବୋଲି ଭାବି ପର ଘରକୁ ପଠାଇ ଦେବାର ବ୍ୟବସ୍ଥାଟିକୁ କନ୍ୟାମାନେ ଭୁଲ୍ ଭାବେ ଗ୍ରହଣ କରିବାର ପରମ୍ପରାଟିର କାରଣ ଓ ନିରାକରଣକୁ ଭଲଭାବେ ସମୀକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ। କାହିଁକି ନା ନିର୍ଦ୍ଦିଷ୍ଟ ସମୟରେ ମନୁଷ୍ୟର ଜୈବିକ ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ବିବାହ ଏକ ଆନୁଷ୍ଠାନିକ ଶୃଙ୍ଖଳା। ମାତ୍ର ଏହାଦ୍ୱାରା ସେ ନୂତନ ପରିବେଶରେ ଖାପଖୁଆଇ ଚଳିବାର ବିଧି ବ୍ୟବସ୍ଥାଟିକୁ ଆଜି ଯାଏଁ କୌଣସି ପରିବାର ସହଜ ଭାବେ ଗ୍ରହଣ କରିନାହିଁ। ସେଥିପାଇଁ ଜନ୍ମ ଠାରୁ ଅଲୋଡ଼ା ହୋଇଥିବା ନାରୀମାନଙ୍କ ପାଇଁ ଏ ଯାତ୍ରାଟି ଆହୁରି କଠିନ ହୋଇଯାଏ। ଶେଷରେ 'ମା' ହୋଇ ସନ୍ତାନ ପାଇଁ ପ୍ରାଣାନ୍ତକ କଷ୍ଟ ପାଇ ଜୀବନର ସମସ୍ତସୁଖ ଓ ସମୟକୁ ଜଳାଞ୍ଜଳି ଦେଲା ପରେ ସେ ନିଜେ କାହାର ହୋଇପାରେନା।

ଯେଉଁ ନାରୀ ସମସ୍ତଙ୍କର ମଙ୍ଗଳ କରୁ କରୁ ଅନ୍ୟ ଗୋଟିଏ ନାରୀର ଦୁଃଖର କାରଣ ପାଲଟେ, ସିଏ ନାରୀ ପଦବାଚ୍ୟ ନୁହେଁ। ନିଜେ ପାଇଥିବା ଦୁଃଖର ଚାପକୁ ଅନ୍ୟନାରୀ ଉପରେ ଈର୍ଷା, ପ୍ରତିଶୋଧ ରୂପରେ ଚାପି ଦେବା ପାଇଁ ଚେଷ୍ଟା କରେ ସେମାନେ ନାରୀ ଜାତି ପାଇଁ କଳଙ୍କ। ସେଥିପାଇଁ ନାରୀ ପୁରୁଷ ଊର୍ଦ୍ଧ୍ୱରେ ଥିବା ମନୁଷ୍ୟର ଅନେକ ସହଜାତ ପ୍ରବୃତ୍ତିକୁ ନିୟନ୍ତ୍ରଣ କରିବା ହିଁ ମାନବିକତାର ଶ୍ରେଷ୍ଠ ପରିଚୟ।

ନାରୀ ଯେବେ ଘର ବାହାରକୁ ଗୋଡ଼ କାଢ଼େ ସେ ସବୁ ମଣିଷଙ୍କ ପରି ସମାନ କାର୍ଯ୍ୟ କରିପାରେ, ଯାହା ଅଦ୍ୟାବଧି ପ୍ରମାଣ ହେବାରେ ବାକି ନାହିଁ। ତା' ବ୍ୟତିରେକ ସନ୍ତାନ ଜନ୍ମ କରିବାର କ୍ଷମତା ରଖିଥିବାରୁ ସେ ପୁରୁଷ ଠାରୁ ଆହୁରି ଗୋଟିଏ ପାଦ ଆଗୁଆ ବୋଲି କୁହାଯିବ। ମାତ୍ର ସମୟାନୁଯାୟୀ ହେଉଥିବା ପରିବର୍ତ୍ତନର ସ୍ରୋତ ନିମନ୍ତେ ଯେଉଁ ନାରୀ ନିଜର ସ୍ୱାଭାବିକ ଗୁଣ ସମୂହରୁ କ୍ଷାନ୍ତ ହୋଇ ସମାନ ହେବା ନାଁରେ ବିଶୃଙ୍ଖଳିତ ହେବା ପାଇଁ ଦ୍ୱିଧା ପ୍ରକାଶ କରୁନାହିଁ ତାହା ସମ୍ପୂର୍ଣ୍ଣ ଭାବେ ବିପଜ୍ଜନକ ଅଟେ। ନିଜର ବେଶପୋଷାକ, ଚାଲିଚଳଣି, ଆଚାର ବ୍ୟବହାର ଓ ନାରୀସୁଲଭ କର୍ତ୍ତବ୍ୟକୁ ଅପରିବର୍ତ୍ତିତ ରଖି ସମାଜରେ ନିଜର ସ୍ଥାନକୁ ଅକ୍ଷୁର୍ଣ୍ଣ ରଖିବା ହିଁ ବିଧେୟ।

ବିନା ପ୍ରତିଯୋଗିତାରେ ମଧ୍ୟ ନାରୀ ବିଜୟିନୀ, ଏ କଥାରେ କୌଣସି ସନ୍ଦେହ ରହିବା ଅନୁଚିତ। ନାରୀ ବିନା କୌଣସି ପରିସ୍ଥିତି ଓ ପରିବେଶ ସଜଡ଼ା ଯାଇ ନପାରେ। କିଏ ଜାଣେ ପୁଣି ଏ ଧରାପୃଷ୍ଠରେ ସୀତା, ସାବିତ୍ରୀ, ଶକୁନ୍ତଳା, ଅହଲ୍ୟାଙ୍କ ପରି ଅନେକ ମହନୀୟା ଆତ୍ମା ଓହ୍ଲାଇ ଆସି ସମାଜକୁ ନୂତନ ଏବଂ ଅବିସ୍ମରଣୀୟ ଉଦାହରଣମାନ ଦେଇ ଚାଲିବେ। ନାରୀ ପାଇଁ ଦିବସ ପାଳିବାର ଆବଶ୍ୟକତା ରହିଛି ଓ ରହିବ। କେବଳ ଗୋଟିଏ ଦିନ ନୁହେଁ, ବରଂ ପ୍ରତ୍ୟେକଟି ମୁହୂର୍ତ୍ତ, ଯେବେ ସମସ୍ତେ ହୃଦୟର ସହ ନାରୀର ସ୍ୱତନ୍ତ୍ରତାକୁ ସ୍ୱଚ୍ଛ ମନରେ ଗ୍ରହଣ କରିବେ। ନଚେତ୍ ସମାଜର କଣ୍ଟାମୟ ପଥରେ ବାଟ ଚାଲି ଚାଲି ନାରୀ ନିଜକୁ ପ୍ରମାଣିତ କରୁ କରୁ ହାରିଯିବାର ଦୁଃଖରେ ଜୀବନକୁ ହାରିଦେବା ପାଇଁ ପଛଘୁଞ୍ଚା ଦେବ ନାହିଁ। ସେଇଦିନ ହିଁ ନାରୀ ନିଜକୁ ସୌଭାଗ୍ୟବତୀ ମନେ କରିବ, ଯେବେ ଜନ୍ମଠାରୁ ଜୁଇ ପର୍ଯ୍ୟନ୍ତ ସେ ସବୁରି ପାଖରେ ଗ୍ରହଣୀୟ ଓ ଶ୍ରଦ୍ଧାର ପାତ୍ରୀ ହେବ।

ବୋଲଗଡ଼, ମୋ: ୮୭୬୩୭୮୮୬୧୪

## ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

ପ୍ରକୃତି-ପରିବେଶ

ଭୃସଙ୍ଗ ଘରେଘରେ ପରିଚିତ ଏକ ଉଦ୍ଭିଦ, ଯାହା ରୋଷେଇ ଘରେ ଏକ ଲୋକପ୍ରିୟ ସୁଗନ୍ଧିତ ମସଲା ଭାବରେ ବ୍ୟବହାର କରାଯାଏ। ତାମିଲ ସାହିତ୍ୟରେ ପ୍ରଥମ ଓ ଚତୁର୍ଥ ଶତାବ୍ଦୀରୁ ଏହି ପତ୍ର ବ୍ୟବହାର କରାଯାଉଥିବାର ଉଲ୍ଲେଖ ରହିଛି। ଏହି ପତ୍ର ସୁଗନ୍ଧିତ ଓ ଔଷଧୀୟ ହୋଇଥିବା ବେଳେ ମଞ୍ଜି ବିଷାକ୍ତ। ଉଷ୍ମମଣ୍ଡଳୀୟ ଓ ଉପ-ଉଷ୍ମମଣ୍ଡଳୀୟ ଏହି ଉଦ୍ଭିଦର ମୂଳ ଉତ୍ପତ୍ତି ସ୍ଥାନ ଏସିଆ ମହାଦେଶ। ପ୍ରାୟ ୪ ରୁ ୬ ମିଟର ଉଚ୍ଚତା ବିଶିଷ୍ଟ ଭୃସଙ୍ଗ ଗଛର ପତ୍ରଗୁଡ଼ିକ ଲମ୍ବାଳିଆ ଯୌଗିକ, ଯେଉଁଥିରେ ଅନେକ କ୍ଷୁଦ୍ରପତ୍ରଅଂଶ ଯୋଡ଼ି ହୋଇଥାଏ। ଏହାର ପୁଷ୍ପୋଦଗମ ଏପ୍ରିଲ ମାସର ମଧ୍ୟଭାଗରୁ ଆରମ୍ଭ ହୋଇ ମେ' ମାସର ମଧ୍ୟଭାଗରେ ଶେଷ ହୁଏ। ଦକ୍ଷିଣ ଭାରତୀୟ ସମ୍ବର ମସଲା ଓ ଦୋସାରେ ଏହାର ଆଦର ସର୍ବାଧିକ। ପତ୍ରଗୁଡ଼ିକୁ ଉଭୟ କଞ୍ଚା ଓ ଶୁଖିଲା ଭାବରେ ବ୍ୟବହାର କରାଯାଇପାରିବ।

ପତ୍ରଗୁଡ଼ିକରେ ମଧୁମେହ-ନିରୋଧୀ ଗୁଣ ରହିଛି, ଯାହା ଯକୃତ ସମସ୍ୟାରୁ ମୁକ୍ତି ଦିଏ। ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣଧାରୀ ଏହି ପତ୍ରକୁ ବାନ୍ତି ଓ ପତଳା ଝାଡ଼ା ରୋଗ, ପେଟରୋଗ, ଅଗ୍ନ୍ୟାଶୟ ରୋଗ, କର୍କଟ, ଡିମେନ୍ସିଆ ଓ ଆଲଜାଇମର ଭଳି ମାନସିକ ରୋଗର ଉପଶମ ପାଇଁ ବ୍ୟବହୃତ ହୁଏ। ଆୟୁର୍ବେଦ ଅନୁସାରେ, ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା ପାଇଁ ଏହି ପତ୍ର ଉତ୍କୃଷ୍ଟ। ଗଛର ପତ୍ର, ମୂଳ ଓ ଛାଲିକୁ ଉତ୍ତେଜକ ଓ ଟନିକ୍ ଭାବରେ ବ୍ୟବହାର କରାଯାଇପାରିବ। ବିଷାକ୍ତ ପ୍ରାଣୀଙ୍କ କାମୁଡ଼ା ବିଷ ଚିକିତ୍ସା ଏବଂ ଲିପିଡ୍ ସ୍ତର ହ୍ରାସ, କୋଷ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ମଧ୍ୟ ଏହା ବ୍ୟବହୃତ ହୁଏ। ପତ୍ରଗୁଡ଼ିକରେ ପ୍ରୋଟିନ୍, କ୍ୟାରୋଟିନୋଏଡ୍ସ, ବିଟା-କ୍ୟାରୋଟିନ୍, କାର୍ବୋହାଇଡ୍ରେଟ୍, ଫାଇବର, ଭିଟାମିନ୍ ସି, ଭିଟାମିନ୍ ଏ, ଫସଫରସ୍, ଲୌହ, ଖଣିଜ ପଦାର୍ଥ,



ଭୃସଙ୍ଗ

ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ନିକୋଟିନିକ୍ ଏସିଡ୍ ଏବଂ ଅକ୍ସାଲିକ୍ ଏସିଡ. ସିନାମାଲଡିହାଇଡ୍, ମହାନିମ୍ବାଇନ୍, ଗିରିନିମ୍ବାଇନ. ମହାନିମ୍ ସମେତ ଅନେକ କାର୍ବାଜୋଲ୍ ଆଲକାଲଏଡ୍ ଭରି ରହିଛି। ଏହା ମୁଖ୍ୟତଃ ବ୍ୟକ୍ତିଗତ ଭାବରେ ବଗିଚାରେ ଲଗାଯାଏ, କିନ୍ତୁ ବାଣିଜ୍ୟିକ ଭାବରେ ମଧ୍ୟ ଅଳ୍ପ ପରିମାଣରେ ଚାଷ କରାଯାଏ।

ଭୃସୁଙ୍ଗ କେବଳ ରୋଷେଇ ଜଗତରେ ନୁହେଁ, ବରଂ ଧାର୍ମିକ ଓ ଆଧ୍ୟାତ୍ମିକ ଉତ୍ସବଗୁଡ଼ିକରେ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ଭୃସଙ୍ଗ ପତ୍ରକୁ ପବିତ୍ର ଭାବରେ ବିବେଚନା କରାଯାଏ। ଏଥିସହିତ ଅନେକ ଦେବତା, ବିଶେଷକରି ଭଗବାନ ଗଣେଶଙ୍କୁ ପ୍ରାର୍ଥନା ସମୟରେ ଭୃସଙ୍ଗ ପତ୍ର ଅର୍ପଣ କରାଯାଏ। ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ଶାନ୍ତି ପାଇଁ ପ୍ରାର୍ଥନା ସମୟରେ ଦେବତାମାନଙ୍କୁ ଭୃସଙ୍ଗ ପତ୍ରରେ ତିଆରି ମାଳା ଅର୍ପଣ କରାଯାଏ। ପ୍ରଭୁ ଗଣେଶ, ଭଗବାନ ଶିବ କିମ୍ବା ଦୁର୍ଗାଙ୍କୁ ପ୍ରାର୍ଥନା କରିବା ସମୟରେ ଏହାର ସମର୍ପଣ ବିଶେଷ ପ୍ରଭାବଶାଳୀ ବୋଲି ଲୋକକଥା ରହିଛି। କେତେକ ପୂଜାର୍ଚ୍ଚନାରେ କୁଦୃଷ୍ଟି ଦୋଷ ଓ ନାକାରାତ୍ମକ ଶକ୍ତି ବିରୋଧରେ ଭୃସଙ୍ଗକୁ ଏକ ସୁରକ୍ଷା କବଚ ଭାବେ ବ୍ୟବହାର କରାଯାଏ। ଭୃସଙ୍ଗ ପତ୍ରକୁ ଘରର ପ୍ରବେଶ ଦ୍ୱାରରେ କିମ୍ବା ତକିଆ ତଳେ ରଖାଯାଏ। କେତେକ ଦକ୍ଷିଣ ଭାରତୀୟ ମନ୍ଦିରରେ ଭୃସଙ୍ଗ ପତ୍ର ଦିବ୍ୟ ଆଶୀର୍ବାଦର ପ୍ରତୀକ ଭାବରେ ଭକ୍ତମାନଙ୍କୁ ବଣ୍ଟନ କରାଯାଉଥିବା ପ୍ରସାଦ ବା ନୈବେଦ୍ୟର ଏକ ଅଂଶ। ଅନେକ ହିନ୍ଦୁ ବିଶ୍ୱାସ କରନ୍ତି ଯେ ଭୃସଙ୍ଗ ପତ୍ରର ପିତୃପୁରୁଷଙ୍କ ସହିତ ଏକ ଦୃଢ଼ ସମ୍ପର୍କ ରହିଛି। କିଛି ଅଞ୍ଚଳରେ ଭୃସଙ୍ଗ ପତ୍ରକୁ ବାଟି କପାଳରେ ଲେପନ କରାଯାଏ। ଜ୍ୟୋତିଷ ଶାସ୍ତ୍ରରେ ଭୃସଙ୍ଗ ପତ୍ରକୁ ଚନ୍ଦ୍ରଗ୍ରହଙ୍କ ପ୍ରିୟ ଭାବରେ ବର୍ଣ୍ଣନା କରଯାଇଛି। ତେଣୁ ମାନସିକ ଶାନ୍ତି ପାଇଁ ଏହି ଗଛର ପତ୍ର ଉପଯୋଗୀ ଅଟେ।

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ■ ଜିଲ୍ଲା ସାମ୍ବାଦିକ ସଂଘର ଚତୁର୍ଥ ବାର୍ଷିକ ଉତ୍ସବ

# 'ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ'



ଜଗତସିଂହପୁର,୨୩।୩(ସମିସ):

ମହାନ ବିପ୍ଳବୀ ସହିଦ ଭଗତ ସିଂଙ୍କ ସ୍ମରଣ ଦିବସ ଅବସରରେ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘ (ଏସ୍‌ୟୁଜେ ଅନୁବନ୍ଧିତ)ର ଚତୁର୍ଥ ବାର୍ଷିକ ଉତ୍ସବ ସ୍ଥାନୀୟ ନିମାଇଁ ଭବନ ପରିସରରେ ପାଳିତ ହୋଇଯାଇଛି। ସଂଘର ଜିଲ୍ଲା ଶାଖା ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକମାନେ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ। ସେମାନଙ୍କ ଦାବି ଓ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ତାଙ୍କୁ ଜଣାଇଲେ ସେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଶ୍ରୀ ଦାସ କହିଥିଲେ।

ସେହିପରି ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଓ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନେ ଜୀବନକୁ ବିପନ୍ନ କରି ସମାଜର ସାମୂହିକ ସ୍ୱାର୍ଥ ପାଇଁ କାର୍ଯ୍ୟକରୁଛନ୍ତି ବୋଲି ପ୍ରକାଶ କରିବା ସହ ସେମାନଙ୍କର ନ୍ୟାୟୋଚିତ ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସଂଘର ସଭାପତି କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ସାମ୍ବାଦିକଙ୍କ ସୁରକ୍ଷା, ପେନସନ ପ୍ରଦାନ ଓ ଅନ୍ୟାନ୍ୟ ସମସ୍ୟା ଉପସ୍ଥାପନ କରିବା ସହ ଏ ଦିଗରେ ସରକାରୀ ସ୍ତରରେ ଆଲୋଚନା କରି ସମୁଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ଅମରେନ୍ଦ୍ର ଦାସଙ୍କୁ ନିବେଦନ କରିଥିଲେ। ଏ ଅବସରରେ ଅତିଥି ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଜିଲ୍ଲା ସଂଘର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, କଣ୍ଠଶିଳ୍ପୀ କ୍ରିଷ୍ଣା ଦତ୍ତ ଓ ରେଡିଓ ସଂସ୍କାରର ନିର୍ଦ୍ଦେଶକ ସୌମ୍ୟରଞ୍ଜନ ନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଦିବଙ୍ଗତ ସାମ୍ବାଦିକଙ୍କ ସ୍ମୃତିରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ସଂଘର ଉପଦେଷ୍ଟା ଶଶାଙ୍କ ଶେଖର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାମ୍ବାଦିକ କଲ୍ୟାଣ ପାଣ୍ଠିର ଅଧ୍ୟକ୍ଷ ଗଗନ ବିହାରୀ ସାହୁ, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, କଟକ ଜିଲ୍ଲା ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଓ ରାଷ୍ଟ୍ରୀୟ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଚିନ୍ତାମଣି ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସାମ୍ବାଦିକଙ୍କ ମଧ୍ୟରେ ଏକତା ସ୍ଥାପନ ଓ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମିଳିତ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରୁ ୬୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ।

# ଏସ୍‌ଭିଏମ୍ କଲେଜ ବାଣିଜ୍ୟ ବିଭାଗର ବାର୍ଷିକ ଉତ୍ସବ




ଜଗତସିଂହପୁର,୨୩।୩ (ସମିସ): ଜଗତ୍‌ସିଂହପୁର ଜିଲ୍ଲାର ସୁନାମଧନ୍ୟ ତଥା ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ବାର୍ଷିକ ଉତ୍ସବ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଅତିଥି ଭାବେ ଯୋଗଦେଇ ପାଠପଢ଼ିବା ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବେ ଗଢି ତୋଳିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଆନ୍ତର୍ଜାତିକ କ୍ଷେତ୍ରରେ ବାଣିଜ୍ୟର ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ଶୈକ୍ଷିକ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଅତିଥିମାନଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଜଗନ୍ନାଥ ବେହେରା, ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ବେହେରା ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(+୨) ର ଅଧ୍ୟକ୍ଷ ଡ. ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଏହି ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ନିହାର ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୨୩।୩(ସମିସ): ସଂସ୍କୃତି ଭବନରେ ଚାଲିଥିବା ପଞ୍ଚମ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରାପଡ଼ା ଡେଭେଲପମେଣ୍ଟ ଫାଉଣ୍ଡେସନ୍ ପକ୍ଷରୁ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ ସହଯୋଗରେ ଆୟୋଜିତ ଏହି ଉତ୍ସବର ରବିବାର ୫ଟି ଅଧିବେଶନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାହିତ୍ୟିକ ଯୋଗଦେଇ ବୌଦ୍ଧିକ ଚର୍ଚ୍ଚା କରିଥିଲେ। "କାହାଣୀହୀନ ଜୀବନ ଓ କାହାଣୀ ପରି ଗପ' ଅଧିବେଶନରେ ରବି ସ୍ୱାଇଁ, ଗିରିଶ ଚନ୍ଦ୍ର ସାହୁ, ଅର୍ଣ୍ଣପୂର୍ଣ୍ଣା ମହାନ୍ତି ଓ ଅମରେଶ ବିଶ୍ୱାଳ ଭାଗ ନେଇଥିଲେ। "ଜୀବନ, ସୃଜନ ଓ ସାୟାହ୍ନ' ଶୀର୍ଷକ ଆଲୋଚନାରେ ବୈକୁଣ୍ଠ ନାଥ ସାହୁ, ମୋହନ ଚରଣ ଜେନା ଓ ମନ୍ମଥ ବରାଳ ଭାଗ ନେଇଥିବାବେଳେ ବୈଜୟନ୍ତୀମାଳା ହରିଚନ୍ଦନ ସଂଯୋଜନା କରିଥିଲେ। "ସୃଜନ, ଅର୍ଜନ ଓ ଆହ୍ୱାନ: ଓଡ଼ିଆ ସାହିତ୍ୟ ପତ୍ରିକାର ସ୍ଥିତି' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ ରମାକାନ୍ତ ଜେନା, ଶ୍ରୀଧର ସାମଲ, ପବିତ୍ର ବ୍ରହ୍ମପୁତ୍ର ନାୟକ ଓ ପ୍ରଦୀପ ନାୟକ। "ବୃତ୍ତି, ପ୍ରବୃତ୍ତି ଓ ନିବୃତ୍ତି' ଶୀର୍ଷକ ଆଲୋଚନାଚକ୍ରରେ ସ୍ୱୟଂପ୍ରଭା ସାହୁ, ନିରୂପମା ସ୍ୱାଇଁ, ଡାକ୍ତର ଇପ୍‌ସିତା ପ୍ରଧାନ ଓ ସୁନନ୍ଦା ପ୍ରଧାନ ଭାଗ ନେଇଥିଲେ। "ପ୍ରତିଶ୍ରୁତିର କାବ୍ୟାକ୍ଷର: ୯ କବି ଓ ୯ କବିତା' ଶୀର୍ଷକ ଅଧିବେଶନରେ ଅତିଥି ଭାବେ ବିନାୟକ ପ୍ରଧାନ ଯୋଗ ଦେଇଥିବାବେଳେ ସଂଯୋଜନା କରିଥିଲେ ପ୍ରେମାନନ୍ଦ ଖଣ୍ଡୁଆଳ ଓ ସୁକାନ୍ତ କୁମାର ପ୍ରଧାନ। ବିଶିଷ୍ଟ ସାହିତ୍ୟିକ ଡଃ ରାମଚନ୍ଦ୍ର ବେହେରା, କବି ଅପର୍ଣ୍ଣା ମହାନ୍ତି ଓ କଥାକାର ତଥା କବି ବିରଜା ରାଉତରାୟ ଉପସ୍ଥିତ ରହି ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

କେନ୍ଦ୍ରାପଡ଼ା ଡେଭେଲପମେଣ୍ଟ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସ ଓ କେମ୍‌ର ସଭାପତି ଅକ୍ଷୟ ପାଣିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସାହିତ୍ୟ ଉତ୍ସବ ପ୍ରାରମ୍ଭରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ଅଧ୍ୟାପକ ରାଜେଶ କୁମାର ସେଠୀ, ପ୍ରତିଭାମୟୀ ଦାସ, ଆଶୁତୋଷ ରାଉତ, ଗିରିଜାକାନ୍ତ ଦାସ, ଶ୍ରୀଧର ବେହେରା ଓ ଅଜିତ କୁମାର ଦାସ ପରିଚାଳନା କରିଥିଲେ। କେମ୍‌ର ସମ୍ପାଦକ ମହମ୍ମଦ ଜାହିଦ୍ ଖାଁ, ସଦସ୍ୟ ପ୍ରତାପ ସ୍ୱାଇଁ ଓ କେନ୍ଦ୍ରାପଡ଼ା ଡେଭେଲପ୍‌ମେଣ୍ଟ ଫାଉଣ୍ଡେସନର ଟ୍ରଷ୍ଟି ବିଶ୍ୱରଞ୍ଜନ ଦାଶ ଓ ପ୍ରଶାନ୍ତ ସାମନ୍ତରାୟ ଉପସ୍ଥିତ ଥିଲେ। ଏ ଅବସରରେ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ କେନ୍ଦ୍ରାପଡ଼ାର ପ୍ରାକୃତିକ ବିଭବକୁ ନେଇ ଏକ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା।

# ପାଇକାକୁଳ ରାଜା ମସଜିଦରେ ଇଫ୍‌ତାର ପାର୍ଟି



ତିର୍ତ୍ତୋଲ, ୨୩।୩(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁର୍ ପଞ୍ଚାୟତ ପାଇକାକୁଳ ବାଲୁବିଶି ରାଜା ମସଜିଦ୍ ଠାରେ ପବିତ୍ର ରମଜାନ ପର୍ବ ପାଳନ ଅବସରରେ ରାଜା ମସଜିଦ କମିଟି ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ଇଫ୍‌ତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜରେ ଶାନ୍ତି, ଭ୍ରାତୃତ୍ୱ ଭାବ ପ୍ରତିଷ୍ଠା ପାଇଁ ବାର୍ତ୍ତା ଦିଆଯାଇଥିଲା। ଏଥିରେ ଅଜଗର୍ ଅଲ୍ଲୀ, ରିୟାଜତ ଅଲ୍ଲୀ, ଅବଦୁଲ ଅଲିମ୍, ଅରବାଜ ରାଜା, ନୱାଜ୍ ଅହମ୍ମଦ, ଅମିର୍ ଇକବାଲ, ସାଦିକ୍ ରାଜା, ନିହାଲୁଦ୍ଦିନ, ତୋଷିଫ ରାଜା, ମହମ୍ମଦ ହସନ୍, ଅମିରୁଲ୍ଲା, ଆରଜୁ, ଏତେସମ୍ ଖାନ, ସେହବାଜ ରାଜା, ମେହବୁବ, କଫିଲ ମହମ୍ମଦ ପ୍ରମୁଖ ପରିଚାଳନା କରିଥିଲେ।

## ସୁପ୍ରିମ କୋର୍ଟ ଆଇନଜୀବୀଙ୍କ ସାମ୍ବାଦିକ ସମ୍ମିଳନୀ

# ରାଇସ୍ ମିଲ୍ ମାଲିକଙ୍କ ଗିରଫ ଦାବି

ବାଲିକୁଦା,୨୩।୩ (ସମିସ): ବରିଷ୍ଠ ସୁପ୍ରିମକୋର୍ଟ ଆଇନଜୀବୀ ଡ. ସୁଶାନ୍ତ କୁମାର କାନୁନଗୋ ଏକ ପ୍ରେସ ବିବୃତି ଜରିଆରେ କଣିଆ ସ୍ଥିତ ନିଜ ବାସଭବନରେ ସାଲାସାର ଆଗ୍ରୋ ପ୍ରଡ଼କ୍ଟ ରାଇସ ମିଲ ମାଲିକଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ଏପରିକି ସେ ଅଭିଯୋଗ କରିଛନ୍ତି ଗତ ମାର୍ଚ୍ଚ ମାସ ୬ ତାରିଖ ଦିନ ଜଗତସିଂହପୁର ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏକ ଅଭିଯୋଗ ଆଧାରରେ ବାଲିକୁଦା ବ୍ଲକ ଇଛାପୁର ପଞ୍ଚାୟତ ବାଖରାବାଦ ଠାରେ ଥିବା ଏହି ରାଇସ ମିଲରେ ଚଢ଼ଉ କରି ବେଆଇନ ଗଚ୍ଛିତ ଧାନ ଜବତ କରିବା ସହ ଚୋରା ଚାଲାଣ କରାଯାଉଥିବା ଚାଉଳ ଟ୍ରକ ଜବତ କରି ମିଲ କୁ ସିଲ୍ କରିଥିଲେ। ଏହାର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପରେ ଜିଲ୍ଲାପାଳ ୭ ଦିନ ମଧ୍ୟରେ ମିଲ ମାଲିକ ସନ୍ତୋଷ ଅଗ୍ରୱାଲଙ୍କୁ ଏହାର ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସପ୍ତାହ ପରେ କୌଣସି ଉତ୍ତର ମିଳି ନଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପ ଜିଲ୍ଲାପାଳ ବାଲିକୁଦା ଥାନାରେ ଏକ ଲିଖିତ ଅଭିଯୋଗ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଣାଇଥିଲେ। ହେଲେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଆଳରେ ଅଦ୍ୟାବଧି ୧୮ ଦିନ ବିତିଗଲା ପରେ ମଧ୍ୟ ମିଲ ମାଲିକଙ୍କୁ ଗିରଫ କରାଯାଇନାହିଁ। ଏହି ରାଇସ ମିଲ ମଧ୍ୟରୁ ଜବତ ହୋଇଥିବା ବସ୍ତାରେ ବଙ୍ଗଳାଦେଶ ଲେଖା ଥିବା ବେଳେ ଏହି ଚାଉଳ ସମୁଦ୍ର ପଥ ଦେଇ ବଙ୍ଗଳାଦେଶ ସପ୍ଲାଏ କରାଯାଉଥିଲା। ସେଠାରୁ ଏହାର ପାକିସ୍ତାନ ଲିଙ୍କ ଥିବା ନେଇ ସନ୍ଦେହ ପ୍ରକଟ କରିବା ସହ କେନ୍ଦ୍ରୀୟ କମିଶନଙ୍କ ଦ୍ୱାରା ଏହାର ତଦନ୍ତ ହେଲେ ବାସ୍ତବ ସତ୍ୟ ସମ୍ମୁଖକୁ ଆସିବ ବୋଲି ଶ୍ରୀ କାନୁନଗୋ କହିଥିଲେ। ପୂର୍ବରୁ ଏହି ମାଲିକ ଖୋର୍ଦ୍ଧା ଠାରେ ୨୦୨୧/୨୨ ରେ ସନ୍ତୋରିଆ ରାଇସ ମିଲ ଖୋଲିଥିଲେ ଯାହା ମଧ୍ୟରେ ବେଆଇନ କାରବାର ହେଉଥିବା କାରଣ ଜଣା ପଡିବା ପରେ ଖୋର୍ଦ୍ଧାର ତତ୍କାଳୀନ ଜିଲ୍ଲାପାଳ ସେହି ରାଇସ ମିଲକୁ କଳା ତାଲିକା ଭୁକ୍ତ କରିଥିଲେ। ତେବେ ଜଗତସିଂହପୁର ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳ କିଭଳି ଭାବେ ଏହି କଳା ତାଲିକାଭୂକ୍ତ ବ୍ୟବସାୟୀକୁ ଶାଗ ମାଛ ଦରରେ ଏକର ଏକର ସରକାରୀ ଜାଗା ଟେକି ଦେଇଥିଲେ ତାହାର ତଦନ୍ତ ହେଲେ ଅନେକ ସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବେ ବୋଲି କହିଛନ୍ତି। ଏନେଇ ଥାନା ଅଧିକାରୀ ସୁଶାନ୍ତ ସାହୁ ଙ୍କ ପତିକ୍ରିୟା ନେବାରୁ ସେ କହିଥିଲେ କି ଏହାର ତଦନ୍ତ ଜାରି ରହିବା ସହ ଗିରଫ ପାଇଁ ଉଦ୍ୟମ ଜାରି ରହିଛି। ସେ ଉଚ୍ଚ ନ୍ୟାୟାଳୟରେ ବେଲ ପାଇଁ ଆବେଦନ କରିଥିବା ବେଳେ ସେ ଓଡ଼ିଶାରେ ନଥିବା ପ୍ରକାଶ କରିଛନ୍ତି।

# 'ପ୍ରାକୃତିକ ବିପର୍ଯ୍ୟୟର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ'

ଜଗତସିଂହପୁର,୨୩।୩(ସମିସ) : ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୋଥାପଡ଼ା ସ୍ଥିତ ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାର ଓ ବାଲିକୁଦା ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ମିଳିତ ଆନୁକୂଲ୍ୟରେ 'ଜଳବାୟୁ ପରିବର୍ତନ ଓ ବିଶ୍ୱ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରି ଜଳବାୟୁ ପରିବର୍ତ୍ତନ ଦ୍ୱାରା ବିଶ୍ୱ ଉପରେ କିପ୍ରକାର ପ୍ରଭାବ ପକାଉଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇଥିଲେ। ଅନ୍ୟତମ ଆଲୋଚକ ଭାବେ ଚନ୍ଦ୍ରଜିତ୍ ପରିଜା ଆଲୋଚନାରେ ଭାଗନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ସାହୁ, ବିଜୟ କୁମାର ରାଉତ, ପବିତ୍ର ଗୋଛାୟତ, ସୁରେଶ ଚନ୍ଦ୍ର ଜେନା, କାର୍ତ୍ତିକ ଚନ୍ଦ୍ର ମୁଦୁଲି, ସୋମନାଥ ମହାରଣା ଓ କନକଲତା ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗନେଇ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସବୁସ୍ତରରେ ମିଳିତ ଉଦ୍ୟମ କରାଯିବା ଜରୁରୀ ବୋଲି ମତ ଦେଇଥିଲେ। ଶେଷରେ ରଜତ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ମଦ ଜବତ

ପାରାଦୀପ, ୨୩।୩ (ସମିସ): ପାରାଦୀପ ଜଟାଧାରୀ ମୁହାଣ ମେରାଇନ ଥାନା ଅଧିନ ଷଣ୍ଢକୁଦ ଅଞ୍ଚଳରେ ଚୋରା ମଦ ବିକ୍ରି କରୁଥିବା ବେଳେ ପାରା ସିନେ (୪୨) ନାମକ ଜଣେ ଯୁବକକୁ ଆଜି ରାତି ୯ଟାରେ ପୁଲିସ ଗିରଫ କରିଛି। ତା ନିକଟରୁ ୪.୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଆସନ୍ତା କାଲି ତାକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

# ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପାରାଦୀପ, ୨୩।୩ (ସମିସ) : ପାରାଦୀପ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀମାନଙ୍କୁ ନେଇ ଚାଲିଥିବା ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅଦୁଷକ୍ଠିତ ହୋଇଯାଇଛଇ। ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ଉପସ୍ଥିତ ରହି ବାଳିକାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଗଣେଶ୍ୱର ପାତ୍ର, ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ଅକ୍ଷୟ ଚନ୍ଦ୍ର ମିଶ୍ର, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀବୃନ୍ଦ ଯୋଗଦେଇ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଇତିହାସ ବିଭାଗର ଅଧ୍ୟାପିକା ଶ୍ରୀମତୀ ସଂଘମିତ୍ରା ପ୍ରଧାନ ମଞ୍ଚପରିଚାଳନା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ ହେବାପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପିକା ସୁଶ୍ରୀକାଦମ୍ବିନୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟା

# 'ସନ୍-୨୦୨୫' ଓ 'ରେମୋ' ନାଟକ ମଞ୍ଚସ୍ଥ

ପାରାଦୀପ, ୨୩।୩ (ସମିସ):

ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଆୟୋଜିତ କ୍ୟାନଫେଷ୍ଟ -୨୦୨୫ର ପଞ୍ଚମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ଦୁଇଟି ମନମୁଗ୍ଧକର ନାଟକ। ମଧ୍ୟପ୍ରଦେଶ ଓ କୋରାପୁଟର ଦୁଇଟି ନାଟକକୁ ସ୍ଥାନୀୟ ଜୟଦେବ ସଦନଠାରେ ଦର୍ଶକମାନେ ବେଶ ଉପଭୋଗ କରିଥିଲେ। ମଧ୍ୟପ୍ରଦେଶରୁ ଆସିଥିବା ରଙ୍ଗସାଧକ ନାଟକ ସଂସ୍ଥାର କଳାକାରମାନେ ନିର୍ଦ୍ଦେଶକ ମନୋଜ କୁମାର ସୋନିଙ୍କ ନିର୍ଦ୍ଦେଶିତ ହିନ୍ଦୀ ଭାଷାର ନାଟକ 'ସନ-୨୦୨୫' ମଞ୍ଚସ୍ଥ କରିଥିଲେ। ନାଟକଟି ଏକ ଅପରାଧ କାହାଣୀ ଚାରି ପାଖରେ ଘୁରି ବୁଲୁଛି। ଏହା ଜଣେ ପ୍ରସିଦ୍ଧ ଅପରାଧ ଔପନ୍ୟାସିକ ଧୀରଜ ଅଧିକାରୀଙ୍କୁ ଅନୁସରଣ କରେ, ଯିଏ ବାସ୍ତବ ଜୀବନର ଅପରାଧ ଉପରେ ତାଙ୍କର ଉପନ୍ୟାସ ଆଧାରିତ କରିବା ପାଇଁ ଜଣାଶୁଣା। ତାଙ୍କୁ ଜଣେ ଘରୋଇ ଗୁଇନ୍ଦା, ସୁଫି ଦ୍ୱାରା ତଦନ୍ତ କରାଯାଉଛି, ଯିଏ ତାଙ୍କୁ ସନ୍ଦେହ କରନ୍ତି। ଯେତେବେଳେ ସୁଫି ଔପନ୍ୟାସିକଙ୍କ ହୋଟେଲ ସୁଟରେ ପ୍ରବେଶ କରିବାରେ ସଫଳ ହୁଅନ୍ତି ଓ ତାଙ୍କ ବାସ୍ତବ ଜୀବନର ଘଟଣାକୁ ଛାନଭିନ୍ କରନ୍ତି, ସେତେବେଳେ ଉତ୍ତେଜନା ବୃଦ୍ଧି ପାଏ। ସୁଫି ଧୀରଜଙ୍କୁ ତାଙ୍କ ଅପରାଧ ସ୍ୱୀକାର କରିବାକୁ ବାଧ୍ୟ କରନ୍ତି। ତଥାପି ନ୍ୟାୟର ସମ୍ମୁଖୀନ ହେବା ପରିବର୍ତ୍ତେ ଧୀରଜ ସୁଫିଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରନ୍ତି। ପଞ୍ଚମ ସଂଧ୍ୟାର ଦ୍ୱିତୀୟ ନାଟକ ଭାବେ "କୋରାପୁଟ କଲ୍‌ଚରାଲ ସୋସାଇଟି", କୋରାପୁଟରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଯୋଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଦେଶିଆ/ଓଡ଼ିଆ ନାଟକ " ରେମୋ " ମହୋତ୍ସବର ଅନ୍ୟ ଏକ ଆକର୍ଷଣ ଥିଲା। କଡ଼ମଗୁଡ଼ା ଏକ ବଣ୍ଡା ଗାଁ ଯେଉଁଠି ଜଣେ ଯୁବ ଶିକ୍ଷକ ସ୍କୁଲ ଖୋଲିବା ପାଇଁ ପହଞ୍ଚିଲେ। ସେଠାରେ ଶିକ୍ଷା ଦାନ କରିବା ସମୟରେ ସେମାନଙ୍କ ସରଳତା ତାଙ୍କୁ ଏତେ ଆକର୍ଷିତ କରେ ଯେ ସେ ଅଜାଣତାରେ ଗୁଲଙ୍ଗ ପ୍ରେମରେ ପଡିଯାନ୍ତି। ପରେ ସମ୍ପର୍କକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଭୟଙ୍କର ଅସ୍ତ୍ରଶସ୍ତ୍ର ସହିତ ବଣ୍ଡା ମାନେ ଶିକ୍ଷକଙ୍କୁ ଘେରିଯାନ୍ତି ଓ ଗୁଲାଙ୍ଗକୁ ବିବାହ କରିବାକୁ କୁହନ୍ତି। ଶିକ୍ଷକ ସେମାନଙ୍କୁ ଆଧୁନିକ ସଭ୍ୟତାର ମୁଖ୍ୟ ଧାରାକୁ ଆଣିବା ପାଇଁ ତାଙ୍କୁ ବିବାହ କରିବାକୁ ନିଷ୍ପତି ନିଅନ୍ତି। କିନ୍ତୁ ଧୀରେ ଧୀରେ ନିଜକୁ ଆଦିବାସୀ ସଂସ୍କୃତିରେ ମିଶାଇ ଦିଅନ୍ତି। ସେ ସଚେତନ ନାଗରିକ ଭାବରେ ଅଞ୍ଚଳ ବାସୀଙ୍କ ମାନବୀୟ ମୂଲ୍ୟବୋଧକୁ ଗ୍ରହଣ କରି ନିଜେ ରେମୋ ହୋଇଯାଆନ୍ତି। ଦୁଇଟି ଯାକ ନାଟକରେ କଳାକାରମାନଙ୍କ ଅଭିନୟ ପାରଦର୍ଶିତାକୁ ଉପସ୍ଥିତ ସମସ୍ତ ଦର୍ଶକ ଭୂୟଶୀ ପ୍ରଶଂସା କରିଥିଲେ। କ୍ୟାନଫେଷ୍ଟର ଏହି ସଂଧ୍ୟାରେ ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣର ଉପାଧ୍ୟକ୍ଷ ନୀଳଭ୍ର ଦାସଗୁପ୍ତା, ପ୍ରସିଦ୍ଧ ସିନେ ନିର୍ଦ୍ଦେଶକ ହିମାଂଶୁ ଖଟୁଆ ଓ ନାଟ୍ୟ ନିର୍ଦ୍ଦେଶକ ଦର୍ପ ନାରାୟଣ ସେଠୀ ଯୋଗଦେଇ କ୍ୟାନ୍‌ମାସର ଉନ୍ନତି କାମନା କରିବା ସହିତ କଳାକାରମାନଙ୍କ ଅଭିନୟକୁ ପ୍ରଶଂଶା କରିଥିଲେ। ଆସନ୍ତା କାଲି ୬ଷ୍ଠ ସନ୍ଧ୍ୟାରେ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ, ଦେଓଗଡ଼ର କଳାକାରମାନେ ନିର୍ଦ୍ଦେଶକ ସୁଜିତ କୁମାର ପାତ୍ରଙ୍କ ଓଡ଼ିଆ ନାଟକ "ଲୁହର ରଙ୍ଗ' ମଞ୍ଚସ୍ଥ କରିବେ।





# ଜୟବଡ଼ ଗ୍ରାମରେ ଅଗ୍ନିକାଣ୍ଡ

ଜଗତସିଂହପୁର,୨୩।୩(ସମିସ): ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ଜୟବଡ଼ ଗ୍ରାମର ପ୍ରେମାନନ୍ଦ ପଢିଆରୀଙ୍କ ଭଡ଼ାଘରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା ଆଜବେଷ୍ଟସ ଘର ପୋଡ଼ିଯାଇଛି। ଏହି ଘରେ ଭଡାରେ ରହୁଥିବା ଚନ୍ଦା ବିବିଙ୍କ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଜଗତସିଂହପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୯୦ ହଜାର ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି।



# ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ

କୃଷ୍ଣାନନ୍ଦପୁର,୨୩।୩(ସମିସ): ତିର୍ତ୍ତୋଲ ବ୍ଲକ ଅଧୀନ ଡାଇଁଲୋ ପଞ୍ଚାୟତ ଅଧୀନ କେଶିପୁର ସ୍ଥିତ ମା' ତାରିଣୀଙ୍କ ପୀଠରେ ତୃତୀୟ ବାର୍ଷିକ ଚଣ୍ଡୀ ମହାଯଜ୍ଞ ବି ଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମାର୍ଚ୍ଚ ୨୧ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହେଉଅଛି। ଶୁକ୍ରବାର ଦିନ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ କଳସ ଶୋଭାଯାତ୍ରାରେ ମହାନଦୀରୁ ପବିତ୍ର ଜଳ ଆଣି ଯଜ୍ଞ ମଣ୍ଡପକୁ ଆସିଥିଲେ, ସୂର୍ଯ୍ୟପୂଜା, ଗୋପୁଜା, ଅଗ୍ନିସ୍ଥାପନ, ମା' ତାରିଣୀ ଠାକୁରାଣୀଙ୍କ ପୂଜାକରାଯାଇ , ଆହୁତି, ସଂଧ୍ୟା ଆଳତୀ, ପୁଷ୍ପାଞ୍ଜଳି ସହ ବିଶ୍ରାମ କରାଯାଇଥିଲା, ଶନିବାର ଦିନ ସୂର୍ଯ୍ୟ ପୂଜା ଗୋପୁଜା, ମଣ୍ଡଳାଦୀପୂଜା, ଅଗ୍ନିପୂଜା, ଚଣ୍ଡିପୁଜା, ସଂଧ୍ୟା ଆଳତୀ ପୁଷ୍ପାଞ୍ଜଳି ପରେ ବିଶ୍ରାମ, ରବିବାର ତଥା ପୂର୍ଣ୍ଣାହୁତି ଦିବସରେ ସକାଳୁ ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡଳାଦିପୁଜା, ମା'ତାରିଣୀ ଠାକୁରାଣୀଙ୍କ ଉପଚାର ପୂଜା, ଅଗ୍ନିପୂଜା, ଗୀତାଯଜ୍ଞ ସହ ପୂର୍ଣ୍ଣାହୁତି ଅବସରରେ ଦୁରଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ତାରିଣୀଙ୍କ କୃପାଲାଭ କରିବା ସହ ଯଜ୍ଞ ନାରାୟଣଙ୍କ ଦର୍ଶନ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ମା' ତାରିଣୀଙ୍କ ପୀଠରେ ଘୋଡ଼ାନାଚ ପରିବେଷଣ କରାଯାଉଥିବା ଦେଖିବାକୁ ମିଳିଥିଲା।

# ଡ୍ରେନ୍‌ରେ ପଡ଼ି ଗାଈ ଗୁରୁତର

ପାରାଦୀପ, ୨୩।୩ (ସମିସ) : ପାରାଦୀପ ତାରିଣୀ ଗଡ଼ା ଅଞ୍ଚଳରେ ପାରାଦୀପ ମୁନିସିପାଲିଟି ପକ୍ଷରୁ ତିଆରି କରାଯାଇଥିବା ଡ୍ରେନ୍ ଗୁଡ଼ିକ ସବୁଆଡ଼େ ଖୋଲା ମେଲାରେ ପଡିଥିବା ଅଭିଯୋଗ ହୋଇଛି। ଫଳରେ ଦୁର୍ଘଟଣା ଘଟିବା ସହ ଆଜି ଅପରାହ୍ନରେ ଏକ ଗାଈ ଏହି ଡ୍ରେନ୍‌ର ପଡ଼ିଯାଇ ଗୁରୁତର ହୋଇଛି। ସ୍ଥାନୀୟ ବାସିନ୍ଦା ଜେସିବି ସହଯୋଗରେ ବହୁ ସମୟ ଧରି ସଂଗ୍ରାମ ଜାରି କରି ଉଦ୍ଧାର କରିଛନ୍ତି। ତାରିଣୀ ଗଡ଼ା ଭିତରେ ଥିବା ରାମଚଣ୍ଡି ମନ୍ଦିର ନିକଟରେ ଉକ୍ତ ଗାଈଟି ଡ୍ରେନ୍‌ରେ ଖସି ପଡି ଉଠି ନପାରି ୩୦ ଫୁଟ ପର୍ଯ୍ୟନ୍ତ ଡ୍ରେନ ଭିତରେ ଚାଲି ଚାଲି ଯାଇଥିଲା। ଯାହାକୁ ଦେଖି ସ୍ଥାନୀୟ ଲୋକେ ଗାଈକୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ଲୋକେ ଏଥିପାଇଁ ମ୍ୟୁନିସ୍‌ପାଲିଟି ଉପରେ ଦୋଷ ଲଦିଥିଲେ। ତେବେ ଜେସିବି ସାହାଯ୍ୟରେ ଦୀର୍ଘ ୪ ଘଣ୍ଟା ଧରି ପରିଶ୍ରମ କଲାପରେ ଗାଈକୁ ଉଦ୍ଧାର କରାଯାଇଛି। ତାରିଣୀ ଗଡ଼ା ଅଞ୍ଚଳରେ ସବୁଆଡେ ଏଭଳି ଡ୍ରେନ ଗୁଡିକ ମୁକୁଳା ପଡିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୧.୮୯
- ୟୁରୋ ୯୩.୭୪ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୨,୪୭୦ (ଭୁବନେଶ୍ୱର)
- ରୁପା : ୧,୦୪,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୯୦୫.୦୦
- ନିଫ୍ଟି ୨୩,୩୫୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଭାରତୀୟ ଯୁବବର୍ଗ
# ଯୋଗ୍ୟତା ଅନୁସାରେ ମିଳୁନି ଚାକିରି

- ଯୋଗ୍ୟତା ସହ ସମ୍ପର୍କ ନ ଥିବା ପଦବୀରେ ରହିଛନ୍ତି ଅଧିକାଂଶ ସ୍ନାତକଧାରୀ
- ୪୭%ଙ୍କ ପାଖରେ ଚାକିରି ଲାଗି ଦକ୍ଷତାର ଅଭାବ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):**

ଶିକ୍ଷା ସ୍ତର ବୃଦ୍ଧି ପାଇବା ସତ୍ତ୍ୱେ, ଅଧିକାଂଶ ଭାରତୀୟ ସ୍ନାତକ ସେମାନଙ୍କ ଯୋଗ୍ୟତା ସହିତ ସମ୍ପର୍କିତ ନ ଥିବା ପଦବୀରେ କାମ କରୁଛନ୍ତି। ଦକ୍ଷତାର ଅଭାବ ଏବଂ ଚାକିରି ବଜାରରେ ପରିବର୍ତ୍ତନ ଜରୁରୀ ସମାଧାନର ଆବଶ୍ୟକତା ରଖିଛି। ସାମ୍ପ୍ରତିକ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ, ଭାରତର କର୍ମ ସମ୍ବଳର ଶିକ୍ଷାଗତ ଯୋଗ୍ୟତା ଏବଂ ସେମାନେ ଯେଉଁ ଚାକିରିରେ ନିଯୁକ୍ତ ଅଛନ୍ତି ସେମାନଙ୍କ ମଧ୍ୟରେ ଏକ ସ୍ପଷ୍ଟ ଅସଙ୍ଗତି ପ୍ରକାଶ ପାଇଛି। ପ୍ରାୟ ୮.୨୫% ସ୍ନାତକ ସେମାନଙ୍କ ଯୋଗ୍ୟତା ସହିତ ମେଳ ଖାଉଥିବା ଭୂମିକାରେ ନିଯୁକ୍ତ। ଏହା ଭାରତରେ ଅଗଣିତ ଶିକ୍ଷିତ ବ୍ୟକ୍ତିଙ୍କ ପାଇଁ ଏକ ଚିନ୍ତାଜନକ ବାସ୍ତବତା, ଯେଉଁମାନେ ନିଜକୁ ଏପରି ଭୂମିକାରେ ଫସିଯାଆନ୍ତି ଯାହା ନା ସେମାନଙ୍କର ସମ୍ଭାବନାକୁ ପ୍ରତିଫଳିତ କରେ ନା ସେମାନଙ୍କର ଆକାଂକ୍ଷାକୁ। ଏଠାରେ ପ୍ରଶ୍ନ ହେଉଛି, ପ୍ରତିଭାରେ ପରିପୂର୍ଣ୍ଣ ଦେଶରେ ଏହା କାହିଁକି ଘଟେ। ଆମର ଶିକ୍ଷା ବ୍ୟବସ୍ଥା ଏବଂ ନିଯୁକ୍ତି ବଜାରର ଚାହିଦା ମଧ୍ୟରେ ବଢୁଥିବା ଅସମାନତା ହିଁ ଏହାର ମୁଖ୍ୟ କାରଣ।



ଦେଶର ଜନସଂଖ୍ୟାର ୬୫% କର୍ମଜୀବୀ ଗୋଷ୍ଠୀର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ)ର ରିପୋର୍ଟ ଅନୁଯାୟୀ, ପ୍ରାୟ ୪୭% ଭାରତୀୟଙ୍କ ପାଖରେ ସେମାନଙ୍କ ଚାକିରି ପାଇଁ ଆବଶ୍ୟକୀୟ ଦକ୍ଷତାର ଅଭାବ ଅଛି। ପ୍ରମୁଖ ଶିକ୍ଷାନୁଷ୍ଠାନ ସଂଖ୍ୟାରେ ବୃଦ୍ଧି ଏବଂ ଶିକ୍ଷାର ଉପଲବ୍ଧତା ବୃଦ୍ଧି ସତ୍ତ୍ୱେ ମୌଳିକ ବିଚ୍ଛିନ୍ନତା ଜାରି ରହିଛି। ଭାରତର ନିଯୁକ୍ତି ବଜାର ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ସ୍ୱୟଂଚାଳିତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସବୁ ଶିଳ୍ପରେ ବାଧା ସୃଷ୍ଟି କରୁଛି। ଯଦିଓ ଏହି ଉନ୍ନତିଗୁଡ଼ିକ ଉତ୍ପାଦକତା ବୃଦ୍ଧି କରିବାର ପ୍ରତିଶ୍ରୁତି ଦେଉଛନ୍ତି, ତଥାପି ଏହା ଅନେକ ପାରମ୍ପରିକ ଚାକିରିକୁ ଅପ୍ରଚଳିତ କରିଦେଉଛି। ୨୦୨୩-୨୪ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେରେ ଏଆଇ ଭବିଷ୍ୟତର ନିଯୁକ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବାଧା ସୃଷ୍ଟିକାରୀ ଭାବରେ ଉଲ୍ଲେଖ କରାଯାଇଛି। ଏହି ପରିବର୍ତ୍ତନ ପାଇଁ ପ୍ରସ୍ତୁତ ନ ଥିବା ଶ୍ରମିକମାନେ ବେକାରି ଆଶଙ୍କାର ସମ୍ମୁଖୀନ ହେଉଛନ୍ତି। ଏହି ଚ୍ୟାଲେଞ୍ଜରେ ଦକ୍ଷତା ବିଭାଜନ ମଧ୍ୟ ଯୋଡିହୋଇଛି। ଅନେକ ସ୍ନାତକ ଚାକିରି ପାଇଁ ପ୍ରସ୍ତୁତ ନୁହଁନ୍ତି, ସେମାନଙ୍କଠାରେ ବୈଷୟିକ ଏବଂ ଅଣ-ବୈଷୟିକ ଦକ୍ଷତାର ଅଭାବ ରହିଛି। ସ୍କୁଲ ଏବଂ କଲେଜରେ ବ୍ୟବହାରିକ ଶିକ୍ଷାର ଅଭାବ ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି, ଯାହା ଯୁବ ବୃତ୍ତିଗତମାନଙ୍କୁ ଶିଳ୍ପ ଚାହିଦା ପାଇଁ ପ୍ରସ୍ତୁତ ରଖିନାହିଁ। କୃଷି ଭଳି କ୍ଷେତ୍ରରେ ଲିଙ୍ଗ ବୈଷମ୍ୟ ଏବଂ ଜଳବାୟୁ-ପ୍ରବଣ ଚାକିରି କ୍ଷତି ନିଯୁକ୍ତି ପରିଦୃଶ୍ୟକୁ ଆହୁରି ଜଟିଳ କରୁଛି।

## ଟ୍ୱିଟରର ଆଇକନିକ୍ ବ୍ଲୁ ବାର୍ଡ ଲୋଗୋର ନିଲାମ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଟ୍ୱିଟରର ପ୍ରସିଦ୍ଧ ବାର୍ଡ ଲୋଗୋକୁ ଆର୍‌ଆର୍ ନିଲାମୀରେ ବିକ୍ରି ପାଇଁ ରଖାଯାଇଥିଲା । ଏହି ନିଲାମୀରେ ଏହାକୁ ୩୪,୩୭୫ ଡଲାର ମିଳିଛି । ମସ୍କଙ୍କ ଅଧିଗ୍ରହଣ ପରେ ପ୍ରତିଷ୍ଠିତ ନୀଳ ପକ୍ଷୀର ଏହି ପ୍ରତୀକକୁ କମ୍ପାନି ଗତ ବର୍ଷ ସାନ୍ ଫ୍ରାନ୍ସିସ୍କୋ ମୁଖ୍ୟାଳୟରୁ ହଟାଇ ଦିଆଯାଇଥିଲା । ଆର୍‌ଆର୍ ନିଲାମୀ ଅନୁସାରେ ୫୬୦ ପାଉଣ୍ଡ ଓଜନର ଏହି ଲୋଗୋ



**୩୫ ହଜାର ଡଲାରରେ ହେଲା ବିକ୍ରି**

୩୪,୩୭୫ ଡଲାର୍‌ରେ ବିକ୍ରି କରାଯାଇଛି । ଆର୍‌ଆର୍ ଅକ୍ସନ ଦୁର୍ବଳ ଓ ସଂଗ୍ରହିତ ବସ୍ତୁର କାରବାର କରିଥାଏ । ତେବେ ଏହି ଲୋଗୋର କ୍ରେତାଙ୍କ ପରିଚୟ କମ୍ପାନି ପକ୍ଷରୁ ସାର୍ବଜନୀନ କରାଯାଇନାହିଁ ।ଟେସ୍‌ଲା ସିଇଓ ଏଲନ ମସ୍କ ୨୦୨୨ରେ ଏକ୍ସ (ପୂର୍ବରୁ ଟ୍ୱିଟର)ର ଅଧିଗ୍ରହଣ କରିଥିଲେ । ଏଥିପାଇଁ ସେ ୪୪ ବିଲିୟନ୍ ଡଲାର ପୈଠ କରିଥିଲେ । ତେବେ ଅଧିଗ୍ରହଣ ପରେ ବିଜ୍ଞାପନକୁ ବଜାୟ ରଖିବାରେ ପ୍ଲାଟ୍‌ଫର୍ମ ସାମନାରେ ଥିବା ସମସ୍ୟା କାରଣରୁ ଫିଡେଲିଟି ଇନ୍‌ଭେଷ୍ଟମେଣ୍ଟ ସମେତ ନିବେଶକ ନିଜ ନିବେଶକୁ ହ୍ରାସ କରିଥିଲେ। ବ୍ଲୁମବର୍ଗ ଫେବ୍ରୁଆରୀରେ କହିଥିଲା ଯେ ଏକ୍ସ ସୋସିଆଲ୍ ନେଟୱର୍କିଂ ପ୍ଲାଟଫର୍ମ କଥିତ ରୂପେ ନିବେଶକଙ୍କଠାରୁ ୪୪ ବିଲିୟନ ଡଲାର ଏକାଠି କରିବା ଉପରେ ଆଲୋଚନା କରୁଛି । କଥିତ ଆଲୋଚନା ସେତେବେଳେ ସାମନାକୁ ଆସିଥିଲା, ଯେତେବେଳେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ବିଜୟ ପରେ ମସ୍କଙ୍କ ଅନ୍ୟ କାରବାରର ଭେଲୁଏସନ୍ ଆକାଶ ଛୁଇଁଥିଲା ।

## ସେନ୍ସୋଡାଇନ ପକ୍ଷରୁ ଗିନିଜ୍ ୱାର୍ଲ୍ଡ ରେକର୍ଡ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ହାଲିଅନ (ପୂର୍ବରୁ ଗ୍ଲାକ୍ସୋସ୍ମିଥକ୍ଲାଇନ କଞ୍ଜ୍ୟୁମର ହେଲ୍‌ଥକେୟାର ଭାବେ ପରିଚିତ)ର ଏକ ଅଗ୍ରଣୀ ଓରାଲ କେୟାର ବ୍ରାଣ୍ଡ ସେନ୍ସୋଡାଇନ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ଅନ୍‌ଲାଇନ ଡେଂଟାଲ ସ୍କ୍ରିନିଂ ଟେଷ୍ଟ ସଫଳତାର ସହ ସମ୍ପୂର୍ଣ୍ଣ କରିବା ପାଇଁ ଏକ ଗିନିସ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛି। ମହାକୁମ୍ଭ ୨୦୨୫ରେ ଆୟୋଜିତ ଏହି ରେକର୍ଡ-ବ୍ରେକିଂ ପଦକ୍ଷେପରେ ୨୭,୦୦୦ରୁ ଅଧିକ ଲୋକ ନିଜର ଦାନ୍ତ ଓ ମାଡି ଯାଞ୍ଚ କରାଇଥିଲେ, ଯାହା ସକ୍ରିୟ ମୁଖ ତଥା ପାଟି ଯତ୍ନର ମହତ୍ୱ ସମ୍ପର୍କରେ ଭାରତୀୟମାନଙ୍କୁ ସଚେତନ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ସେନ୍ସୋଡାଇନ ନିକଟରେ ଲଂଚ ହୋଇଥିବା ଏହାର ୨୦ ଟଙ୍କା ମୂଲ୍ୟର ଛୋଟ ଟୁଥପେଷ୍ଟ ପ୍ୟାକ ବିତରଣ କରିଥିଲା, ଯାହାକୁ ସମ୍ବେଦନଶୀଳତା ସୁରକ୍ଷାକୁ ଅଧିକ ପହଂଚଯୋଗ୍ୟ ଓ ସୁଲଭ କରିବା ପାଇଁ ଡିଜାଇନ କରାଯାଇଛି। ଏହି ବିଶ୍ୱ ରେକର୍ଡ ସେନ୍ସୋଡାଇନରବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ କ୍ୟାମ୍ପେନର ଶୁଭାରମ୍ଭକୁ ଚିହ୍ନିତ କରୁଛି, ଯାହା ଲୋକମାନଙ୍କୁ ଉତମ ମୁଖ ସ୍ୱାସ୍ଥ୍ୟ ଦିଗରେ ପ୍ରଥମ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏକ ଦଶନ୍ଧି ହେବ ସେନ୍ସୋଡାଇନ ଉପଭୋକ୍ତାଙ୍କୁ ନିଜର ଦାନ୍ତ ସମ୍ବେଦନଶୀଳତାକୁଚ ଶୀଘ୍ର ଚିହ୍ନଟ କରିବା ଓ ତାହାର ସମାଧାନ କରିବା ପାଇଁ ସଶକ୍ତ କରୁଛି ଏବଂ ଭାରତବ୍ୟାପୀ 'ଚିଲ୍ ଟେଷ୍ଟ'ର ପରିଚାଳନା କରିଛି।

## ଗୁଗୁଲ୍ ପ୍ଲେ ଷ୍ଟୋରରୁ ଡିଲିଟ୍ ହେଲା ୩୦୦ରୁ ଅଧିକ ଆପ୍ସ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଆଣ୍ଡ୍ରଏଡ୍ ଡିଭାଇସ୍ ପାଇଁ ଗୁଗୁଲ୍ ପ୍ଲେ ଷ୍ଟୋର ହେଉଛି ସର୍ବାଧିକ ବ୍ୟବହୃତ ଆପ୍ ଷ୍ଟୋର୍। ଏଥିରେ ବହୁ ସଂଖ୍ୟକ ଆପ୍ ଉପଲବ୍ଧ, ଯାହା ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ କାର୍ଯ୍ୟକୁ ସହଜ କରିଥାଏ। ତଥାପି, ବେଳେବେଳେ ଏଥିରେ ଏପରି ଆପ ଥାଏ ଯାହା ବ୍ୟବହାରକାରୀଙ୍କ ତଥ୍ୟ ଚୋରି କରିଥାଏ ।ବର୍ତ୍ତମାନ ପ୍ଲେ ଷ୍ଟୋରରୁ ୩୦୦ରୁ ଅଧିକ ଏହିପରି ଆପ୍ ଡିଲିଟ କରାଯାଇଛି, ଯାହା ଆଣ୍ଡ୍ରଏଡ୍ 13 ର ସୁରକ୍ଷା ବୈଶିଷ୍ଟ୍ୟକୁ ବାଇପାସ୍ କରି ବ୍ୟବହାରକାରୀ ଡାଟା ଚୋରି କରୁଥିଲା। ଏଗୁଡିକ ସମୁଦାୟ 6 କୋଟିରୁ ଅଧିକ ଥର ଇନଷ୍ଟଲ କରାଯାଇଥିଲା ।ଖବର ଅନୁଯାୟୀ, ଗତ ବର୍ଷ ଆଇଏଏସ୍ ଥ୍ରେଟ୍ ଲ୍ୟାବ୍ ଅନୁସନ୍ଧାନ କରିଥିଲା ଯେ, ପ୍ଲେ ଷ୍ଟୋରରେ ଏପରି ୧୮୦ ଟି ଆପ୍ ଉପଲବ୍ଧ, ଯାହା ୨୦ କୋଟି ଜାଲ ବିଜ୍ଞାପନ ଅନୁରୋଧ ପଠାଇଛି। ପରେ ଅନୁସନ୍ଧାନରୁ ଜଣାପଡିଛି ଯେ, ଏହି ଆପଗୁଡିକର ସଂଖ୍ୟା ହେଉଛି ୩୩୧ ।ଏହି ଆପ୍ ଗୁଡିକ ବିଜ୍ଞାପନ ଦେଖାଇ ପ୍ରାଇଭେଟ ଡାଟା ସେୟାର କରିବାକୁ ଲୋକଙ୍କୁ ଉତ୍ସାହିତ କରିଛନ୍ତି। ଫିସିଂ ଆଟାକ ମାଧ୍ୟମରେ ସେ ବ୍ୟବହାରକାରୀଙ୍କ କ୍ରେଡିଟ କାର୍ଡ ଡାଟା ଚୋରି କରିବାକୁ ମଧ୍ୟ ଚେଷ୍ଟା କରୁଥିଲେ।

**ଚୋରାଉଥିଲା କ୍ରେଡିଟ୍ କାର୍ଡ ଡାଟା**

### ଭାରତରେ ବୋଇଂର ବଡ଼ କର୍ମଚାରୀ ଛଟେଇ
## ବେଙ୍ଗାଲୁରୁ ଟେକ୍ନୋଲୋଜି ସେଣ୍ଟରରୁ ୧୮୦ ଜଣ ବିଦା




**ବେଙ୍ଗାଲୁରୁ,୨୩।୩(ଏଜେନ୍ସି):** ଆମେରିକୀୟ ବିମାନ ନିର୍ମାତା ବୋଇଂ ବେଙ୍ଗାଲୁରୁ ଇଞ୍ଜିନିୟରିଂ ଟେକ୍ନୋଲୋଜି ସେଣ୍ଟରରୁ ୧୮୦ ଜଣ କର୍ମଚାରୀଙ୍କୁ ଛଟେଇ କରିଛି। ନିଜର ଗ୍ଲୋବାଲ ୱାର୍କଫୋର୍ସ ହ୍ରାସ ଯୋଜନାରେ କମ୍ପାନୀ ଭାରତରେ ଏହି ପଦକ୍ଷେପ ଗ୍ରହଣ କରିଛି। ବୋଇଂ ସାରା ବିଶ୍ୱରେ ଥିବା କାର୍ଯ୍ୟାଳୟମାନଙ୍କରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରୁଛି। ଭାରତରେ ବୋଇଂ ପ୍ରାୟ ୭ହଜାର କର୍ମଚାରୀ ରଖିଛି। କୁହାଯାଉଛି ବୋଇଂ ଏବେ ବୈଶ୍ୱିକ ସ୍ତରରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। କମ୍ପାନୀ ଗତବର୍ଷ ତା ୱାର୍କଫୋର୍ସରୁ ୧୦% କର୍ମଚାରୀ କମାଇବ ବୋଲି ଘୋଷଣା କରିଥିଲା। ତେବେ ନିକଟରେ ହୋଇଥିବା ଛଟେଇକୁ ନେଇ କମ୍ପାନୀ କୌଣସି ପ୍ରତିକ୍ରିୟା ଦେଇ ନାହିଁ। ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ କମ୍ପାନୀର ଷ୍ଟ୍ରାଟେଜିକ ଆଡଜଷ୍ଟମେଣ୍ଟରେ କିଛି ପଦ ନିଶ୍ଚିତ ରୂପେ ପ୍ରଭାବିତ ହୋଇଛି, ତେବେ ଏହା ଦ୍ୱାରା ଗ୍ରାହକ ଅଥବା ସରକାରୀ ପରିଚାଳନାରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି କୁହାଯାଇଛି। କମ୍ପାନୀ କହିଛି ଯେ କିଛି ପୁରୁଣା ଭୂମିକା ସମାପ୍ତ କରାଯାଇଥିବା ବେଳେ କିଛି ନୂଆ ଭୂମିକା ମଧ୍ୟ ସୃଜନ କରାଯାଇଛି। ତେବେ ଭାରତରେ ଗ୍ରାହକସେବା, କ୍ୱାଲିଟି ଷ୍ଟାଣ୍ଡାର୍ଡ ଉପରେ ଫୋକସ କରି କମ୍ପାନୀ ସନ୍ତୁଳିତ ଉପାୟରେ କର୍ମଚାରୀ ଛଟେଇ କରିଛି। ଉଲ୍ଲେଖଯୋଗ୍ୟ ଯେ ବେଙ୍ଗାଲୁରୁ ଓ ଚେନ୍ନାଇରେ ବୋଇଂ ଇଣ୍ଡିଆ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜି ସେଣ୍ଟର ଆଡଭାନ୍ସ ଏରୋସ୍ପେସ୍ କାମ ହେଉଛି। ଏଥି ମଧ୍ୟରେ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ବୋଇଂକୁ ଆମେରିକା ବାୟୁସେନା ନିମନ୍ତେ ଅତ୍ୟାଧୁନିକ ଯୁଦ୍ଧବିମାନ ନିର୍ମାଣ ପାଇଁ କଣ୍ଟ୍ରାକ୍ଟ ଦେଇଛନ୍ତି।

## ଭାରତର ଅଭିବୃଦ୍ଧି ସାରା ବିଶ୍ୱ ପାଇଁ ଲାଭଦାୟକ : ବିଲ୍ ଗେଟ୍ସ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଭାରତର ଅଭିବୃଦ୍ଧିରେ କେବଳ ଭାରତ ନୁହେଁ ସାରା ବିଶ୍ୱର ଉପକାର ହେବ। ଏକଥା ଆମେ କହୁ ନାହୁଁ ଦିନେ ବିଶ୍ୱର ନମ୍ବର ୱାନ ଧନୀ ଥିବା ଆମେରିକା ଶିଳ୍ପପତି ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ କହିଛନ୍ତି। ଗୁରୁବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଲ୍ ଗେଟ୍ସ ଏପରି କହିଛନ୍ତି। କେବଳ ଏତିକି ନୁହେଁ, ସେ ଭାରତରେ ଦ୍ରୁତ ନବସୃଜନ (ଇନୋଭେସନ)କୁ ମଧ୍ୟ ପ୍ରଶଂସା କରିଛନ୍ତି। ବିଲ୍ ଗେଟ୍ସ କହିଛନ୍ତି ଯେ ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ ରାଷ୍ଟ୍ର ଭାବରେ ଉଭା ହେବା କେବଳ ଭାରତକୁ ପରିବର୍ତ୍ତନ କରିବ ନାହିଁ ବରଂ ବିଶ୍ୱ ଉପରେ ମଧ୍ୟ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ। ‹ଭାରତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦିଆଯିବା ଏକ ଅତ୍ୟନ୍ତ ସକାରାତ୍ମକ ଗତି ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଭାରତର ଆର୍ଥିକ ଅଭିବୃଦ୍ଧି ସମ୍ଭାବନାକୁ ଆଶାଜନକ ବୋଲି ବର୍ଣ୍ଣନା କରି ଗେଟ୍ସ କହିଛନ୍ତି, ‹ଅଭିବୃଦ୍ଧି ହାର ୫% ହେବ କି ୧୦% ହେବ ସେ ବିଷୟରେ ବିତର୍କ ଚାଲିଛି ଏହା ଏକ ଭଲ କଥା।› ତେବେ ଅଭିବୃଦ୍ଧି ହାର ୧୦% ପର୍ଯ୍ୟନ୍ତ ପହଞ୍ଚିବ ବୋଲି ମୁଁ ଭାବୁନାହିଁ, କିନ୍ତୁ ଏହା ୫% ତଳକୁ ମଧ୍ୟ ଯିବ ନାହିଁ। ବିଲ୍ ଗେଟ୍ସ କହିଛନ୍ତି ଯେ ଆର୍ଥିକ ବିସ୍ତାର ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାରେ ଅଧିକ ସରକାରୀ ନିବେଶକୁ ସକ୍ଷମ କରିବ, ଯାହା ଫଳରେ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି ହେବ। କୃତ୍ରିମ ବୁଦ୍ଧିମତ୍ତା (AI) ଉପରେ, ଗେଟ୍ସ କହିଛନ୍ତି ଯେ ଏହି ପ୍ରଯୁକ୍ତିବିଦ୍ୟା ବିରାଟ ପରିବର୍ତ୍ତନ ଆଣିବ। ତେବେ ଏଆଇ ଯୋଗୁ ଯେ ଚାକିରି ଯିବ ଗେଟ୍ସ ଏକଥାକୁ ଅସ୍ୱୀକାର କରିଛନ୍ତି। ଭାରତର ଏଆଇ ବିକାଶ ପଦ୍ଧତିକୁ ମଧ୍ୟ ଗେଟ୍ସ ପ୍ରଶଂସା କରିଚନ୍ତି। ଏହା ଭଲ ଯେ ଭାରତ ସ୍ଥାନୀୟ ଆବଶ୍ୟକତା ଅନୁସାରେ ଓପନ୍-ସୋର୍ସ ଫାଉଣ୍ଡେସନ୍ ମଡେଲକୁ ଗ୍ରହଣ କରିଛି, ଯେଉଁଥିରେ ଭାରତୀୟ ଭାଷାର ସପୋର୍ଟ ରହିଛି ବୋଲି ସେ କହିଛନ୍ତି।

## ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଠକେଇ : ଗ୍ରାଣ୍ଟ ଥର୍ନଟନ କରିବ ଯାଞ୍ଚ




**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଘରୋଇ କ୍ଷେତ୍ରର ବ୍ୟାଙ୍କ ଇଣ୍ଡସଇଣ୍ଡ ବ୍ୟାଙ୍କରେ ମାସରେ ଚିହ୍ନଟ ହୋଇଥିବା ଆକାଉଣ୍ଟିଂ ତ୍ରୁଟିର ତଦନ୍ତ କରିବା ଏବଂ ଠକେଇ କିମ୍ବା ଆଭ୍ୟନ୍ତରୀଣ ତ୍ରୁଟିର ପ୍ରମାଣ ଅଛି କି ନାହିଁ ତାହା ଜାଣିବା ପାଇଁ ଗ୍ରାଣ୍ଟ ଥର୍ନଟନଙ୍କୁ ନିଯୁକ୍ତ କରିଛି। ଇଣ୍ଡସଇଣ୍ଡ ବ୍ୟାଙ୍କ ହେଉଛି ଭାରତର ପଞ୍ଚମ ବୃହତ୍ତମ ଘରୋଇ ବ୍ୟାଙ୍କ ଯାହାର ବାଲାନ୍ସ ସିଟ୍ ୭୩ ବିଲିୟନ ଡଲାର। ମାର୍ଚ୍ଚ ୧୦ରେ ଏହାର ଡେରିଭେଟିଭ୍ସ ପୋର୍ଟଫୋଲିଓକୁ ପ୍ରାୟ ୨.୩୫ ପ୍ରତିଶତ କିମ୍ବା ୧୭୫ ନିୟୁତ ଡଲାର ଅଧିକ ମୂଲ୍ୟାଙ୍କନ କରାଯାଇଥିବା ପ୍ରକାଶ କରିବା ପରଠାରୁ ଏହାର ସେୟାର ପ୍ରାୟ ୨୩.୪ ପ୍ରତିଶତ ହ୍ରାସ ପାଇଛି। ବ୍ୟାଙ୍କ ଭିତରେ ଅନିୟମିତ ଆଭ୍ୟନ୍ତରୀଣ କାରବାର ଯୋଗୁଁ ଏହି ଭୁଲ ଘଟିଛି। ଏହି ହିସାବ ବିସଙ୍ଗତି ଭାରତୀୟ ରିଜର୍ଭ ବ୍ୟାଙ୍କର ମାନଦଣ୍ଡ ବିରୁଦ୍ଧରେ ଥିଲା, ଯଦିଓ କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ଇଣ୍ଡସଇଣ୍ଡ ବ୍ୟାଙ୍କର ପୁଞ୍ଜି ଭଲ ଅବସ୍ଥାରେ ରହିଛି। ଗୁରୁବାର ଇଣ୍ଡସ୍‌ଇଣ୍ଡ ଷ୍ଟକ୍ ଏକ୍ସଚେଞ୍ଜକୁ କହିଛି ଯେ ଏହା ସମସ୍ୟାର ମୂଳ କାରଣ ତଦନ୍ତ ଏବଂ ତ୍ରୁଟି ଚିହ୍ନଟ କରିବା ପାଇଁ ଏକ ଅଜ୍ଞାତ ଫାର୍ମକୁ ନିଯୁକ୍ତ କରିଛି, କିନ୍ତୁ ଏହା କହିନାହିଁ ଯେ ଏଥିରେ ସମ୍ଭାବ୍ୟ ଠକେଇ ସହିତ ଜଡିତ କାରବାରର ଯାଞ୍ଚ ଅନ୍ତର୍ଭୁକ୍ତ ହେବ କି ନାହିଁ। ଗ୍ରାଣ୍ଟ ଥରଣ୍ଟନ ସେହି ବ୍ୟକ୍ତିମାନଙ୍କ ପାଇଁ ଦାୟିତ୍ୱ ମଧ୍ୟ ନିର୍ଣ୍ଣୟ କରିବେ ଯେଉଁମାନେ ତ୍ରୁଟି ପାଇଁ ଦାୟୀ ଥିଲେ, ଏବଂ ସମସ୍ତ ଡେରିଭେଟିଭ୍ ଚୁକ୍ତିନାମାର ହିସାବ ଚିକିତ୍ସା ସମୀକ୍ଷା କରିବେ।

ସୂତ୍ର ଅନୁଯାୟୀ, ଗ୍ରାଣ୍ଟ ଥରଣ୍ଟନ ଏହି କାରବାର ସହିତ କୌଣସି ଜାଣିଶୁଣି ଆଭ୍ୟନ୍ତରୀଣ ଭୁଲ ଉପସ୍ଥାପନା କରାଯାଇଥିଲା କି ନାହିଁ ତାହା ମଧ୍ୟ ତଦନ୍ତ କରିବ। ରଏଟର୍ସ ଗତ ସପ୍ତାହରେ ଏହାର ରିପୋର୍ଟରେ କହିଥିଲା ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ଇଣ୍ଡସଇଣ୍ଡ ବ୍ୟାଙ୍କର ସିଇଓ ଏବଂ ଡେପୁଟିଙ୍କୁ ପ୍ରମୁଖ ହିସାବ ତ୍ରୁଟି ଯୋଗୁଁ ସେମାନଙ୍କ ବିକଳ୍ପ ଖୋଜିବା ମାତ୍ରେ ପଦ ଛାଡିବାକୁ କହିଛି।

## ଭାରତ ପୂର୍ବରୁ ପାକିସ୍ତାନରେ ଷ୍ଟାର୍‌ଲିଙ୍କ୍ ସେବା

- ମାସିକ ଚାର୍ଜ ୬୮୦୦-୨୮,୦୦୦ ପାକିସ୍ତାନୀ ଟଙ୍କା
- ବେଗ ୫୦-୨୫୦ ଏମ୍‌ବିପିଏସ୍




**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):**

ଏଲନ୍ ମସ୍କଙ୍କ ଷ୍ଟାରଲିଙ୍କ୍ ପାକିସ୍ତାନରେ ମଧ୍ୟ କାମ କରିବ। ପଡ଼ୋଶୀ ଦେଶର ସରକାର ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କକୁ ଅସ୍ଥାୟୀ ଏନଓସି ଦେଇଛନ୍ତି। ଏବେ ପାକିସ୍ତାନରେ ଷ୍ଟାରଲିଙ୍କ୍‌ର ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଭାରତ ପୂର୍ବରୁ ଆରମ୍ଭ ହେବାର ଆଶା କରାଯାଉଛି। ପାକିସ୍ତାନରେ ମଧ୍ୟ ଲୋକମାନେ ସାଟେଲାଇଟ୍ ନେଟୱାର୍କ ବ୍ୟବହାର କରି ପାରିବେ। ପାକିସ୍ତାନ ସରକାର ମସ୍କଙ୍କ କମ୍ପାନୀକୁ ଅସ୍ଥାୟୀ ଏନଓସି ଦେବା ପରେ ସାଟେଲାଇଟ୍ ଇଣ୍ଟରନେଟ୍ ଆରମ୍ଭ ହୋଇଯିବ। ପାକିସ୍ତାନର ଆଇଟି ମନ୍ତ୍ରୀ ଶାଜା ଫାତିମାଙ୍କ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ନିର୍ଦ୍ଦେଶରେ ଷ୍ଟାରଲିଙ୍କକୁ ଅସ୍ଥାୟୀ ପଞ୍ଜିକରଣ ଦିଆଯାଇଛି। ଏହି ପଦକ୍ଷେପ ପାକିସ୍ତାନରେ ସାଟେଲାଇଟ୍ ନେଟୱାର୍କର ପ୍ରବେଶ ପାଇଁ ଦ୍ୱାର ଖୋଲିଦେଇଛି। ଫାତିମାଙ୍କ ଅନୁଯାୟୀ, ସମସ୍ତ ସୁରକ୍ଷା ଏବଂ ନିୟାମକ ଏଜେନ୍ସିର ଅନୁମୋଦନ ପରେ ସରକାର ଷ୍ଟାରଲିଙ୍କକୁ ଅସ୍ଥାୟୀ ଏନଓସି ଦେଇଛନ୍ତି। ଏହା ପାକିସ୍ତାନରେ ଇଣ୍ଟରନେଟ୍ ସେବା ଏବଂ ଆଇଟି ଭିତ୍ତିଭୂମିକୁ ଉନ୍ନତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ପ୍ରମାଣିତ ହୋଇପାରେ। ମସ୍କ ଗତ ବର୍ଷ ପାକିସ୍ତାନରେ ତାଙ୍କର ସେବା ଆରମ୍ଭ କରିବା ପାଇଁ ଆବେଦନ କରିଥିଲେ। ଏହା ଦୀର୍ଘ ସମୟ ଧରି ଅନୁମୋଦନ ପାଇଁ ଅପେକ୍ଷା କରିଥିଲା। ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ଷ୍ଟାରଲିଙ୍କ ପ୍ଲାନର ସମ୍ଭାବ୍ୟ ମୂଲ୍ୟ (ଘର ପିଛା) ପ୍ରତି ମାସରେ ପ୍ରାୟ ୬୮୦୦-୨୮,୦୦୦ ପାକିସ୍ତାନୀ ଟଙ୍କା ହୋଇପାରେ। ଏହି ଯୋଜନାରେ ଉପଭୋକ୍ତାମାନେ ୫୦-୨୫୦ ଏମ୍‌ବିପିଏସ୍ ସ୍ପିଡ୍ ପାଇପାରିବେ। ଏହା ବ୍ୟତୀତ, ଷ୍ଟାରଲିଙ୍କ ସେବା ପାଇବା ପାଇଁ ହାର୍ଡୱେୟାରର ମୂଲ୍ୟ ୯୨,୦୦୦ ପାକିସ୍ତାନୀ ଟଙ୍କା (ଭାରତରେ ପ୍ରାୟ ୩୦,୦୦୦ ଟଙ୍କା) ହୋଇପାରେ।ଅପରପକ୍ଷେ ପାକିସ୍ତାନରେ ବାଣିଜ୍ୟିକ ବ୍ୟବହାର ପାଇଁ ଷ୍ଟାରଲିଙ୍କ ସେବା ମହଙ୍ଗା ହୋଇପାରେ। ୧୦୦-୫୦୦ ଏମ୍‌ବିପିଏସ୍ ସ୍ପିଡ୍ ପାଇଁ, ମାସିକ ଖର୍ଚ୍ଚ ପ୍ରାୟ ୮୦,୦୦୦-୯୫,୦୦୦ ପାକିସ୍ତାନୀ ଟଙ୍କା ହୋଇପାରେ। ବାଣିଜ୍ୟିକ ବ୍ୟବହାରକାରୀଙ୍କ ପାଇଁ ସଂସ୍ଥାପନ ଖର୍ଚ୍ଚ ମଧ୍ୟ ଅଧିକ ହେବ। ବାଣିଜ୍ୟିକ ବ୍ୟବହାରକାରୀମାନଙ୍କୁ ସଂସ୍ଥାପନ ପାଇଁ ପ୍ରାୟ ୨.୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ।

### ଆମାଜନ ଫ୍ୟାସନନେକ୍ସଟ ଜେନେରେସନ ଷ୍ଟୋର
## ଜେନ୍ ଜେଡ୍ କ୍ରେତାଙ୍କ ସଂଖ୍ୟାରେ ୩ ଗୁଣା ବୃଦ୍ଧି

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଆମାଜନ ଫ୍ୟାଶନ ଏହାର ନେକ୍ସଟ ଜେନ ଷ୍ଟୋର ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ୨୦୨୩ ମସିହାରେ ଜେନେରାଲ ଜେଡ୍ ପାଇଁ ଭାରତର ପ୍ରଥମ ଉତ୍ସର୍ଗୀକୃତ ଡିଜିଟାଲ୍ ଫ୍ୟାସନ୍ ହବ ଭାବରେ ଆରମ୍ଭ ହୋଇଥିବା ଏହି ଅଭିନବ ଷ୍ଟୋରଫ୍ରଣ୍ଟ ଜେନ ଜେଡ ଗ୍ରାହକଙ୍କ ସଂଖ୍ୟାରେ ୩ ଗୁଣ ବୃଦ୍ଧି ଏବଂ ଟିୟର ୨ ସହରଗୁଡ଼ିକରୁ ଆହୁରି ଉଲ୍ଲେଖନୀୟ ୪ ଗୁଣ ବିକ୍ରି ବୃଦ୍ଧିକୁ ପ୍ରୋତ୍ସାହିତ କରିଛି। ଯାହା ଭାରତର ଭୂଗୋଳରେ ଟ୍ରେଣ୍ଡ-ଫରୱାର୍ଡ ଫ୍ୟାସନର ଲୋକପ୍ରିୟତାକୁ ଦର୍ଶାଉଛି। ୨ ନିୟୁତରୁ ଅଧିକ ଉତ୍ପାଦ ସହିତ ୩୪୦+ ଘରୋଇ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡର ଏକ ବିସ୍ତୃତ ପୋର୍ଟଫୋଲିଓ ଥିବା ଏହି ଅନଲାଇନ୍ ଷ୍ଟୋର ଡିଜିଟାଲ-ନେଟିଭ୍ ଫ୍ୟାସନ ଉପଭୋକ୍ତାଙ୍କ ପାଇଁ ଉଭୟ ଉପଲବ୍ଧତା ଏବଂ ଅଭିବ୍ୟକ୍ତି ଚାହୁଁଥିବା ନିଶ୍ଚିତ ଗନ୍ତବ୍ୟସ୍ଥଳ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ଏହି ଗତିକୁ ବଜାୟ ରଖିବା ପାଇଁ ଆମାଜନ ଫ୍ୟାଶନ ମାର୍ଚ୍ଚ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ବହୁ ପ୍ରତୀକ୍ଷିତ ନେକ୍ସଟ ଜେନ ଅନଲାଇନ ସଫି ଇଭେଣ୍ଟ ଆୟୋଜନ କରିବ, ଯେଉଁଥିରେ ଯୁବ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରୁଥିବା କ୍ୟୁରେଟେଡ୍ କଲେକ୍ସନ ଉପରେ ୬୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ୱାଇ୨କେ ବାଡି, ୯୦ ଦଶକର ଗ୍ରୁଞ୍ଜ, ଷ୍ଟ୍ରିଟ୍ ଷ୍ଟାର ଏବଂ ସଫ୍ଟ ବୟ ଭଳି ସମସାମୟିକ ଶୈଳୀର କାହାଣୀ ସହିତ ଜେନ୍ ଜେଡ୍ ଲେନ୍ସ ମାଧ୍ୟମରେ ପୁନଃପରିକଳ୍ପିତ ଫ୍ୟାସନ ଷ୍ଟେପଲ୍ ଗୁଡ଼ିକୁ ପ୍ରଦର୍ଶିତ କରାଯିବ ।ଏ ସମ୍ପର୍କରେ ଆମାଜନ ଫ୍ୟାଶନ ଆଣ୍ଡ ବିୟୁଟି ଇଣ୍ଡିଆର ନିର୍ଦ୍ଦେଶକ ସିଦ୍ଧାର୍ଥ ଭଗତ କହିଛନ୍ତି ଯେ ଆମର ନେକ୍ସଟ ଜେନେରେସନ ଷ୍ଟୋରର ଉଲ୍ଲେଖନୀୟ ଅଭିବୃଦ୍ଧି ଭାରତର ଫ୍ୟାଶନ ଇକୋସିଷ୍ଟମରେ ଏକ ମୌଳିକ ପରିବର୍ତନକୁ ପ୍ରତିଫଳିତ କରୁଛି । ଆମେ ଯାହା ଦେଖୁଛୁ ତାହା ହେଉଛି ଏକ ନୂତନ ଫ୍ୟାସନ ପୀଢ଼ିର ଆବିର୍ଭାବ ଯେଉଁଠାରେ ଭାରତର ବିବିଧ ସ୍ଥାନର ଜେନ ଜେଡ ଉପଭୋକ୍ତାମାନେ ଶୈଳୀ ମାଧ୍ୟମରେ ଆତ୍ମ-ଅଭିବ୍ୟକ୍ତିକୁ ଗ୍ରହଣ କରୁଛନ୍ତି। ଚଣ୍ଡିଗଡ଼, ଜୟପୁର, ସୁରଟ ଭଳି ଟିୟର-୨ ସହରରେ ନେକ୍ସଟ ଜେନ ଷ୍ଟୋରର ସଫଳତା ଏବଂ ବିଶେଷ କରି ଡିଜିଟାଲ ପ୍ଲାଟଫର୍ମ କିପରି ଫ୍ୟାଶନ ଉପଲବ୍ଧତାକୁ ନୂଆ ରୂପ ଦେଉଛି, ଯାହା କି ଟ୍ରେଣ୍ଡ-ଫରୱାର୍ଡ ଚୟନକୁ ମହାନଗର ସୀମା ବାହାରେ ପହଂଚାଇବାକୁ ସୁଯୋଗ ଦେଉଛି।

# କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ୍



ପାରାଦୀପ, ୨୩।୩ (ସମିସ) : ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବାକୁ ପାରାଦୀପ ମେରାଇନ ପୋଲିସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସାଧାରଣ ଜନତା ଓ ପୋଲିସ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଏହା ଏକ ଅଭିନବ ଉପାୟ।କୋଷ୍ଟାଲ କମ୍ୟୁନିଟି ମାଧ୍ୟମରେ ଲୋକଙ୍କ ନିକଟତର ହେବାକୁ ଉଦ୍ୟମ ଆରମ୍ଭ କରିଛି ପୋଲିସ। ଏନେଇ ପାରାଦୀପ ସାମୁଦ୍ରିକ ଥାନା ପକ୍ଷରୁ କମ୍ୟୁନିଟି ମାନଙ୍କୁ ନେଇ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ପାରାଦୀପର ନେହୁରବଙ୍ଗଳା ଠାରେ ୪ ଟି ଦଳ ର ଯୁବ ବର୍ଗଙ୍କ ମଧ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା।ଟୁର୍ଣ୍ଣାମେଣ୍ଟ ରେ ଖେଳାଳି ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାର ମୂଳ ଲକ୍ଷ୍ୟ ହେଉଛି ସମୁଦ୍ରକୁ ମାଛ ମାରିବାକୁ ଯାଉଥିବା ମତ୍ସ୍ୟଜୀବୀ ମାନେ ଆତଙ୍କବାଦୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଆଗୁଆ ଜାଣି ପୋଲିସକୁ ଖବର ଦେବେ। ତେବେ ଉପକୂଳ ରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇ ପାରିବ ବୋଲି କୁହାଯାଉଛି ।ଏ ହା ସହିତ ବସ୍ତି ଅଞ୍ଚଳ ରୁ କିଭଳି ଅପରାଧକୁ ଦୂର କରାଯିବ, ନିଶା ସେବନ ଠାରୁ ଯୁବ ଗୋଷ୍ଠୀ କିଭଳି ଦୁରେଇ ରହିବେ ଏବଂ ଏକ ସୁସ୍ଥ ସମାଜ ଗଠନ ଅଗ୍ରଗାମୀ ହେବା ଇତ୍ୟାଦି ।ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କରଙ୍କ ସମେତ ଓମ୍‌ୟା ର ସଭାପତି ଶ୍ରୀକାନ୍ତ ପରିଡା, ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ଓ ମେରାଇନ ଥାନା ଅଧିକାରୀ ବବିତା ଦେହୁରୀ ଯୋଗ ଦେଇ ସାଧାରଣ ଜନତା ପୋଲିସ ମଧ୍ୟରେ କିଭଳି ସୁସମ୍ପର୍କ ସ୍ଥାପନ ହେବ ଏବଂ ବିଭିନ୍ନ ସମୟରେ ସାଧାରଣ ଜନତା କିପରି ପୋଲିସ ପ୍ରତି ଭୟ ନ କରି ପୁଲିସର ସାହାଯ୍ୟ

# ଇଡ୍‌କୋ ଜମି ଅଧିଗ୍ରହଣ ବେଳେ ଜଙ୍ଗଲ କାଟ୍
# ଉଜୁଡ଼ିବା ଆଶଙ୍କାରେ ଡାଲୁଅ ଧାନ

କୁଜଙ୍ଗ,୨୩।୩(ସମିସ):

ଧାନ, ପାନ ଓ ମୀନ ପାଇଁ ରାଜ୍ୟ ତଥା ଉପକୂଳ ଭାରତରେ ପରିଚିତ ଥିବା ଢିଙ୍କିଆ ଏବେ ତାର ପରିଚୟର ମୌଳିକତା ହରାଇବାକୁ ବସିଛି। ଇଡ୍‌କୋ ଦ୍ୱାରା ଜମି ଅଧିଗ୍ରହଣ ଯୋଗୁ ବହୁ ପାନ ବରଜ ମାଟିରେ ମିଶିବାକୁ ବସିଥବା ବେଳେ ଆଇଓସିଲ ପରି ବଡ଼ ଶିଳ୍ପ ଅନୁଷ୍ଠାନଗୁଡ଼ିକ ଯୋଗୁ ମୀନ ବଂଶ ମଧ ଉଜୁଡ଼ି ଯାଇଛି। ଇଡ୍‌କୋ ଅଧିଗୃହିତ ଜମିରେ ପାଚେରୀ ନିର୍ମାଣ ପରେ ଜଙ୍ଗଲ କାଟ୍ ଯୋଗୁ ପରିବେଶ ଉପରେ ପ୍ରଭାବ ପୋକାଇଛି। କାଳବୈଶାଖୀ ପବନ ଯୋଗୁ ଶହ ଶହ ଏକର ଅମଳ ଅବସ୍ଥାରେ ଥିବା ଡାଲୁଅ ଧାନ ଉଜୁଡୁବା ଆଶଙ୍କା ଥିବା କହିଛନ୍ତି ଚାଷୀ ମହେଶ୍ୱର ରାଉତ, ରମେଶ ଲେଙ୍କା, ଧୀର ପ୍ରଧାନ ଓ ଧୃବ ପ୍ରଧାନ ପ୍ରମୁଖ। ଏହି ଡାଲୁଅ ସମ୍ପର୍କରେ ବହୁ ଚାଷୀ ନିଜ ଉଦ୍ୟମରେ ଖରା ଦିନେ ଜମିକୁ ୧୨୦ଟଙ୍କା ଦେଇ କିରୋସିନ ତେଲ କିଣି ଧାନକୁ ଅମଳ ପର୍ଯ୍ୟନ୍ତ ଆଣି ଥିବା ବେକେ କାଳ ବୈଶାଖୀ ପବନ ଓ ଦିନ ତମାମ ବର୍ଷା ଏବେ ଚାଷୀଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। ଗଡ଼କୁଜଙ୍ଗ, ଢିଙ୍କିଆ, ବାମଦେଇପୁର, ବାଲିତୁଠ; ବଳେଇ ପୁର ଓ



କୁଞ୍ଜ କୋଠୀ ଆଦି ପଞ୍ଚାୟତରେ ପ୍ରାୟ ଅଢେଇ ହାଜର ହେକ୍ଟର ଜମିରେ ଡାଲୁଆ ଧାନ ହେଇଥିବା ବେକେ ଜଳସେଚନ ବ୍ୟବସ୍ଥା ନାହିଁ। ଫସଲ ଖାଲୁଆ ଅଞ୍ଚଳରେ ଚାଷ କରାଯାଉ ଥିବା ବେଳେ ଅଦିନିଆ କାଳ ବୈଶାଖୀ ଜମିରୁ ବର୍ଷା ଜଳ ନିଷ୍କାସନ କରିବା ଏକ ପ୍ରକାର ଅସମ୍ଭବ ହୋଇଥିବା ବେଳେ ଆଜି ଦିନ ତମାମ ବର୍ଷା ଚାଷୀଙ୍କ ନିଦ ହାହାଇ ଦେଇଛି ବୋଲି ଯୁବ ନେତା ତମିଲ ପ୍ରଧାନ ଅଭିଯୋଗ କରିଚନ୍ତି। ଏହି ଚାଷୀଙ୍କ ମଧ୍ୟରୁ ବହୁ ଚାଷୀ ଭାଗ ଚାଷୀ ହୋଇ ଥିବା ବେଳେ ଅଧିକାଂଶ ଚାଷୀ ଫସଲ ବୀମା ମଧ୍ୟ କରି ନଥିବା ସାମାଜିକ ଅନୁଷ୍ଠାନ ଆଖିର ସଭାପତି ଆରୁଣ ପରିଡା ଆଭିଯୋଗ କରିଚନ୍ତି। ହରିଣ ଓ ବରାହ କବଳୁ ପାଚିଲା ଧାନକୁ ରକ୍ଷା କରି ଚାଷୀ ଦିନ ରାତି ଏକ କରି ଦେଇ ଥିବା ବେଳେ ଏବେ କାଳ ବୈଶାଖୀ ଓ ଆଗମୀ ତିନି ଦିନ ବର୍ଷା ହେବ ବୋଲି ପାଣି ପାଗ ବିଭାଗ ର ପୂର୍ବାନୁମାନ ନେଇ ଚାଷୀ କୁଳ ଛାନିଆ ବୋଲି ଦେଖିବାକୁ ମିଳିଛି। ପୂର୍ବରୁ ପାନ ମୀନ ପ୍ରଭାବିତ ହୋଇ ଥିବା ବେଳେ ଧାନ ଉଭୟ ଶାରଦ ଓ ଡାଲୁଅ ଅମଳ ବେଳେ ଉଜୁଦିବା ବହୁ ଯୁବ ଚାଷୀ ଙ୍କୁ ଦାଦନ ପାଇଁ ଅଭି ପ୍ରେରିତ କରିବ ବୋଲି କୁହନ୍ତି ସମାଜ ସେବୀ ସିଶିର ସ୍ୱାଇଁ।

# ପାରାଦୀପ ମହାବିଦ୍ୟାଳୟରେ ସହିଦ ଦିବସ



ପାରାଦୀପ, ୨୩।୩ (ସକାଳ) : ପାରାଦୀପ ମହାବିଦ୍ୟାଳୟ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ମହାବିଦ୍ୟାଳୟ ଏନ୍‌ସିସି ଆଲମୁନି ଆସୋସିଏସନ୍ ପକ୍ଷରୁ ସହିଦ ଦିବସ ପାଳିତ ହୋଇଯାଇଛି ।ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି ଏନ୍ ସୋନ୍ଧି ଯୋଗଦେଇ ସହିଦ ଦିବସ ର ସ୍ମୃତି ଚାରଣ କରିଥିଲେ ।ସମ୍ମାନିତ ଅନ୍ୟତମ ଭାବେ କ୍ୟାପଟେନ ସୁରେନ୍ଦୁ ପାଣିଗ୍ରାହୀ ଯୋଗ ଦେଇ ସହିଦଙ୍କ ଉଦ୍ଦେଶ୍ୟ ରେ ଏକ ଭାବାକ୍ର ବାର୍ତ୍ତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସସ୍ମିତା ଶତପଥୀଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ଶତପଥୀ ଭାରତମାତାର ବରପୁତ୍ର ମାନଙ୍କର ବଳିଦାନ ଓ ମହାନତା ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଅଧ୍ୟାପକ ଗଣେଶ୍ୱର ପାତ୍ର ଦିବସର ମହତ୍ତ୍ୱ ସମ୍ପର୍କର୍ରେ ଆଲୋଚନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମହାବିଦ୍ୟାଳୟ ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ପୁରାତନ କ୍ୟାଡେଟ, ବର୍ତ୍ତମାନର କ୍ୟାଡେଟ୍ ଓ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଅଲୁମ୍ନି ଆସୋସିଏସନ୍ ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ବହି ଗୋଦାମରେ ଅଗ୍ନିକାଣ୍ଡ

ବାଲିକୁଦା,୨୩।୩(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ବାହାରଣା ପଞ୍ଚାୟତ ଟାଇଁକୁଳଠାରେ ଥିବା ସାହୁ ବୁକ ଏଜେନ୍ସି ବହି ଗୋଦାମରେ ଗତ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ବହି ପୋଡ଼ି ଯାଇଥିବା ବେଳେ ଗୋଦାମରେ କାର୍ଯ୍ୟ କରୁଥିବା ୩ ଜଣ ଯୁବକଙ୍କ ମଧ୍ୟରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ବାଲିକୁଦା ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବାଲିକୁଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ବାହାରଣା ପଞ୍ଚାୟତ ଟାଇଁକୁଳ ଗ୍ରାମର ନଗେନ୍ଦ୍ର ନାଥ ଜେନାଙ୍କ ପୁଅ ଦିଲୀପ ଜେନା ଡେଙ୍ଗାପୋଲ ବାହାରଣା ରାସ୍ତାର ଟାଇଁକୁଳ ରାସ୍ତା କଡ଼ରେ ୩ ବଖରା କୋଠା ଘର ତିଆରି କରି ଗୋଟିଏ ଘର ବିଦ୍ୟୁତ ସେବା କେନ୍ଦ୍ରକୁ ଭଡ଼ାରେ ଦେଇଥିବା ବେଳେ ଅନ୍ୟ ଦୁଇଟି ଘରକୁ ମାଛଗାଁ ଓଟିନ୍ଦା ଅଞ୍ଚଳର ଆଶିଷ କୁମାର ସାହୁ ଭଡାରେ ନେଇ ସାହୁ ବୁକ ଏଜେନ୍ସି ନାମରେ ବହି ଗୋଦମ କରିଥିଲେ। ଏହି ଗୋଦାମରେ ୩ଜଣ ଯୁବକ ଓଟିନ୍ଦା ଗ୍ରାମର ନରୋତ୍ତମ ବାରିକ, ବୁଟୁ ଓ ଅଜିତ ସାଶମଲ କାର୍ଯ୍ୟ କରୁଥିଲେ। ପ୍ରତ୍ୟେ ଦିନ ପରି ଗତକାଲି କାର୍ଯ୍ୟ ସାରି ପାଖ ବିଦ୍ୟୁତ ସେବା କେନ୍ଦ୍ରରେ ଶୋଇଥିଲେ। ଗତକାଲି ବିଳମ୍ବିତ ରାତିରେ କୌଣସି





କାରଣରୁ ବିସ୍ଫୋରଣ ଘଟି ଗୋଦାମରେ ନିଆଁ ଲାଗି ଯାଇଥିଲା। ବିସ୍ଫୋରଣ ଏତେ ଜୋରରେ ହୋଇଥିଲା ଯେ ଗୃହରେ ଲାଗିଥିବା ସଟର କାନ୍ଥରୁ ବାହାରି ୧୦୦ମିଟର ଦୁର ରାସ୍ତା କର ବିଲ ଭିତରେ ବିଦ୍ୟୁତ ସେବା କେନ୍ଦ୍ରକୁ ଲାଗିଥିବା କାନ୍ଥ ଭୁଶୁଡି ପଡିଥିଲା। ଫଳରେ କାନ୍ଥ ପଡି ବୁଟୁ ଗୁରୁତର ଆହତ ହୋଇଥିବା ବେଳେ ଜଳୁଥିବା ବହି ବଣ୍ଡଲ ଅଜିତଙ୍କ ଗୋଡ଼ରେ ପଡି ଗୋଡ଼ ଜଳିଯାଇଥିବା ଜଣାପଡିଛି। କିନ୍ତୁ ନରୋତ୍ତମଙ୍କଠାର ବିଶେଷ କିଛି ହୋଇନଥିବା କୁହାଯାଉଛି। ଏହି ଶବ୍ଦ ଶୁଣି ପାଖରେ ଥିବା ଘର ଲୋକେ ଦୌଡ଼ି ଆସିଥିଲେ। ଭନିଆଁ ଜଳୁଥିବା ଦେଖି ବାଲିକୁଦା ଅଗ୍ନିଶମ ବିଭାଗକୁ ଖବର ଦେବା ସହ ବହି ଗୋଦାମରେ କାର୍ଯ୍ୟ କରୁଥିବା ୩ ଯୁବକଙ୍କୁ ଉଦ୍ଧାର କରି ଜଗତସିଂହପୁର ମେଡିକାଲ ଓ ପରେ କଟକ ମେଡିକାଲ ଯାଇଥିବା ଜଣାଯାଇଛି। କିଛିଦିନ ତଳେ ଲକ୍ଷାଧିକ ଟଙ୍କାର ବହି ଉକ୍ତ ଗୋଦାମ ଗୃହରେ ଗଛିତ ରଖିଥିଲେ ଆଶିଷ ଯାହା ପୋଡି ପାଉଁଶ ହୋଇଯାଇଛି। ତେବେ ଏହି ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଅଗ୍ନିଶମ ବିଭାଗ ମନୋରଞ୍ଜନ ପରିଡା କହିଛନ୍ତି ଯେ ଘର ବନ୍ଦ ଥିବା ଯୋଗୁ ଏତେ ଗୁଡ଼ାଏ ବହିରେ ନିଆଁ ଲାଗି ନିଆଁ ର ଧୂଆଁ ବାହାରକୁ ଯାଇପାରିନଥିବାରୁ ବିସ୍ଫୋରଣ ଘଟିଥିଲା। ତେବେ ଏହା ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ହୋଇଛି ନା ଅନ୍ୟ କିଛି କାରଣ ତାହା ତଦନ୍ତ ପରେ ଜଣାପଡିବ ବୋଲି ଆଲୋଚନା ହେଉଛି।

# ବଡ଼ପଡ଼ିଆ ଥାନା ଛକ ଘଣ୍ଟାର ଭୁଲ୍ ସମୟକୁ ନେଇ ଚର୍ଚ୍ଚା

ପାରାଦୀପ, ୨୩।୩ (ସମିସ): ବନ୍ଦର ସହର ପାରାଦୀପର ମୁଖ୍ୟ ଛକ କୁହାଯାଉଥିବା ବଡ଼ପଡ଼ିଆ ଥାନା ଛକ ଗୋଲେଇରେ ଲାଗିଥିବା ଘଣ୍ଟାର ସମୟକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ବନ୍ଦର ୪ ନମ୍ବର ଗେଟ ସାମ୍ନା ଓ ପାରାଦୀପ ମଡେଲ ଥାନା ସମ୍ମୁଖରେ ରହିଥିବା ଏହି ଗୋଲେଇ ଛକରେ ଲାୟନ୍ସ କ୍ଲବ ପକ୍ଷରୁ ଲାଗିଥିବା ଏହି ଘଣ୍ଟାର ଚାରି ପାଶ୍ୱର୍ରେ ସମୟ ଠିକ୍ ଦେଖାଉ ନଥବା ବେଳେ ସବୁ ପାଶ୍ୱର୍ ଘଣ୍ଟାରେ ଅଲଗା ଅଲଗା ସମୟ ଦେଖାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ବନ୍ଦର ସହରରେ କାର୍ଯ୍ୟରତ ହଜାର ହଜାର ଶ୍ରମିକ ଭୁଲ ସମୟ ସୂଚାଉଥିବା ଘଣ୍ଟାର ସମୟକୁ ଦେଖି ଦ୍ୱନ୍ଦରେ ପଡୁଛନ୍ତି। ଲାୟନ୍ସ କ୍ଲବ ପକ୍ଷରୁ କେଉଁ ଉଦ୍ଦେଶ୍ୟ ନେଇ ଏହି ଘଣ୍ଟା ଲଗାଯାଇଛି, ତାକୁ ନେଇ ଏବେ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଣ୍ଟା ପୁଣି ବନ୍ଦରର ୫, ୪ ଓ ୩ ନମ୍ବର ଗେଟର ପାଖାପାଖି ରହିଛି। ଏହି ମୁଖ୍ୟ ଛକ ଥାନା ଛକ ଦେଇ ସହରରେ ହଜାର ହଜାର ଲୋକେ ଚଳପ୍ରଚଳ ହେଉଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ଭାରିଜାନ ଓ ହଜାର ହଜାର ଶ୍ରମିକ ବନ୍ଦର ନିଷିଧାଞ୍ଚଳ ମଧ୍ୟକୁ ଯାତାୟାତ କରିଥାନ୍ତି। ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗିଥିବା ଘଣ୍ଟାର ସମୟକୁ ନେଇ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ତୁରନ୍ତ ଲାୟନ୍ସ କ୍ଲବ ପକ୍ଷରୁ ଏହି ଭୁଲ ସମୟ ଦେଉଥିବା ଘଣ୍ଟାକୁ ବାହାର କରି ନିର୍ଭୁଲ ସୁଚାଉ ଥିବା ଘଣ୍ଟାକୁ ସ୍ଥାପନ କରିବାକୁ ଦାବି ହେଉଛି। ଉକ୍ତ ସ୍ଥାନରେ ପାରାଦୀପ ବନ୍ଦର ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।



# ମୃତ ବାଳକଙ୍କ ପରିବାରକୁ ଆର୍ଥିକ ସହାୟତା ଦେଲେ ସମାଜସେବୀ

ବାଲିକୁଦା,୨୩।୩ (ସମିସ): ବାଲିକୁଦା -ଏରସମାର ଜଣାଶୁଣା ସମାଜସେବୀ ସଂଜୀବ ଏସ୍ ବିଶ୍ୱାଳ ୭ ଦିନ ତଳେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ଭୂଆଶୁଣୀ ଗ୍ରାମର ଷଷ୍ଠ ଶ୍ରେଣୀର ୧୨ ବର୍ଷୀୟ ଛାତ୍ର ଜ୍ଞାନରଞ୍ଜନ ସେନାପତିଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ମୃତକ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଛାତ୍ର ଜ୍ଞାନ ଅକ୍ଷୟ ସେନାପତି ଙ୍କ ଏକମାତ୍ର ପୁତ୍ର ହୋଇଥିବା ବେଳେ ତାଙ୍କ ବଡ଼ ଭାଇଙ୍କର ମଧ ପୁତ୍ର ନଥିବାରୁ ୨ କୁଳର ଏକମାତ୍ର କୂଳ ଦୀପକ ଥିଲେ। ଦୁଃଖର ବିଷୟ ବିଦ୍ୟୁତ୍ ମେକାନିକ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ଜ୍ଞାନର ପିତା ମଧ ମାସକ ପୂର୍ବେ ଇଲେଭେନ୍ କେଭି କରେଣ୍ଟ ଖାଇବାରୁ ତାଙ୍କ ବାମ ହାତ ସମ୍ପୂର୍ଣ୍ଣ ଅଚଳ ହୋଇ ଯାଇଛି। ଏପରି ସମୟରେ ଏକମାତ୍ର ପୁତ୍ରର ଅକାଳ ମୃତ୍ୟୁ ପରିବାରକୁ ଶୋକ ସାଗରରେ ଭସାଇ ଦେଇଛି। ଏହି ଖବର ପାଇ ସଂଜୀବ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଜ୍ଞାନର ପିତାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି। ପରିବାରକୁ ସରକାରୀ ସହାୟତା ଶୀଘ୍ର ମିଳୁ ବୋଲି ସେ ଦାବି କରିଛନ୍ତି।



# ପଙ୍କପାଳରେ ଜଳିଗଲା ଦୁଇ ଚାଳଘର



କୁଜଙ୍ଗ,୨୩।୩(ସମିସ): କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତର ପଙ୍କପାଳ ଗ୍ରାମର ସ୍ୱର୍ଗତ ଚନ୍ଦ୍ରମଣି ମିଶ୍ରଙ୍କ ପୁଅ ବିପିନ କୁମାର୍ ମିଶ୍ରଙ୍କ ଏକ ଦୁଇ ବଖରା ଚାଳଘର ଅଗ୍ନିକାଣ୍ଡରେ ପୋଡ଼ି ପାଉଁଶ ହୋଇଯାଇଛି। ଏହି ସମୟର ଶ୍ରୀ ମିଶ୍ର ଘରେ ନଥିବା ବେଳେ ଅଳିଆ ଗଦା କିମ୍ବା ସାର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଏହି ଚାଳଘରେ ବହୁ ମୂଲ୍ୟବାନ କାଠ ସହ ବହୁ ମୂଲ୍ୟବାନ ସାମଗ୍ରୀ ନଷ୍ଟ ହୋଇଛି। କୁଜଙ୍ଗ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଲୋକ ନିଆଁଲିଭାରେ ସହଯୋଗ କରିଥଲେ। ସରପଞ୍ଚ ସରୋଜ କୁମାର ସେଠୀ ଘଟଣା ସ୍ଥଳ ପରିଦର୍ଶନ କରି ଥିବା ଜଣାପଡ଼ିଛି।

# ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଚଢ଼ଉ

କୁଜଙ୍ଗ,୨୩।୩(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ସ୍ଥିତ ତାଳପଡ଼ା ବରୁଣ୍ଡି ଗ୍ରାମର ରବିଡୀ ଓ ଛେନାପୋଡ଼ ତିଆରି କରାଯାଉଥିବା ସ୍ଥାନରେ ଅଚାନକ ଭାବରେ ପରିଦର୍ଶନ କରି ତିଆରି ହେଉଥିବା ସାମଗ୍ରୀର ନମୁନା ସଂଗ୍ରହ କରାଯାଇଛି। ପ୍ରସ୍ତୁତି କରୁଥିବା ଲୋକକୁ ସଠିକ୍ ଭାବେ ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ ତାର ଲାଇସେନ୍ସ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରସ୍ତୁତି ସମୟରେ ସ୍ୱଚ୍ଛତାକୁ ଦୃଷ୍ଟି ଦେବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ସମସ୍ତ ପ୍ରସ୍ତୁତି ସ୍ଥାନ ପରିଦର୍ଶନ କରି ପ୍ରସ୍ତୁତ କରୁଥିବା ଲୋକକୁ ସଚେତନା କରିଥିଲେ ଜଗତ୍‌ସିଂହପୁର ଖାଦ୍ୟ ନିରାପତ୍ତା ଅଧିକାରିଣୀ ସମିତା ଦାସ।



# ଆରଡି ରାସ୍ତା ଶୋଚନୀୟ, ଗ୍ରାମବାସୀଙ୍କ ଆନ୍ଦୋଳନ ନିଷ୍ପତ୍ତି

ଏରସମା, ୨୩।୩ (ସମିସ):



ଏରସମା ବ୍ଲକ ଅନ୍ତର୍ଗତ ନୂଆଡ଼ିହି ପଞ୍ଚାୟତସ୍ଥିତ ଚଣ୍ଡପୁର ଗ୍ରାମଠାରୁ ବାଇଳ ହାଟକୁ ଲାଗିଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ମରାମତି ପାଇଁ ବାରମ୍ବାର ଅଭିଯୋଗ କଲେ ମଧ ଆରଡି କନିଷ୍ଠ ଯନ୍ତ୍ରୀ ଶୁଣୁ ନାହାନ୍ତି। ୭ ବର୍ଷ ହେଲାଣି ଲୋକେ ସେହି ରାସ୍ତାରେ ଗାଡ଼ି ନେଇ ଯାଇ ପାରୁନାହାନ୍ତି କି ଚାଲିକି ମଧ ଯାଇପାରୁନାହାନ୍ତି। ନୂଆଡ଼ିହି ପଞ୍ଚାୟତର ଚଣ୍ଡପୁର ଗ୍ରାମରୁ ଆରଡି ବିଭାଗ ପକ୍ଷରୁ ଏକ ରାସ୍ତା ରାହାମା ଯାଇଛି। ଏହି ରାସ୍ତା ନିର୍ମାଣ ସମୟରେ ବହୁ ଲୋକେ ଏହା ଉପରେ ନିର୍ଭର କରୁଥିବାରୁ ଏହାର ଭଲ କାମ କରିବା ପାଇଁ ଦାବି କରିଥିଲେ। ମାତ୍ର ୫ ବର୍ଷ ଭିତରେ ରାସ୍ତା କାଦୁଅ ହେଇଗଲାଣି। ପ୍ରତିଦିନ ଶହ ଶହ ପନି ପରିବା ବ୍ୟବସାୟୀ ରାହାମା ଯାଇ ସେଠାରୁ ପରିବା କିଣି ବ୍ୟବସାୟ କରନ୍ତି । ଏହା ବ୍ୟବସାୟୀଙ୍କର ନୀତିଦିନିଆ କାର୍ଯ୍ୟ ହୋଇଥିବାରୁ ସେମାନେ ବହୁତ ହଇରାଣ ହେଉଛନ୍ତି। ଏଠାରେ ଥିବା ମେଡିକାଲ ଓ ଏରସମା ମେଡିକାଲକୁ ରୋଗୀ ପ୍ରାୟପ୍ରତିଦିନ ଯାଆନ୍ତି। ଏଥିସହିତ କପିଳ ଚରଣ ହାଇସ୍କୁଲର ୩୦୦ ପିଲା ସ୍କୁଲକୁ ଯିବା ଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏରସମା ବ୍ଲକର ନୂଆଡ଼ିହି, କୁଞ୍ଜକୋଠି, ଅନ୍ଧାରି ପ୍ରଭୃତି ୬ଟି ପଞ୍ଚାୟତ ଲୋକେ ଏହି ରାସ୍ତାରେ ରାହାମା ଯିବା ଆସିବା କରନ୍ତି । ଏଥି ସହିତ ଏରସମା ଥାନା, ବ୍ଲକ, କୋର୍ଟ, ତହସିଲ ପ୍ରଭୃତି ସରକାରୀ ଦପ୍ତରକୁ ମଧ ଲୋକେ ଯାଇଥାନ୍ତି। କୁଜଙ୍ଗ ବ୍ଲକର ଲୋକେ ମଧ ଯାତାୟାତ କରନ୍ତି। ମାତ୍ର ରାସ୍ତା ଖରାପ ଯୋଗୁ ସେମାନେ ବହୁତ ହଇରାଣ ହରକତ ହେଉଛନ୍ତି। ଯେତେ ଅଭିଯୋଗ କଲେ ମଧ କେହି କର୍ଣ୍ଣ ପାତ କରୁନାହାନ୍ତି। ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ରାସ୍ତା ପିଚୁ କରାଯାଇଥିଲା। ଦୀର୍ଘ ୭ ବର୍ଷ ହେଲା ମରାମତି ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଗତ ବର୍ଷାରେ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇଯାଇଛି। ଗତ ୨୩-୧୧-୨୦୨୪ ରେ ଜିଲ୍ଲାପାଳକୁ ଅଭିଯୋଗ କରାଯାଇଥିଲା। ଗତ ସପ୍ତାହରେ ବିଡ଼ିଓଙ୍କୁ ମଧ ଅଭିଯୋଗ ହୋଇଥିଲା। ଆଜି ସତ୍ୟ ରଞ୍ଜନ ରାଉତରାୟ, ଧୀରେନ୍ଦ୍ର ଦାସ, ଗଗନ ବିହାରୀ ବିଶ୍ୱାଳ, ସମୀର ଦଳାଇ, ପ୍ରଣାକୃଷ୍ଣ ନାୟକ, ବିଚିତ୍ର ମହାନ୍ତି, ରତ୍ନାକର ନାୟକ, ଶିବ କୁମାର ଭୋଳ ଓ ଧୀରେନ୍ଦ୍ର କୁମାର ସ୍ୱାଇଁ ମରାମତି ପାଇଁ ଦାବି କରିଛନ୍ତି। ନଚେତ ସେମାନେ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି।

# ପର୍ଶୁରାମ କ୍ଷେତ୍ର ତୀର୍ଥମଠରେ ଶ୍ରୀମଦ୍ ଭାଗବତ ପାରାୟଣ

ତିର୍ତ୍ତୋଲ, ୨୩।୩(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ପଞ୍ଚାୟତ ସ୍ଥିତ ପ୍ରସିଦ୍ଧ ପର୍ଶୁରାମ କ୍ଷେତ୍ର ତୀର୍ଥ ମଠରେ ସପ୍ତାହ ବ୍ୟାପି ୨୩ ତମ ବାର୍ଷିକ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଶୁଭାରମ୍ଭ ହୋଇଛି। ତୀର୍ଥ ମଠର ବାବାଜୀ ଦିବ୍ୟକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞକୁ ଭଦ୍ରକର ବିଶିଷ୍ଟ ପ୍ରବଚକ ବ୍ରହ୍ମଚାରୀ ହିମାଂଶୁ ଭୁଷଣ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ନିତ୍ୟ ପ୍ରବଚକ ଭାବେ ବିଶିଷ୍ଟ ପ୍ରବଚକ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସମେତ ବହୁ ସାଧୁ ସନ୍ଥ ଯୋଗଦେଇ ଦିବ୍ୟବାଣୀ ପ୍ରଦାନ କରିବାର କାର୍ଯକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଜନସାଧାରଣ ଯୋଗ ଦେବାପାଇଁ ତୀର୍ଥ ମଠର ବାବାଜୀ ଦିବ୍ୟକୃଷ୍ଣ ଦାସ ମହାରାଜଙ୍କ ସମେତ ସ୍ଥାନୀୟ ତଅଁରା ବାସିନ୍ଦା ନିବେଦନ ଜଣାଇଛନ୍ତି।

# 'କିଡ୍‌ଜୀ ଦ ୱାର୍ଲ୍ଡ' ସ୍କୁଲର ବାର୍ଷିକ ଉତ୍ସବ




ପାରାଦୀପ, ୨୩।୩ (ସମିସ) : ପାରାଦୀପ କିଡ୍‌ଜୀ ଦ' ୱାର୍ଲଡ଼ ସ୍କୁଲର ବାର୍ଷିକ ଉତ୍ସବ ଆଜି ମହା ସମାରୋହରେ ପାଳିତ ହୋଇଯାଇଛି। ମଧୁବନ ସ୍ଥିତ ସ୍କୁଲ୍ ପରିସରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓପି ଯାଦବ (ଟେକ୍ନିକାଲ), ସୁନୀତା ଯାଦବ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଏଭି ପାରାଦୀପର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି, ଜାଗୃତି ସ୍କୁଲ୍‌ର ଅଧ୍ୟକ୍ଷା ନଳିନୀ ମହାନ୍ତି ଏବଂ ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାଶ ଯୋଗ ଦେଇଥିଲେ। କିଡ୍‌ଜୀ ଦ' ୱାର୍ଲ୍ଡ ର ଅଧ୍ୟକ୍ଷା ସୁଦେଷ୍ଣା ଦାସ ଅତିଥି ପରିଚୟ କରିଥିବାବେଳେ ଉପାଧ୍ୟକ୍ଷା ସାଗରିକା ସାହୁ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରବନ୍ଧନ ନିର୍ଦ୍ଦେଶକ ସୁରେନ୍ଦ୍ର ସୁବୁଦ୍ଧି ନୃତ୍ୟ ନିର୍ଦ୍ଦେଶନା ଦେବା ସହିତ ସମସ୍ତ କାର୍ଯ୍ୟକୁ ସୂଚାରୁ ରୁପେ ସଂପାଦନ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। କୁନି କୁନି ପିଲାମାନଙ୍କ ଦ୍ୱାରା ସଙ୍ଗୀତ ଭିତ୍ତିକ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମତୀ ପଲ୍ଲବୀ ପରୀମିତା, ଶୁଭଲକ୍ଷ୍ମୀ ଏବଂ ସ୍କୁଲର ସମସ୍ତ ଶିକ୍ଷୟତ୍ରୀ, ଅଭିଭାବକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ସମୟ ପୂର୍ବରୁ କାମ ଶେଷ କରିବେ। ନୂଆ ପ୍ରୋଜେକ୍ଟ ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ। ଧାର କରଜରୁ ଦୂରେଇ ରହିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଖର୍ଚ୍ଚ ବୃଦ୍ଧି ପାଇବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ମିଥୁନ:** ଶୁଭ ଖବର ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ନୂଆ ଯୋଜନା ସହ କାର୍ଯ୍ୟ କରିବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ବନ୍ଧୁ ମିଳନରେ ଯୋଗ ଦେବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନ ସୁଖ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ବିଛା:** ଯାନବାହନ କିଣିବା ଯୋଗ ଅଛି। ସମାଜରେ ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର:** ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଯାନବାହନ ଚଳାଚଳରେ ସାବଧାନତା ଅବଲମ୍ବନ କରିବେ। ସମସ୍ୟାରେ ପଡ଼ିବା ସମ୍ଭାବନା ଅଧିକ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

## ଆଜିର ଇତିହାସ

- ୧୮୫୫- ପ୍ରଥମ ଥର ପାଇଁ କଲିକତାରୁ ଆଗ୍ରାକୁ ଦୀର୍ଘ ଦୂରତ୍ୱ ଟେଲିଗ୍ରାଫ ବାର୍ତ୍ତା ପ୍ରେରଣ କରାଗଲା।
- ୧୮୮୩- ନ୍ୟୁୟର୍କ ଓ ସିକାଗୋ ମଧ୍ୟରେ ପ୍ରଥମଥର ଟେଲିଫୋନ୍ ବାର୍ତ୍ତାଳପ ହେଲା।
- ୧୯୩୨- ଆମେରିକାରେ ପ୍ରଥମ ଥର ଚଳନ୍ତା ଟ୍ରେନ୍‌ରେ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୧୯୪୬-କ୍ୟାବିନେଟ୍ ମିଶନ ଭାରତରେ ପହଞ୍ଚିଲା।
- ୧୯୯୦- ଭାରତୀୟ ଶାନ୍ତିରକ୍ଷା ସେନା ଶ୍ରୀଲଙ୍କା ଛାଡ଼ି ସ୍ୱଦେଶ ଫେରିଲେ।

# ବିଶ୍ୱ ଯକ୍ଷ୍ମା ଦିବସ



ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱ ଯକ୍ଷ୍ମା ଦିବସ' ଭାବେ ପାଳନ କରାଯାଉଛି। ଯକ୍ଷ୍ମା ବା ଟିବି ରୋଗ ପ୍ରତି ଲୋକଙ୍କୁ ସଚେତନ ତଥା ସତର୍କ କରାଇବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ବର୍ଲିନ୍‌ର ଡାକ୍ତର ରବର୍ଟ କୋଚ୍ ଦୀର୍ଘ ଦିନ ଧରି ଗବେଷଣା କରିବା ପରେ ୧୮୮୨ ମସିହା ମାର୍ଚ୍ଚ ୨୪ରେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ ଚିହ୍ନଟ କରିଥିଲେ। ସେହି ଦିନଟିକୁ ସ୍ମରଣ କରିବାକୁ ଯାଇ ବିଶ୍ୱସ୍ତରରେ 'ଯକ୍ଷ୍ମା ଦିବସ' ପାଳନ କରାଯାଉଛି। ମାଇକ୍ରୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ନାମକ ଜୀବାଣୁ ଯୋଗୁଁ ଯକ୍ଷ୍ମା ରୋଗ ହୋଇଥାଏ। ଏହି ରୋଗ ବାୟୁ ମାଧ୍ୟମରେ ବ୍ୟାପିଥାଏ। କେହି କେହି ଏହାକୁ କ୍ଷୟ ରୋଗ ବୋଲି କହିଥାନ୍ତି। ରୋଗୀଙ୍କ ସମ୍ପର୍କରେ ସୁସ୍ଥ ଲୋକଟିଏ ଆସିଲେ ମଧ୍ୟ ଏହି ରୋଗ ବ୍ୟାପିବାର ଆଶଙ୍କା ଥାଏ। ପ୍ରଥମତଃ ଏହି ରୋଗ ମଣିଷର ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରେ। ଯକ୍ଷ୍ମା ରୋଗରେ ଦୀର୍ଘଦିନ ଧରି କାଶ ଓ ଜ୍ୱର ଲାଗି ରହିବା, ଦେହରୁ ଝାଳ ବୋହିବା, ଓଜନ ହ୍ରାସ ପାଇବା, ଭୋକ ନ ହେବା ଏବଂ ଛାତିରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ଦେଖାଦେଇଥାଏ। ଏହି ରୋଗରେ ରୋଗୀକୁ ବର୍ଷ ବର୍ଷ ଧରି ଔଷଧ ସେବନ କରିବାକୁ ପଡିଥାଏ। ୨୦୨୦ରେ ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ବିଶ୍ୱସ୍ତରରେ ୧୫ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଉଦ୍‌ବେଗର କଥାଟି ହେଉଛି, ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ସବୁଠୁ ଅଧିକ। ତେବେ ଡଟ୍ସ ପରି ସଫଳ ଚିକିତ୍ସା ଯୋଗୁଁ ଏବେ ଟିବି ରୋଗରୁ ଆରୋଗ୍ୟ ସମ୍ଭବ ହୋଇଛି। ସଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଯକ୍ଷ୍ମା ସାଂଘାତିକ ହୋଇପାରେ। ତେଣୁ, ଲକ୍ଷଣ ଦେଖାଯିବା ମାତ୍ରେ ପରୀକ୍ଷା କରାଇନିଅନ୍ତୁ। ଯକ୍ଷ୍ମା ବ୍ୟାପିବାକୁ ରୋକିବା ପାଇଁ ପ୍ରଥମେ ଏହାକୁ ଚିହ୍ନଟ କରିବା ଜରୁରି। କାରଣ ଲକ୍ଷଣ ଯେତେ ଶୀଘ୍ର ଚିହ୍ନଟ ହେବ, ରୋଗୀଙ୍କ ଚିକିତ୍ସା ସେତେ ସହଜ ହୋଇପାରିବ। ଚଳିତବର୍ଷ ବିଶ୍ୱ ଯକ୍ଷ୍ମା ଦିବସର ବିଷୟବସ୍ତୁ ରହିଛି- "Yes! We Can End TB: Commit, Invest, Deliver."

# 'ହେ ଜବାନୀ ତୋ ଇସ୍କ ହୋନା ହେ' | ଗୋଆରେ ସୁଟିଂ ସାରିଲେ ବରୁଣ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ବରୁଣ ଧୱନ୍‌ଙ୍କ ହାତରେ ଏବେ ଅନେକ ଗୁଡ଼ିଏ ଫିଲ୍ମ ରହିଛି। ସେ 'ସନ୍ନି ସଂସ୍କାରୀ କି ତୁଲସୀ କୁମାରୀ' ସହ 'ବର୍ଡର-୨'ରେ ମଧ୍ୟ ନଜର ଆସିବେ। ଏହା ସହ ସେ ରୋମାଣ୍ଟିକ୍ କମେଡି ଫିଲ୍ମ 'ହେ ଜବାନି ତୋ ଇସ୍କ ହୋନା ହେ'ରେ ମଧ୍ୟ ଅଭିନୟ କରୁଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଡେଭିଡ୍ ଧୱନ୍ ଅଛନ୍ତି। ବରୁଣ ଏହି ଫିଲ୍ମର ସୁଟିଂ ଗୋଆରେ ସାରି ଏବେ ଡେରାଡୁନ ଯାତ୍ରା କରିଛନ୍ତି। ଡେରାଡୁନ୍‌ରେ ସେ ସୁଟିଂ ସାରିବା ପରେ ପରବର୍ତ୍ତୀ ସୁଟିଂ ପାଇଁ ଲଣ୍ଡନ ଯିବେ। ଏଥିରେ ତାଙ୍କ ବିପକ୍ଷରେ ପୂଜା ହେଗ୍‌ଡେ ଓ ମୃଣାଳ ଠାକୁର ନଜର ଆସିବେ। ଏହି ଫିଲ୍ମରେ ନବେ ଦଶକର କ୍ଲାସିକ୍ ରୋମାଣ୍ଟିକ୍ କମେଡିର ଝଲକ୍ ଦେଖିବାକୁ ମିଳିବ। ବରୁଣ ଶେଷ ଥର ପାଇଁ 'ବେବି ଜନ୍' ଫିଲ୍ମରେ ନଜର ଆସିଥିଲେ।

# ଏଆଇ ବାରିବ ପ୍ରକୃତ ବୟସ | ସହଜ ହେବ ରୋଗ ଚିହ୍ନଟ



ଏଆଇ ପ୍ରତ୍ୟେକ କ୍ଷେତ୍ରରେ ଉପଯୋଗ ହେଉଥିବାବେଳେ ଏବେ ଏହା ଶରୀରର ପ୍ରକୃତ ସ୍ଥିତିକୁ ଚିହ୍ନଟ କରିପାରିବ। ଏନେଇ ଓସାକା ବିଶ୍ୱବିଦ୍ୟାଳୟ, ଜାପାନର ବୈଜ୍ଞାନିକମାନେ ଏକ ନୂତନ ଏଆଇ ମଡେଲ ବିକଶିତ କରିଛନ୍ତି। ମାତ୍ର ୫ ବୁନ୍ଦା ରକ୍ତରୁ ଏହା ଜଣେ ବ୍ୟକ୍ତିର ପ୍ରକୃତ ବୟସ ଚିହ୍ନଟ କରିପାରିବ। ସାଧାରଣତଃ ଜନ୍ମଗତ ପ୍ରମାଣପତ୍ର ଆଧାରରେ ପ୍ରକୃତ ବୟସ ଜଣାଯାଉଥିବାବେଳେ ଏହି ଏଆଇ ମଡେଲରେ ଶରୀରର ପ୍ରାକୃତିକ ଅବସ୍ଥାକୁ ମପାଯିବ। ଏହି ଏଆଇ ଆଧାରିତ ପ୍ରଣାଳୀ ମନୁଷ୍ୟ ଶରୀରରେ ଥିବା ୨୨ଟି ଷ୍ଟେରଏଡ ହରମୋନ୍ ଏବଂ ତାହାର ପାରସ୍ପରିକ କାର୍ଯ୍ୟକୁ ବିଶ୍ଳେଷଣ କରିଥାଏ। ଏହି ହରମୋନ୍ ମେଟାବୋଲିଜିମ୍, ରୋଗପ୍ରତିରୋଧକ ଶକ୍ତି ଏବଂ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବିଶେଷ କଥା ହେଉଛି, ଏଆଇ ମଡେଲଟି ହରମୋନ୍ ସନ୍ତୁଳନକୁ ଅଧ୍ୟୟନ କରି ଶରୀରରେ କେତେ ଶୀଘ୍ର ବାର୍ଦ୍ଧକ୍ୟ ଆସୁଛି ତାହାକୁ ମଧ୍ୟ ଆକଳନ କରିପାରିବ। ଏହାଦ୍ୱାରା ବୟସ ସମ୍ବନ୍ଧୀୟ ରୋଗ ହେବା ଆଶଙ୍କା ପୂର୍ବରୁ ଚିହ୍ନଟ ହୋଇପାରିବା ସହ ସମୟ ପୂର୍ବରୁ ସତର୍କତା ଅବଲମ୍ବନ କରିବାରେ ସହଜ ହେବ। କେବଳ ସେତିକି ନୁହେଁ, ଏହି ନୂତନ କୌଶଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି କରିବାରେ ଡାକ୍ତରମାନଙ୍କୁ ମଧ୍ୟ ସାହାଯ୍ୟ କରିପାରିବ। ନିୟମିତ ଚେକ୍‌ଅପ୍ ଦ୍ୱାରା ଜଣଙ୍କ ପ୍ରକୃତ ବୟସକୁ ଟ୍ରାକ୍ କରିବାକୁ ସକ୍ଷମ ହେବ। ସେହିପରି ଏହାଦ୍ୱାରା ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ମନ୍ଥର କରିବାକୁ ନୂତନ ଉପାୟ ମିଳିବ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି। ଏଥିପାଇଁ ବୈଜ୍ଞାନିକମାନେ ଅଧ୍ୟୟନରେ କର୍ଟିସୋଲ ନାମକ ହରମୋନ୍ ଉପରେ ଅଧିକ ଧ୍ୟାନ ଦେଇଥିଲେ। ଯଦି କର୍ଟିସୋଲ ସ୍ତର ବଢ଼ିଯାଏ ତେବେ ବୟସ ୧.୫ ଗୁଣା ଶୀଘ୍ର ବଢ଼ିପାରେ। ଏପରିକି ଜଣେ ଯଦି ଦୀର୍ଘ ସମୟରୁ ଚାପଗ୍ରସ୍ତ ଜୀବନ ବିତାଉଥିବେ, ତେବେ ସେମାନଙ୍କ ଠାରେ ସମୟ ପୂର୍ବରୁ ବାର୍ଦ୍ଧ୍ୟକ ଆସିପାରେ ବୋଲି ଏହି ଗବେଷଣାରେ କୁହାଯାଇଛି।

## ଗୀତାବାଣୀ



**ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ।**
**ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା॥**

ବଶୀକୃତ ଚିତ୍ତ ଯେତେବେଳେ ନିଜ ସ୍ୱରୂପରେ ହିଁ ସ୍ଥିତ ହୋଇଯାଏ ଏବଂ ସ୍ୱୟଂ ସମସ୍ତ ପଦାର୍ଥରୁ ନିଃସ୍ପୃହ ହୋଇଯାଏ, ସେତେବେଳେ ତାକୁ ଯୋଗୀ କୁହାଯାଏ।

(ଷଷ୍ଠୋଽଧ୍ୟାୟଃ- ଶ୍ଳୋକ-୧୮)

## ପ୍ରଶ୍ନୋତ୍ତର



୧. ଦ୍ରୌପଦୀଙ୍କ ପାଞ୍ଚ ପୁଅଙ୍କୁ କିଏ ମାରିଥିଲେ?
୨. ଦଶ ଅବତାର ମଧ୍ୟରେ ପର୍ଶୁରାମଙ୍କ ସ୍ଥାନ କେତେ?
୩. ବାରଟି ରାଶି ମଧ୍ୟରେ ଶ୍ରେଷ୍ଠ ରାଶି କିଏ?
୪. ପାପୀ ଅଜାମିଳ କେଉଁ ବଂଶୀୟ ଥିଲେ?
୫. ପରାଶରଙ୍କର ମାତାଙ୍କ ନାମ କ'ଣ?

**ଉତ୍ତର**
(୧) ଅଶ୍ୱଥାମା
(୨) ଷଷ୍ଠ
(୩) ବୃହସ୍ପତି
(୪) ବ୍ରାହ୍ମଣ
(୫) ଅଦୃଶ୍ୟନ୍ତୀ

## ସ୍ୱସ୍ତି

# ଭକ୍ତି ଓ ସଂଯମର ମାସ ଚୈତ୍ର



ହିନ୍ଦୁ ଧର୍ମରେ ଚୈତ୍ର ମାସର ବିଶେଷ ମହତ୍ତ୍ୱ ଅଛି। ଏହି ମାସକୁ ଭକ୍ତି ଓ ସଂଯମର ମାସ ବୋଲି କୁହାଯାଏ। କାରଣ ଏହି ମାସରେ ଅନେକ ବ୍ରତ ଓ ପୂଜାପର୍ବ ପାଳନ କରାଯାଇଥାଏ। ଏହି ମାସରେ ବ୍ରହ୍ମା ସୃଷ୍ଟିର ସର୍ଜନା କରିଥିଲେ। ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ। ଆଉ ଏହି ମାସରେ ହିନ୍ଦୁ ନବବର୍ଷ ପାଳନ କରାଯାଏ।

**ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ:** ଏହି ମାସରେ ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ସ୍ନାନ କରିବା ଉଚିତ। ଏହାପରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଦିନ ତମାମ ଥରେ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ। ଏଭଳି କରିବା ଦ୍ୱାରା ରୋଗରୁ ରକ୍ଷା ମିଳିବା ସହ ଆୟୁ ବୃଦ୍ଧି ହେଉଥିବା ବିଶ୍ୱାସ ଅଛି। ଏହି କଥା ପୁରାଣ ସମେତ ଆୟୁର୍ବେଦ ଗ୍ରନ୍ଥରେ ଉଲ୍ଲେଖ ରହିଛି। ପୌରାଣିକ ମାନ୍ୟତାନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦାରୁ ବ୍ରହ୍ମା ସୃଷ୍ଟିର ରଚନା ଆରମ୍ଭ କରିଥିଲେ। ସେଥିପାଇଁ ଏହି ଦିନକୁ ରାଷ୍ଟ୍ରୀୟ ନବବର୍ଷ ଭାବେ ପାଳନ କରାଯାଉଛି।

**ଭଗବାନ ବିଷ୍ଣୁଙ୍କ ପ୍ରଥମ ଅବତାର:** ପୌରାଣିକ ମାନ୍ୟତାନୁସାରେ, ଏହି ମାସରେ ଭଗବାନ ବିଷ୍ଣୁ ଦଶାବତାର ମଧ୍ୟରୁ ପ୍ରଥମେ ମତ୍ସ୍ୟ ଅବତାର ନେଇଥିଲେ। ମତ୍ସ୍ୟ ଅବତାରରେ ସେ ପ୍ରଳୟକାଳରେ ଜଳରେ ମନୁଙ୍କ ନୌକାକୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଥିଲେ। ସେହିପରି ପ୍ରଳୟକାଳ ଶେଷ ହେବା ପରେ ମନୁଙ୍କଠାରୁ ହିଁ ନୂଆ ସୃଷ୍ଟିର ଶୁଭାରମ୍ଭ ହେଲା।

**ମଧୁ ଅମାବାସ୍ୟା:** ଚୈତ୍ର କୃଷ୍ଣ ପକ୍ଷରେ ପଡୁଥିବା ଅମାବାସ୍ୟାକୁ 'ମଧୁ ଅମାବାସ୍ୟା' କୁହାଯାଏ। ଏହିଦିନ ସ୍ନାନ, ଦାନ ତଥା ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ କରାଯାଏ। ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ପାଇଁ ପୂଜା ତଥା ବ୍ରତ ରଖିବାର ବିଧି ଅଛି। ଗରିବଙ୍କୁ ଅନ୍ନଦାନ କରାଇଲେ ଉତ୍ତମ ଫଳ ପ୍ରାପ୍ତି ହୁଏ।

# ଖାଇବା ପରେ ପୂଜାପାଠ | ଠିକ୍ ନା ଭୁଲ୍

**ସାଧାରଣତଃ ସକାଳେ ଲୋକେ ଭୋଜନ ନ କରି ଠାକୁର ପୂଜା କରନ୍ତି। ଧାର୍ମିକ ମାନ୍ୟତାନୁସାରେ, ଠାକୁରଙ୍କୁ ଭୋଗ ଲଗାଇବା ପରେ ହିଁ ଭୋଜନ କରିବା ଉଚିତ। ଏହାକୁ ଅମାନ୍ୟ କଲେ ଶୁଭଫଳ ମିଳେ ନାହିଁ ବୋଲି ବିଶ୍ୱାସ ରହିଛି।**

- ଭୋଜନ ପରେ ପୂଜା କରିବା ଦ୍ୱାରା ପୂଜା ଫଳ ପ୍ରାପ୍ତି ହୁଏ ନାହିଁ। ଜୀବନରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ।
- ଖାଇବା ପରେ ପୂଜା କଲେ ଭଗବାନଙ୍କ କୃପା ମିଳେ ନାହିଁ।
- ତେବେ ସ୍ୱାସ୍ଥ୍ୟ ସମସ୍ୟା ଥିଲେ ପୂଜା ପୂର୍ବରୁ କ୍ଷୀର ଓ ଫଳ ଖାଇପାରିବେ।
- ପୂଜା ପୂର୍ବରୁ ଅନ୍ନ କିମ୍ବା ତାମସିକ ଭୋଜନ ଗ୍ରହଣ ସର୍ବାଦୌ ବର୍ଜିତ।
- ପୂଜା ପୂର୍ବରୁ ଭୋଜନ କରିଥିଲେ, ଠାକୁରଙ୍କ ପାଖରେ କ୍ଷମା ପ୍ରାର୍ଥନା କରି ପୂଜା କଲେ ଦୋଷ ଖଣ୍ଡନ ହୁଏ।



# ପାପମୋଚନୀ ଏକାଦଶୀ

ଚୈତ୍ର ମାସ କୃଷ୍ଣ ପକ୍ଷ ଏକାଦଶୀ ଦିନକୁ ପାପମୋଚନୀ ଏକାଦଶୀ କୁହାଯାଏ। ଏହି ବ୍ରତ କରିବା ଦ୍ୱାରା ମନୁଷ୍ୟର ସମସ୍ତ ପାପ ନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ବ୍ରତ ଓଡ଼ିଶାର ଘରେ ଘରେ ପାଳନ କରାଯାଏ। କିମ୍ବଦନ୍ତୀ ଅନୁସାରେ, ପ୍ରାଚୀନକାଳରେ ଚିତ୍ରରଥ ନାମକ ଏକ ସୁନ୍ଦର ବନ ଥିଲା। ଏହି ବଣରେ ଭ୍ରମଣ କରୁଥିବା ବେଳେ ମଞ୍ଜୁଘୋଷା ନାମକ ଏକ ଅପସରା ନିଜ ଭାବଭଙ୍ଗୀରେ ମାଧବ ମୁନିଙ୍କୁ ବଶ କରିଥିଲେ। ପରେ ନିଜ ତପସ୍ୟା ଭ୍ରଷ୍ଟ ହେବା ଜାଣିପାରି ମାଧବ ମୁନି ମଞ୍ଜୁ ଘୋଷାଙ୍କୁ ଅଭିଶାପ ଦେଲେ। ଏହା ଶୁଣି ମଞ୍ଜୁଘୋଷା ଶାପମୁକ୍ତି ପାଇଁ ମାଧବମୁନିଙ୍କୁ ଆକୁଳ ନିବେଦନ କଲେ। ତପସ୍ୱୀ ପାପମୋଚନୀ ବ୍ରତ କରିବାକୁ ତାଙ୍କୁ ପରାମର୍ଶ ଦେଲେ। ବ୍ରତ ସମ୍ପୂର୍ଣ୍ଣ କରି ଅପସରା ମଞ୍ଜୁ ଘୋଷା ପିଶାଚ ରୂପ ତ୍ୟାଗ କରି ସ୍ୱର୍ଗ ଚାଲି ଯାଇଥିଲେ। ନିଜେ ମାଧବ ମୁନି ମଧ୍ୟ ଏହି ବ୍ରତ କରି ଅପସରା ସଂସର୍ଗ ଜନିତ ପାପରୁ ମୁକ୍ତି ପାଇଥିଲେ।

# ବାସ୍ତୁ ଅନୁସାରେ କେଉଁ ରଙ୍ଗର ବୋତଲ ଶୁଭ



**ବଜାରରେ ରଙ୍ଗବେରଙ୍ଗର ବିଭିନ୍ନ ଆକାରର ବୋତଲ ସବୁ ମିଳୁଛି। ଯାହାକୁ ଲୋକେ ନିଜ ପସନ୍ଦ ଅନୁସାରେ କିଣିଥାନ୍ତି। ତେବେ ବୋତଲର ରଙ୍ଗ ମଧ୍ୟ ସ୍ୱାସ୍ଥ୍ୟ ଓ ବାସ୍ତୁ ତତ୍ତ୍ୱ ଉପରେ ସମ୍ବନ୍ଧ ରଖେ। ତେଣୁ ସଠିକ୍ ରଙ୍ଗର ବୋତଲ ବ୍ୟବହାର କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।**

ବାସ୍ତୁଶାସ୍ତ୍ର ଅନୁସାରେ ପ୍ରତ୍ୟେକ ରଙ୍ଗର ଅଲଗା ମହତ୍ତ୍ୱ ରହିଛି। କିଛି ରଙ୍ଗ ସକାରାତ୍ମକ ଶକ୍ତି ସଞ୍ଚାର କରୁଥିବା ବେଳେ ଆଉ କିଛି ରଙ୍ଗ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରେ। ଯାହାକି ଜୀବନ ଉପରେ ଭଲ ପ୍ରଭାବ ପକାଏ ନାହିଁ। ଏ ଦୃଷ୍ଟିରୁ ଜୀବନରେ ରଙ୍ଗର ମହତ୍ତ୍ୱ ବି ଖୁବ୍ ବେଶି। ବିଶେଷକରି କଳା ଓ ଧୂସର ରଙ୍ଗ ବୋତଲ କିଣିବାଠାରୁ ଦୂରେଇ ରହିବା ଉଚିତ। ଏହି ରଙ୍ଗ ଘରେ ଅଶାନ୍ତି ଏବଂ ଚିନ୍ତା ବୃଦ୍ଧି କରେ। ଜୀବନରେ ନକାରାତ୍ମକ ଶକ୍ତି ସଞ୍ଚାର ହୁଏ।

ସେହିପରି ବାସ୍ତୁଶାସ୍ତ୍ର ଅନୁସାରେ, ଜଳକୁ ଜୀବନର ଆଧାର ବୋଲି ଗ୍ରହଣ କରାଯାଏ। ଏହାର ସମ୍ବନ୍ଧ ସକାରାତ୍ମକ ଶକ୍ତିରୁ ହୋଇଥାଏ।

ନୀଳ, ଧଳା ସବୁଜ ରଙ୍ଗର ବୋତଲ ଶୁଭ ବୋଲି ବିବେଚନା କରାଯାଏ। ନୀଳ ବୋତଲ ଥଣ୍ଡା ଏବଂ ଶାନ୍ତି ପ୍ରଦାନ କରିଥାଏ। ସବୁଜ ରଙ୍ଗ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ। ଧଳା ଶୁଦ୍ଧତା ଏବଂ ସକାରାତ୍ମକ ଶକ୍ତି ବୃଦ୍ଧି କରେ।

## ଜିମ୍ନାଷ୍ଟିକ ବିଶ୍ୱକପ୍‌ରେ ପ୍ରଣତିଙ୍କୁ କାଂସ୍ୟ



ଭୁବନେଶ୍ୱର, ୨୩।୩ (ସମିସ): ତୁର୍କିର ଅଣ୍ଟାଲ୍ୟାଠାରେ ଚାଲିଥିବା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ରେ ଓଡ଼ିଶାର ପ୍ରଣତି ନାୟକ କାଂସ୍ୟ ପଦକ ଜିତି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ପ୍ରଣତି ମହିଳା ଭଲ୍ଟରେ ଏହି ସଫଳତା ପାଇଛନ୍ତି। ଏଥିରେ ସେ ୧୩.୪୧୭ ସ୍କୋର କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଆମେରିକାର ଜୟଲା ହାଙ୍ଗ (୧୩.୬୬୭) ଓ କ୍ଲେୟାର ପିଅସ୍ (୧୩.୫୬୭) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ୨୯ ବର୍ଷୀୟା ପ୍ରଣତିଙ୍କ ଏହା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ରେ ୨ୟ ପଦକ। ଏଥିପୂର୍ବରୁ ଗତବର୍ଷ ସେ ସମାନ ଭଲ୍ଟ ଇଭେଣ୍ଟରେ ମଧ୍ୟ କାଂସ୍ୟପଦକ ହାସଲ କରିଥିଲେ। ପ୍ରଣତି ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଜିମ୍ନାଷ୍ଟିକ ହାଇପର୍‌ଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି।

### ■ ୨୦୨୬ ଫିଫା ବିଶ୍ୱକପ୍

## ଉରୁଗୁଏକୁ ହରାଇ ଆର୍ଜେଣ୍ଟିନା ଯୋଗ୍ୟତାର ନିକଟତର

ସେଣ୍ଟେନାରିଓ୨୩।୩(ଏଜେନ୍ସି): ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଫୁଟବଲ ଦଳ ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ହାସଲର ନିକଟତର ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ବିଶ୍ୱକପ୍ କ୍ୱାଲିଫାୟର ମୁକାବିଲାରେ ଆର୍ଜେଣ୍ଟିନା ୧-୦ ଗୋଲରେ ଉରୁଗୁଏକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଆର୍ଜେଣ୍ଟିନା ତରଫରୁ ଥିଆଗୋ ଅଲମାଡା ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଅଲମାଡା ୬୮ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ୍‌ରେ ଉରୁଗୁଏ ବଲ୍ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଆର୍ଜେଣ୍ଟିନା ସଟ୍ ଓ ସଟ୍ ଅନ୍ ଟାର୍ଗେଟ୍‌ରେ ଆଗରେ ରହିଥିଲା। ଆର୍ଜେଣ୍ଟିନା ଏବେ ପରବର୍ତ୍ତୀ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ବୁଧବାର ୨୬ ତାରିଖ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବ୍ରାଜିଲକୁ ଭେଟିବ। ଏଥିସହ ଦକ୍ଷିଣ ଆଫ୍ରିକା କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆର୍ଜେଣ୍ଟିନା ୧୩ଟି ମ୍ୟାଚ୍ ଖେଳି ୯ ବିଜୟ, ଗୋଟିଏ ଡ୍ର ଓ ୩ ପରାଜୟ ସହ ୨୮ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ସେହିପରି ଇକ୍ୱେଡର ଓ ବ୍ରାଜିଲ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଯଥାକ୍ରମେ ୨୨ ଓ ୨୧ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

### ■ ଲକ୍ଷ୍ମୀଧର ସ୍ମାରକୀ ଚେସ୍

## ରବୀନ୍ଦ୍ର ବିଜେତା, ଲରେନ୍ସ ଉପ-ବିଜେତା



ଭୁବନେଶ୍ୱର,୨୩।୩(ସମିସ): କେସୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ୍‌ରେ ଓଡ଼ିଶା ଚେସ୍ ଆସୋସିଏସନ ଓ ରୟାଲ ପବ୍ଲିକ ସ୍କୁଲ ମିଳିତ ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ପ୍ରଥମ ଲକ୍ଷ୍ମୀଧର ଶତପଥୀ ସ୍ମାରକୀ ଓପନ୍ ଚେସ୍ ଚାମ୍ପିଅନସିପ୍‌ରେ କଟକର ରବୀନ୍ଦ୍ର ଓଝା ୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିବା ସହ ଚାମ୍ପିଅନ ହୋଇଛନ୍ତି। ସେହିପରି କନ୍ଧମାଳର ଲରେନ୍ସ ପ୍ରଧାନ ୪ ପଏଣ୍ଟ ହାସଲ କରି ରନର୍ସଅପ୍ ହୋଇଛନ୍ତି। କଟକର ପ୍ରତ୍ୟୁଷ ମହାପାତ୍ର, ଲଳିତ ରଞ୍ଜନ ସାହୁ, ଯାଜପୁରର ଦିପ୍ତୀରଞ୍ଜନ ନାୟକ, ଜଟଣୀର ଆୟାନ ଅଙ୍କିତ ସ୍ୱାଇଁ ଓ ଭୁବନେଶ୍ୱର ପ୍ରାଂଶୁ ଦାଶ ଯଥାକ୍ରମେ ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ୭, ୯, ୧୧ ଓ ୧୩ ବର୍ଷରୁ କମ୍ ବୟସ ଓ ବାଳିକା ବର୍ଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ମୋଟ ୬ ଜଣ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଶନିବାର ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କମଳା ଏଣ୍ଟରପ୍ରାଇଜେସ୍‌ର ଏମ୍‌ଡି ମାନସ ଶତପଥୀ, ଓଡ଼ିଶା ଚେସ୍ ଆସୋସିଏସନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଲକ୍ଷ୍ମୀଧର ଶତପଥୀଙ୍କ ବହୁ ସସ୍ମିତା, ନାତି ସତ୍ୟମାଧବ, ସ୍ୱୟଂପ୍ରକାଶ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ

## ପାୟଲ ନାଗଙ୍କୁ ରୌପ୍ୟ



ଭୁବନେଶ୍ୱର,୨୩।୩(ସମିସ): ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଓଡ଼ିଶାର ପାୟଲ ନାଗ ରୌପ୍ୟ ପଦକ ହାସଲ କରିଛନ୍ତି। ସେ କମ୍ପାଉଣ୍ଡ ମହିଳା ଓପନ ବର୍ଗରେ ନିଜ ଅସାଧାରଣ ପ୍ରତିଭା ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପାଇଁ ଅନୁଷ୍ଠିତ ମୁକାବିଲାରେ ପାୟଲ ୧୨୯ ପଏଣ୍ଟ ହାସଲ କରି ଦମ୍‌ଦାର ପ୍ରଦର୍ଶନ କରିଥିଲେ। କଡ଼ା ପ୍ରତିଦ୍ୱନ୍ଦ୍ୱୀତାପୂର୍ଣ୍ଣ ଏହି ଇଭେଣ୍ଟରେ ଜମ୍ମୁ- କଶ୍ମୀର ଶୀତଳ ଦେବୀ ୧୩୭ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ସେହିପରି ଉତ୍ତରପ୍ରଦେଶର ଜ୍ୟୋତି ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ୧୩୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଥିଲେ।

## ରଞ୍ଜିତ୍, ସ୍ୱସ୍ତିକ, କାହ୍ନୁ ଓ ପଙ୍କଜଙ୍କୁ କାଂସ୍ୟ

ସେହିଭଳି ଅନ୍ୟତମ ଓଡ଼ିଆ ପୁରୁଷ ପାରା ଆଥଲେଟ୍ ସ୍ୱସ୍ତିକ ସାହୁ କାଂସ୍ୟ ପଦକ ଜିତିଛନ୍ତି। ସେ ପୁରୁଷ ଟି-୩୭ ୨୦୦ମିଟର ରେସ୍‌ରେ ୨୬.୪୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଗୁଜରାଟର ରାକେଶ ଭଟ୍ଟ ୧୪.୫୨ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।







ଅପରପକ୍ଷରେ ରଞ୍ଜିତ୍ ଚଣ୍ଡ ପୁରୁଷ ଟି-୪୬ ଜାଭେଲିନ ଥ୍ରୋ ଇଭେଣ୍ଟରେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଛନ୍ତି। ସେ ୫୫.୧୨ ମିଟର ଜାଭେଲିନ ଫିଙ୍ଗି ଏହି ସଫଳତା ପାଇଛନ୍ତି। ଏଥିସହ ରବିବାର ଓଡ଼ିଶାକୁ ମୋଟ୍ ୩ଟି ପଦକ ମିଳିଛି। ଏହି ଇଭେଣ୍ଟରେ ହରିୟାଣାର ରିଙ୍କୁ ୬୦.୯୬ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ରାଜସ୍ଥାନର ମହେନ୍ଦ୍ର କୁମାର ଶର୍ମା ୫୬.୪୦ ମିଟର ଜାଭେଲିନ ଫିଙ୍ଗି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଉଲ୍ଲେଖଥାଉକି, ଏହି କ୍ରୀଡାରେ ପୂର୍ବରୁ ସୁଚିତ୍ରା ପରିଡା ମହିଳା ଏଫ୍-୫୫ ଭାଭେଲିନ୍‌ରେ, ଜୟନ୍ତୀ ବେହେରା ମହିଳା ଟି-୪୭ ୧୦୦ମି ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଅନ୍ୟତମ ଓଡ଼ିଶା ପାରା ଆଥଲେଟ୍ ଜାନକି ଓରାମ ମହିଳା ଟି-୧୨ ୧୦୦ମି ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ସେହିପରି ଓଡ଼ିଶାର କାହ୍ନୁ ସୋରେନ ପୁରୁଷ ଟି୧୧ ଲଙ୍ଗଜମ୍ପରେ ୪.୪୪ ମିଟର ଡେଇ କାଂସ୍ୟ ପଦକ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଆ ପାରା ଲଙ୍ଗଜମ୍ପର ପଙ୍କଜ ଭୁଏ ଟି୧୩ ଲଙ୍ଗଜମ୍ପ ଇଭେଣ୍ଟରେ ୫.୭୩ ମିଟର ଡେଇଁ କାଂସ୍ୟ ଜିତିବା ସହ ଅଳ୍ପକେ ରୌପ୍ୟରୁ ବଞ୍ଚିତ ହୋଇଥିଲେ।

### ଟି-୨୦ ସିରିଜ ଜିତିଲା ନ୍ୟୁଜିଲାଣ୍ଡ

## ପାକିସ୍ତାନର ଲଜ୍ଜାଜନକ ପରାଜୟ

ମାଉଣ୍ଟ ମାଉନଗାନୁଇ,୨୩।୩(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ପାକିସ୍ତାନ ୧୧୫ ରନରେ ପରାସ୍ତ ହୋଇଛି। ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଟି-୨୦ ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୨୦ ରନର ବଡ଼ ସ୍କୋର ହାସଲ କରିଥିଲା। ଜବାବରେ ପାକିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୨ ଓଭରରେ ୧୦୫ ରନକରି ଅଲଆଉଟ ହେବାସହ ଆତ୍ମ ସମର୍ପଣ କରିଥିଲା। ଏଥିସହ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୩ - ୧ ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ମାତ୍ର ୨୦ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ସହ ୫୦ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ନ୍ୟୁଜିଲାଣ୍ଡ ଓପନର ଫିନ ଆଲେନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



### ଦୁଇ ଅଙ୍କ ଛୁଇଁ ପାରିଲେନି ୯ ପାକ୍ ବ୍ୟାଟର୍

୨୨୧ ରନ ଟାର୍ଗେଟର ପିଛା କରି ପାକିସ୍ତାନ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲେ। ପାକିସ୍ତାନର ୯ଜଣ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନଥିଲେ। ପାକିସ୍ତାନ ୫୬ ରନରେ ୮ ୱିକେଟ ହରାଇଥିଲା। ଇରଫାନ ଖାନ ୧୬ ବଲରୁ ୨୪ ଓ ଅବଦୁଲ ସମାଦ ୩୦ ବଲ ଖେଳି ୪ ଚୌକା ଓ ୨ ଛକା ସହ ୪୪ ରନ ସଂଗ୍ରହ କରିଥିଲେ ଓ ଅନ୍ୟମାନେ ବିଫଳ ହୋଇଥିଲେ। ଗତ ତୃତୀୟ ଟି-୨୦ରେ ଅପରାଜିତ ୧୦୫ ରନ ବିସ୍ଫୋରକ ଶତକୀୟ ପାଳି ଖେଳିଥିବା ଓପନର ହାସନ ନୱାଜ ୧ ଓ ଅଧିନାୟକ ସଲମାନ ଆଘା ୧ ରନକରି ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ଜାକବ ଡଫି ୨୦ ରନ ଦେଇ ୪ ୱିକେଟ, ଜାକାରି ଫଲକେସ୍ ୩, ୱିଲିୟମ ଓ' ରୁର୍କ, ଜେମ୍ସ ନିଶାମ ଓ ସ୍ପିନର ଇଶ ସୋଧି ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ■ ନ୍ୟୁଜିଲାଣ୍ଡର ବିସ୍ଫୋରକ ବ୍ୟାଟିଂ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ବ୍ୟାଟରମାନେ ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲେ। ଓପନର ଟିମ୍ ସିଫର୍ଟ ୨୨ ବଲରୁ ୩ ଚୌକା ଓ ୪ ଛକା ସହ ୪୪, ମାର୍କ ଚାପମାନ ୨୪, ଡାରିଲ ମିଚେଲ ୨୯ ରନକରି ଆଉଟ ହୋଇଥିଲେ। ଅଧିନାୟକ ମାଇକେଲ ବ୍ରେସୱେଲ୍ ୨୬ ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ସହ ୪୬ ରନକରି ଅପରାଜିତ ରହିବା ସହ ଦଳର ସ୍କୋରକୁ ଦୁଇଶହ ରନ ପାର କରାଇଥିଲେ। ଦଳତର ଫରଫରୁ ଫିନ ଆଲେନ ଏକମାତ୍ର ବ୍ୟାଟର ଭାବେ ଅର୍ଦ୍ଧଶତକ ହାସଲ କରିଥିଲେ। ହାରିସ ରୌଫ୍‌ଙ୍କୁ ବାଦ୍ ଦେଲେ ସବୁ ପାକିସ୍ତାନ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ହାରିସ ୩, ଅବରାର ଅହମ୍ମଦ ୨ ଓ ଆବାସ ଆଫ୍ରିଦୀ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ୫ମ ତଥା ଅନ୍ତିମ ଟି-୨୦ ବୁଧବାର ୱେଲିଂଟନ୍‌ରେ ଖେଳାଯିବ। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୯ ଓ ୫ ୱିକେଟରେ ବିଜୟୀ ହୋଇଥିଲା। କିନ୍ତୁ ତୃତୀୟ ଟି-୨୦ରେ ପାକିସ୍ତାନ ୯ ୱିକେଟରେ ନ୍ୟୁଜିଲାଣ୍ଡକୁ ହରାଇଥିଲା।

## ଭାମ୍ବ୍ରୀଙ୍କୁ ନଂ-୧ ମାନ୍ୟତା



ମିଆମି,୨୩।୩(ଏଜେନ୍ସି): ଅଭିଜ୍ଞ ଟେନିସ ତାରକା ୟୁକି ଭାମ୍ବ୍ରୀ ଭାରତର ନୂଆ ୧ ନଂ ଯୁଗଳ ଖେଳାଳି ବିବେଚିତ ହୋଇଛନ୍ତି। ସେ ଏହି କ୍ରମରେ ୪୫ ବର୍ଷୀୟ ରୋହନ ବୋପାନ୍ନାଙ୍କୁ ହଟାଇ ଭାରତର ଶ୍ରେଷ୍ଠ ପୁରୁଷ ଯୁଗଳ ଖେଳାଳିର ମାନ୍ୟତା ହାସଲ କରିଛନ୍ତି। ଏଠାରେ ଚାଲିଥିବା ମିଆମି ଓପନ୍ ଏଟିପି ଟୁର୍ଣ୍ଣାମେଣ୍ଟର ଯୁଗଳ ପ୍ରତିଯୋଗିତାରେ ଭାମ୍ବ୍ରୀ ଓ ପର୍ତ୍ତୁଗାଲ ସାଥି ଖେଳାଳି ନୁନୋ ବୋର୍ଗସ ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ବୋପାନ୍ନା ଓ କ୍ରୋଏସିଆର ଇଭାନ ଡୋଡିଗଙ୍କୁ ୬-୪, ୩-୬, ୧୦-୭ ସେଟ୍‌ରେ ପରାସ୍ତ କରି ପ୍ରି- କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏବେ ଭାମ୍ବ୍ରୀ ଓ ବୋର୍ଗସ ପରବର୍ତ୍ତୀ ରାଉଣ୍ଡରେ ଚେକ ଗଣରାଜ୍ୟର ଆଡାମ ପାଭଲାସେକ ଓ ବ୍ରିଟେନର ଜେମି ମୁରେଙ୍କୁ ଭେଟିବେ।

### ■ ୨୮୬ ସପ୍ତାହ ପରେ ଶୀର୍ଷ ସ୍ଥାନ ହରାଇଲେ ବୋପାନ୍ନା

ଏହି ବିଜୟ ସହ ଭାମ୍ବ୍ରୀ ଏଟିପି ଡବଲ୍ସ ମାନ୍ୟତାର ୨୯ତମ ସ୍ଥାନକୁ ଉଠିଛନ୍ତି। ଅନ୍ୟପଟେ ବୋପାନ୍ନା ୪୩ତମ ସ୍ଥାନକୁ ଖସିଛନ୍ତି। ଦୁଇଥର ଗ୍ରାଣ୍ଡସ୍ଲାମ ଟାଇଟଲ ଓ ୨୬ଟି ଟୁର ଲିଭେଲ ଟାଇଟଲ ଜିତିଥିବା ବୋପାନ୍ନା ମିଆମି ଓପନର ଗତ ସଂସ୍କରଣରେ ଚାମ୍ପିଅନ ହୋଇଥିଲେ। ସେ ମାଥ୍ୟୁ ଏବଡେନଙ୍କୁ ସାଥିକରି ଟାଇଟଲ ହାସଲ କରିଥିଲେ। ବୋପାନ୍ନା ୨୦୧୯ ଅକ୍ଟୋବରରୁ ଭାରତର ୧ ନଂ ଡବଲ୍ସ ଖେଳାଳି ଭାବେ ସ୍ଥାନ ବଜାୟ ରଖିଥିଲେ। ଏବେ ୨୮୬ ସପ୍ତାହ ଅର୍ଥାତ ପାଖାପାଖି ସାଢ଼େ ୫ ବର୍ଷ ପରେ ସେ ଗାଦିଚ୍ୟୁତ ହୋଇଛନ୍ତି। ଭାମ୍ବ୍ରୀ ମଧ୍ୟ ଚଳିତ ମାସ ଅଷ୍ଟ୍ରେଲିଆର ଆଲେକ୍ସ ପପିରିନଙ୍କୁ ସାଥିକରି ଦୁବାଇ ଟେନିସ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହେବା ସହ ପ୍ରଥମଥର ପାଇଁ ଏଟିପି-୫୦୦ ଟାଇଟଲ ହାସଲ କରିଥିଲେ। ଭାମ୍ବ୍ରୀ ମଧ୍ୟ କ୍ୟାରିଅରରେ ୨୫୦ ଲିଭେଲର ୩ଟି ଏଟିପି ଟାଇଟଲ ହାସଲ କରିଛନ୍ତି।

### କଳାହାଣ୍ଡି କପ୍-୨୦୨୫

## କିଶାନଙ୍କ ଶତକ; ଜଗତସିଂହପୁର ବିଜୟୀ

କଟକ,୨୩।୩(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଜଗତସିଂହପୁର ୬ ୱିକେଟରେ ନୂଆପଡ଼ାକୁ ପରାସ୍ତ କରିଥିଲା। ଏମଜିଏମ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନୂଆପଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦିବ୍ୟଜ୍ୟୋତି ମଲ୍ଲିକ(୬୩ରନ) ଓ ଅଂଶୁମାନ ଗୁପ୍ତା(୫୨ରନ) ଅର୍ଦ୍ଧଶତକୀୟ ପାଳି ବଳରେ ଦଳ ସମସ୍ତ ୱିକେଟ ବିନିମୟରେ ୨୨୨ ରନ କରିଥିଲା। ଜଗତସିଂହପୁରର ସୁପ୍ରଭାତ ପଟ୍ଟନାୟକ ଏବଂ ସୋହମ ସାହୁ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ଜବାବରେ ୩୭.୫ ଓଭର ସୁଦ୍ଧା ଜଗତସିଂହପୁର ୨ ୱିକେଟ ହରାଇ ୨୦୯ ରନ କରିଥିବାବେଳେ ବର୍ଷା ଯୋଗୁଁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। କିଶାନ ରଥ ୧୦୦ ରନରେ ଅପରାଜିତ ଥିଲେ। ଓଦା ଆଉଟଫିଲ୍ଡ ଯୋଗୁଁ ଖେଳ ପୁର୍ନବାର ଆରମ୍ଭ ହୋଇ ନପାରିବାରୁ ଜଗତସିଂହପୁରକୁ ଡିଏଲଏସ୍ ପଦ୍ଧତିରେ ବିଜୟୀ ଘୋଷିତ କରାଯାଇଥିଲା। ଶତକୀୟ ପାଳି ଖେଳିଥିବା କିଶାନ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଖୋର୍ଦ୍ଧା ଗ୍ରାଉଣ୍ଡରେ ସାଇ ପଟ୍ଟନାୟକଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ କଳାହାଣ୍ଡି ୫୦ ରନରେ ଗଜପତିକୁ ହରାଇଥିଲା। କଳାହାଣ୍ଡି ସମସ୍ତ ୱିକେଟ ହରାଇ ମାତ୍ର ୧୩୯ ରନ କରିଥିଲା। ସାଇ ୧୫ରନ ସଂଗ୍ରହ କରିଥିଲେ। ଗଜପତିର ଗୋବିନ୍ଦ ତାଣ୍ଡିଆ ୪ଟି ୱିକେଟ ଅକ୍ତିଆର କରିଥିଲେ। ୧୪୦ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଗଜପତି ୮୯ ରନରେ ଅଲଆଉଟ ହୋଇଥିଲା। ବୋଲିଂରେ ମଧ୍ୟ ସାଇ ୧୮ ରନରେ ୩ଟି ୱିକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



କିଶାନ ରଥ



ଆଦିତ୍ୟ ଶତପଥୀ



ପିୟୁଷ ପାଣିଗ୍ରାହୀ



ସାଇ ପଟ୍ଟନାୟକ

କିଟ୍ ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୮ ୱିକେଟରେ ପାରାଦୀପକୁ ପରାସ୍ତ କରିଛି। ଅମିତ ରାଉତଙ୍କ ୩୫ ରନ ସହାୟତାରେ ପାରାଦ୍ୱୀପ ସମସ୍ତ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଭୁବନେଶ୍ୱର-ବି'ର ଶୁଭ ଧଳଙ୍କୁ ୩ଟି ୱିକେଟ ମିଳିଥିଲା। ୧୫ତମ ଓଭରରେ ଦୁଇ ୱିକେଟ ହରାଇ ଭୁବନେଶ୍ୱର-ବି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଶୁଭ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୧ରେ କୋରାପୁଟ ୧୨୬ ରନରେ ମୟୂରଭଞ୍ଜକୁ ପରାସ୍ତ କରିଥିବାବେଳେ ବିଜୟୀ ଦଳର ଆଦିତ୍ୟ ଶତପଥୀ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଦିତ୍ୟ ୨୪ ରନରେ ୬ଟି ୱିକେଟ ଦଖଲ କରିଥିଲେ। ଜଟଣୀ ରେଳବାଇ ଗ୍ରାଉଣ୍ଡରେ ପୂର୍ବତଟ ରେଳବାଇ ୬୧ ରନରେ ଯାଜପୁରକୁ, ରେଭେନ୍ସା ଗ୍ରାଉଣ୍ଡ-୨ରେ ନବରଙ୍ଗପୁର ୧୪ ରନରେ କନ୍ଧମାଳକୁ, ସନସାଇନ ଗ୍ରାଉଣ୍ଡରେ କଟକ-ଏ ୫୭ରନରେ ଖୋର୍ଦ୍ଧାକୁ, ଡ୍ରିମସ ଗ୍ରାଉଣ୍ଡରେ କେନ୍ଦୁଝର ୯୬ ରନରେ ବୌଦ୍ଧକୁ, ଅଡଶପୁର ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୩ ୱିକେଟରେ ନୟାଗଡକୁ ହରାଇଛି। ସୁନ୍ଦରଗଡ଼ର ପିୟୂଷ ପାଣିଗ୍ରାହୀ ୪ଟି ୱିକେଟ୍ ସଫଳତା ପାଇଥିଲେ।

## ଆଂଶିକ ଦୃଷ୍ଟିବାଧିତ ଫୁଟ୍‌ବଲରେ ଭାଗନେବ ଓଡ଼ିଶା



ଭୁବନେଶ୍ୱର, ୨୩।୩ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ହେବାକୁ ଥିବା ପ୍ରଥମ ଆଂଶିକ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବ୍ଲୁସ୍ୱାଇ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦଳ ଭାଗନେବ। ଏଥିଲାଗି ୭ ଜଣିଆ ଓଡ଼ିଶା ଦଳ ମଧ୍ୟପ୍ରଦେଶ ଗସ୍ତ କରିଛି। ରାମଦାସ ମୁର୍ମୁ ଓଡ଼ିଶା ଦଳର ଅଧିନାୟକ ରହିଛନ୍ତି। ଦଳରେ ଅନ୍ୟମାନଙ୍କ ମଧ୍ୟରେ ଶରତ ରଞ୍ଜନ ସିଂ, ବୈଦ୍ୟନାଥ ହାଁସଦା, ବାଲିଆ କିସ୍କୁ, ଗୁରଭା ମୁର୍ମୁ, ହିକିମ ମୁର୍ମୁ, ଆକାଶ ପଡ଼ିଆମୀ (ଗୋଲ୍‌କିପର) ସ୍ଥାନ ପାଇଛନ୍ତି। ତ୍ରିଲୋଚନ ବେଉରା ଓଡ଼ିଶା ଦଳର ପ୍ରଶିକ୍ଷକ ରହିଛନ୍ତି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ବ୍ୟତୀତ ଆୟୋଜକ ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରାଖଣ୍ଡ, କେରଳ, ପଶ୍ଚିମବଙ୍ଗ, ହରିୟାଣା ଓ ତାମିଲନାଡୁ ଅଂଶଗ୍ରହଣ କରିବେ। ସମାନସେବୀ ସନ୍ତୋଷିନୀ ଜୈନ, ବିଭୂତି ଭୂଷଣ ଶତପଥୀ ଓ ବ୍ଲୁସ୍ୱାଇର କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଓଡ଼ିଶା ଦଳର ଶୁଭକାମନା କରିଛନ୍ତି।

# ଆଇପିଏଲ୍ ୧୮ ଇଶାନ କିଶାନଙ୍କ ବିସ୍ଫୋରକ ଶତକ



ଇଶାନ କିଶାନ
ରନ୍ : ୧୦୬*
ବଲ୍ : ୪୭
ଚୌକା : ୧୧
ଛକା : ୬

ହାଇଦରାବାଦ୍,୨୩ ।୩(ଏଜେନ୍ସି)

ପ୍ୟାଟ କମିନ୍ସଙ୍କ ନେତୃତ୍ୱାଧୀନ ସନରାଇଜର୍ସ ହାଇଦରାବାଦ୍ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱିତୀୟ ମ୍ୟାଚ୍‌ରେ ୪୪ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ହାଇସ୍କୋରିଂ ପ୍ରଥମ ଡବଲ ହେଡର ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂକରି ହାଇଦରାବାଦ୍ ଇଶାନ କିଶାନଙ୍କ ଅପରାଜିତ ଶତକ ସହାୟତାରେ ୬ ୱିକେଟ ହରାଇ ୨୮୬ ରନର ବିଶାଳ ସ୍କୋରଛିଡା କରିଥିଲା। ହାଇଦାରାବାଦ ଏଥିସହ ଆଇପିଏଲ ଇତିହାସର ଦ୍ୱିତୀୟ ସର୍ବାଧିକ ଦଳଗତ ରନ ସଂଗ୍ରହ କରିଥିଲା। ଅବଶ୍ୟ ସର୍ବାଧିକ ସ୍କୋର ମଧ୍ୟ ହାଇଦରାବାଦ ନାମରେ ରହିଛି। ୨୦୨୪ରେ ହାଇଦରାବାଦ୍ ବେଙ୍ଗାଲୁରୁ ବିପକ୍ଷରେ ୩ ୱିକେଟ ହରାଇ ସର୍ବାଧିକ ୨୮୭ ରନ ସଂଗ୍ରହ କରିଥିଲା। ଏଥିସହ ହାଇଦରାବାଦ ଟି-୨୦ରେ ସର୍ବାଧିକ ୪ଥର ୨୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାର ରେକର୍ଡ ନିଜ ନାମରେ କରିଛି। ଜବାବରେ ରାଜସ୍ଥାନ ୬ ୱିକେଟ ହରାଇ ୨୪୨ ରନରେ ସୀମିତ ରହିଥିଲା। ୪୭ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୬ ଛକା ସହ ୧୦୬ ରନର ଶତକୀୟ ପାଳି ଖେଳି ଇଶାନ କିଶାନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ବୃହତ୍ ବିଜୟ ସହ ହାଇଦରାବାଦ୍‌ର ଅଭିଯାନ**

### ସାମ୍‌ସନ୍, ଜୁରେଲଙ୍କ ଦ୍ରୁତ ଅର୍ଦ୍ଧଶତକ

୨୮୭ ରନ ବିଶାଳ ଟାର୍ଗେଟର ପିଛା କରି ରାଜସ୍ଥାନ ଆରମ୍ଭରୁ ଚାପର ସମ୍ମୁଖୀନ ହୋଇଥିଲା ଓ ଏଥିରୁ ମୁକ୍ତୁଳିପାରି ନଥିଲା। ଅଧିନାୟକ ସଞ୍ଜୁ ସାମସନ ଓ ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନଥିଲା। ଜୁରେଲ ୩୫ ବଲରୁ ୫ ଚୌକା ଓ ୬ ଛକା ସହ ୭୦ ଓ ସାମସନ ୩୭ ବଲ ଖେଳି ୭ ଚୌକା ଓ ୪ ଛକା ସହ ୬୬ ରନ ସଂଗ୍ରହ କରିଆଉଟ ହୋଇଥିଲେ। ସିମରନ ହେଟମାୟର ୨୩ ବଲରୁ ୧ ଚୌକା ଓ ୪ ଛକା ସହ ୪୨ ରନ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ମାତ୍ର ୧, ଆଇପିଏଲ୍‌ର ସର୍ବକନିଷ୍ଠ ଅଧିନାୟକ ରିୟାନ ପରାଗ ୪, ନୀତୀଶ ରାଣା ୧୧ ରନକରି ଆଉଟ ହୋଇଥିବା ବେଳେ ଶୁଭମ୍ ଦୁବେ ୧୧ ବଲରୁ ୧ ଚୌକା ଓ ୪ ଛକା ସହ ୩୪ ରନକରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦରାବାଦ ତରଫରୁ ସମରଜିତ ସିଂହ ଓ ହର୍ଷଲ ପଟେଲ ୨ଟି ଲେଖାଏ, ମହମ୍ମଦ ସାମି ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲା।

**ଆଜିର ଆଇପିଏଲ୍ ମ୍ୟାଚ୍**
ଦିଲ୍ଲୀ - ଲକ୍ଷ୍ନୌ
ସନ୍ଧ୍ୟା ୭.୩୦/ ବିଶାଖାପାଟଣା | ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ

### ହାଇଦରାବାଦ ପାଳିରେ ୪୬ ବାଉଣ୍ଡାରୀ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ହାଇଦରାବାଦ ତରଫରୁ ଇଶାନଙ୍କ ବିସ୍ଫୋରକ ଶତକକୁ ବାଦ୍ ଦେଲେ ଟ୍ରାଭିସ ହେଡ ୩୧ ବଲରୁ ୯ ଚୌକା ଓ ୩ ଛକା ସହ ୬୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ହାଇଦରାବାଦ ପାଳିରେ ୪୬ଟି ବାଉଣ୍ଡାରୀ (୩୪ ଚୌକା, ୧୨ ଛକା) ଦେଖିବାକୁ ମିଳିଥିଲା ଓ ଏହା ଆଇପିଏଲ୍‌ରେ ସର୍ବାଧିକ। ୨୦୧୩ରେ ବେଙ୍ଗାଲୁରୁ ପୁଣେ ବିପକ୍ଷରେ ୪୨ ବାଉଣ୍ଡାରୀ ମାରି ଦ୍ୱିତୀୟ ସ୍ଥାନରେ ରହିଛି। ପାୱାର ପ୍ଲେ ଅର୍ଥାତ ପ୍ରଥମ ୬ ଓଭରରେ ହାଇଦରାବାଦ୍ ଗୋଟିଏ ୱିକେଟ ହରାଇ ୯୪ ରନ ସଂଗ୍ରହ କରିଥିଲା। ଆଇପିଏଲ୍‌ରେ ଏହା ୫ମ ସର୍ବାଧିକ ପାୱାର ପ୍ଲେ ସ୍କୋର। କିନ୍ତୁ ଇନିଂସ ଆରମ୍ଭରୁ ଟି-୨୦ ପୋଷ୍ଟର ବୟକୁହାଯାଉଥିବା ଅଭିଷେକ ଶର୍ମାଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା। ସେ ୧୧ ବଲ ୫ ଚୌକା ସହ ଦ୍ରୁତ ୨୪ ରନକରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ସେହିପରି ନୀତୀଶ କୁମାର ରେଡ୍ଡୀ ୧୫ ବଲରୁ ୩୦, ହେନେରିଚ କ୍ଲାସେନ ୧୪ ବଲରୁ ୩୪ ରନ ସଂଗ୍ରହ କରି ଦଳର ସ୍କୋରକୁ ଅଢ଼େଇ ଶହ ରନ ପାର କରାଇଥିଲେ। ରାଜସ୍ଥାନ ତରଫରୁ ବୋଲିଂରେ ତୁଷାର ଦେଶପାଣ୍ଡେ ୩, ମହିଶା ଥିକସାନା ୨ ଓ ସନ୍ଦୀପ ଶର୍ମା ଗୋଟିଏ ୱିକେଟ ନେଇଥିଲେ।

## ଆର୍ଚରଙ୍କ ସବୁଠୁ ବ୍ୟୟବହୁଳ ସ୍ପେଲ୍

**ହାଇଦରାବାଦ୍,୨୩ ।୩(ଏଜେନ୍ସି):** ଇଂଲଣ୍ଡ ତଥା ରାଜସ୍ଥାନ ରୟାଲ୍ସ ଅଭିଜ୍ଞ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏକ ଆଲୋଡା ରେକର୍ଡ ଅଧିକାରୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ଘରୋଇ ସନରାଇଜର୍ସ ହାଇଦରାବାଦ୍ ବିପକ୍ଷ ମ୍ୟାଚରେ ସେ ଆଇପିଏଲ୍ ଇତିହାସର ସବୁଠାରୁ ବ୍ୟୟବହୁଳ ସ୍ପେଲ ପକାଇଛନ୍ତି। ୪ ଓଭର ବୋଲିଂ କରି ସେ ୧୯ ହାରରେ ମୋଟ୍ ୭୬ ରନ ବ୍ୟୟ କରି ସବୁଠାରୁ ବ୍ୟୟବହୁଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ଏହିକ୍ରମରେ



ସେ ମୋହିତ ଶର୍ମାଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ୨୦୨୪ ସଂସ୍କରଣରେ ମୋହିତ ଗୁଜରାଟ ଟାଇଟନ୍ସ ତରଫରୁ ପ୍ରତିନିଧିତ୍ୱ କରି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୪ ଓଭର ବୋଲିଂ କରି ୭୩ ରନ ଦେବା ସହ ସବୁଠାରୁ ବ୍ୟୟବହୁଳ ବୋଲର ଭାବେ ରେକର୍ଡ କରିଥିଲେ। ତେବେ ଏହାପୂର୍ବରୁ ୨୦୧୮ରେ ବସିଲ ଥାମ୍ପି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ହାଇଦରାବାଦ ତରଫରୁ ବୋଲିଂ କରି ୭୦ ରନକରି ସେତେବେଳେ ସବୁଠୁ ମହଙ୍ଗା ବୋଲର ବିବେଚିତ ହୋଇଥିଲେ।

### ଆଇପିଏଲ୍‌ର ସବୁଠୁ ମହଙ୍ଗା ବୋଲିଂ

| ବୋଲିଂ | ବୋଲର | ଦଳ | ବିପକ୍ଷ | ସ୍ଥାନ | ସିଜନ୍ |
|---|---|---|---|---|---|
| ୦/୭୬ | ଜୋଫ୍ରା ଆର୍ଚର | ରାଜସ୍ଥାନ | ହାଇଦରାବାଦ୍ | ହାଇଦରାବାଦ | ୨୦୨୫ |
| ୦/୭୩ | ମୋହିତ ଶର୍ମା | ଗୁଜରାଟ | ଦିଲ୍ଲୀ | ଦିଲ୍ଲୀ | ୨୦୨୪ |
| ୦/୭୦ | ବାସିଲ ଥମ୍ପି | ହାଇଦରାବାଦ୍ | ବେଙ୍ଗାଲୁରୁ | ବେଙ୍ଗାଲୁରୁ | ୨୦୧୮ |
| ୦/୬୯ | ଯଶ ଦୟାଲ | ଗୁଜରାଟ | କୋଲକାତା | ଅହମ୍ମଦାବାଦ୍ | ୨୦୨୩ |
| ୧/୬୮ | ରିସି ଟୋପ୍ଲେ | ବେଙ୍ଗାଲୁରୁ | ହାଇଦରାବାଦ୍ | ବେଙ୍ଗାଲୁରୁ | ୨୦୨୪ |
| ୧/୬୮ | ଲୁକ୍ ଉଡ୍ | ମୁମ୍ବାଇ | ଦିଲ୍ଲୀ | ଦିଲ୍ଲୀ | ୨୦୨୪ |

**ରାଚିନ, ନୁର୍‌ଙ୍କ କମାଲ: ମୁମ୍ବାଇ ପରାସ୍ତ**

## ଚେନ୍ନାଇର ଚମତ୍କାର ବିଜୟ

**ଚେନ୍ନଇ, ୨୩ ।୩ (ଏଜେନ୍ସି):** ଚଳିତ ଆଇପିଏଲ୍ ୧୮ତମ ସଂସ୍କରଣରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଚମତ୍କାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ରାତିରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଚେନ୍ନାଇ ୪ ୱିକେଟ୍‌ରେ ଅନ୍ୟତମ ଶକ୍ତିଶାଳୀ ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ସୂର୍ଯ୍ୟକୁମାର ଯାଦବଙ୍କ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଧାର୍ଯ୍ୟ ୧୫୬ ରନର ଲକ୍ଷ୍ୟକୁ ପିଛା କରି ଘରୋଇ ସୁପର୍ କିଙ୍ଗ୍‌ସ ୫ ବଲ୍ ବାକିଥାଇ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା। ଏହା ଏକ ବଡ଼ ଲକ୍ଷ୍ୟ ନ ଥିଲେ ମଧ୍ୟ ଚେପକ୍‌ର ସ୍ପିନ ଟ୍ରାକ୍ ପିଚ୍‌ରେ ଚେନ୍ନାଇକୁ ସହଜରେ ଜିତିବାକୁ ଦେଇ ନ ଥିଲା ମୁମ୍ବାଇ। ନ୍ୟୁଜିଲାଣ୍ଡ ବ୍ୟାଟର୍ ରାଚିନ ରବୀନ୍ଦ୍ର ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୬୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସୁପର୍ କିଙ୍ଗ୍‌ସକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୪୫ ବଲର ଏହି ପାଳିରେ ୨ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଋତୁରାଜ ଗାଏକୱାଡ ୫୩, ରବୀନ୍ଦ୍ର ଜାଡେଜା ୧୭, ଶିବମ ଦୁବେ ୯, ଦୀପକ ହୁଡା ୩, ଓପନର୍ ରାହୁଲ ତ୍ରିପାଠୀ ୨, ସାମ୍ କୁରାନ ୪ ରନ କରିଥିଲେ। ବୋଲିଂରେ ମୁମ୍ବାଇ ପାଇଁ ଯୁବ ବାମହାତୀ ରିଷ୍ଟସ୍ପିନର ବିଘ୍ନେଷ ପୁଥୁର ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଏହି ବିଜୟରୁ ୨ ପଏଣ୍ଟ ପାଇ ଚେନ୍ନାଇ ଖାତା ଖୋଲିଛି।

ରବିବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ରଥମ ଓଭରରେ ହିଁ ରୋହିତ୍ ଶର୍ମାଙ୍କ ରୂପରେ ବଡ଼ ଝଟ୍‌କା ଲାଗିଥିଲା। ଅଭିଜ୍ଞ ରୋହିତ ୪ଟି ବଲ୍ ସାମ୍ନା କରିଥିଲେ ମଧ୍ୟ ଖାତା ଖୋଲି ନ ପାରି ବାମହାତୀ ଦ୍ରୁତ ବୋଲର ଖଲିଲ୍ ଅହମ୍ମଦଙ୍କ ଶିକାର ବନିଥିଲେ। ଏହାପରେ ଅନ୍ୟତମ ଓପନର୍ ର୍‌ୟାନ ରିକ୍ଲେନଟନ (୧୩ ରନ) ଓ ୱିଲ୍ ଜ୍ୟାକ୍ସ (୧୧) ଯଥାକ୍ରମେ ଖଲିଲ୍ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ଫଳରେ ମୁମ୍ବାଇ ପାୱାର ପ୍ଲେ'ରେ ୩ ଆଗଧାଡ଼ିର ବ୍ୟାଟର୍‌ଙ୍କୁ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଅବଶ୍ୟ ଅଧିନାୟକ ସୂର୍ଯ୍ୟକୁମାର ଏହି ସମୟରେ ୨୬ ବଲରୁ ୨୯ ରନର





ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳି ସ୍ଥିତି ସମ୍ଭାଳିଥିଲେ। ତେବେ ସେ ଆଫଗାନିସ୍ତାନ ବାମହାତୀ ରିଷ୍ଟ ସ୍ପିନର ନୁର୍ ଅହମ୍ମଦଙ୍କୁ ବଡ଼ ସଟ୍ ମାରିବାକୁ ଯାଇ ୱିକେଟ୍ ପଛରେ ମହେନ୍ଦ୍ର ସିଂ ଧୋନିଙ୍କ ଦ୍ୱାରା ଷ୍ଟମ୍ପ ଆଉଟ୍ ହୋଇଥିଲେ। ସେହିଭଳି ବଡ଼ ଇନିଂସ ଆରମ୍ଭ କରୁଥିବା ତିଲକ ବର୍ମା ମଧ୍ୟ ୩୧ ରନ କରି ନୁର୍‌ଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ତେବେ ନିମ୍ନକ୍ରମରେ ପୂର୍ବତନ ଚେନ୍ନାଇ ଦ୍ରୁତ ବୋଲର ଦୀପକ ଚହର ୧୫ ବଲରେ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୨୮ ରନର ଦ୍ରୁତ ପାଳି ଖେଳିବାରୁ ମୁମ୍ବାଇ ୨୦ ଓଭରରେ ୯ ୱିକେଟ୍‌ରେ ୧୫୫ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ବୋଲିଂରେ ଚେନ୍ନାଇ ପକ୍ଷରୁ ନୁର୍ ୪ ଓଭରରେ ୧୮ ରନ ବ୍ୟୟରେ ସର୍ବାଧିକ ୪ଟି ଓ ଖଲିଲ୍ ୩ଟି ୱିକେଟ ନେଇ ମୁମ୍ବାଇକୁ ବଡ଼ ସ୍କୋର କରିବାରେ ଅଟକାଇଥିଲେ।

## 'ଶୂନ'ରେ ରୋହିତ୍‌ଙ୍କ ରେକର୍ଡ

**ଚେନ୍ନଇ, ୨୩ ।୩ (ଏଜେନ୍ସି):** ଭାରତୀୟ ଦଳର ଅଧିନାୟକ ରୋହିତ୍ ଶର୍ମା ନୈରାଶ୍ୟଜନକ ଭାବେ ଆଇପିଏଲ୍-୧୮ରେ ଅଭିଯାନ ଆରମ୍ଭ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ଏହି ତାରକା ବ୍ୟାଟର୍ ରବିବାର ଚେନ୍ନାଇ ସୁପର୍ କିଙ୍ଗ୍‌ସ ବିପକ୍ଷ ମ୍ୟାଚରେ



ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଛନ୍ତି। ଓପନିଂ ଆସିଥିବା ରୋହିତ ୪ଟି ବଲ୍ ସାମ୍ନା କରିଥିଲେ ମଧ୍ୟ ଖାତା ଖୋଲିବା ପୂର୍ବରୁ ବାମହାତୀ ଦ୍ରୁତ ବୋଲର ଖଲିଲ୍ ଅହମ୍ମଦଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ଏଥିସହ ଆଇପିଏଲ୍ ଇତିହାସରେ ସର୍ବାଧିକଥର ଡକ୍ (ଶୂନ)ରେ ଆଉଟ୍ ହେବାରେ ଗ୍ଲେନ ମ୍ୟାକ୍ସୱେଲ୍ ଓ ଦୀନେଶ କାର୍ତ୍ତିକଙ୍କ ସହ ରୋହିତ୍ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଏହି ୩ଜଣ ବ୍ୟାଟର୍ ୧୮ଥର ଲେଖାଏ ଆଇପିଏଲ୍‌ରେ ଶୂନରେ ଆଉଟ୍ ହୋଇଛନ୍ତି। ରୋହିତ୍ ୧୮ଥର ମଧ୍ୟରୁ ଚେନ୍ନାଇ, ରାଜସ୍ଥାନ ରୟାଲ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ୪ଥର ଲେଖାଏ ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଛନ୍ତି। ଆଇପିଏଲ୍‌ରେ ପିୟୂଷ ଚାୱଲା ଓ ସୁନିଲ ନାରିନ ଉଭୟ ୧୬ଥର ଲେଖାଏ ଶୂନରେ ଆଉଟ୍ ହୋଇ ତାଲିକାରେ ସ୍ଥାନ ପାଇଛନ୍ତି।

## ପୂର୍ବତନ କ୍ରିକେଟରଙ୍କ ପେନ୍‌ସନ୍ ୫୦ ପ୍ରତିଶତ ବୃଦ୍ଧିକଲା ଏମ୍‌ସିଏ

ମୁମ୍ବଇ,୨୩ ।୩(ଏଜେନ୍ସି): ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଅବସରପ୍ରାପ୍ତ ପୂର୍ବତନ କ୍ରିକେଟର ଓ ଅମ୍ପାୟରଙ୍କ ମାସିକ ପେନସନ ୫୦ ପ୍ରତିଶତ ବୃଦ୍ଧି କରିବାକୁ ଏମ୍‌ସିଏ ନିଷ୍ପତ୍ତି ନେଇଛି। ଫଳରେ ୭୦ ବର୍ଷରୁ ଊର୍ଦ୍ଧ୍ୱ କ୍ରିକେଟରମାନଙ୍କୁ ଏବେ ମାସକୁ ୩୦,୦୦୦ ଟଙ୍କା ପେନସନ ମିଳିବ। ଏହାଦ୍ୱାରା ୮୫ ଜଣ ପୂର୍ବତନ କ୍ରିକେଟର ଲାଭବାନ ହେବେ। କିନ୍ତୁ ୭୦ ବର୍ଷରୁ କମ୍ ବୟସର କ୍ରିକେଟରଙ୍କୁ ୧୫,୦୦୦ ଟଙ୍କା ପେନସନ ମିଳିବ ବୋଲି ଏମ୍‌ସିଏ ସଭାପତି ଅଜିଙ୍କ୍ୟ ନାଏକ କହିଛନ୍ତି। ଏଥିସହ ଅନୁବନ୍ଧିତ କ୍ଲବ ଓ ପ୍ରତିନିଧିଙ୍କୁ ଚିକିତ୍ସା ବାବଦରେ ୧୦ ଲକ୍ଷ ଟଙ୍କାର ମେଡିକାଲ କଭରଅପ ଏମ୍‌ସିଏ ଦେବ ବୋଲି ଘୋଷଣା କରିଛି।

**୭୧ତମ ରାଜ୍ୟ ବରିଷ୍ଠ ଭଲିବଲ୍ ଉଦ୍‌ଯାପିତ**

## କିଟ୍ ବିଶ୍ୱବିଦ୍ୟାଳୟକୁ ଡବଲ୍ ଟାଇଟଲ୍

ଭୁବନେଶ୍ୱର, ୨୩ ।୩ (ସମିସ)

ଓଡ଼ିଶା ଭଲିବଲ୍ ସଂଘ (ଓଭିଏ) ଓ ରାଜ୍ୟ କ୍ରୀଡ଼ାବିଭାଗର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୭୧ତମ ରାଜ୍ୟ ବରିଷ୍ଠ ଭଲିବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ଉଭୟ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇ ଡବଲ୍ ଟାଇଟଲ୍ ଜିତିଛି। ମହିଳା ବିଭାଗ ଫାଇନାଲରେ କିଟ୍ ୩-୧ ସେଟ୍‌ରେ ଓଡ଼ିଶା ପୁଲିସ୍‌କୁ ପରାସ୍ତ କରିଥିଲା। ଏଥିରେ ଜଗତ୍‌ସିଂହପୁର ୩ୟ ସ୍ଥାନରେ ରହିଥିଲା। ସେହିଭଳି ପୁରୁଷ ବିଭାଗରେ କିଟ୍ ବିଶ୍ୱବିଦ୍ୟାଳୟ ୩-୧ ସେଟ୍‌ରେ ପୂର୍ବତଟ ରେଳବାଇକୁ ପରାସ୍ତ କରି ଟ୍ରଫି ଜିତିଥିଲା। କେଉଁଝରେ ଏଥିରେ ୩ୟ ସ୍ଥାନ ହାସଲ କରିଥିଲା। ପୁରୁଷରେ କିଟ୍‌ର ସାର୍ଥକ ସିଂ ଓ ମହିଳାରେ କିଟ୍‌ର ପିୟାଲି ଧର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଓଭିଏ ସଭାପତି



ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଚାମ୍ପିଅନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସଭାପତି ପଙ୍କଜଲୋଚନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ଦଳ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଭିଏର ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶ, ଉପସଭାପତି ବିଜୟ କୁମାର ଧଳ, ଶିବପ୍ରସାଦ ତ୍ରିପାଠୀ, ରବୀନ୍ଦ୍ର ଦାସ, ବ୍ରହ୍ମାନନ୍ଦ ସାମନ୍ତରାୟ ମନୋରଞ୍ଜନ ଜିଉ ଓ ଯୁଗ୍ମ ସମ୍ପାଦକ ଆଦିତ୍ୟ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

**ପ୍ରଭାତ ସ୍ମାରକୀ କ୍ରିକେଟ**

## ସୁଆଙ୍ଗକୁ ହରାଇଲା ଜାଆଁଳା

**ଭୁବନେଶ୍ୱର,୨୩ ।୩(ସମିସ):** ରାଜଧାନୀ ଉପକଣ୍ଠସ୍ଥ ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରବିବାରଠାରୁ ଆରମ୍ଭ ହୋଇଛି ପ୍ରଭାତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ତମାଣ୍ଡୋ କ୍ରିକେଟ ପଡିଆରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ ଜାଆଁଳା ବୃହତ୍ ୧୭୭ ରନରେ ସୁଆଙ୍ଗକୁ ପରାସ୍ତ କରିଛି। ଟସ୍ ଜିତି ସୁଆଙ୍ଗ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଜାଆଁଳା ୧୬ ଓଭରରେ ୭ ୱିକେଟ ହରାଇ ୨୭୯ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅଭିଷେକ ପଟ୍ଟନାୟକ ୧୨ ଚୌକା ଓ ୧୬ ଛକା ସହ ୪୪ ବଲରୁ ୧୫୪ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ମଳୟ ସ୍ୱାଇଁ ୧୮ ବଲରୁ ୪୫ ରନ ସଂଗ୍ରହ କରିଥିଲେ। ସୁଆଙ୍ଗର ଅମିତ କୁମାର ବଡ଼ଜେନା ଗୋଟିଏ ୱିକେଟ ନେଇଥିଲେ। ଜବାବରେ ସୁଆଙ୍ଗ ୧୧.୩ ଓଭରରେ ୧୦୨ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳର ସଂଗ୍ରାମ ମାଝି ୧୬ ବଲରୁ ୩୬, ଅମିତ ୧୧ ବଲରୁ ୨୩ ରନ ସଂଗ୍ରହ କରିଥିଲେ। ଜଆଁଳାର ମଳୟ ସ୍ୱାଇଁ ୩, ଜଗନ୍ନାଥ ଗୋମା ୨ ୱିକେଟ ନେଇଥିଲେ। ଅଭିଷେକ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତମାଣ୍ଡୋ କ୍ରିକେଟ କ୍ଲବ ଉପ- ସଭାପତି ରାଜସ ପ୍ରଧାନ ଅଭିଷେକଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତାକାଲି ଗାଡୁପୁର ଓ ଭଲିଆବାଡି ମଧ୍ୟରେ ମ୍ୟାଚ୍ ଖେଳାଯିବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS